ନାରୀର ମୁକ୍ତି

ଡ. ବୈଷ୍ଣବ ଚରଣ ସାମଲ

Digitized by PPRACHIN, SOA

ନାରୀର ମୁହଁ

ଡଃ ବୈଷ୍ଣବ ଚରଣ ସାମଲ, ଏମ୍. ଏ. ଡି.ଲିଟ
ପ୍ରାଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ଓଡ଼ିଶା ବୁକ୍ ଷ୍ଟୋର

Digitized by PPRACHIN, SOA

ନାରୀର ମୁହଁ

ଲେଖକ :
ଡଃ ବୈଷ୍ଣବ ଚରଣ ସାମଲ

ସ୍ୱତ୍ୱାଧିକାରିଣୀ :
ଶ୍ରୀମତୀ ଯଶୋଦା କୁମାରୀ ସାମଲ
ଗୁଡ଼ିଆଗଂଜ, କଟକ-୪

ପ୍ରକାଶକ :
ଗୋବିନ୍ଦ ଚରଣ ପାତ୍ର
ଓଡ଼ିଶା ବୁକ୍ ଷ୍ଟୋର
ବିନୋଦବିହାରୀ, କଟକ-୨

ପ୍ରଚ୍ଛଦ : ଉଦୟ ନାରାୟଣ ଜେନା

ପ୍ରଥମ ପ୍ରକାଶ :
୧୯୯୦, ସରସ୍ୱତୀ ପୂଜା

ମୁଦ୍ରାକର :
ଗୁରୁପ୍ରସନ୍ନ ପ୍ରେସ୍,
ଝୋଲସାହି, କଟକ-୧

ମୂଲ୍ୟ :
ସାଧାରଣ-କୋଡ଼ିଏ ଟଙ୍କା
ଶୋଭନ-**ପଚିଶ ଟଙ୍କା**

NARIRA MUHAN
written by
Dr. Baishnab Charan Samal
Published by
Govinda Charan Patra
Orissa Book Store
Binodbehari, Cuttack-2
1st Edition—1990
Price : Rs 25/-

Digitized by PPRACHIN, SOA

ଶାନ୍ତି ଦାୟିନୀ ଅମୃତ ପ୍ରଦାୟିନୀ ମାଆ,

ବାପା, ଛତିଆବଟର ଆଦର ମଣିମା, ଆଜି ନାହାନ୍ତି । ମରକଳେବର ମାଟିରେ ମିଶିଯାଇଛି । ତାଙ୍କର ଅମର ଆତ୍ମାଙ୍କର ଆଶୀର୍ବାଦରେ 'ନାଗର ମୁହଁ' ପୁସ୍ତକଟି ପ୍ରକାଶ ପାଇଛି । ସେଦିନ ବାପାଙ୍କ ପାଦପଦ୍ମ ନିକଟରେ ବସି ଆପଣଙ୍କୁ ଏହି ବହିର ପ୍ରକାଶନ ସମ୍ପର୍କରେ କହିଥିଲି । ଆପଣଙ୍କ ଅନୁମତି ନେଇଥିଲି ଏହାକୁ ଆପଣଙ୍କୁ ଉତ୍ସର୍ଗ କରିବି ବୋଲି । ଆପଣ ମାତୃଜାତିର ଆଦର୍ଶ । ଆପଣଙ୍କ ତ୍ୟାଗ, କର୍ତ୍ତବ୍ୟନିଷ୍ଠା, ସ୍ନେହ, ମମତା, ବଗୁରଶୀଳତା ଓ ପାତିବ୍ରତ୍ୟ ଆଦର୍ଶସ୍ଥାନୀୟ । ତେଣୁ ଏହି ପୁସ୍ତକଟିକୁ ଆପଣଙ୍କ ଅମୀୟ କରକମଳରେ ସମର୍ପଣ କରି ନିଜକୁ ଧନ୍ୟ ମନେ କରୁଛି ।

ପ୍ରଣତ

ବୈଷ୍ଣବ

Digitized by PPRACHIN, SOA

ମୋ ତରଫରୁ ପଦେ

ନାରୀ ପରିବାର, ସମାଜ ଓ ଦେଶର କେନ୍ଦ୍ର ବିନ୍ଦୁ । ଏହି କେନ୍ଦ୍ରଟି ଯେତିକି ହୁଏ ବଳିଷ୍ଠ ସେତିକି ପରିବାର, ସମାଜ ଓ ଦେଶ ହୁଏ ବଳିଷ୍ଠ ଓ ଉନ୍ନତ । ନାରୀ କେବଳ ନାରୀ ହୋଇ ରହିଯାଏ ନାହିଁ; ସେ ହୋଇଯାଏ ମାଆ ଏବଂ ଏହି ମାଆ-ଭାବହିଁ ନାରୀକୁ କରେ ମହୀୟସୀ । ତାର ତ୍ୟାଗ, ସ୍ନେହ, ମମତା, କର୍ତ୍ତବ୍ୟବୋଧ ଓ ଆତ୍ମୋତ୍ସର୍ଗ ବଳରେ ପରିବାର କେବଳ ବିକାଶ ଲାଭ କରେ ନାହିଁ; ସମଗ୍ର ସମାଜ ମଧ୍ୟ ବିକାଶ ଲାଭ କରେ । ଯେତେବେଳେ ନାରୀ ମାତୃଭାବରୁ ଅପସରି ଯାଏ ଓ ତା'ଭିତରେ ଗୋଟିଏ ଉପଭୋଗ-ତୃଷ୍ଣା ପ୍ରବଳତର ହୋଇ ଉଠେ ସେତେବେଳେ ତାର ନାରୀ-ଧର୍ମ ଲୋପ ପାଏ । ସେ ହୁଏତ ସବୁ କିଛି ପାଇପାରେ; କିନ୍ତୁ ନାରୀତ୍ୱର ମାହିମାକୁ ହରାଇ ବସେ । ନାରୀତ୍ୱର ମହିମା ସତୀତ୍ୱ । ଏହି ସତୀତ୍ୱ ବା ନାରୀତ୍ୱ ହେଉଛି ସୁନାଖଣି ସଦୃଶ । ସୁସ୍ଥ ସମାଜରେ ବିଦ୍ୟମାନ ଏହି ମୂଲ୍ୟବାନ ସୁନାଖଣି । ଏହାକୁ ଖୋଜିବାରେ ଆନନ୍ଦ ଅଛି, ପାଇବାରେ ଗୌରବ ଅଛି । ଏହାକୁ ପାଇ ଫିଙ୍ଗି ଦିଆଯାଏ ନାହିଁ; ଉପାସନା କରାଯାଏ । ଯେତେବେଳେ ଏହି ନାରୀତ୍ୱକୁ ମୁଦ୍ରା ପରି ବିନିମୟ ଯୋଗ୍ୟ କରାଯାଏ ସେତେବେଳେ ସମାଜ ଓ ରାଷ୍ଟ୍ର ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହୁଏ ।

ଆଜି ଆମର ସାମାଜିକ ତଥା ରାଷ୍ଟ୍ରୀୟ ଜୀବନରେ ନୈତିକତାର ଘଟିଛି ଅଧୋପତନ । ମଣିଷର ଆତ୍ମା ଓ ହୃଦୟ ହୋଇ ଉଠିଛି ରୁକ୍ଷ । ମଣିଷ ଜାଣୁନାହିଁ ପରସ୍ପର ସହିତ ମୌଳିକ ଓ ସାଧାରଣ ସ୍ୱଭାବ ଓ

Digitized by PPRACHIN, SOA

ସଂପର୍କ । ପ୍ରତ୍ୟେକ ପ୍ରତ୍ୟେକ ପ୍ରତି ଅସହିଷ୍ଣୁ । ପ୍ରତ୍ୟେକଙ୍କ ଭିତରେ ଗୋଟାଏ ଭୟଙ୍କର ଉପଭୋଗ ଲାଳସା ହେଣ୍ଟାଳ ଗୁଡ଼ି ଉଠୁଛି । ସ୍ୱାମୀ ଓ ସ୍ତ୍ରୀ ମଧ୍ୟ ପରସ୍ପର ପ୍ରତି ବୀତଶ୍ରଦ୍ଧ । ଉଭୟେ ହୋଇ ଯାଉଛନ୍ତି ସ୍ୱେଚ୍ଛାଚାରୀ ଓ ବ୍ୟଭିଚାରୀ । ପାରଂପରିକ ଆଧ୍ୟାତ୍ମିକ ମୂଲ୍ୟବୋଧ ହ୍ରାସ ପାଇ ଯାଉଛି । ମୂଲ୍ୟ ପଛରେ ସମସ୍ତେ ଧାଉଁଛନ୍ତି ।

ସମାଜ ଓ ଦେଶର ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ନାରୀର ଭୂମିକା ଏକାନ୍ତ ଆବଶ୍ୟକ । ନାରୀ ନିଜକୁ ସସୀମରୁ ଅସୀମ ସ୍ତରକୁ ନେଇ ପାରିଲେ ତା'ଭିତରେ ଅମରତ୍ୱର ଧାରଣା ସୃଷ୍ଟି ହେବ ଏବଂ ଏହି ଅମରତ୍ୱ ଅନୁଭବରୁ ସେ ପରମ ସତ୍ତାକୁ ଉପଲବ୍ଧି କରିପାରିବ । ଏହି ଉପଲବ୍ଧିରୁ ନାରୀ ଉପଭୋଗ-ବୃତ୍ତିରୁ ମୁକ୍ତ ହୋଇ ବିଶ୍ୱକଲ୍ୟାଣ ପାଇଁ ହେବ ଗତିଶୀଳା ।

ନାରୀଜାତି ବା ମାତୃଜାତିର ସାଂପ୍ରତିକ ଅବସ୍ଥାକୁ ଅନୁଶୀଳନ କରି ଓ ତାର ସୁଦୂର ପରଂପରା ସହିତ ତାକୁ ସଂଯୋଗ କରି କିଛି ନୂତନ ଆଲୋକ ଦେଖାଇବାକୁ ମୁଁ ଚିନ୍ତା କରିଛି ବାରମ୍ବାର । ବାରମ୍ବାର ଅନୁଭବ କରିଛି ଭାରତ ବର୍ଷର ଆତ୍ମା ଓ ହୃଦୟ ଏହି ମାତୃଜାତି । ଏମାନଙ୍କର ବିପର୍ଯ୍ୟୟରେ ଭାରତର ବିପର୍ଯ୍ୟୟ ଓ ଏମାନଙ୍କର ବିକାଶରେ ଭାରତର ବିକାଶ । ଏହି କାରଣରୁ ମୁଁ ବିଭିନ୍ନ ସମୟରେ ନାରୀ, ବା ମାତୃଶକ୍ତି ସଂପର୍କିତ ଯେଉଁସବୁ ବିକ୍ଷିପ୍ତ ପ୍ରବନ୍ଧ ଗୁଡ଼ିକ ଲେଖି 'ଧରିତ୍ରୀ' ଓ 'ସମାଜ'ରେ ପ୍ରକାଶ କରିଥିଲି ଏବଂ ବେତାରରେ ପ୍ରଚାର କରିଥିଲି ସେଗୁଡ଼ିକୁ ଏକତ୍ର କରି 'ନାରୀର ମୁହିଁ' ପୁସ୍ତକ ଆକାରରେ ପ୍ରକାଶ କରିବାକୁ ସ୍ଥିର କଲି । 'ଧରିତ୍ରୀ'ର ସହସଂପାଦିକା ମୋର ଛାତ୍ରୀ ଶ୍ରଦ୍ଧେୟା ସଂଘମିତ୍ରା ମହାନ୍ତି ନାରୀ ସଂପର୍କିତ ଲେଖା ପ୍ରତି ସପ୍ତାହରେ ଲେଖି ଦେବାକୁ ମୋତେ ଏକରକମ ବାଧ୍ୟ କରିଥିଲେ । ଏପରିକି ଲେଖା ନେବାକୁ ମୋ ପାଖରେ ବସି ରହିଥିଲେ । ତାଙ୍କର ଆଗ୍ରହକୁ ଭାଙ୍ଗି ନ ପାରି ମୁଁ ଏଇ କେତୋଟି ପ୍ରବନ୍ଧ ଲେଖିଥିଲି । ଏହି ପୁସ୍ତକରେ ସଂକଳିତ ପ୍ରବନ୍ଧ ମଧ୍ୟରୁ

Digitized by PPRACHIN, SOA

କେବଳ 'ଘରକୁ ସୁନ୍ଦର ସିନା ଘରଣୀ ଥିଲେ' ପ୍ରବନ୍ଧଟି ବେତାର ପ୍ରସ୍ତୁର ପରେ 'ସମାଜ'ରେ ପ୍ରକାଶ ପାଇଥିଲା । ଅନ୍ୟାନ୍ୟ ସମସ୍ତ ପ୍ରବନ୍ଧ ପ୍ରକାଶ ପାଇଥିଲା 'ଧରିତ୍ରୀ'ରେ । ଏଥିପାଇଁ ମୁଁ 'ଧରିତ୍ରୀ' ଓ 'ସମାଜ'ର ସଂପାଦକଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଅଛି । ଏହି ପ୍ରବନ୍ଧଗୁଡ଼ିକୁ ଲେଖେଇବାରେ ମୁଖ୍ୟ ଭୂମିକା ନେଇଥିବା ଶ୍ରଦ୍ଧେୟା ସଂଘମିତ୍ରାଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ।

ବେତାରରେ ପ୍ରସ୍ତୁତ ପ୍ରସଙ୍ଗ ପାଇଁ ସୁସାହିତ୍ୟିକ ମୋର ବଡ଼ଭାଇ ସଦ୍ଗୁଣ ଡଃ ବ୍ରଜମୋହନ ମହାନ୍ତିଙ୍କୁ ଏହି ଅବକାଶରେ ସ୍ମରଣ କରୁଛି । ସୁଲେଖିକା ପ୍ରାଧାପିକା ଡକ୍ଟର ସଂଘମିତ୍ରା ମିଶ୍ର, ମୋର ଏହି ପ୍ରବନ୍ଧଗୁଡ଼ିକ, ସମ୍ବାଦ ପତ୍ରରେ ଛପା ହେବା ପୂର୍ବରୁ, ପଢି ମୋତେ ଉତ୍ସାହିତ କରାଇଥିବାରୁ ତାଙ୍କୁ ଏହି ଅବକାଶରେ ଧନ୍ୟବାଦ ଦେଉଛି ।

ମୋର ଏହି ପ୍ରବନ୍ଧଗୁଡ଼ିକୁ ଖବର କାଗଜ ପୃଷ୍ଠାରୁ ଛପା ପାଇଁ କାଗଜରେ ଉତ୍ତାର ଦେଇଥିବାରୁ ମୋର ଗ୍ରାମ ମହର୍ଷି କଲେଜର ଅଧ୍ୟାପକ ଶ୍ରୀ ଅଶୋକ କୁମାର ତ୍ରିପାଠୀ ଓ ତାଙ୍କର ପତ୍ନୀ ଶ୍ରଦ୍ଧେୟା ଜ୍ୟୋତ୍ସ୍ନାଙ୍କୁ ମୋର ଗଭୀର ସ୍ନେହ ଜଣାଉଅଛି ।

ମୋର ପ୍ରବନ୍ଧଗୁଡ଼ିକ ଖବର କାଗଜରେ ପ୍ରକାଶ ପାଉଥିଲା ବେଳେ କେତେ ବନ୍ଧୁ ମୋତେ ପ୍ରଶଂସା କରିଛନ୍ତି, କେତେ କହିଛନ୍ତି ଏସବୁ ଲେଖାର ମୂଲ୍ୟ କଣ ? କେତେ ମଧ୍ୟ ବିରୋଧ ଶଠି ପାଇଛି । କେତେକ ନାରୀ-ପାଠିକା ଉତ୍ତେକ୍ଷିପ୍ତ ହୋଇ ସଂପୃକ୍ତ ସଂପାଦକଙ୍କ ନିକଟକୁ ପତ୍ର ଲେଖିଛନ୍ତି । ଏସବୁ ମୋତେ ଯେ ଆନନ୍ଦ ନ ଦେଇଛି; ନୁହେଁ । ମୁଁ ଆନନ୍ଦ ପାଇଛି ଓ ମୋର ପ୍ରବନ୍ଧଗୁଡ଼ିକ ଯେ ପାଠକମାନଙ୍କ ଭିତରେ କିଛି ପ୍ରତିକ୍ରିୟା ସୃଷ୍ଟି କରିଛି ଜାଣି, ମୋର ଶ୍ରମ ସାର୍ଥକ ହୋଇଛି ବୋଲି ଅନୁଭବ କରୁଛି ।

Digitized by PPRACHIN, SOA

ମୋର ଏହି ପୁସ୍ତକର ନାମକରଣ କରିଛନ୍ତି ପ୍ରତିଷ୍ଠିତ କବି ବନ୍ଧୁ ଡକ୍ଟର ପ୍ରସନ୍ନ କୁମାର ମିଶ୍ର । ତାଙ୍କୁ ମୁଁ ମୋର ଆନ୍ତରିକତା ଜଣାଉଅଛି ।

ପ୍ରକାଶକ ଶ୍ରୀଯୁକ୍ତ ଗୋବିନ୍ଦ ପ୍ରଧାନ ଏହି ପୁସ୍ତକକୁ ଆଲୋକକୁ ଆଣିଥିବାରୁ ତାଙ୍କୁ ମୁଁ ଧନ୍ୟବାଦ ଦେଉଅଛି । ପ୍ରଚ୍ଛଦ ଶିଳ୍ପୀ ଶ୍ରୀ ଉଦୟ ନାରାୟଣ ଜେନାଙ୍କୁ ମୋର ଆନ୍ତରିକ ଧନ୍ୟବାଦ ।

ଏହି ପୁସ୍ତକ ସୁଧୀ ପାଠକମାନଙ୍କ ଦୃଷ୍ଟି ଆକର୍ଷଣ କରିପାରିଲେ ମୁଁ ନିଜକୁ ଧନ୍ୟ ମନେ କରିବି ।

—ଲେଖକ

Digitized by PPRACHIN, SOA

ଏଥିରେ ଅଛି

ନାରୀ ! ଏକ ଦୃଷ୍ଟିପାତ	ଏକ
ନାରୀ ! ଏକ ଆଲୋକନ	ସାତ
ଭାରତୀୟା ନାରୀ ! ଏକ ଦୃଷ୍ଟିପାତ	ତେର
ନାରୀ ଓ ଧର୍ମ	ଊଣେଇଶି
କଳା ସାହିତ୍ୟ ଓ ନାରୀ	ପଚିଶି
ମନୁଙ୍କ ଦୃଷ୍ଟିରେ ନାରୀ	ଏକତିରିଶି
ନାରୀ ଓ ବିବାହ	ଏକଚାଳିଶି
ନାରୀ ଓ ଧର୍ଷଣ	ଏକାବନ
ନାରୀ ଯୌନ ଓ ପ୍ରେମ	ଅଠାବନ
ନାରୀ ଓ ମାତୃତ୍ୱ	ପଞ୍ଚଷଠି
ମା'ଆ ଲୋ	ଏକସ୍ତରି
ଝିଅ ଜନମ ପର ଘରକୁ	ଅଣାଅଶି
ନାରୀ ଓ ବିଜ୍ଞାପନ	ଅଠାଅଶି
ନାରୀ ଶ୍ରମିକ ଓ ରାଜନୀତି	ବୟାନବେ
ନାରୀ ଓ ସତୀପ୍ରଥା	ଅଠାନବେ
ନାରୀ ସ୍ୱାଧୀନତା	ଶହେ ଛଅ
ହିଂସା ପ୍ରତିହିଂସା ଓ ନାରୀ	ଶହେ ତେର
ଘରକୁ ସୁନ୍ଦର ସିନା ଘରଣୀ ଥିଲେ	ଶହେ ତେଇଶି
ହିନ୍ଦୁ ସମାଜରେ ନାରୀ ପ୍ରତି ଦୃଷ୍ଟିଭଙ୍ଗୀ	ଶହେ ଏକତିରିଶ

Digitized by PPRACHIN, SOA

ନାରୀ ! ଏକ ଦୃଷ୍ଟିପାତ

ବିଶ୍ୱ ସୃଷ୍ଟିରେ ନାରୀ ଏକ କଳ୍ପନା ନୁହେଁ; ଏକ ଜୀବନ୍ତ ବାସ୍ତବ । ସୃଷ୍ଟି ପ୍ରକ୍ରିୟାରେ ନାରୀର ଭୂମିକା ଯେମିତି ଏକାନ୍ତ ଗୁରୁତ୍ୱ-ପୂର୍ଣ୍ଣ, ସେହିପରି ସୃଷ୍ଟିକୁ ଶାନ୍ତ ସୁନ୍ଦର ଶୋଭାମୟ କରିବାରେ ମଧ୍ୟ ତାତ୍ପର୍ଯ୍ୟପୂର୍ଣ୍ଣ । ନାରୀକୁ ଛାଡ଼ି ସୃଷ୍ଟିର ସ୍ଥିତି କାହିଁ ? ନାରୀକୁ ଅବହେଳା କରି ସୃଷ୍ଟିକୁ କ'ଣ କମନୀୟ କରାଯାଇପାରେ ? ଯେତେବେଳେ ପରମ ବିଷ୍ଣୁଙ୍କ ନାଭିପଦ୍ମରୁ ବ୍ରହ୍ମାଙ୍କର ଆବିର୍ଭାବ ଘଟିଲା, ସେତେବେଳେ ସେ ପ୍ରଥମେ ବିସ୍ମିତ ହୋଇଯାଇଥିଲେ । ଏକ ମହାଶୂନ୍ୟ ଭିତରେ ସେ ନିଜକୁ ଏକାକୀ ଦେଖି ନିଜ ସୃଷ୍ଟିର ମୂଳ ଖୋଜିଥିଲେ । ଅଥଚ ସେ କିଛି ପାଇଲେ ନାହିଁ । ଶେଷରେ ପରମ ବିଷ୍ଣୁଙ୍କୁ ସ୍ତୁତିକଲେ ଓ ବିଷ୍ଣୁଙ୍କ ନିର୍ଦ୍ଦେଶରେ ସୃଷ୍ଟିକ୍ରିୟାରେ ମନଦେଲେ । ବିରାଟ ବିଶ୍ୱବ୍ରହ୍ମାଣ୍ଡର ସବୁକିଛି ସୃଷ୍ଟି କରିସାରିଲା ପରେ ମଧ୍ୟ ସେ ଶାନ୍ତ ପାଇଲେ ନାହିଁ । ଶେଷକୁ ସେ ନିଜକୁ ବେନି ଭାଗ କରି ମଣିଷ ସୃଷ୍ଟି କଲେ । ପୂର୍ବରୁ ଚତୁଃସନକ ଓ ନାରଦାଦି ମାନସ ସନ୍ତାନଙ୍କୁ ଜାତ କରିଥିଲେ ମଧ୍ୟ, ସେମାନେ କେହି ସଂସାର କଲେନାହିଁ । ତେଣୁ ସେ ବାଧ୍ୟ ହୋଇ ନିଜକୁ ଦୁଇ ଭାଗକରି ଅର୍ଦ୍ଧେକ ପୁରୁଷ ଓ ଅର୍ଦ୍ଧେକ ନାରୀ କଲେ । ପ୍ରଥମ ପୁରୁଷ ହେଲେ ସ୍ୱାୟମ୍ଭୁବ ମନୁ ଓ ପ୍ରଥମ ନାରୀ ହେଲେ ଶତରୂପା । ଏଥର ଉଭୟଙ୍କ ମିଳନରେ ମଣିଷର ସୃଷ୍ଟିଧାରା ଲମ୍ବି ଆସିଲା । ଆଦି ନାରୀ ଓ ଆଦି ପୁରୁଷଙ୍କ ମିଳନ ହିଁ ବାଦନ କଲା ସୃଷ୍ଟିର ପ୍ରଥମ ପାଞ୍ଚଜନ୍ୟ । ଆଦି ପୁରୁଷ ଯେମିତି ପୂଜ୍ୟ, ଆଦି ନାରୀ ମଧ୍ୟ ସେମିତି ପୂଜ୍ୟା । ଆଦି ପୁରୁଷ ଓ ଆଦିନାରୀ ମଧ୍ୟରେ କେହି ସାନ ବଡ଼ ନୁହନ୍ତି; ଉଭୟେ ସମାନ, ଉଭୟେ ସୃଷ୍ଟି ପ୍ରକ୍ରିୟାରେ ସମର୍ଥବାନ ।

Digitized by PPRACHIN, SOA

ଅଥଚ ନାରୀକୁ ଅବହେଳା କରାଯାଉଛି । ପୁରୁଷ ନିୟନ୍ତ୍ରିତ ସମାଜରେ ନାରୀକୁ ଗୌଣ କରି ଦିଆଯାଇଛି । ନାରୀ ଯେମିତି ହୋଇ-ଯାଇଛି ପୁରୁଷର ଦୟାର ପାତ୍ରୀ । ଏହି ମନୋଭାବ ଫଳରେ ସମାଜରେ ଦେଖା ଦେଇଛି ନାନା ସମସ୍ୟା । ସମାଜ ଜୀବନ ଚହଲି ଯାଇଛି । ବେଦ କାଳରେ ନାରୀ ଥିଲା ସମ୍ମାନିତା । ନାରୀ ସେଠି ଦେବୀ ଆସନରେ ପ୍ରତିଷ୍ଠିତା । ବେଦାନ୍ତ କାଳକୁ ମଧ୍ୟ ନାରୀ ପୁରୁଷ ସହିତ ସମାନ ଭାବରେ ପୂଜିତା । ମନୁ ସଂହିତାରେ ମଧ୍ୟ କୁହାଯାଇଛି ଯେ ଯେଉଁଠି ନାରୀ ପୂଜ୍ୟା ସେଠି ଦେବତାମାନେ ମଧ୍ୟ ବିଚରଣ କରନ୍ତି । ଅର୍ଥାତ୍ ନାରୀକୁ ସମ୍ମାନ ଦେବା ଅର୍ଥ ପରିବାର ଓ ସମାଜକୁ ମଙ୍ଗଳମୟ କରିବା । ନାରୀ ଯେଉଁଠି ଅସମ୍ମାନିତା ଓ ନିର୍ଯ୍ୟାତିତା ସେଠି ଶାନ୍ତି ଲୋପ ପାଏ, ଜୀବନ ହୋଇଯାଏ ବିଷମୟ । ପୁରୁଷର ଭୋଗଦୃଷ୍ଟି ନାରୀକୁ କଳୁଷିତ କରେ । ନିଜକୁ ସେ ସାଧୁ ବୋଲାଏ । ଅଥଚ ନାରୀ ହୋଇଯାଏ କଳଙ୍କିନୀ । ଛାନ୍ଦୋଗ୍ୟ ଉପନିଷଦରେ ଅଛି ଯେ, ଏକଦା କୌଣସି ଏକ ପାନ୍ଥଶାଳାରେ ଥିବା ଜନୈକା ଦରିଦ୍ର ସୁନ୍ଦରୀ ପରିଚାରିକାକୁ କୌଣସି ଏକ ରାଜା ପ୍ରଲୋଭନ ଦେଖାଇ ଉପଭୋଗ କଲେ । ସେହି ଯୁବତୀ ହେଲା ଗର୍ଭବତୀ ଏବଂ ସେ ଜନ୍ମଦେଲା ପୁତ୍ର ସନ୍ତାନଟିଏ । ସେହି ରାଜପୁରୁଷ ଆପଣାର ବଂଶ, ଆଭିଜାତ୍ୟ, ସଂପଦ ଓ ଐଶ୍ୱର୍ଯ୍ୟ ଅବମାନନା ଭୟରେ ସେହି ନାରୀକୁ ପତ୍ନୀ ଭାବରେ ଗ୍ରହଣ କଲେ ନାହିଁ । ଅଥଚ ସେହି ନାରୀ ଆତ୍ମବିଶ୍ୱାସ ହରାଇଲା ନାହିଁ । ସନ୍ତାନ ଜନ୍ମ ଦେଇ ସେ ତାର ନାରୀତ୍ୱକୁ ସାର୍ଥକ କଲା । ସେ ହେଲା ଜନନୀ, ସେ ଜାବାଳ । ପୁତ୍ରର ନାମହେଲା ସତ୍ୟକାମ । ଯେତେବେଳେ ପୁତ୍ର ଗୁରୁଙ୍କ ଆଶ୍ରମକୁ ପଢ଼ିବାକୁ ଯାଇଛି ସେତେବେଳେ ସେ ମାଆକୁ ପଚାରିଛି ଆପଣାର ଗୋତ୍ର ଓ ପିତାଙ୍କ ନାମ ସଂପର୍କରେ । ମାଆ କିନ୍ତୁ ଏ ପର୍ଯ୍ୟନ୍ତ ସମସ୍ତ କଥା ଗୋପନ ରଖିଥିଲେ । ପୁଅକୁ ସେ କ'ଣ କହିବେ ? କଣ ମିଥ୍ୟା କହିବେ ? ଗଭୀର ମାନସିକ ଦ୍ୱନ୍ଦ୍ୱ ଭିତରେ ସେ କହିଲେ, ଯେଉଁ ପୁରୁଷ ଖୁବ୍ ଆଉ ଦୁର୍ବଳ, ଯିଏ ଉପଭୋଗ ପରେ ସ୍ତ୍ରୀକୁ ସ୍ତ୍ରୀ ବୋଲି ସ୍ୱୀକାର କରେ ନାହିଁ, ତାକୁ

Digitized by PPRACHIN, SOA

ସ୍ୱାମୀ କହିବାରେ କଣ ମର୍ଯ୍ୟାଦା ଅଛି ? ସେପରି ପୁରୁଷକୁ ପିତା ବୋଲି ସମ୍ବୋଧନ କରିବାରେ ମୂଲ୍ୟ ବା କ'ଣ ? ସତ୍ୟକାମ କେବଳ ତା ପୁଅ । ତାର ନାମ ସତ୍ୟକାମ ଜାବାଳ । ଏହି ନାରୀଟିର ସ୍ୱାଭିମାନ କେତେ ? ଏହା କଣ ନାରୀର ଶକ୍ତି ଓ ସାମର୍ଥ୍ୟର ପରିଚୟ ଦିଏ ନାହିଁକି ?

ବେଦ ଓ ଉପନିଷଦ ଯୁଗରେ ନାରୀକୁ ଯେମିତି ସମ୍ମାନ ଦିଆଯାଇଛି, ସେହିପରି ମଧ୍ୟ ତାର ସ୍ଥିତିକୁ ସ୍ୱୀକାର କରାଯାଇଛି । ସେତେବେଳେ ନାରୀ ଯେ ଅବହେଳିତ ହୋଇନାହିଁ ଏପରି ନୁହେଁ । ସାମନ୍ତବାଦୀ ମନୋଭାବ ଯେତିକି ଯେତିକି ବଢ଼ିଛି, ସେତିକି ସେତିକି ନାରୀ ପ୍ରତି ପୁରୁଷର ଭିନ୍ନ ମନୋଭାବ ପ୍ରକାଶ ପାଇଛି । ନାରୀ ହୋଇଯାଇଛି ପଣ୍ୟ । ଗୋଟିଏ ଉଦଗ୍ର ଭୋଗଲାଳସା ଯେପରି ପୁରୁଷକୁ ସମ୍ମୋହିତ କରିଦେଇଛି । ନାରୀ ଭିତରର ସକଳ ଦୟା, ମମତା, କୋମଳତା, ସେବା, ତ୍ୟାଗ, ବାତ୍ସଲ୍ୟ ଓ ପ୍ରେମକୁ ଉପେକ୍ଷା କରି କେବଳ ତାର ଦେହକୁ ଉପଭୋଗ କରିବା ପାଇଁ ଯେପରି ପୁରୁଷ ଉଦଗ୍ର ହୋଇ ଉଠିଛି । ପୁରାଣ ଓ ଇତିହାସ ଯୁଗରୁ ନାରୀ ପୁରୁଷର ଏହି ମନୋଭାବର ହୋଇଛି ଶିକାର । ନାରୀ ମଧ୍ୟ ଆପଣାର ଐଶ୍ୱର୍ଯ୍ୟ ଓ ଗୌରବକୁ ଭୁଲି ସମୟେ ସମୟେ ପୁରୁଷ ସହିତ ସମତାଳ ଦେଇ ସେଇ ଭୋଗ-ବୃତ୍ତି ମଧ୍ୟରେ ନୃତ୍ୟ କରି ଉଠିଛି । ରୂପ ଓ ଲାବଣ୍ୟର ଭେଳିକି ଦେଖାଇ ପୁରୁଷକୁ କରିଛି ପ୍ରମତ୍ତ ।

ନାରୀର ଧର୍ମ କିନ୍ତୁ ଏହା ନୁହେଁ । ନାରୀ ଭୋଗର ନୁହେଁ; ତ୍ୟାଗର । କାମର ନୁହେଁ; କର୍ମର । ନାରୀ ଜୀବନ ଏକ ତପସ୍ୟା । ଏହି ସତ୍ୟକୁ ଭୁଲିଗଲେ ନାରୀ ଆଉ ନାରୀ ହୋଇ ରହେ ନାହିଁ । କଙ୍କଡ଼ା ଜାତକରେ ଅଛି ଯେ,ଏକଦା ଜନୈକ ଶ୍ରେଷ୍ଠୀ ନିଜର ସୁନ୍ଦରୀ ପତ୍ନୀ ସହିତ ଗ୍ରାମକୁ ଋଣଟଙ୍କା ଆଦାୟ କରିବାକୁ ଯାଇଥିଲେ । ଫେରିବା ସମୟରେ ଜଙ୍ଗଲ ପଥରେ ଡକାୟତମାନଙ୍କ କବଳରେ ପଡ଼ିଗଲେ । ଡକାୟତ ସର୍ଦ୍ଦାର ଶ୍ରେଷ୍ଠୀଙ୍କ ପତ୍ନୀର ସୌନ୍ଦର୍ଯ୍ୟରେ ମୁଗ୍‌ଧ ହୋଇଗଲେ । ତାକୁ ଉପଭୋଗ କରିବାକୁ ସିଦ୍ଧାନ୍ତ କରି ଶ୍ରେଷ୍ଠୀଙ୍କୁ ହତ୍ୟା କରିବାକୁ ଉଦ୍ୟତ ହେଲେ ।

Digitized by PPRACHIN, SOA

ସେହିକବେଳେ ଶ୍ରେଷ୍ଠୀଙ୍କ ପତ୍ନୀ ସର୍ଦ୍ଦାରଙ୍କ ଗୋଡ଼ତଳେ ପଡ଼ି କରୁଣ ମିନତି କଲେ । ସେ କହିଲେ, ସ୍ୱାମୀଙ୍କୁ ସେ ଖୁବ ଭଲପାଆନ୍ତି । ସ୍ୱାମୀଙ୍କ ବିନା ସେ ମୁହୂର୍ତ୍ତେ ରହିପାରିବେ ନାହିଁ । ସ୍ୱାମୀଙ୍କୁ ଯଦି ହତ୍ୟା କରି ଦିଆଯାଏ, ତେବେ ସେ ବିଷଖାଇ କିମ୍ବା ନିଶ୍ୱାସ ବନ୍ଦ କରିଦେଇ ଆତ୍ମହତ୍ୟା କରିବେ । ଏ କଥାରେ ଡକାୟତର ହୃଦୟ ତରଳି ଯାଇଛି ଓ ସେ ସ୍ୱାମୀ ଏବଂ ସ୍ତ୍ରୀକୁ ଛାଡ଼ିଦେଇଛନ୍ତି । ସେହି ସ୍ତ୍ରୀ ମଧ୍ୟ ପରଜନ୍ମରେ ସ୍ତ୍ରୀ ହାତୀ ରୂପେ ଜନ୍ମନେଇ ତାର ପୁରୁଷ ହାତୀକୁ କଙ୍କଡ଼ା କବଳରୁ ରକ୍ଷାକରିଛି ଆପଣାର କୋମଳ ମିନତି ଦ୍ୱାରା ।

ଏସବୁ କାହାଣୀ ଗାଳଗଳ୍ପ ନୁହେଁ । କାହାଣୀ ଭିତର ଦେଇ ସମାଜର ସତ୍ୟରୂପ ପ୍ରକଟିତ । ନାରୀର ତ୍ୟାଗ ଓ ପ୍ରେମ ତାକୁ କରେ ମହିମାନ୍ୱିତା । ନାରୀ ଯାହା କିଛି ହେଉନା କାହିଁକି ତାର ମୌଳିକ ଗୁଣ ତ୍ୟାଗ ଓ ପ୍ରେମ । ପୁରୁଷକୁ ସେ ଏହି ଦୁଇ ବିଭବ ଦ୍ୱାରା ନିୟନ୍ତ୍ରଣ କରେ । ଯଦି ନାରୀ ଆପଣାର ରୂପ ଓ ଐଶ୍ୱର୍ଯ୍ୟରେ ବଶୀଭୂତ ହୋଇଯାଏ, ତେବେ ସେ ହୁଏତ ପୁରୁଷ ପକ୍ଷରେ ଏକ ଉପଭୋଗର ସାମଗ୍ରୀ ହୋଇପାରେ; ପୁରୁଷକୁ ନିୟନ୍ତ୍ରଣ କରିପାରେ ନାହିଁ । ବେଦ-ବେଦାନ୍ତରେ ବହୁ ବିଦୂଷୀ ନାରୀ ଅଛନ୍ତି । ଗାର୍ଗୀ, ଲୋପାମୁଦ୍ରା ଇମିତି କେତେଜଣ ନାରୀ ଦୃଷ୍ଟି ଆକର୍ଷଣ କରନ୍ତି । ଏମାନଙ୍କର ପ୍ରଜ୍ଞା ଓ ବିଦ୍ୱତ୍ତା କୌଣସି ଗୁଣରେ ପୁରୁଷ ତୁଳନାରେ ନ୍ୟୂନ ନୁହେଁ । କେତେ କେତେ ପୁରୁଷଙ୍କୁ ତ ହରେଇ ଦେଇଥିଲେ ଗାର୍ଗୀ ! ତେବେ ନାରୀର ଏଇ ପ୍ରଜ୍ଞାରେ ଅହଂକାର ନାହିଁ; ଅଛି ପୁରୁଷଠାରୁ ନାରୀ କୌଣସି ଗୁଣରେ କମ୍ ନୁହେଁ, ତାହା ଦେଖାଇ ଦେବାର ଆକାଂକ୍ଷା ।

ଯେତେବେଳେ ପରମାତ୍ମା ପରିକଳ୍ପନାରୁ କ୍ରମେ ବହୁ ଦେବବାଦ ସୃଷ୍ଟି ହେଲା, ସେତେବେଳେ ଦେବୀମାନଙ୍କର ମଧ୍ୟ ପରିକଳ୍ପନା କରାଗଲା । ନାରାୟଣଙ୍କ ପାଖରେ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ସୃଷ୍ଟି କରାଗଲା । ଜଣେ ଐଶ୍ୱର୍ଯ୍ୟର ଏବଂ ଆଉ ଜଣେ ବିଦ୍ୟାର । ଅଥଚ ସେମାନେ ନାରାୟଣଙ୍କ ସେବା ତତ୍ପର । ଅନ୍ୟପକ୍ଷରେ ନାରାୟଣଙ୍କର ଯାହା କାର୍ଯ୍ୟ

Digitized by PPRACHIN, SOA

ସେହି କାର୍ଯ୍ୟରେ ସେମାନେ ହେଲେ ସହାୟିକା । ନାରାୟଣଙ୍କ ପତ୍ନୀ ହୋଇ ମଧ୍ୟ ସେମାନେ ସମ୍ପୂର୍ଣ୍ଣ ସ୍ୱାମୀ ଅଧୀନା ନୁହନ୍ତି । ସେମାନେ ସ୍ୱାଧୀନା;ଅଥଚ ସ୍ୱେଚ୍ଛାଚାରିଣୀ ନୁହନ୍ତି । ନାରାୟଣଙ୍କ ସୃଷ୍ଟି ପାଳନ କ୍ରିୟାରେ ସେମାନେ ପ୍ରଧାନ ସହାୟିକା । ଠିକ୍ ସେହିପରି ପାର୍ବତୀ । ଶିବଙ୍କର ସେ ଅର୍ଦ୍ଧାଙ୍ଗିନୀ । ଶକ୍ତିଙ୍କୁ ଛାଡ଼ି ଶିବ ତ ଶବ ସଦୃଶ । ଏହିପରି ଅନ୍ୟାନ୍ୟ ଦେବତାମାନଙ୍କର ପତ୍ନୀମାନେ ପରିକଳ୍ପିତ ହେଲେ । ଗୋଟିଏ ମହା-ଶୃଙ୍ଖଳାରେ ସମସ୍ତେ ଗୁନ୍ଥି ହୋଇଗଲେ । ସ୍ୱର୍ଗ ରାଜ୍ୟରେ ଦେବତା-ମାନଙ୍କ ଭିତରେ ସାମନ୍ତବାଦୀ ମନୋଭାବ ପ୍ରକାଶ ପାଇବାରୁ ଅପ୍ସରା ମାନଙ୍କର ପରିକଳ୍ପନା କରାଗଲା । ନୃତ୍ୟ, ଗୀତ ଓ ଉପଭୋଗ ହେଲା ଲକ୍ଷ୍ୟ । ଏହି ଅପ୍ସରାବାଦ ହିଁ କ୍ରମେ, ନାରୀ ଧର୍ମରେ ଭିନ୍ନ ମାର୍ଗ ସୃଷ୍ଟି କରିଦେଲା । ନାରୀ ହୋଇଗଲା ଉପଭୋଗର ସାମଗ୍ରୀ । ଏହା ନାରୀ ଧର୍ମର ଅବକ୍ଷୟ ।

ଯେତିକ ଯେତିକ ସାମନ୍ତବାଦୀ ମନୋଭାବ ବୃଦ୍ଧି ପାଇଲା ସେତିକ ସେତିକ ନାରୀ ହୋଇଗଲା ଉପଭୋଗ ବୃତ୍ତିର ପୁତ୍ତଳିକା । ମାତୃ କୈନ୍ଦ୍ରିକ ସମାଜରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେଠି ନାରୀର ଆଦେଶକୁ ପୁରୁଷ ମାନିନେବାକୁ ବାଧ୍ୟ । ପୂର୍ବେ ଯେଉଁ ମାତୃକୈନ୍ଦ୍ରିକ ସମାଜ ଥିଲା ତାହା ଭୁଷୁଡ଼ି ପଡ଼ିଲା । ସମାଜ ହେଲା ପୁରୁଷକୈନ୍ଦ୍ରିକ । ଏହି ପୁରୁଷ କୈନ୍ଦ୍ରିକ ସମାଜ ହିଁ ସାମନ୍ତବାଦର ଭିତ୍ତି । ଏଠି ପୁରୁଷ ସର୍ବେସର୍ବା । ବହୁ ନାରୀ-ଉପଭୋଗ-ତୃଷ୍ଣା ଏଠି ପ୍ରବଳ । ନାରୀ ଯେମିତି ଏ ସମାଜରେ କୃପା-ଭିକ୍ଷୁଣୀ । ଏପରି ମନୋଭାବ ସମାଜର କଲ୍ୟାଣକର ନୁହେଁ । ସମାଜକୁ ଧ୍ୱଂସାଭିମୁଖୀ କରିଦେବାର ଏକ ଚମତ୍କାର ମାର୍ଗ । ଏପରି ସମାଜରେ ପୁରୁଷ କେବଳ ନାରୀକୁ ଉପଦେଶ ଦିଏ । ନାରୀର ସତୀତ୍ୱ ପାଇଁ ବାଣୀପ୍ରଦାନ କରେ । ନାରୀର ଜାୟାତ୍ୱ ଓ ଜନମାତ୍ୱର ମହିମା ଗାନ କରେ । ନାରୀକୁ ନିଜ ହାତରେ ସଖୀକଣ୍ଢେଇ କରି ରଖେ । ଆପେ ସହସ୍ର ଶଯ୍ୟାର ନାୟକ ହୋଇଥିଲେ ହେଁ ନାରୀର ସାମାନ୍ୟ ସ୍ଖଳନକୁ ବରଦାସ୍ତ କରେ ନାହିଁ । ପୁରୁଷ ସ୍ୱାର୍ଥର ସମର୍ଥ ପ୍ରଣେତା । ନାରୀ ପରାର୍ଥର ମହିମାମୟୀ ଧାତ୍ରୀ ।

Digitized by PPRACHIN, SOA

ଏହି ଧାତ୍ରିକୁ ଅସ୍ୱୀକାର କରଦେଲେ ପୁରୁଷର ଧାତ୍ରି ପ୍ରକାଶ ପାଏନାହିଁ । ପୁରୁଷ ଓ ନାରୀ ଗୋଟିଏ ବୃନ୍ତର ଦୁଇଟି ପ୍ରସୂନ । ଉଭୟେ ଉଭୟର ପରିପୂରକ । ଗୋଟିକୁ ଛାଡ଼ ଅନ୍ୟଟିର ଜୀବନ ଅପୂର୍ଣ୍ଣ । ଜୀବନର ଲକ୍ଷ୍ୟପୂର୍ଣ୍ଣତା । ଏହି ପୂର୍ଣ୍ଣତା ନାରୀ ଓ ପୁରୁଷର ସମବାୟରେ ହୁଏ ଋଦ୍ଧିମନ୍ତ । ପ୍ରତ୍ୟେକ ପ୍ରତ୍ୟେକର ଶକ୍ତି ଓ ପରସ୍ପର ସମ୍ପର୍କରେ ଅବହିତ ହେଲେ ଜୀବନ ହୁଏ ମଧୁମୟ ଏବଂ ସମାଜ ହୁଏ କଲ୍ୟାଣମୟ ।

●

Digitized by PPRACHIN, SOA

ନାରୀ : ଏକ ଆଲୋକନ

ନାରୀ କଳ୍ପନାର ଫୁଲବନ ନୁହେଁ, ବାସ୍ତବତାର ମହାଶ୍ଚର୍ଯ୍ୟ । ନାରୀ ବିଶ୍ୱ ସୃଷ୍ଟିର ବିସ୍ମୟ । ବିସ୍ମୟ କେବଳ ନୁହେଁ; ଚିର ରହସ୍ୟ-ମୟୀ । ରହସ୍ୟ ଓ ବିସ୍ମୟର ଅପୂର୍ବ ଲୀଳାଖେଳାର ଜୀବନ୍ତ ଆଧାର ନାରୀ । ନାରୀ ବିକୃତି ନୁହେଁ; ପ୍ରକୃତି । ନାରୀ ଯୋଗ ନୁହେଁ; ଯୋଗ-ମାୟା । ସେହି ଯୋଗମାୟା ସମାବୃତ ହୋଇଗଲେ ପୁରୁଷ ହୁଏ ଭ୍ରମଯୁକ୍ତ । ତେଣୁ ତାର ହୁଏ ପତନ ।

ନାରୀ ଛଳନା ନୁହେଁ; ମାୟା । ଅଥଚ ଏହା ଅବାସ୍ତବ ନୁହେଁ । ପୁରୁଷ ଯେତେବେଳେ ତାର ବାସ୍ତବ ପ୍ରକୃତିକୁ ଜାଣେ ନାହିଁ, କେବଳ ମାୟାକୁ ଦେଖେ, ସେତେବେଳେ ତାର ଭ୍ରମ ହୁଏ । ତେଣୁ ସେ ନାରୀର ମାୟା ରୂପକୁ ନିନ୍ଦା କରେ । ଯେତେବେଳେ ସେହି ମାୟାର ପରଦାକୁ କାଟି ଅନ୍ତର୍ଦୃଷ୍ଟି ବଳରେ ଭିତରକୁ ଦେଖେ; ସେଠି ଆଉ ମାୟା ନଥାଏ । ମାୟା ଭିତରେ ଥାଏ ଦୟା । ସେହି ଦୟାହିଁ ଅମୃତ । ସେଇଠି ପୁରୁଷର ଜୀବନ ହୁଏ ଧନ୍ୟ । ପୁରୁଷ କାୟା । ନାରୀ ମାୟା । ପୁରୁଷ ମାୟାକୁ ଚିହ୍ନିଗଲେ, ନାରୀ କାୟାକୁ ଜାଣିଗଲେ ତେଣିକି କାୟା ଆଉ ମାୟା ଏକ ହୋଇଯାଆନ୍ତି । ନାରୀ ଓ ପୁରୁଷ ହୋଇଯାଆନ୍ତି ଅର୍ଦ୍ଧ-ନାରୀଶ୍ୱର । ଈଶ୍ୱର ଆଉ ପାର୍ବତୀ । ସେଇଠି ପ୍ରେମ ଦିବ୍ୟତ୍ୱ ଲାଭ କରେ । ଭୋଗ ନୁହେଁ, ତ୍ୟାଗରେ ତାହା ହୁଏ ଅଭିମାନ । କାମ ଆଉ ସେଠି କାମ ନୁହେଁ; ତାହା ହୁଏ ପ୍ରେମ; ଅପ୍ରାକୃତ ପ୍ରେମ । କେବଳ ଭୋଗ ଦୃଷ୍ଟି କାମ ଭିତରେ ରହିଯାଏ । ଗୋଟାଏ ମାୟା ସ୍ୱରୂପ ଯେମିତି ଆଚ୍ଛନ୍ନ କରି ରଖେ । ଏଠି ଦିବ୍ୟଦୃଷ୍ଟି ଆସେ ନାହିଁ । ଚକ୍ଷୁ ଥାଇ ବି ମଣିଷ ହୁଏ ଅନ୍ଧ ।

Digitized by PPRACHIN, SOA

ପୁରୁଷ ଆଉ ନାରୀ—ଗୋଟିଏ ସତ୍ତ୍ୱ, ଅନ୍ୟଟି ଶକ୍ତି । ପୁରୁଷ ଏକାକୀ ଯେଉଁଠି ଅସାଧ୍ୟ ସାଧନ କରିବାକୁ ଅସମର୍ଥ ସେଇଠି ନାରୀରହିଏ ସ୍ପର୍ଦ୍ଧିତ ଆବିର୍ଭାବ । ପୁରୁଷକୁ ନାରୀ ଦିଏ ଶକ୍ତି ଓ ସାହସ । ସକଳ ଅନ୍ୟାୟ, ଅତ୍ୟାଚାର, ଶୋଷଣ, କଷଣ, ପୀଡ଼ନକୁ ବିରୋଧ କରିବାକୁ ଦିଏ ପ୍ରେରଣା । ଯେଉଁଠି ଏ ସକଳ ପ୍ରେରଣା ସତ୍ତ୍ୱେ ପୁରୁଷ ତଥାପି ଅସମର୍ଥ ହୋଇଯାଏ ନାରୀ ସେଇଠି ଆତ୍ମ ପ୍ରକାଶ କରେ । ମହିଷାସୁରର ଅତ୍ୟାଚାରରେ ଦେବ, ମାନବ, ଯକ୍ଷ, ଗନ୍ଧର୍ବ—ସମସ୍ତେ ଯେତେବେଳେ ଥରହର, ଯେତେବେଳେ ବ୍ରହ୍ମା, ବିଷ୍ଣୁ ଓ ଶିବ ତାକୁ ବିନାଶ କରିବାକୁ ଅସମର୍ଥ, ସେତେବେଳେ ସ୍ୱୟଂ ଜଗନ୍ମାତା ଦୁର୍ଗାଙ୍କର ହେଲା ମହାକାଳୀ ରୂପରେ ଆବିର୍ଭାବ । ସକଳ ଦେବତା ତାଙ୍କୁ ସ୍ତୁତି କଲେ । ମହିଷାସୁରର ବିନାଶ ପାଇଁ ବିନତି କଲେ । ଏଥର ଦୁର୍ଗା ସମସ୍ତଙ୍କୁ ଆଶ୍ୱାସନା ଦେଲେ । ସକଳ ଦେବଶକ୍ତିରେ ସେ ହେଲେ ଶକ୍ତିମୟୀ । ନାନା ଅସ୍ତ୍ରଶସ୍ତ୍ରରେ ସେ ହେଲେ ସଜ୍ଜିତା । ବାହାନ ତାଙ୍କର ହେଲା ସିଂହ । ଚଣ୍ଡ ଓ ମୁଣ୍ଡକୁ ସେ ବିନାଶ କଲେ । ଶୁମ୍ଭ ଓ ନିଶୁମ୍ଭଙ୍କୁ ମୋହିନୀ ରୂପ ଦେଖାଇ ବିମୋହିତ କରିଦେଲେ । ତାପରେ ସେମାନଙ୍କୁ ପରସ୍ପର ମଧ୍ୟରେ ଯୁଦ୍ଧ ଲଗାଇ ବିନାଶ କରିଦେଲେ । ଯେଉଁ କର୍ତ୍ତବ୍ୟ କରିବାକୁ ମଣିଷ ଯାଇଥାଏ ସେହି କର୍ତ୍ତବ୍ୟ କରୁ କରୁ ଅନ୍ୟ କୌଣସି ପ୍ରଲୋଭନରେ ପଡ଼ିଗଲେ ସେ ଆଉ କର୍ତ୍ତବ୍ୟରେ ସିଦ୍ଧ ହୁଏନାହିଁ । ଅନ୍ୟ ପକ୍ଷରେ ତାର ବିନାଶ ଅବଶ୍ୟମ୍ଭାବୀ ହୋଇଯାଏ । ନାରୀର ମୋହିନୀରୂପ ସ୍ଥାୟୀ ନୁହେଁ; କ୍ଷଣିକ । ଏ ରୂପର ପ୍ରକାଶ ସଇତାନର ନିଧନ ପାଇଁ । ଯିଏ ମୋହିନୀ ମାୟାକୁ ଜାଣେ ସେ ପ୍ରଲୋଭନରେ ପଡ଼େନାହିଁ । ଲକ୍ଷ୍ୟ ତାର ଅଟଳ ରହେ । ମହିଷାସୁର ବରପ୍ରାପ୍ତ । ଅଥଚ ସେ ଦେବ ଆଶୀର୍ବାଦକୁ ତାମସିକ ଭାବରେ ବିନିଯୋଗ କଲା । ନାରୀକୁ ସେ ମନେ କଲା କେବଳ ଭୋଗ୍ୟବସ୍ତୁ । ସେ ମଧ୍ୟ ଦୁର୍ଗାଙ୍କର ମୋହିନୀ ରୂପରେ ହେଲା ବଶୀଭୂତ । ମାତୃଜ୍ଞାନ ତାର ଲୋପ ପାଇଲା । ଦୁର୍ଗା ମଧ୍ୟ ମହାକାଳୀ ରୂପ ଧାରଣ- କରି ହେଲେ ଉଲଗ୍ନା । ମହିଷାସୁରର ଯୁଦ୍ଧକଥା ବିସ୍ମୃତ ହେଲା । ସେ ହେଲା ଲକ୍ଷ୍ୟହୀନ । କେବଳ ଗୋଟିଏ ଭୋଗଲାଳସା ତାର ପ୍ରକାଶ

Digitized by PPRACHIN, SOA

ପାଇଲା । ଏଥର ଯୋଗମାୟା ମହାକାଳୀ ତାକୁ ବିନାଶ କଲେ । ମହିଷାସୁର ନାରୀର ମାୟା ରୂପରେ ବଶୀଭୂତ । ମାୟା ଭିତରେ ଥିବା ଦୟାକୁ ଦେଖିପାରିଲା ନାହିଁ । କାମରେ ହିଁ ସେ ନିଜର ପୁରୁଷାର୍ଥ ଗୃହିଁଲା । ତେଣୁ ତାର ବିନାଶ ହେଲା ।

ଯେଉଁଠି ନାରୀକୁ ଅବମାନନା କରାଯାଇଛି, କେବଳ ଭୋଗଦୃଷ୍ଟି ବଳବତ୍ତର ହୋଇ ଉଠିଛି, ସେଇଠି ନାରୀର ପ୍ରକାଶ ପାଇବ ମହାକାଳୀ ରୂପ, ସଂହାରିଣୀ ରୂପ । ନାରୀର ଏ ସଂହାର ବିଶ୍ୱକଲ୍ୟାଣ ପାଇଁ । ଏଥିରେ ତାର ସ୍ୱାର୍ଥ ନ ଥାଏ, ଥାଏ ପରାର୍ଥଭାବ । ସୀତା ଭୂଜା, ରାଜର୍ଷି ଜନକଙ୍କ ଦ୍ୱାରା ସେ ପାଳିତା । ଦଶରଥନନ୍ଦନ ଶ୍ରୀରାମଙ୍କୁ ସେ ପତି ରୂପେ ବରଣକଲେ । ପତିଧର୍ମକୁ ସେ ମାନ୍ୟତା ଦେଲେ । ପତିଙ୍କ ସହିତ ବନ ଗମନ କଲେ । ଅଥଚ ସାମାନ୍ୟ ଏକ ପ୍ରଲୋଭନକୁ ଏଡ଼ାଇ ଦେଇ ପାରିଲେ ନାହିଁ । କନକମୃଗ ପାଇଁ ଲାଳସା ପ୍ରକାଶ କଲେ । କନକ ମୃଗ ଯେ ଆସୁରୀମାୟା, ସେ ଜାଣିଲେ ନାହିଁ । ଅଥଚ ସେଇଥିପାଇଁ ସେ ହେଲେ ରାବଣ କର୍ତ୍ତୃକ ଅପହୃତା । ରାବଣଦ୍ୱାରା ସେ ହେଲେ ନିର୍ଯ୍ୟାତିତା । କେତେ ତାଙ୍କୁ ପ୍ରଲୋଭନ ଦେଖାଗଲା, ଭୟ ଦେଖାଗଲା । ସେ କିନ୍ତୁ ଅବିଚଳିତା । ପତି ହିଁ ତାଙ୍କର ଧର୍ମ, ସ୍ୱର୍ଗ ଓ ତପସ୍ୟା । ଅବଶେଷରେ ତାଙ୍କର ପତିଧର୍ମର ହେଲା ବିଜୟ । ରାବଣର ହେଲା ବିନାଶ । ରାମଚନ୍ଦ୍ର ସୀତାଙ୍କ ସହିତ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଲେ । ସେ ହେଲେ ରାଜା । ରାବଣକୁ ବିନାଶ କରି ସୀତାଙ୍କୁ ଉଦ୍ଧାର କରିଥିବାର କାହାଣୀ ସେ ବର୍ଣ୍ଣନା କଲେ । ନିଜ ଶକ୍ତିର ଗୌରବ ବଖାନ କଲେ । ସୀତା ଯେ ରାବଣର ବିନାଶ ପାଇଁ ସମପରିମାଣରେ ଦାୟୀ ; ଏ କଥାକୁ ସେ ସ୍ୱୀକାର କଲେନାହିଁ । ଏଥର ସୀତାଙ୍କ ନିର୍ଦ୍ଦେଶମତେ ରାମଚନ୍ଦ୍ର ଗଲେ ବିଳଙ୍କା ରାବଣକୁ ମାରିବାପାଇଁ । ଅଥଚ ବିଳଙ୍କାର ସହସ୍ର ହାତର ତାଳି-ରେ ରାମଚନ୍ଦ୍ର ଉଡ଼ିଯାଇ ପଡ଼ିଲେ କେଜାଣି କେତେ ଦୂରରେ ! ହନୁମାନ ପରି ବୀରର ମଧ୍ୟ ହେଲା ସେହି ଦଶା । ଅବଶେଷରେ ସୀତା ଗଲେ ଯୁଦ୍ଧ-କ୍ଷେତ୍ରକୁ । ଆକାଶମାର୍ଗରେ ତାଙ୍କର ମୋହିନୀ ରୂପକୁ ଦେଖିଲା ବିଳଙ୍କା ରାବଣ । ତତ୍ପରେ ରାମଚନ୍ଦ୍ର ବିନାଶ କଲେ ତାକୁ । ସଇତାନର

Digitized by PPRACHIN, SOA

ବିନାଶ ପାଇଁ ନାରୀ ପରୋକ୍ଷ ପ୍ରେରଣା । ଦରକାର ପଡ଼ିଲେ ଦୁର୍ଗାଙ୍କ ପରି ସେ ପ୍ରତ୍ୟକ୍ଷ ସଂଗ୍ରାମ କରେ ; ନଚେତ୍ ପରୋକ୍ଷରେ ସଇତାନକୁ ମୋହିନୀ ମାୟା ଦେଖାଇ ବିନାଶର ପଥ ସୁଗମ କରିଦିଏ । ଯିଏ ନାରୀକୁ ଅବମାନନା କରେ ତାର ବିନାଶ ହୁଏ ଧ୍ରୁବ । ଆଉ କୌଣସି ଶକ୍ତି ତାକୁ ରକ୍ଷା କରିପାରେ ନାହିଁ ।

ଯାଜ୍ଞସେନୀ ଦ୍ରୌପଦୀଙ୍କୁ ରାଜସଭାରେ ଦୁର୍ଯ୍ୟୋଧନ ଉଲଗ୍ନ କରାଇବାକୁ ଦୁଃଶାସନକୁ ଆଦେଶ ଦେଲା । ଭୀଷ୍ମ, ଦ୍ରୋଣାଦି କୌଣସି ବ୍ୟକ୍ତି ଏ ଘଟଣାର ପ୍ରତିବାଦ କରିବାକୁ ସାହସ କଲେ ନାହିଁ । ଦୁର୍ଯ୍ୟୋଧନ କ୍ଷମତା ମଦମତ୍ତ, ଭୋଗର ଜୀବନ୍ତ ପ୍ରତିଭୂ । କାହାରି ପ୍ରତି ଖାତିର ନାହିଁ । ନାରୀ ପ୍ରତି ମର୍ଯ୍ୟାଦା ନାହିଁ । ନିର୍ଯ୍ୟାତିତା ଦ୍ରୌପଦୀ କେବଳ ଥରେ ଗୃହିଁ ଦେଇଛନ୍ତି ହସ୍ତିନାର ରାଜପୁରକୁ । ତତ୍ପରେ ଅଗ୍ନିଶିଖା ଜଳି ଉଠିଛି । ତଥାପି ଦୁର୍ଯ୍ୟୋଧନ ବୁଝିନାହିଁ ନାରୀ ଶକ୍ତିକୁ । ସେ ଦେଖିଛି କେବଳ ତାର ରୂପକୁ । ରୂପ ଭିତରେ ରୂପାଙ୍ଗିତକୁ ସେ ଦେଖି ନାହିଁ । ଭୟଙ୍କର ଯୁଦ୍ଧରେ ସେ ମୃତ୍ୟୁବରଣ କରିଛି । ଯେଉଁ ଜାନୁରେ ଦ୍ରୌପଦୀଙ୍କୁ ବସାଇବାକୁ ଇଙ୍ଗିତ ଦେଇଥିଲା,ସେହି ଜାନୁ ପୁଣି ଭୀମର ଗଦାଘାତରେ ଭାଙ୍ଗି ଯାଇଛି । ଏହି ନାରୀଟି ସତେ କେତେ ପ୍ରତିଶୋଧ ପରାୟଣା ! ଦୁଃଶାସନର ଭୁଜ ଉତ୍ପାଟନ ଜନିତ ରକ୍ତରେ ବେଣି ବନ୍ଧନ କରିବାକୁ କଲା ବଜ୍ର ଶପଥ । ତାହା ହିଁ ହେଲା । ଏହି ନାରୀର ପ୍ରଥମ ଆବିର୍ଭାବ ସୃଷ୍ଟିର ପ୍ରାକ୍‌କାଳରେ ଯୋଗମାୟା ରୂପରେ । ପରମ ବିଷ୍ଣୁ ତାହାଙ୍କୁ ନିଜ ଭିତରୁ ପ୍ରକାଶ କଲେ । ଅପୂର୍ବ କାନ୍ତି, ଦିବ୍ୟଜ୍ୟୋତି, ଅଥଚ ତାଙ୍କୁ ଉପଭୋଗ କରିବାକୁ ଚଉଦଜଣ ବ୍ରହ୍ମା ଇଚ୍ଛା ପ୍ରକାଶ କଲେ । ଜଗଜ୍ଜନନୀଙ୍କର କ୍ରୋଧ ପ୍ରକାଶ ପାଇଲା । ତାଙ୍କର କ୍ରୋଧରୁ ଜନ୍ମ ନେଲେ କେତୁକା । ଯୋଗମାୟାଙ୍କ ନିର୍ଦ୍ଦେଶରେ ସେ ଚତୁର୍ଦ୍ଦଶ ବ୍ରହ୍ମାଙ୍କୁ ଗୋଡ଼ାଇଲା ଖାଇବା ପାଇଁ । ତେରଜଣଙ୍କୁ ସେ ଖାଇଦେଲା । ଶୂଦ୍ରକ ବ୍ରହ୍ମା ହେଲେ ବିଷ୍ଣୁଙ୍କ ଶରଣାପନ୍ନ । କେତୁକା ତାଙ୍କୁ ସେତେବେଳେ ଛାଡ଼ି ଦେଲେ । ଦ୍ୱାପର ଯୁଗରେ ଶୂଦ୍ରକ ହେଲା ଦୁଃଶାସନ । ପରମବିଷ୍ଣୁଙ୍କ ନିର୍ଦ୍ଦେଶରେ ତାଙ୍କୁ କେତୁକା

Digitized by PPRACHIN, SOA

ଦ୍ରୌପଦୀ ରୂପରେ ସଂହାର କଲେ । ତାର ରକ୍ତ ପାନ କଲେ । ଏହି ନାରୀ ଯେତେ ସରଳ ଜଣାଯାଏ, ସେ ତାହା ନୁହେଁ । ତା' ଭିତରେ ସରଳତା ଅଛି, ଦୟା ଅଛି, ପ୍ରେମ ଅଛି, ତ୍ୟାଗ ଅଛି; ଅଛି ମଧ୍ୟ ଅନ୍ୟାୟ ଓ ଅନୀତିର ସଂହାର ପାଇଁ କଠୋର ପ୍ରତିଜ୍ଞା ।

ନାରୀର ଅବମାନନା ତେଣୁ ଧ୍ୱଂସର କାରଣ । ନାରୀର ପୂଜା ହିଁ ଶକ୍ତିର ପୂଜା । ନାରୀ ପ୍ରତି ଅପମାନ ଅର୍ଥ ସମଗ୍ର ସୃଷ୍ଟି ପ୍ରକ୍ରିୟା ପ୍ରତି ଅପମାନ । ନାରୀର ସଂହାରଣୀ ରୂପକୁ ଜାଣିଗଲେ ନାରୀ ପ୍ରତି ଅବ-ମାନନା ପ୍ରକାଶ ପାଏ ନାହିଁ । ଭୋଗଦୃଷ୍ଟି ଲୋପ ପାଇଯାଏ । ପ୍ରେମର ଦିବ୍ୟ ଜ୍ୟୋତି ପ୍ରକାଶ ପାଏ । ସେଇଠି ହୁଏ ପୁରୁଷ ଓ ନାରୀର ମହାସମନ୍ୱୟ । କେହି ବଡ଼ ନୁହେଁ, କେହି ସାନ ନୁହେଁ । କେହି କାହାର ଅନୁଗତ ନୁହେଁ । ଉଭୟ ସମର୍ଥବାନ । ଉଭୟେ ବିଶ୍ୱପ୍ରକ୍ରି-ୟାର କଲ୍ୟାଣକାରୀ ପ୍ରତିନିଧି । କେବଳ ପୁରୁଷ ଭାବ ନୁହେଁ, କେବଳ ନାରୀ ଭାବ ନୁହେଁ ; ଉଭୟ ଭାବର ମଧୁମୟ ସମବାୟରେ ଜୀବନ ହୁଏ ଧନ୍ୟ । ଜଗତ ହୁଏ ପବିତ୍ର ବାସସ୍ଥଳୀ । ଯେଉଁଠି ଏହି ଉଭୟ ଭାବର ସମନ୍ୱୟ ହୋଇନାହିଁ, ସେଠ ପୁରୁଷ ନିଜକୁ ବଡ଼ ମନେକରେ । ଅର୍ଥାତ୍ ନାରୀକୁ ସେ ମନେକରେ ଦୟାର ପାତ୍ରୀ । ସେ ଭାବେ ନାରୀର ସେ ରକ୍ଷା କବଚ । ନାରୀ ମଧ୍ୟ ଯେଉଁଠି ପୁରୁଷ ଭାବକୁ ସମ୍ମାନ ଦେଇ ଜାଣେ ନାହିଁ ସେଠି ସେ ପୁରୁଷକୁ ମଧ୍ୟ ଚିହ୍ନିପାରେ ନାହିଁ । ଯେଉଁଠ ପୁରୁଷର ବାଟ ଅଲଗା ଓ ନାରୀର ବାଟ ଅଲଗା, ଯେଉଁଠି ପରସ୍ପର ପ୍ରତି ଅବିଶ୍ୱାସ ଓ ଘୃଣା ବିଦ୍ୟମାନ, ସେଠି ଶାନ୍ତି ରହେ ନାହିଁ; ସୁଖ ମଧ୍ୟ ରହେ ନାହିଁ । ହୁଏତ କୁବେର ଐଶ୍ୱର୍ଯ୍ୟ ଆସେ, ମାତ୍ର ସେଥିରେ ଆନନ୍ଦ ରହେ ନାହିଁ । ଉଭୟ ଭାବର ଅମୃତମୟ ମିଳନରେ ଜୀବନ ହୁଏ ମଧୁମୟ । ଦାରିଦ୍ର୍ୟ ଭିତରେ ବି ଆନନ୍ଦର ରହେ ଅବିଚ୍ଛିନ୍ନ ପ୍ରବାହ । ନାରୀ ଓ ପୁରୁଷ ଯେଉଁଠି ଗୋଟିଏ ବୃନ୍ତର ଦୁଇଟି ପତ୍ର ହୋଇଯାଆନ୍ତି, ସେଇଠି କେହି କାହାର ଅଧୀନ ହୁଅନ୍ତି ନାହିଁ । ପ୍ରତ୍ୟେକ ସ୍ୱାଧୀନ ହୋଇ ମଧ୍ୟ ପ୍ରତ୍ୟେକ ପ୍ରତ୍ୟେକର ହୋଇଯାଆନ୍ତି ପରିପୂରକ । କେହି ଦୁର୍ବଳ ହୁଅନ୍ତି ନାହିଁ, ଭୀରୁ ହୁଅନ୍ତି ନାହିଁ; ଉଭୟ ହୁଅନ୍ତି ସବଳ । ଉଭୟଙ୍କ ସମବାୟରେ

Digitized by PPRACHIN, SOA

ପାରିବାରିକ ଜୀବନ କେବଳ ଆନନ୍ଦଦାୟକ ହୁଏ ନାହିଁ; ରାଷ୍ଟ୍ରଜୀବନ ମଧ୍ୟ ହୋଇଯାଏ ସୁଦୃଢ଼ ଓ ଆହ୍ଲାଦ ଦାୟକ । ନାରୀ ଅନ୍ଧାର ନୁହେଁ, ଆଲୋକ । ଯେଉଁଠି ନାରୀ ଭିତରେ କେବଳ ଅନ୍ଧାର ପ୍ରକାଶପାଏ,ସେଠି ନାରୀ ଆଉ ନାରୀ ହୋଇ ରହେ ନାହିଁ । ସେଠି ସେ ହୋଇଯାଏ କେବଳ ଅନ୍ଧାର ଆଉ ଅନ୍ଧାର । ସେହି ଅନ୍ଧାର ଭିତରେ ବାଟ ମିଳେ ନାହିଁ । ଗୋଟିଏ ଭୟଙ୍କର କଳା ଛାଇ ଯେମିତି ଘୋଟି ଆସେ ରାଷ୍ଟ୍ରଜୀବନରେ । ଅନ୍ଧାର କବଳରୁ ନାରୀର ମୁକ୍ତିହିଁ ଯଥାର୍ଥରେ ରାଷ୍ଟ୍ରର ମୁକ୍ତି । ତେଣୁ ନାରୀର ଉତ୍ତୋଳନ ଏକାନ୍ତ କାମ୍ୟ । ଏହି ଦିବ୍ୟ ଉତ୍ତୋଳନ ହୋଇଗଲେ ନାରୀ ଆଉ ଅନ୍ଧାର ନ ହୋଇ, ହୋଇଯାଏ ଆଲୋକର ଗାୟତ୍ରୀ । ଏହି କ୍ଷେତ୍ରରେ ପୁରୁଷ ଆଉ ନିଜକୁ ନାରୀଠାରୁ ଉଚ୍ଚତର ବିବେଚନା କରେ ନାହିଁ । ପୁରୁଷ ଓ ନାରୀ ହୋଇଯାଆନ୍ତି ସମାନ ଧରାତଳର ସହଯାତ୍ରୀ । ନାରୀକୁ ଅବଜ୍ଞା ବା ଅସ୍ୱୀକାର କରି ଦେଇ ପୁରୁଷ ନିଜକୁ ପ୍ରତିଷ୍ଠା ଦେଇ ପାରେ ନାହିଁ । ନାରୀକୁ ସ୍ୱୀକାର କରି ନିଜେ ହୋଇଯାଏ ସ୍ୱୀକୃତ । ନାରୀକୁ ମାନ୍ୟତା ପ୍ରଦାନ କରି ନିଜେ ହୋଇଯାଏ ମାନମୟ ।

Digitized by PPRACHIN, SOA

ଭାରତୀୟ ନାରୀ : ଏକ ଦୃଷ୍ଟିପାତ

ନାରୀ ଓ ପୁରୁଷ ଗୋଟିଏ ବୃନ୍ତର ଦୁଇଟି ଫଳ । ଗୋଟିକୁ ଛାଡ଼ି ଅନ୍ୟଟିର ସ୍ଥିତି ପରିକଳ୍ପନା ବୃଥା । ପୃଥିବୀର ବିଭିନ୍ନ ଦେଶରେ ପରିବେଶ, ପରିସ୍ଥିତି ଓ ପୂର୍ବଦୃଷ୍ଟିକୁ ନେଇ ନାରୀର ଗତି ଓ ପ୍ରକୃତି ନିୟନ୍ତ୍ରିତ । କେଉଁଠି ନାରୀ ଅତ୍ୟଧିକ ସ୍ୱାଧୀନା ଓ ସ୍ୱେଚ୍ଛାଚାରିଣୀ, କେଉଁଠି ଧର୍ମପରାୟଣା । ପୁଣି କେଉଁଠି ସେ ପୁରୁଷର ସହକର୍ମିଣୀ, ସହମର୍ମିଣୀ ଓ ସହଧର୍ମିଣୀ । କୌଣସି ଦେଶ ବା ଜାତିର ଆଦର୍ଶକୁ ବୁଝିବାକୁ ହେଲେ ତାର ଆଦର୍ଶକୁ ପ୍ରଥମେ ଉପଲବ୍ଧି କରିବାକୁ ହେବ । କାରଣ ଗୋଟିଏ ଜାତିର ଆଦର୍ଶ, ରୁଚି ଓ ପରଂପରା ଅନ୍ୟ ଜାତିଠାରୁ ଅଲଗା । ଗୋଟିଏ ଆଦର୍ଶର ମାନଦଣ୍ଡରେ ସବୁ ଜାତିର ଆଦର୍ଶକୁ ବିଚାର କରି ହୁଏ ନାହିଁ । ସବୁ ଦେଶର ପାଣିପାଗ ଓ ଜଳବାୟୁ ସମାନ ନୁହେଁ । ସବୁ ଦେଶର ଖାଦ୍ୟପେୟ ମଧ୍ୟ ସମାନ ନୁହେଁ । ଏହି କାରଣରୁ ଭାରତବର୍ଷର ଆଦର୍ଶ ଓ ପରଂପରା ଅନ୍ୟଦେଶଠାରୁ ଭିନ୍ନ । ଯଦିଓ ଊନବିଂଶ ଶତାବ୍ଦୀରୁ ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା, ସଂସ୍କୃତି ଓ ଚିନ୍ତାଧାରାର ସଂକ୍ରମଣ ଫଳରେ ଭାରତବର୍ଷରେ ନବଜାଗରଣ ଦେଖାଦେଲା, ପ୍ରାଚୀନ ଭାରତର ଆଦର୍ଶ ଓ ଐତିହ୍ୟରୁ ଏ ସମୟର ମଣିଷମାନେ କ୍ରମେ ଅପସରି ଆସି ଆପଣା ଆପଣା ଗୃହଟିମାନର ଝରକା ଗୁଡ଼ିକ ଖୋଲି ବାହାରର ଆଲୋକ ଓ ପବନ ସଂସ୍ପର୍ଶରେ ଆସି ନୂଆ ମଣିଷରେ ପରିଣତ ହେବାକୁ ଲାଗିଲେ । ତଥାପି ଭାରତ ବର୍ଷର ମୌଳିକ ଆଦର୍ଶ ବିଲୋପ ହେଲା ନାହିଁ ।

ବିଂଶ ଶତାବ୍ଦୀର ଆରମ୍ଭରୁ ପାଶ୍ଚାତ୍ୟ ସଂକ୍ରମଣ ବିଶେଷ ଭାବରେ ଅନୁଭୂତ ହେଲା । ଏହି ଶତାବ୍ଦୀର ଦ୍ୱିତୀୟାର୍ଦ୍ଧଠାରୁ ଏହି ସଂକ୍ରମଣ ଯେପରି ହୋଇଗଲା ଅଧିକ ପ୍ରଭାବଶାଳୀ । ଏହା ଫଳରେ ଭାରତୀୟ ନାରୀ

Digitized by PPRACHIN, SOA

ଏକ ନୂଆ ଧରାତଳରେ ପ୍ରବେଶ କରିଗଲା । ତା'ର ବେଶ ପୋଷାକ, ଖାଦ୍ୟ ପେୟ, ରୁଚି ଓ ବ୍ୟବହାରରେ ଦେଖାଦେଲା ପରିବର୍ତ୍ତନ । ସେ ହୋଇଗଲା କେବଳ ନାରୀ, କେବଳ କାମିନୀ । ସେ ଯେ ମାଆ ; ଏକଥା ପ୍ରତି ତାର ଯେପରି ସମ୍ମାନ ରହିଲା ନାହିଁ ; କାରଣ ମାଆର ଜୀବନ ତ୍ୟାଗ ଓ ପ୍ରେମ ଉପରେ ପ୍ରତିଷ୍ଠିତ । ସେଠି ଭୋଗର ପ୍ରଶ୍ନ ନାହିଁ । ଭୋଗ ଦୃଷ୍ଟି ନାରୀକୁ ମାଆ ସ୍ଥାନରୁ ଅବତରଣ କରି ଆଣେ କାମିନୀ ସ୍ତରକୁ । ସେ ଯେପରି ହୋଇଯାଏ ସମ୍ଭୋଗର ଏକ ସର୍ବୋତ୍ତମ ଆଧାର । ଏହି ସମ୍ଭୋଗ ଯେଉଁଠି ଏକମାତ୍ର ଲକ୍ଷ୍ୟ ହୋଇଯାଏ, ସେଠି ନାରୀତ୍ୱର ହୁଏ ଅପମୃତ୍ୟୁ ।

ପାଶ୍ଚାତ୍ୟ ଦେଶମାନଙ୍କର ଭୋଗବାଦୀ ଆଦର୍ଶ ଭାରତବର୍ଷରେ ଅନୁମୋଦିତ ହୁଏ ନାହିଁ । ଆଧୁନିକ ସୁଖଭୋଗୀ ମଣିଷମାନଙ୍କର ସକଳ ପାଶ୍ଚାତ୍ୟକରଣ ସତ୍ତ୍ୱେ ଭାରତର ମୌଳିକ ଅନ୍ତଃସ୍ୱର ତଥାପି ଅପରିବର୍ତ୍ତିତ ରହିଅଛି । ତେଣୁ ଭାରତବର୍ଷରେ ଆଦର୍ଶ ନାରୀ ହେଉଛି ମାଆ । ମାଆ ହିଁ ପ୍ରଥମ ଓ ମାଆ ହିଁ ଶେଷ । ସ୍ୱାମୀ ବିବେକାନନ୍ଦଙ୍କ ଭାଷାରେ 'The mother first and the mother last—' ନାରୀର ଗୌରବ ମାତୃତ୍ୱରେ । ମାତୃତ୍ୱ ନାରୀକୁ କରେ ସ୍ନେହମୟୀ, କରୁଣାମୟୀ ଓ ତ୍ୟାଗମୟୀ । ପ୍ରତ୍ୟେକ ନାରୀ ଭିତରେ ପ୍ରଚ୍ଛନ୍ନ ହୋଇ ରହିଛି ମାତୃତ୍ୱ କାମନା । ଏହି କାମନା ହିଁ ତାକୁ ଭୋଗ ଜନିତ ସାମୟିକ ବିଳାସ ଓ ତୃପ୍ତିରୁ ନେଇଯାଏ ଏକ ସ୍ୱର୍ଗୀୟ ସ୍ତରକୁ । ପାଶ୍ଚାତ୍ୟ ଜଗତରେ ନାରୀ ହେଉଛି କେବଳ କାମିନୀ । ସେ ମାଆ ସ୍ତରକୁ ଆସିପାରେ ନାହିଁ । ସେ ମାଆ ହୁଏ ସତ ; କିନ୍ତୁ କେବଳ ସ୍ତ୍ରୀ ହୋଇ ରହିଯାଏ । ତେଣୁ ଗୃହ ଭିତରେ ତାର ଅଖଣ୍ଡ ଆଧିପତ୍ୟ । ଭାରତବର୍ଷରେ କିନ୍ତୁ ଗୃହକୁ ଶାସନ କରେ ମାଆ । କେବଳ ପତ୍ନୀ ହୋଇ ରହିଥିଲା ପର୍ଯ୍ୟନ୍ତ ତାର କର୍ତ୍ତୃତ୍ୱ ଗୃହରେ ଉପଲବ୍ଧ ନୁହେଁ । ମାଆ ହୋଇଗଲା ପରେ ତାର କର୍ତ୍ତୃତ୍ୱ ଆସିଯାଏ । ତା ଶାସନକୁ ସମସ୍ତେ ମାନି ନିଅନ୍ତି । କାରଣ ପ୍ରେମର ମଧୁମୟ ଭିତ୍ତିରେ ତାର ଶାସନ ହୁଏ ଭିତ୍ତିମନ୍ତ ।

Digitized by PPRACHIN, SOA

ତେଣୁ ନାରୀ କେବଳ ନାରୀ ନୁହେଁ ; ସେ ଜନନୀ । ମାତୃତ୍ୱ ଯେତେବେଳେ ତା' ଭିତରେ ବଳବତ୍ତର ହୋଇଯାଏ, ସେତେବେଳେ ତା' ପାଖରେ ସମସ୍ତେ ହୋଇଯାଆନ୍ତି ସନ୍ତାନ ପରି । ସ୍ୱାମୀ ବି ହୋଇଯାଏ ଯେମିତି ତା' କୋଳର ପୁଅଟିଏ । ମାଆର ସ୍ନେହମୟ କୋଳ ପରି ଆଉ କଣ ଅଛି ? ଭାରତବର୍ଷରେ ନାରୀତ୍ୱର ଆଦର୍ଶ ହେଉଛି ମାତୃତ୍ୱର ଆଦର୍ଶ । ଏଥିରେ ସ୍ୱାର୍ଥ ନାହିଁ । ସକଳ ଦୁଃଖ, କଷ୍ଟ ଓ ଯନ୍ତ୍ରଣାକୁ ମାତୃଭାବରେ ନାରୀ ସହିନଏ । ସ୍ତ୍ରୀତ୍ୱ ବା କାମିନୀତ୍ୱ ଛାୟା ପରି ମାତୃତ୍ୱର ଅନୁଗମନ କରେ । କିନ୍ତୁ ମାତୃତ୍ୱକୁ ଆବୃତ କରିପାରେ ନାହିଁ । ମାଆ ହେଉଛି ପ୍ରେମର ଚିରନ୍ତନ ଆଦର୍ଶ । ଏହି ଆଦର୍ଶଦ୍ୱାରା ସେ ପରିବାରକୁ ଶାସନ କରେ । ଯେଉଁଠି ଏହି ଆଦର୍ଶ ଲୋପ ପାଏ; ସେଠି ପରିବାରରେ ଦେଖାଦିଏ ଅଶାନ୍ତି । ଅଖଣ୍ଡ ପରିବାର ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଏ । ପରିବାରର ସବୁ ମଣିଷ ହୋଇଯାଆନ୍ତି ଜଣେ ଜଣେ ଏକକ ସତ୍ତା । ପ୍ରତ୍ୟେକ ସ୍ୱତନ୍ତ୍ର । ପ୍ରତ୍ୟେକ ନିଃସଙ୍ଗ ।

ଭାରତବର୍ଷ ବ୍ୟକ୍ତିକୈନ୍ଦ୍ରିକତାର ଉପାସକ ନୁହେଁ । ପାଶ୍ଚାତ୍ୟ ଜଗତରେ ମଣିଷ ମାନେ କିନ୍ତୁ ବ୍ୟକ୍ତିକୈନ୍ଦ୍ରିକ । ଏହି ବ୍ୟକ୍ତିକୈନ୍ଦ୍ରିକ ବୃତ୍ତକୁ ପିତା, ମାତା, ଭାଇ, ବନ୍ଧୁ, ସନ୍ତାନ ସନ୍ତତି କେହି ଆସି ପାରନ୍ତି ନାହିଁ । ସେଠି କେବଳ ରହିଯାଆନ୍ତି ସ୍ୱାମୀ ଓ ସ୍ତ୍ରୀ । ଆହୁରି ସ୍ପଷ୍ଟ କରି କହିଲେ ଉଭୟେ ହୋଇଯାଆନ୍ତି କେବଳ ଭୋକ୍ତା । ସେଠି ଯେମିତି ଭୋଗରେ ତୃପ୍ତି ଆସେନାହିଁ; ଅନନ୍ତ ଭୋଗକାମନା ଯେପରି ଉଭୟଙ୍କୁ କରିଦିଏ ଅସହାୟ । ଜଣେ ପୁରୁଷ ଆଉ ଜଣେ ନାରୀକୁ ଅଥବା ଜଣେ ନାରୀ ଅନ୍ୟ ଜଣେ ପୁରୁଷକୁ ଭଲ ପାଇଲେ—ତାହା ହିଁ ହୋଇଯାଏ ଯଥେଷ୍ଟ । ତତ୍‌ପରେ ସେମାନେ ବିବାହ କରନ୍ତି । ସେହି ବିବାହ ହୋଇଯାଏ ସେମାନଙ୍କ ଜୀବନର ଶେଷତମ ଲକ୍ଷ୍ୟ । ଅସୀମ ବିଶ୍ୱରେ ସେମାନେ ଦୁଇଜଣହିଁ ଏକମାତ୍ର ସତ୍ୟ ବିବେଚିତ ହୁଅନ୍ତି । ଆଉ ଯେପରି ସେମାନଙ୍କ ନିକଟରେ କେହି ନାହାନ୍ତି । ଏପରି ମନୋଭାବ ବା ଆଦର୍ଶ ଭାରତବର୍ଷର ଆଦର୍ଶ ନୁହେଁ । ଏହା ପାଶ୍ଚାତ୍ୟ ଆଦର୍ଶ । ଭାରତର ଆଦର୍ଶ ବିବାହରେ ନାରୀତ୍ୱର ଶେଷ ନୁହେଁ । ବିବାହ ପରବର୍ତ୍ତୀ ମାତୃତ୍ୱରେ ତାର ବ୍ୟାପ୍ତି ।

Digitized by PPRACHIN, SOA

ପାଶ୍ଚାତ୍ୟ ଜଗତର ମଣିଷ ବ୍ୟକ୍ତିକେନ୍ଦ୍ରିକ । ତେଣୁ ତାର ବ୍ୟକ୍ତିକେନ୍ଦ୍ରିକ । ସମାଜ ଭିତରେ ଥାଇ ମଧ୍ୟ ସେ ବ୍ୟକ୍ତି ସ୍ୱାତନ୍ତ୍ର୍ୟର ପକ୍ଷପାତୀ । ଭାରତବର୍ଷରେ, ବିଶେଷତଃ ହିନ୍ଦୁମାନଙ୍କ ଭିତରେ ମଣିଷ-ମାନେ ସାମାଜିକ । ବ୍ୟକ୍ତି ଏଠି ବଡ଼ ନୁହେଁ; ବଡ଼ ସମଗ୍ର ସମାଜ । ତେଣୁ ସମାଜର ରୁଚି ଓ ଆଦର୍ଶକୁ ବ୍ୟକ୍ତି ମାନିନିଏ । ପାଶ୍ଚାତ୍ୟ ଦେଶରେ ବ୍ୟକ୍ତି ସମାଜକୁ ମାନେ ନାହିଁ । ଏହି ହେତୁ ସେ ନିଜର ରୁଚି ଅନୁଯାୟୀ ଯେ କୌଣସି ଏକ ନାରୀକୁ ବିବାହ କରେ । ତାକୁ ମଧ୍ୟ ଛାଡ଼ପତ୍ର ଦେଇପାରେ । ସେଠି ପତ୍ନୀ ପାଖରେ ପତି ସ୍ୱର୍ଗ ନୁହେଁ, ଦେବତା ନୁହେଁ । ପତି କେବଳ ସାମୟିକ ସମ୍ଭୋଗର ମାଧ୍ୟମ । ଭାରତ-ବର୍ଷରେ ହିନ୍ଦୁମାନଙ୍କ ଭିତରେ ଜାତି ପ୍ରଥା ପ୍ରଚଳିତ ଓ ବିବାହ ସେହି ସେହି ଜାତି ମଧ୍ୟରେ ସୀମାବଦ୍ଧ । ଜାତି ନିୟମ ସମଗ୍ର ଜୀବନକୁ ନିୟନ୍ତ୍ରଣ କରେ । ଏବେ କିନ୍ତୁ ପାଶ୍ଚାତ୍ୟ ପ୍ରଭାବରେ ଜାତି ନିୟମ ପରିତ୍ୟକ୍ତ । ବିବାହ ଆଉ ଜାତି ମଧ୍ୟରେ ସୀମାବଦ୍ଧ ନୁହେଁ । ଏହା କିନ୍ତୁ ଆଦର୍ଶ ଦୃଷ୍ଟିରୁ ସଂଘଟିତ ହେଉନାହିଁ । ଏହାର ଅନ୍ତରାଳରେ ଅଛି ଏକ ଉଦଗ୍ର ଭୋଗ ଦୃଷ୍ଟି । ଏହି ଦୃଷ୍ଟି ନାରୀକୁ ମାଆ ସ୍ଥାନକୁ ଉନ୍ନୀତ କରୁନାହିଁ; ବରଂ ସେହି କାମିନୀ ବା ପତ୍ନୀସ୍ତରରେ ତାକୁ ରଖି ଦେଉଛି ସବୁଦିନ ପାଇଁ । ତା' ଭିତରେ ଦେବୀତ୍ୱର ଆବିର୍ଭାବ ଘଟୁନାହିଁ । ବେଳେବେଳେ ପ୍ରକାଶ ପାଉଛି ରାକ୍ଷସୀତ୍ୱ । ସୂର୍ପଣଖା ପରି ବାହାରକୁ ରୂପର ଭେଳିକି ଦେଖାଇ ଭିତରେ ଲୁଚାଇ ରଖିଛି ରାକ୍ଷସୀ ଭାବକୁ । ସେହି ରୂପ ସିନା ଭୋଗବାଦୀ ମଣିଷକୁ ଭୁଲାଇ ଦେଇପାରେ; ମାତ୍ର ଭୁଲାଇପାରେ ନାହିଁ ଏକପତ୍ନୀବ୍ରତ ସର୍ବତ୍ୟାଗୀ ରାମଚନ୍ଦ୍ରଙ୍କୁ ଅଥବା ଜିତେନ୍ଦ୍ରିୟ ଲକ୍ଷ୍ମଣଙ୍କୁ । ଭୁଲାଇବାକୁ ଚେଷ୍ଟା କରି ନାସା କର୍ଣ୍ଣ ହରାଇବା ସାର ହୁଏ ଯାହା ।

ପାଶ୍ଚାତ୍ୟ ଜଗତରେ ବିବାହ ଜାତିନିଷ୍ଠ ନୁହେଁ, କୁଳ ଧର୍ମାନୁ-ମୋଦିତ ନୁହେଁ, ଧାର୍ମିକ ଅନୁଷ୍ଠାନ ମଧ୍ୟ ନୁହେଁ । ସେ ଦେଶରେ ତେଣୁ ସଂପର୍କୀୟ ଭାଇ ସହିତ ଭଉଣୀର ବିବାହ ଚଳେ । ବିଧବା ବିବାହ ଚଳେ । ଜଣେ ନାରୀ ଆପଣାର ଇଚ୍ଛାନୁସାରେ ଏକାଧିକବାର ନାନା ପୁରୁଷଙ୍କୁ ବିବାହ କରିପାରେ । ଜନନୀ ହୋଇ ସାରିଲା ପରେ

Digitized by PPRACHIN, SOA

ମଧ୍ୟ ସେ ସନ୍ତାନମାନଙ୍କୁ ଛାଡ଼ି ନିର୍ବିକାର ଭାବରେ ଆଉ ଜଣେ ପୁରୁଷକୁ ବିବାହ କରେ । ଭାରତବର୍ଷରେ କିନ୍ତୁ ଜଣେ ନାରୀ ଦୁଇଥର ବିବାହ କରେ ନାହିଁ । ଥରେ ମାତ୍ର ସେ ବିବାହ କରେ । ବିଶେଷତଃ ଉଚ୍ଚ ବଂଶମାନଙ୍କରେ ଏହି ପ୍ରଥା ପ୍ରଚଳିତ । କାରଣ ଏଠି ନାରୀକୁ ସମ୍ଭୋଗର ହେତୁ ଭାବରେ ଗ୍ରହଣ କରାଯାଇ ନାହିଁ । ପାଶ୍ଚାତ୍ୟଜଗତରେ ଏହା କିନ୍ତୁ ନାହିଁ । ସେଠି ସମ୍ଭୋଗ ଦୃଷ୍ଟି ଏକମାତ୍ର ପ୍ରବଳ । ତେଣୁ ନାରୀ ସେଠି ଦେହକୁ ବିପଣୀ କରି ସଜାଏ । ତାର ଯୌବନ ଓ ସୌନ୍ଦର୍ଯ୍ୟ ହୁଏ ଉପାସ୍ୟ । ନାରୀତ୍ୱ ସେଠି ପୂଜା ପାଏ ନାହିଁ । ବରଂ ନାରୀତ୍ୱ ହୁଏ ପଦେ ପଦେ ବିଡ଼ମ୍ବିତ ।

ଭାରତବର୍ଷରେ ନାରୀକୁ ଭଗବାନଙ୍କର ଦୃଶ୍ୟମାନ ଅବତାର ଭାବରେ ବିଚାର କରାଯାଇଅଛି । ସେହି ନାରୀ ହେଉଛି ମାଆ । ମାଆର ସାର୍ଥକତା ସନ୍ତାନରେ । ତା' ଭିତରକୁ ଏହି ମାଆ ଭାବ ଥରେ ଆସିଗଲେ ସେ ଆଉ ନିଜକୁ ଦେଖେଇ ହୁଏ ନାହିଁ । କାରଣ, ସେ ଭାବନାଏ ମାଆ ହିଁ ପବିତ୍ର । ଭାରତ ବର୍ଷକୁ ବିଚାର କରିବାକୁ ହେଲେ ତାର ପରମ୍ପରାର ମାନକୁ ଉପଲବ୍ଧି କରିବାକୁ ହେବ । ପାଶ୍ଚାତ୍ୟ ଜୀବନ-ଚର୍ଯ୍ୟାର ମାନକୁ ଧରି ନେଲେ ବିଚାର ବିଭ୍ରାଟ ହେବା ସାର ହୁଏ । ଭାରତର ଜୀବନ-ଚର୍ଯ୍ୟାରେ ଧର୍ମର ଅଛି ମଧୁମୟ ପ୍ରଭାବ । ଏହି କାରଣରୁ ନାରୀକୁ ମାଆ, ପତ୍ନୀ ଓ କନ୍ୟା—ଏହି ତିନି ରୂପରେ ଦେଖାଯାଏ । ଗୋଟିଏ ନାରୀ ଭିତରେ ଏହି ତ୍ରୟୀଭାବ ବିଦ୍ୟମାନ । ଏହି ଭାବ ତ୍ରୟୀର ସମନ୍ୱୟ ହିଁ ନାରୀକୁ ପୂର୍ଣ୍ଣତା ପ୍ରଦାନ କରେ ।

ଜାତିର ଅମୂଲ୍ୟ ସମ୍ପଦ ନାରୀ । ତାର ବ୍ୟବହାର ଓ ଚାଲ-ଚଳଣିରୁ ଜଣାଯାଏ ଜାତିର ପ୍ରଗତି ବା ଦୁର୍ଗତି । ନାରୀକୁ ସ୍ୱତନ୍ତ୍ର ବିଚାର ଛାଡ଼ିଦେଲେ ଜାତିର ପତନ ଅନିବାର୍ଯ୍ୟ । ନାରୀ ଓ ପୁରୁଷକୁ ସମାନ ସ୍ତରକୁ ଅଣାଯାଇ ଉଭୟଙ୍କର ଆତ୍ମବିକାଶ ହେବା ଗ୍ରାହ୍ୟ । ଏକାକୀ ପୁରୁଷର ଆତ୍ମବିକାଶ ହୁଏ ନାହିଁ । ତାର ଜୀବନରେ ପୂର୍ଣ୍ଣତା ଆସେ ନାହିଁ । ସେ ହୁଏ ଏକ ଅସଂପୂର୍ଣ୍ଣ ମଣିଷ । ଜୀବନରେ ପୂର୍ଣ୍ଣତା ଆଣେ ବିବାହ । ନାରୀ ଓ ପୁରୁଷର ବିବାହ ହିଁ ସେମାନଙ୍କ ଜୀବନର

Digitized by PPRACHIN, SOA

ପୂର୍ଣ୍ଣତା । ଅବିବାହିତ ହିନ୍ଦୁ ବ୍ରାହ୍ମଣ ଏହି କାରଣରୁ ପୁରୋହିତ ହୋଇ-ପାରେ ନାହିଁ । ବିବାହଦ୍ୱାରା ହିଁ ତାର ଜୀବନରେ ପୂର୍ଣ୍ଣତା ଆସେ । ଯଥାର୍ଥ ମାତୃତ୍ୱ ହିଁ ଯଥାର୍ଥ ସ୍ୱାଧୀନତା । ଏହି ଅର୍ଥ ସ୍ୱେଚ୍ଛାଚାର ନୁହେଁ; ଏକ ଦିବ୍ୟ ଶୃଙ୍ଖଳା ଭିତରେ ଜୀବନର ବିକାଶ କରିବା ଓ ତତ୍‌ସହିତ ପରିବାରକୁ ଏବଂ ସମାଜକୁ ସମବିକାଶ ପଥରେ ଆଗେଇନେବା ।

ନିର୍ମଳତା, ବିଶୁଦ୍ଧତା, ପବିତ୍ରତା ଓ ସତୀତ୍ୱ ହିନ୍ଦୁ ନାରୀର କେନ୍ଦ୍ର ଭାବ । ଯେଉଁଠି ନାରୀ ଏହି ଭାବ ବିଭବକୁ ତ୍ୟାଗକରି ସ୍ୱେଚ୍ଛାଚାର ପ୍ରମତ୍ତ ହୋଇପଡ଼େ ଏବଂ ଜୀବନର ଦେହଗତ ଦୃଷ୍ଟିକୁ ଏକମାତ୍ର ସତ୍ୟ ମନେ କରେ, ସେଠି ସକଳ ଆଦର୍ଶ ଲୋପ ପାଇଯାଏ । ଭାରତୀୟ ନାରୀ-ସାଧନା ଓ ସଂଯମର ପ୍ରତିଭୂ । ବିବାହକୁ ସେ ଏକ ଧର୍ମାଚାର ଭାବରେ ଗ୍ରହଣ କରିନିଏ । ସ୍ୱାମୀ ସହ ଯୌନ ସଂଭୋଗକୁ ଏକ ପବିତ୍ର ଧର୍ମାନୁଷ୍ଠାନ ରୂପେ ମାନିନିଏ । ପାଶ୍ଚାତ୍ୟ-ସଂକ୍ରମଣ ଫଳରେ ଭାରତୀୟ ନାରୀ ତାର ନାରୀତ୍ୱର ଆଦର୍ଶକୁ ଆଉ ସମ୍ମାନ ଦେଉନାହିଁ । ଏହା ଯେ ସବୁ କ୍ଷେତ୍ରରେ ହେଉଛି-ତାହା ନୁହେଁ । ତଥାପି ପାଶ୍ଚାତ୍ୟ ସଂକ୍ରମଣ ତାର ଆଜି ଆଦର୍ଶ ହୋଇଯାଇଛି । ଏହି କାରଣରୁ ଏକାନ୍ନବର୍ତ୍ତୀ ପରିବାର ଆଜି ଆଉ ଅକ୍ଷତ ଆଦର୍ଶ ହୋଇ ନାହିଁ । ମନେ ରଖିବାକୁ ହେବ ଯେ, ନାରୀ ଶାନ୍ତିସ୍ୱରୂପା, ଧର୍ମସ୍ୱରୂପା ଓ ପ୍ରୀତିସ୍ୱରୂପା । ପରିବାର, ସମାଜ, ଜାତି ଓ ଦେଶ ପ୍ରତି ତାର ଅଛି ପବିତ୍ର କର୍ତ୍ତବ୍ୟ । ବାହାରକୁ ନୁହେଁ; ଭିତରକୁ ସମ୍ଭାଳିବା ତାର ଧର୍ମ । ବାହାରର ଚାକଚକ୍ୟ, ବିଳାସ ଓ ଆକର୍ଷଣ ନାରୀତ୍ୱର ପୂର୍ଣ୍ଣତାର ପରିପନ୍ଥୀ । ନାରୀ ତାର ଅନ୍ତଃରୂପକୁ ଠିକ୍ ଭାବରେ ଉପଲବ୍ଧି କରିପାରିଲେ, ଅନ୍ୟ ଅର୍ଥରେ ତାର ଆତ୍ମୋପଲବ୍ଧି ବା ଆତ୍ମ ପରିଚୟ ହୋଇଗଲେ ସେ ଆଉ ବାହାରର ଆକର୍ଷଣକୁ ପସନ୍ଦ କରେ ନାହିଁ । ଏହି ଆତ୍ମପରିଚୟ ହେଉଛି ତା' ଭିତରେ ଥିବା ଦିବ୍ୟ ମାତୃତ୍ୱର ପରିଚୟ । ମାତୃଶକ୍ତିର ଜାଗରଣ ହେଲେ ସେହି ଦୀପ୍ତିମାନ ଶକ୍ତି ଓ ଶିଖା ନିକଟରେ ଚରମ ସଇତାନ ମଧ୍ୟ ହୀନପ୍ରଭ ହୋଇଯାଏ । ଏହା ହିଁ ଭାରତୀୟ ନାରୀର ଆଦର୍ଶ ଓ ମହିମା ।

Digitized by PPRACHIN, SOA

ନାରୀ ଓ ଧର୍ମ

ନାରୀ ଓ ପୁରୁଷର ମିଳନ ସ୍ୱେଚ୍ଛାଚାର ପ୍ରଣୋଦିତ ନୁହେଁ, ପ୍ରାକୃତିକ ଭୋଗତୃଷ୍ଣାର ପ୍ରରୋଚନାରୁ ମଧ୍ୟ ନୁହେଁ । ଯେଉଁଠି ମିଳନ କେବଳ ପ୍ରବୃତ୍ତି ଜନିତ, ସେଠି ନାରୀ ଓ ପୁରୁଷ ପରସ୍ପରକୁ ଜାଣିବା, ଶିଖିବା ଓ ଉପଲବ୍‌ଧି କରିବାର ଆବଶ୍ୟକତା ନ ଥାଏ । ସେଠି ନାରୀର ମାର୍ଗ ସ୍ୱତନ୍ତ୍ର । ପୁରୁଷର ମାର୍ଗ ମଧ୍ୟ ସ୍ୱତନ୍ତ୍ର । ସେମାନେ ମିଳନ୍ତି ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଓ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ । ଏକ ଭୋଗ-ତୃଷ୍ଣା ଓ ଧନ-ତୃଷ୍ଣା ଉଭୟଙ୍କୁ ମିଳାଏ । କେଉଁଠି କେଉଁଠି ପ୍ରମତ୍ତ ପୁରୁଷ ନାରୀ ପ୍ରତି ବଳାତ୍କାର କରେ । ଏଠି ଥାଏ କେବଳ ପ୍ରମତ୍ତ ହିଂସ୍ରତା । ଏତାଦୃଶ ନାରୀ ଓ ପୁରୁଷର ମିଳନ ଉଭୟଙ୍କୁ ଏକ କରିପାରେ ନାହିଁ । ଜଣେ ଜଣକୁ ଭଲପାଏ ନାହିଁ । ଜଣକର ଦୁଃଖରେ ଆଉଜଣେ ସମବେଦନା ପ୍ରକାଶ କରେନାହିଁ । ଭୋଗ ତୃଷ୍ଣା କେବଳ ପ୍ରାଧାନ୍ୟ ଲାଭ କରେ । ପରିଣତିରେ ଉଭୟ ନାରୀ ଓ ପୁରୁଷ ଏକ ସଇତାନ ସ୍ତରକୁ ଚାଲି ଯାଆନ୍ତି । ସମାଜର ଶୃଙ୍ଖଳା ଭାଙ୍ଗିପଡେ । ନୀତି ଓ ଆଦର୍ଶ ହୁଏ ବ୍ୟାହତ । ଯେଉଁଠି ନାରୀ ଓ ପୁରୁଷର ମିଳନ ହୁଏ ଧର୍ମାନୁମୋଦିତ ସେଠି ଭୋଗତୃଷ୍ଣା ରହେ ନାହିଁ; ପ୍ରକାଶ ପାଏ ତ୍ୟାଗର ମହମାମୟତା । ଧର୍ମ ଉଭୟଙ୍କୁ ପବିତ୍ର ସଙ୍କେତ୍ୱରେ ମିଳାଇ ଦିଏ ସେମାନଙ୍କ ମିଳନର ସାକ୍ଷୀ ହୋଇଯାଏ ଧର୍ମ । ତେଣୁ କୌଣସି ପ୍ରକାର ପାପାଚରଣ କରିବାକୁ ସେମାନେ ଭୟ କରନ୍ତି । ମନ ଓ ହୃଦୟକୁ ନିର୍ମଳ କରନ୍ତି । ମିଳନକୁ କରନ୍ତି ମଧୁମୟ ଓ ପବିତ୍ର । ଧର୍ମ ପୁରୁଷକୁ ପ୍ରେମପର କରେ ସରଳ, ସୁନ୍ଦର, ଉଦାର ଓ ପୁଣ୍ୟବାନ ସେହିପରି ନାରୀକୁ ମଧ୍ୟ କରେ ପୁଣ୍ୟବତୀ । ଧର୍ମର ପ୍ରଭାବରେ ନାରୀ ହୁଏ ଆଲୋକିତା । ସେହି ଆଲୋକ ପୂର୍ଣ୍ଣ ଜ୍ୟୋତ୍ସ୍ନା ପରି ହୁଏ ଅମୃତମୟ ।

Digitized by PPRACHIN, SOA

ତାର ପ୍ରଭାବରେ ଜୀବନ ଓ ଜଗତ ହୋଇଯାଏ ମଧୁମୟ । ଏ କ୍ଷେତ୍ରରେ ନାରୀ ଆପଣାର ବ୍ୟକ୍ତିଗତ ଭୋଗ ବୃତ୍ତରୁ ଦୂରେଇ ଆସେ ପରିବାର ବୃତ୍ତକୁ, ଯେଉଁଠି ସମଗ୍ର ପରିବାର ହୋଇଯାଏ ତାର ଲୀଳାକ୍ଷେତ୍ର । ପରିବାରର ସମସ୍ତଙ୍କୁ ସେ ଆପଣାର ମନେ କରେ । ସମସ୍ତଙ୍କ ପାଇଁ ତାର ହୃଦୟରୁ ଝରିଆସେ ତ୍ୟାଗ ଓ ମମତାର ସୃଷ୍ଟି । ଧର୍ମ ହିଁ ତାକୁ ଏପରି ଏକ ସ୍ତରକୁ ନିଏ । ଯେଉଁଠି ନାରୀ ଧର୍ମକୁ ଛାଡ଼ିଦିଏ, କେବଳ ଅର୍ଥବାଦକୁ ନେଇ ରହେ, ସେଠି ତାକୁ ହୁଏତ ବସ୍ତୁଗତ ପ୍ରାଚୁର୍ଯ୍ୟ ମିଳେ ମାତ୍ର ତାର ନାରୀତ୍ୱ ଅଭିନନ୍ଦିତ ହୁଏ ନାହିଁ । ତା' ହୃଦୟରୁ କଲ୍ୟାଣମୟୀ ବାରିଧାରା ନିର୍ଗତ ହୁଏ ନାହିଁ । ସେ ଦେବୀତ୍ୱରୁ ଦୂରେଇ ଯାଏ । ତା' ଭିତରେ ରାକ୍ଷସୀତ୍ୱ ନର୍ତ୍ତନ କରି ଉଠେ । ପରିବାର ଓ ସମାଜର ସକଳ ସୁଖଶାନ୍ତି ହୁଏ ବିପର୍ଯ୍ୟସ୍ତ ।

ନାରୀ ଯୌବନରେ ପହଞ୍ଚି ବିବାହ କରେ ଏକ ପୁରୁଷକୁ । ଏହି ବିବାହ ପୁଣି ସ୍ୱେଚ୍ଛାଚାରପ୍ରମତ୍ତ ନୁହେଁ; ଧର୍ମବେଦୀରେ ହୁଏ ଶୃଙ୍ଖଳିତ ମିଳନ । ଯେତେବେଳେ ସେ ବିବାହ କରି ସ୍ୱାମୀଗୃହକୁ ଯାଏ, ସେତେବେଳେ ସେ ହୁଏ ପ୍ରଥମେ ନବବଧୂ । ତାକୁ ସ୍ୱାଗତ କରାଯାଏ ଧାର୍ମିକ ପ୍ରକ୍ରିୟାରେ । ସେ ଗୃହରେ ପ୍ରବେଶ କରି ହୁଏ ପୁଣି ଗୃହ-ସାମ୍ରାଜ୍ୟର ସାମ୍ରାଜ୍ଞୀ । ଗୃହ ମଧ୍ୟରେ ବାସ କରୁଥିବା ବୃଦ୍ଧ ବୃଦ୍ଧା, ଯୁବକ ଯୁବତୀ, ବାଳକ ବାଳିକା ଓ ଗୃହର ପଶୁପକ୍ଷୀ ସମସ୍ତେ ହୋଇଯାଆନ୍ତି ତାର ପ୍ରଜା ସଦୃଶ । ସେମାନଙ୍କର ପୂଜା ଓ ସେବା ହୋଇଯାଏ ତାର ଧର୍ମ । ଏହି ପ୍ରେରଣା ଏକ ଅଶରୀରୀ ପ୍ରେରଣା । ସମସ୍ତଙ୍କ ଭିତରେ ସେ ନିଜକୁ ଖେଳାଇ ଦିଏ । ତାର ପତି ହୋଇଯାଏ ତା' ପକ୍ଷରେ ଦେବତା ସଦୃଶ । ପତି ଭିନ୍ନ ସେ ଅନ୍ୟ ପୁରୁଷର ଅଙ୍ଗ ସ୍ପର୍ଶ କରେ ନାହିଁ । କାରଣ ଅନ୍ୟ ପୁରୁଷର ଅଙ୍ଗ ସ୍ପର୍ଶକୁ ସେ ମନେକରେ ପାପ । ତାର ଜୀବନ ପତିର ଜୀବନ ସହିତ ସଂଯୁକ୍ତ ହୋଇଯାଏ । ଦାମ୍ପତ୍ୟ ଜୀବନ ହୁଏ ସୁରଭିତ । ଧର୍ମ ନିର୍ବାହ ପାଇଁ ପତି ଓ ପତ୍ନୀ ହୁଅନ୍ତି ଜାଗ୍ରତ ।

Digitized by PPRACHIN, SOA

ଗୃହ ଏକ ବିଶାଳ ସାମ୍ରାଜ୍ୟ । ଏଠାକୁ ନାରୀ ଯେତେବେଳେ ବିବାହ ହୋଇ ଆସେ ସେତେବେଳେ ସେ ଆଉ ସେଠି ଅତିଥି ନୁହଁ । ସେହି ଗୃହର ସବୁକିଛି ତାର ହୋଇଯାଏ ଏକାନ୍ତ ଆପଣାର, ମମତାର ଓ ପ୍ରେମର । ସେ ହୋଇଯାଏ ପତିଙ୍କର ସହଯାତ୍ରିଣୀ, ସହଧର୍ମିଣୀ ଓ ସଚିବ । ତାର ବିଶ୍ରାମ ନ ଥାଏ । ସେ ହୋଇଯାଏ ନିଜେ ପରିଚାରିକା, ପରିବେଷିକା ଓ ବ୍ୟାବସ୍ଥାପିକା । ଅସୀମ ଧୈର୍ଯ୍ୟ, ସେବା ଓ ସହିଷ୍ଣୁତା ବଳରେ ଗୃହର ପ୍ରଜାମାନଙ୍କୁ ସେ ସନ୍ତୁଷ୍ଟ କରେ । ଧର୍ମ ହିଁ ତାକୁ ଏପରି ମହାନତା ମଧ୍ୟକୁ ନେଇଯାଏ । ପତି ଓ ପତ୍ନୀର ମିଳନ ଗୃହସ୍ଥାଶ୍ରମର ଶ୍ରୀ ସମ୍ପାଦନ ନିମିତ୍ତ । ଗୃହ ଇଟା-ପଥର ଗୋଡ଼ିମାଟି ନୁହେଁ; ପତି ଓ ପତ୍ନୀର ଆତ୍ମିକ ସମ୍ବନ୍ଧ । ଯେତେବେଳେ ଦମ୍ପତି ଗୃହକୁ ସଂକୀର୍ଣ୍ଣ ବିଷୟରେ ଉପଯୋଗ କରନ୍ତି ସେତେବେଳେ ଗୃହ ହୋଇଯାଏ ନର୍କରେ ପରିଣତ । ପ୍ରକୃତରେ ପତି ଓ ପତ୍ନୀଙ୍କ ସହଯୋଗରେ ଅନୁଷ୍ଠିତ କଲ୍ୟାଣମୟ ଯଜ୍ଞ ହିଁ ଗୃହ । ଧର୍ମ ହିଁ ଗୃହକୁ ଯଜ୍ଞରେ ପରିଣତ କରିଦିଏ । ପତି ଓ ପତ୍ନୀଙ୍କ ମିଳନ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୁଏ ନାହିଁ, ଧର୍ମ ଯୋଗୁଁ ହୋଇଯାଏ ବ୍ରତପରିପୂର୍ଣ୍ଣ । ଏହା ଏକ ପତି ଓ ଏକ ପତ୍ନୀ ଭାବ ଜାଗ୍ରତ କରେ । ବହୁ ନାରୀ ଉପଭୋଗ ବା ବହୁ ପୁରୁଷ ଉପଭୋଗ କାମନା ପ୍ରକାଶ ପାଏ ନାହିଁ । ତେଣୁ ଅଥର୍ବ ବେଦରେ କୁହାଯାଇଛି—ଇହୈବ ସ୍ତଂ ମା ବି ଯୌଷ୍ଟଂ ବିଶ୍ୱମାୟୁର୍ବ୍ୟଶ୍ନୁତମ୍ ।' ଗୃହସ୍ଥାଶ୍ରମ ସମ୍ପାଦନ ପାଇଁ ସେମାନେ ଏକତ୍ର ହୋଇଛନ୍ତି । ଧର୍ମରେ ସେମାନେ ଗୃହ ନିର୍ମାଣ କରିବେ ।

ନାରୀ ବିଶ୍ୱ ଯଜ୍ଞବେଦୀ । ସେହି ବେଦୀରୁ ବିଶ୍ୱକଲ୍ୟାଣ ପାଇଁ ଜନ୍ମ ନିଅନ୍ତି ସଂକଳ୍ପବାନ ପ୍ରଜା । ନାରୀର ସ୍ନେହ ଓ ମମତାରେ ଗୃହଯଜ୍ଞ ହୁଏ ପରିପୂର୍ଣ୍ଣ । ତେଣୁ କନ୍ୟାପିତା କନ୍ୟାଦାନ ସମୟରେ ପ୍ରାର୍ଥନା କରେ—

'ଶୁଦ୍ଧାଃ ପୂତା ଯୋଷିତୋ ଯଜ୍ଞିୟା
ଇମା ବ୍ରହ୍ମଣାଂ ହସ୍ତେଷୁ ପ୍ରପୃଥକ୍ ସାଦୟାମି ।

Digitized by PPRACHIN, SOA

ସଂଜ୍ଞାମ ଇଦମଭିଷିଂ ଗୃମି ବୋଽହ
ମିନ୍ଦ୍ରୋ ମରୁତ୍ୱାନସ୍ତ ଦଧାତୁ ତନ୍ମେ ।'
—ଅଥର୍ବ ୬ । ୧୨୨ । ୫

ନିୟମିତ ସଂସ୍କାର ପ୍ରଦାନ କରି କନ୍ୟାମାନଙ୍କୁ ବିଦୂଷୀ ବ୍ରହ୍ମ-ଚାରିଣୀ ରୂପେ ଗଢ଼ି ଅବଶେଷରେ କନ୍ୟାପିତା ସେମାନଙ୍କୁ ଯଥାଯୋଗ୍ୟ ବରଙ୍କୁ ସମର୍ପଣ କରନ୍ତି । ଧର୍ମ ଅର୍ଥ କାମ ମୋକ୍ଷ ପାଇବା ପାଇଁ ସେମାନେ ପବିତ୍ର ଗୃହସ୍ଥାଶ୍ରମ ଆରମ୍ଭ କରନ୍ତି । ଏସବୁ ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ ନାରୀ ଓ ପୁରୁଷର ବିବାହ 'ଧର୍ମନିଷ୍ଠ' ସେମାନଙ୍କର ମିଳନ ମଧ୍ୟ ଧର୍ମ ଭିତ୍ତିକ । ପୁରୁଷର ଧର୍ମଜୀବନ ପାଇଁ ନାରୀ ହିଁ ଏ ପ୍ରେରଣା । କେତେକ ଶାସ୍ତ୍ରରେ ମତ ଦିଆଯାଇଛି ଯେ, ଧର୍ମ ସାଧନ ପଥରେ ନାରୀ ପ୍ରଧାନ ପ୍ରତିବନ୍ଧକ । ତେଣୁ ନାରୀ ପ୍ରତି ଗୋଟାଏ କେମିତି ଅବଜ୍ଞା ଭାବ ପ୍ରକାଶ ପାଇଛି । ନାରୀ ସାଙ୍ଗରେ ରହିଲେ ପୁରୁଷର ଧର୍ମ ଓ ମୋକ୍ଷ ବ୍ୟାହତ ହୋଇଯିବ । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ପୁରୁଷ ଏକମାତ୍ର ଯେମିତି ମହାନ୍, ତାର ଯେମିତି ଏକମାତ୍ର ଧର୍ମକାର୍ଯ୍ୟରେ ଅଧିକାର ଅଛି । ସେ ଯେପରି ଏକମାତ୍ର ମୋକ୍ଷର ଅଧିକାରୀ । ନାରୀ ଏକ ଅଭିଶପ୍ତ ଚରିତ୍ର । ତାର ଧର୍ମ ନାହିଁ କି ମୋକ୍ଷ ନାହିଁ । ନରକ ଯେପରି ତାର ଏକମାତ୍ର ସ୍ଥାନ । ବୌଦ୍ଧଧର୍ମ କୁହନ୍ତୁ, ଜୈନଧର୍ମ କୁହନ୍ତୁ ଅଥବା ହିନ୍ଦୁଧର୍ମ କୁହନ୍ତୁ ସବୁଥିରେ ଏହି ଏକ ବିଚାର । ଏପରି ବିଚାର ଭ୍ରମାତ୍ମକ । ନାରୀ ମଧ୍ୟ ପୁରୁଷ ପରି ଧର୍ମ ଓ ମୋକ୍ଷର ଅଧିକାରୀ । ନାରୀ ପାଖରେ ଥାଇ ଯେଉଁ ପୁରୁଷ ଜିତେନ୍ଦ୍ରିୟ ହୋଇପାରେ ସେହି ହିଁ ପ୍ରକୃତ ସନ୍ନ୍ୟାସୀ ଏବଂ ସେହି ହିଁ ଧର୍ମ ଓ ମୋକ୍ଷର ହିଁ ଏ ଅଧିକାରୀ ।

ନାରୀ ପୁରୁଷକୁ ଲକ୍ଷ୍ୟଭ୍ରଷ୍ଟ କରେ ନାହିଁ । ପୁରୁଷ ନିଜେ ହିଁ ହୁଏ ଲକ୍ଷ୍ୟଭ୍ରଷ୍ଟ । ଅଥଚ ସେ ନାରୀକୁ ଦୋଷ ଦିଏ । କିନ୍ତୁ ନାରୀକୁ ଛାଡ଼ି କ'ଣ ପୁରୁଷ ପୂର୍ଣ୍ଣାଙ୍ଗ ହୋଇପାରେ ? ନାରୀକୁ ଛାଡ଼ି କଣ ପୁରୁଷ ଧର୍ମକାର୍ଯ୍ୟ କରିପାରେ ? ଶ୍ରାଦ୍ଧ ପକାଇଲା ବେଳେ କମ୍ବା ଯଜ୍ଞ

Digitized by PPRACHIN, SOA

କଲବେଳେ ପୁରୁଷ କଣ ଏକାକୀ କରେ ? ନାରୀର କ'ଣ ଆବଶ୍ୟକତା ଭବେ ନାହିଁ ? ଯଜ୍ଞ ପାଇଁ ତ ପୁରୁଷ ସହିତ ନାରୀର ରହିବାଟି ଏକାନ୍ତ ସହଯୋଗ । ତେବେ ନାରୀ ଧର୍ମକାର୍ଯ୍ୟରୁ ବଞ୍ଚିତା ହେବ କାହିଁକି ? ସେ କଣ ଯୋଗ କରିପାରେ ନାହିଁ ? ସେ କଣ ଭଗବାନଙ୍କୁ ଭକ୍ତି କରିପାରେ ନାହିଁ ? ପୁରୁଷର ବିଚାରରୁ ନାରୀ ହୋଇଛି ଧର୍ମକାର୍ଯ୍ୟରେ ଅବହେଳିତା । ପ୍ରକୃତ ପକ୍ଷେ ନାରୀ ଧର୍ମକାର୍ଯ୍ୟରୁ ବଞ୍ଚିତା ନୁହେଁ ବା ସେ ଧର୍ମକାର୍ଯ୍ୟ ପାଇଁ ଅନୁପଯୁକ୍ତା ନୁହେଁ । ବରଂ ସେ ପୁରୁଷର ହୁଏ ଧର୍ମକାର୍ଯ୍ୟ ପାଇଁ ପ୍ରେରଣାର ଉତ୍ସ । ଅତୀତକାଳରେ ବହୁ ରାଜକନ୍ୟା ରାଜସୁଖକୁ ତୁଚ୍ଛ ମନେକରି ଜଟାଜୁଟ ଧାରୀ ମୁନିଋଷିଙ୍କୁ ବିବାହ କରିଥିଲେ । କାହିଁ ମୁନିଋଷିମାନଙ୍କର ତ କୌଣସି ପ୍ରକାର ସ୍ଖଳନ ହୋଇଯାଇନାହିଁ ! ବରଂ ସେମାନଙ୍କର ହୋଇଛି ଆଧ୍ୟାତ୍ମିକ ବିକାଶ । ଯେଉଁଠି ଭୋଗଦୃଷ୍ଟି ପ୍ରାଧାନ୍ୟ ଲାଭ କରିଥାଏ ଓ ସେହି ଭୋଗକୁ ନେଇ ଗୋଟାଏ ଭ୍ରାନ୍ତ ଅହମିକାବୋଧ ପ୍ରକାଶ ପାଇଥାଏ, ସେଇଠି ଆସେ ନାରୀକୁ ନେଇ ଏକ ଭ୍ରାନ୍ତ ବିଚାରବୋଧ । ସେଇଠି କୁହାଯାଏ ନାରୀ ଧର୍ମ ପାଇଁ ପ୍ରତିବନ୍ଧକ । ଯେଉଁଠି ଉଭୟ ପୁରୁଷ ଓ ନାରୀ ଧର୍ମପଥର ପଥିକ, ଉଭୟଙ୍କ ଜୀବନ ଏକ ମହାନ ଆଦର୍ଶରେ ସମ୍ମିଳିତ; ସେଠି ଆଉ ନାରୀକୁ ଅବହେଳା କରାଯାଏ ନାହିଁ । ପୁରାଣମାନଙ୍କରେ ଦେଖାଯାଇଛି ଯେ ରାଜା ଯେତେବେଳେ ବାନପ୍ରସ୍ଥ ନେଇ ଅରଣ୍ୟବାସ କରୁଥିଲେ, ସେତେବେଳେ ସାଙ୍ଗରେ ତାଙ୍କର ସ୍ତ୍ରୀ ରହୁଥିଲେ । କାହିଁ ସ୍ତ୍ରୀ ତ ସେଠି ବିପଦର କାରଣ ହୋଇନାହିଁ ? ବରଂ ସ୍ତ୍ରୀ ସ୍ୱାମୀର ତପସ୍ୟାରେ ହୋଇଛି ସହାୟିକା ।

ଧର୍ମ ଏକ ଆଚାର ନୁହେଁ; ଏକ ବିଚାର । ଯେଉଁଠି ଧର୍ମ କେବଳ ଆଚାରନିଷ୍ଠ ହୋଇପଡ଼େ, ସେଇଠି ନାରୀକୁ ତଥା ଅନ୍ୟାନ୍ୟ ବହୁ କଥାକୁ ନିନ୍ଦା କରାଯାଇଥାଏ । ଯେଉଁଠି ଧର୍ମ ହୋଇଯାଏ ଏକ ବିଚାର, ସେଠି ସମସ୍ତଙ୍କୁ ଆପଣାର କରି ନିଆଯାଏ । ଧର୍ମ ମଣିଷ ହୃଦୟରୁ ସକଳ ଦୁର୍ଭାବନା ଓ ଦୁର୍ବାସନାକୁ ବିଲୋପ କରିଦିଏ । ମଣିଷକୁ କରେ ଶାନ୍ତ, ସୁନ୍ଦର ଓ ଶୋଭାମୟ । ତାର ଅନ୍ତରାତ୍ମା ହୁଏ

Digitized by PPRACHIN, SOA

ଊର୍ଦ୍ଧ୍ୱମୁଖୀ । ପରମାତ୍ମାଙ୍କ ସାନ୍ନିଧ୍ୟ ସେ ଲଭ କରେ । ତା' ଭିତରୁ ସକଳ ସଂକୀର୍ଣ୍ଣତା ଲୋପପାଏ । ସେ କ୍ଷେତ୍ରରେ ନାରୀ ଆଉ କାମ ସମ୍ଭୋଗର ଯନ୍ତ୍ର ବିଶେଷ ହୋଇ ରହେନାହିଁ, ନାରୀ ହୋଇଯାଏ ଦେବୀ ସ୍ୱରୂପା ।

ନାରୀ ତେଣୁ ଧର୍ମର ପରିପନ୍ଥୀ ନୁହେଁ; ଧର୍ମର ପରିପୋଷକ । ତେଣୁ ସେ କେବଳ ପତ୍ନୀ ନୁହେଁ, ଧର୍ମପତ୍ନୀ । ଏହି ଭାବ ରହିଲେ ନାରୀ ଆଉ ଅବହେଳିତା ହୁଏ ନାହିଁ, ବରଂ ସେ ହୁଏ ପୂଜ୍ୟା । ଲୋକାତ୍ତର ଦୃଷ୍ଟିରୁ ନାରୀ ଧର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନିଏ । ସ୍ତ୍ରୀ-ଧର୍ମ, ପରିବାର-ଧର୍ମ ଓ ସମାଜ-ଧର୍ମ ପାଳନ କରିବା ସଙ୍ଗେ ସଙ୍ଗେ ପାରମାର୍ଥିକ ଧର୍ମ ମଧ୍ୟ ପାଳନ କରେ । ଧର୍ମଛଡ଼ା ହୋଇଗଲେ ନାରୀ ହୋଇଯାଏ ସକଳ ଅନର୍ଥ ଓ ବିପର୍ଯ୍ୟୟର କାରଣ । ପରିବାରର ଶାନ୍ତି ତୁଟିଯାଏ । ଗୋଟାଏ ଭୋଗଦୃଷ୍ଟି ଯେପରି ତାକୁ ଆଚ୍ଛନ୍ନ କରି ରଖେ । ଭ୍ରାନ୍ତ ଅହମିକାବୋଧ ଦ୍ୱାରା ପ୍ରକାଶ ପାଏ । ଧର୍ମ ହିଁ ତାକୁ କରେ କଲ୍ୟାଣ ସ୍ନିଗ୍ଧ । ତାର ପ୍ରାଣ ହୋଇଯାଏ ଦାତବ୍ୟ । ପରାର୍ଥ ହୋଇଯାଏ ତା'ର ଆଦର୍ଶ । ସେ ଭଲପାଏ ତାର ପତିକୁ, ସନ୍ତାନ ସନ୍ତତିକୁ, ପରିବାରକୁ । ଅନ୍ୟ ଅର୍ଥରେ ଏହି ଭଲ ପାଇବା ଭିତରେ ପ୍ରକାଶ ପାଏ ତାର ମହୀୟସୀ ଧର୍ମଭାବ । ଅତଏବ ନାରୀ ଧର୍ମ ପାଇଁ ପ୍ରତିବନ୍ଧକ ନୁହେଁ, ପରିବର୍ଦ୍ଧିକା । ନାରୀ ଧର୍ମାନୁରାଗିଣୀ ହେଲେ ତାର ଜୀବନ କେବଳ ଧନ୍ୟ ହୁଏ ନାହିଁ, ଅନ୍ୟ ପକ୍ଷରେ ସମଗ୍ର ସମାଜର ହୁଏ ମଙ୍ଗଳ । ଧର୍ମରୁ ଅର୍ଥ ଓ କାମ ଦେଇ ଶେଷରେ ତାର ଯେଉଁ ମୋକ୍ଷ ଭାବ ପ୍ରକାଶ ପାଏ ସେହି ମୋକ୍ଷ ହୁଏ ଆତ୍ମାର ସ୍ୱାଧୀନତାର ଉପଲବ୍ଧି (Sense of freedom) । ଏହିଠାରେ ତାର ହୁଏ ପୂର୍ଣ୍ଣ ବିକାଶ ।

Digitized by PPRACHIN, SOA

କଳା, ସାହିତ୍ୟ ଓ ନାରୀ

କଳା ଓ ସାହିତ୍ୟ ମଣିଷ ହୃଦୟର ସର୍ବୋତ୍ତମ ସୁକୁମାର ଅଭିବ୍ୟକ୍ତି । ଯେତେ ଯାହା ବସ୍ତୁଗତ ପ୍ରଗତି ହେଲେ ମଧ୍ୟ କଳା ଓ ସାହିତ୍ୟର ପ୍ରଗତି ହୋଇ ନପାରିଲେ ସେସବୁ ବସ୍ତୁଗତ ପ୍ରଗତିର ମୂଲ୍ୟ ରହେ ନାହିଁ । କଳା ଓ ସାହିତ୍ୟ ମଣିଷର ସୌନ୍ଦର୍ଯ୍ୟବୋଧକୁ ପ୍ରକାଶ କରେ । ମଣିଷର ପ୍ରେମ, ସ୍ନେହ, ମମତା, ତ୍ୟାଗ ଓ ମାନବିକତାର ଭାବକୁ ବ୍ୟକ୍ତ କରେ । ମଣିଷର ମନ ଭିତରେ ବାହାରର ବସ୍ତୁ-ରୂପ ଯେଉଁ ଭାବ ସୃଷ୍ଟି କରେ ତାହାକୁ ଶିଳ୍ପୀ ତୂଳୀ ଓ ରଙ୍ଗ ସାହାଯ୍ୟରେ ଆପଣାର ମନର ମଧୁକୁ ମିଶାଇ ଆଉ ଏକ ରୂପ ଅଙ୍କନ କରେ, ଅଥବା ନିହାଣ ସାହାଯ୍ୟରେ ପଥର ଦେହରେ କମନୀୟ ମୂର୍ତ୍ତି ଖୋଦନ କରି-ଦିଏ । ଏହିଠାରେ ବାହାରର ବସ୍ତୁ-ରୂପ ନେଇଯାଏ କଳା-ରୂପ । ପୁନଶ୍ଚ ଯେତେବେଳେ ବାହାରର ବସ୍ତୁ-ରୂପ ସ୍ରଷ୍ଟାର ଅନ୍ତର ଭିତରେ ଦ୍ରବୀଭୂତ ହୋଇ ଭାଷା ମାଧ୍ୟମରେ ଆତ୍ମପ୍ରକାଶ କରେ ତାହା ହୋଇ-ଯାଏ ସାହିତ୍ୟ । ପ୍ରକୃତିର ଯେତେ ରୂପ-ସୁଷମା କଳା ଓ ସାହିତ୍ୟରେ ପ୍ରକାଶ ପାଇଲେ ମଧ୍ୟ ନାରୀର ରୂପ-ସୁଷମା ଯେପରି ସମସ୍ତଙ୍କ ଅପେକ୍ଷା ପ୍ରାଧାନ୍ୟଲାଭ କରିଯାଏ । ନାରୀକୁ ଛାଡ଼ି କଳା ଓ ସାହିତ୍ୟ ଯେପରି ହୋଇଯାଏ ଶ୍ରୀହୀନ । ନାରୀର ରୂପକାନ୍ତି ଯେ ସାହିତ୍ୟରେ କେବଳ ପ୍ରକାଶ ପାଏ ତାହା ନୁହେଁ; ତତ୍‌ସହିତ ପ୍ରକାଶ ପାଏ ତାର ଅନ୍ତର୍ନିହିତ ଭାବରୂପ । ତାହା ହିଁ କଳା ଓ ସାହିତ୍ୟକୁ ଦେଇଦିଏ ମହିମାମୟ କାନ୍ତି ।

ନାରୀକୁ ଛାଡ଼ି ଯେପରି ସୃଷ୍ଟି ସମ୍ଭାବନା ଅସମ୍ଭବ ସେହିପରି ନାରୀକୁ ଛାଡ଼ି ସାହିତ୍ୟ ଓ କଳା ସୃଷ୍ଟି ମଧ୍ୟ ଅସମ୍ଭବ । ନାରୀଠାରେ ଏପରି ଗୋଟାଏ ଦିବ୍ୟ ଆକର୍ଷଣ ଅଛି ଯାହା କଳା ବା

Digitized by PPRACHIN, SOA

ସାହିତ୍ୟ ସ୍ରଷ୍ଟାଙ୍କ ଅନ୍ତର ଭିତରେ ରସବୋଧ ଜାଗ୍ରତ କରେ । ପ୍ରଥମତଃ ନାରୀର ରୂପ-ମାଧୁର୍ଯ୍ୟ ସ୍ରଷ୍ଟାର ହୃଦୟ ଭିତରେ ଦ୍ରବୀଭୂତ ହୋଇ ମାଧୁର୍ଯ୍ୟବୋଧ ସୃଷ୍ଟି କରେ । ସେହି ଦ୍ରବୀଭୂତ ମାଧୁର୍ଯ୍ୟବୋଧ ଯେତେବେଳେ ଆତ୍ମପ୍ରକାଶ କରିବାକୁ ଉଦଗ୍ର ହୋଇଉଠେ ସେତେବେଳେ ତାହା ଶିଳ୍ପୀର ତୂଳୀରେ ଅଥବା ଲେଖକର ଲେଖାରେ ଆଉ ଏକ କମନୀୟ ରୂପ ଗ୍ରହଣ କରେ । ଶିଳ୍ପୀ ରଙ୍ଗ ଓ ତୂଳୀରେ ରୂପ ଦେଲାବେଳେ କବି ବା ଲେଖକ ତାକୁ ଭାଷା ମାଧ୍ୟମରେ ରୂପଦିଏ । ଭାଷା ମାଧ୍ୟମରେ ଯେଉଁ ରୂପ ପ୍ରକାଶ ପାଏ ତାହା ହୋଇଯାଏ ଅଧିକ ପ୍ରଭାବଶାଳୀ । ଭାସ୍କର୍ଯ୍ୟ ଶିଳ୍ପ ବା ଚିତ୍ରକଳାକୁ ଦେଖି ଦ୍ରଷ୍ଟା ତାର ସୌନ୍ଦର୍ଯ୍ୟ ଉପଲବ୍ଧି କରେ । ଏଥିରେ ଥାଏ ଦୃଶ୍ୟଗୁଣ । ସାହିତ୍ୟ ଅଧ୍ୟୟନ କରି ପାଠକ ଆପଣାର ହୃଦୟ ଭିତରେ ମନର କଳ୍ପନା ଶକ୍ତିକୁ ନେଇ ଗୋଟିଏ ରୂପ ଗଢ଼ିଦିଏ । ଏହି ରୂପକୁ ଦେଖିହୁଏ ଅନ୍ତର୍ଚକ୍ଷୁ ସାହାଯ୍ୟରେ ମାତ୍ର ଅନ୍ୟକୁ ଏହା ଦେଖେଇ ହୁଏ ନାହିଁ ।

ବ୍ରହ୍ମା ଯେତେବେଳେ ଭଗବାନଙ୍କ ନାଭିପଦ୍ମରୁ ଆବିର୍ଭୂତ ହେଲେ ସେତେବେଳେ ସେ ଭଗବାନଙ୍କ ନିର୍ଦ୍ଦେଶରେ ସୃଷ୍ଟି କାର୍ଯ୍ୟ ଆରମ୍ଭ କରିଦେଲେ । ଯେତେ ଯାହା ସୃଷ୍ଟି କଲେ ମଧ ସେ ଶାନ୍ତି ଓ ଆନନ୍ଦ ପାଇଲେ ନାହିଁ । ଶେଷକୁ ସେ ନିଜକୁ ଦୁଇଭାଗ କରି ପୁରୁଷ ଓ ନାରୀକୁ ସୃଷ୍ଟି କଲେ । ଇତି ପୂର୍ବରୁ ସେ କେବଳ ପୁରୁଷ (ଚତୁଃ ସନକ) ଓ ନାରଦଙ୍କୁ ସୃଷ୍ଟି କରିଥିଲେ । ଏମାନେ ସମସ୍ତେ ମନଃ ସମ୍ଭବ । ତେଣୁ ଏମାନେ କେହି ସୃଷ୍ଟି ପ୍ରକ୍ରିୟାରେ ଅଂଶ ଗ୍ରହଣ କଲେ ନାହିଁ । ଯେତେବେଳେ ସ୍ୱୟଂଭୁବ ମନୁ ଓ ଶତରୂପା ଜନ୍ମ ହେଲେ ସେତେବେଳେ ହିଁ ପ୍ରକାଶ ପାଇଲା ସୃଷ୍ଟି କରିବାରେ ଆନନ୍ଦବୋଧ । ପୁରୁଷ ସହିତ ନାରୀର ସାହଚର୍ଯ୍ୟରୁ ଏକ ଅପୂର୍ବ ଉଲ୍ଲାସବୋଧ ସୃଷ୍ଟି ହେଲା । ଏହି ଉଲ୍ଲାସବୋଧ କେବଳ ଦୈହିକ ମିଳନଜନିତ ନୁହେଁ; ପ୍ରେମଜନିତ । ଏହି ଯୁଗ୍ମଜୀବନରୁ ପ୍ରକାଶ ପାଇଲା ନାନା ପ୍ରୟୋଜନ ପରିକଳ୍ପନା । ବାସ, ବସ୍ତ୍ର ଓ ଖାଦ୍ୟ—ଏହି ତ୍ରୟୀ ସମସ୍ୟା ସହିତ ନର ଓ ନାରୀ ହୋଇଗଲେ ଜଡ଼ିତ । ନାରୀ ସାହଚର୍ଯ୍ୟରୁ ଏସବୁ

Digitized by PPRACHIN, SOA

ସାଂସାରିକ ଆବଶ୍ୟକତା ଗୁଡ଼ିକ ଉପରେ ଗୁରୁତ୍ୱ ଆରୋପ କରାଗଲା । ନାରୀ ଯଦି ସୃଷ୍ଟି ହୋଇନଥାନ୍ତା ତେବେ ସାଂସାରିକ ଓ ସାମାଜିକ ପ୍ରୟୋଜନ ପାଇଁ ଉତ୍କଣ୍ଠା ପ୍ରକାଶ ପାଇ ନଥାନ୍ତା କିମ୍ବା ମଣିଷ ଆଜି ଯେଉଁ ପ୍ରଗତିର ଶୀର୍ଷରେ ପହଞ୍ଚି ପାରିଛି ତାହା ମଧ୍ୟ ସମ୍ଭବ ହୋଇ ନଥାନ୍ତା । ନାରୀ ହୋଇଯାଇଛି ତେଣୁ ପୁରୁଷର ଆବିଷ୍କାର ମାର୍ଗରେ ପ୍ରେରଣାର ଉତ୍ସ ।

ନର ଓ ନାରୀଙ୍କର ଯୁଗ୍ମ ଜୀବନ ଯାତ୍ରାରୁ ଜାଗତିକ ସକଳ ଭାବ ବିଭବର ଉଦ୍‌ଭବ ଓ ବିକାଶ । କଳା ଓ ସାହିତ୍ୟ ସେହି ଯୁଗ୍ମ ଜୀବନର ଅମୃତମୟ ଫଳ । ନାରୀ ପ୍ରତି ପୁରୁଷର ପ୍ରେମ ପୁରୁଷ ଭିତରେ ଯେଉଁ ଭାବ ସୃଷ୍ଟି କରେ ତାହାକୁ ସେ ପ୍ରକାଶ କରେ କଳା ଆଉ ସାହିତ୍ୟରେ । ପୁରୁଷ ଯେ କେବଳ ସାହିତ୍ୟରେ ପ୍ରକାଶ କରେ ତାହା ନୁହେଁ; ନାରୀ ମଧ୍ୟ ପ୍ରକାଶ କରେ । ସାହିତ୍ୟ ବା କଳା ପୁରୁଷର ଏକଚାଟିଆ ସଂପତ୍ତି ନୁହେଁ; ସେଥିରେ ନାରୀର ମଧ୍ୟ ଅଛି ସମାନ ଅଧିକାର । ତେବେ ଏହି ଅଧିକାରକୁ କେହି କାହାରିକୁ ଦେଇଦିଏ ନାହିଁ ବା କେହି କାହାରିଠାରୁ ଛଡ଼ାଇ ନେଇ ପାରେ ନାହିଁ । ଏହା ଏପରି ଏକ ଅଧିକାର ଯାହା ନିଜ ଭିତରେ ଆପେ ଜନ୍ମ ନିଏ । ତେଣୁ ଲେଖକ ଯେଉଁ ସାହିତ୍ୟ ସୃଷ୍ଟି କରେ ସେଥିରେ ସେ ନାରୀର ରୂପ-ମାଧୁର୍ଯ୍ୟକୁ ବର୍ଣ୍ଣନା କରେ ଏବଂ ସେହି ବର୍ଣ୍ଣନା ଭିତରେ ସେ ଯେପରି ପାଏ ଗଭୀର ଆନନ୍ଦ । କେବଳ ଲେଖକ ଯେ ଆନନ୍ଦ ପାଏ ତାହା ନୁହେଁ; ପାଠକ-ମାନେ ମଧ୍ୟ ଆନନ୍ଦ ପାଆନ୍ତି । ବାଲ୍ମୀକି, ବ୍ୟାସ, କାଳିଦାସ, ମାଘ, ଶ୍ରୀହର୍ଷ, ଭାରବୀଙ୍କ ଠାରୁ ଆରମ୍ଭ କରି ଉପେନ୍ଦ୍ର, ଅଭିମନ୍ୟୁ, ଦୀନକୃଷ୍ଣ, କବିସୂର୍ଯ୍ୟ, ରାଧାନାଥ, ଗଙ୍ଗାଧରଙ୍କ ପର୍ଯ୍ୟନ୍ତ ବା ଆହୁରି ଆଧୁନିକ ଯୁଗ ପର୍ଯ୍ୟନ୍ତ କିଏ ନାରୀର ରୂପକୁ ବର୍ଣ୍ଣନା ନ କରିଛନ୍ତି ? ବିଶ୍ୱସାହିତ୍ୟରେ ମଧ୍ୟ ଗ୍ରୀକ୍ ନାଟ୍ୟକାରମାନଙ୍କଠାରୁ ଆରମ୍ଭ କରି ହୋମର, ଦାନ୍ତେ, ସେକ୍‌ସପିୟର, ମିଲଟନ, ଜନ ଡନ୍ , ଓ୍ୱାର୍ଡ୍‌ସଓ୍ୱାର୍ଥ, ସେଲି, କୀଟସ, ଟେନିସନ, ଇଲିଅଟଙ୍କ ପର୍ଯ୍ୟନ୍ତ ଏବଂ ଆହୁରି ଏ ପର୍ଯ୍ୟନ୍ତ କିଏ ନାରୀର ରୂପକୁ ସାହିତ୍ୟରୁ ଛାଡ଼ି ଦେଇଛି ? ନାରୀ ରୂପ-ତୃଷ୍ଣା ଅନ୍ତର ଭିତରେ

Digitized by PPRACHIN, SOA

ଯେଉଁ ଉଲ୍ଲାସବୋଧ ସୃଷ୍ଟି କରେ ତାହା ହିଁ ସ୍ରଷ୍ଟାକୁ ଏତାଦୃଶ ବର୍ଣ୍ଣନା କରିବାକୁ ପ୍ରେରଣା ଦିଏ ଓ ସେହି ବର୍ଣ୍ଣନା ମଧ୍ୟ ଦେଇ ଫୁଟି ଉଠେ ସୌନ୍ଦର୍ଯ୍ୟବୋଧ । ଯେଉଁ ଲେଖକଙ୍କର ସୌନ୍ଦର୍ଯ୍ୟବୋଧ ନଥାଏ ସେ କଣ ନାରୀ ରୂପ-ଚର୍ଯ୍ୟା ମଧ୍ୟ ଦେଇ ଦିବ୍ୟ ସୌନ୍ଦର୍ଯ୍ୟକୁ ଫୁଟାଇପାରେ କି ? ଦିବ୍ୟ ସୌନ୍ଦର୍ଯ୍ୟବୋଧହିଁ ନାରୀର ରୂପ ଭିତରେ ଦିବ୍ୟ ଐଶ୍ୱର୍ଯ୍ୟକୁ ଭରିଦିଏ । ସେଇଠି ନାରୀ ଆଉ ସାଧାରଣ ରକ୍ତ ମାଂସ ଦେହଧାରୀ ନାରୀ ନହୋଇ ହୋଇଯାଏ ଏକ ଦେହାତୀତ ସତ୍ତା । ସେହି ସତ୍ତା ସାହିତ୍ୟ ଭିତରେ ଅମୃତମୟ ଝରଣା ହୋଇ ଝରିଯାଏ ଏବଂ ପାଠକ ପ୍ରାଣରେ ତାହା ସୃଷ୍ଟି କରେ ଅନିର୍ବଚନୀୟ ଆନନ୍ଦ ।

କଳା ଓ ସାହିତ୍ୟରେ ନାରୀର ପ୍ରଭାବ ଅପ୍ରତିହତ । ନାରୀର ରୂପଚର୍ଯ୍ୟା କେବଳ ସାହିତ୍ୟକୁ ସ୍ନିଗ୍ଧ ସୁନ୍ଦର କରେ ନାହିଁ; ନାରୀର ଭାବଐଶ୍ୱର୍ଯ୍ୟ ମଧ୍ୟ ସାହିତ୍ୟକୁ କରେ ପ୍ରାଣବନ୍ତ । ଯେଉଁଠି ରୂପ ବର୍ଣ୍ଣନା କେବଳ ଇନ୍ଦ୍ରିୟ ଉତ୍ତେଜକ ଭାବ ସୃଷ୍ଟି କରେ, ସେଠି ତାହା ଶାଶ୍ୱତ କଳା ମୂଲ୍ୟ ହରାଇଦିଏ । ଯେଉଁଠି ରୂପ ଅରୂପକୁ ଗତି କରେ ସେଠି ତାହା ଚିରନ୍ତନ କଳା-ମୂଲ୍ୟ ପ୍ରଦାନ କରେ । ରୂପ ଓ ଅରୂପ-ଅନ୍ୱେଷା ମଧ୍ୟ ଦେଇ ନାରୀ-ଜୀବନ-ଜିଜ୍ଞାସା ଯେଉଁଠି ସୁତୀବ୍ର ହୋଇଉଠେ, ଯେଉଁଠି ତାର ପ୍ରେମବିଚ୍ଛେଦ, ବ୍ୟର୍ଥତା, ବିଫଳତା ଓ ବିପର୍ଯ୍ୟୟ ଶାଣିତ ହୋଇଯାଏ, ଯେଉଁଠି ନାରୀ-ଜୀବନ-ଜିଜ୍ଞାସା ମଧ୍ୟ ଦେଇ ସାମାଜିକ ଜୀବନ-ଜିଜ୍ଞାସା ପ୍ରମୂର୍ତ୍ତ ହୋଇଉଠେ, ସେଇଠି ନାରୀକୁ ନେଇ ସାହିତ୍ୟ ହୋଇଯାଏ ଶାଶ୍ୱତ ଭାବବୋଧର ପ୍ରଚ୍ଛେଦକ । ନାରୀ ବୈଚିତ୍ର୍ୟମୟୀ । ତାର ଜୀବନ ରହସ୍ୟାବୃତ । ସେହି ରହସ୍ୟକୁ ଭେଦ କରିପାରିଥିବା ଶିଳ୍ପୀ ହିଁ ତାର ଯଥାର୍ଥ ରୂପ ସାହିତ୍ୟରେ ଅଙ୍କନ କରେ । କେତେବେଳେ ତାର ମାତୃରୂପକୁ ଅଙ୍କନ କରେ । ମାଆ ଭାବରେ ତାର ତ୍ୟାଗ, ତିତିକ୍ଷା ଓ ବାତ୍ସଲ୍ୟକୁ ଫୁଟାଇଦିଏ । ପ୍ରେମିକା ଭାବରେ ତାର ପ୍ରେମ ଓ କାରୁଣ୍ୟ, ବ୍ୟଥା ଓ ବ୍ୟର୍ଥତାକୁ ପ୍ରକାଶ କରେ । ପତ୍ନୀ ଭାବରେ ତାର ପ୍ରେମ ଓ ମମତା, ତ୍ୟାଗ ଓ ପୂର୍ଣ୍ଣତାକୁ ରୂପ ଦିଏ ।

Digitized by PPRACHIN, SOA

କନ୍ୟା ଭାବରେ ତାର କ୍ରୀଡ଼ା ଓ କୌତୁକକୁ ମଧ୍ୟ ପ୍ରକାଶ କରେ । ପୁନଶ୍ଚ ନାରୀକୁ କେନ୍ଦ୍ର କରି ଯେଉଁ ସଂଘର୍ଷ ଓ ସଂଘାତ ସୃଷ୍ଟି ହୁଏ, ତାକୁ ମଧ୍ୟ ବର୍ଣ୍ଣନା କରେ । ନାରୀ ଜୀବନ ବୃତ୍ତର କେନ୍ଦ୍ର-ବିନ୍ଦୁକୁ ସ୍ପର୍ଶ କରି ସେହି କେନ୍ଦ୍ରର ଭାବ-ରସ ସହିତ ଏକାତ୍ମ ହୋଇପାରିଲେ ଏବଂ ସେହି କେନ୍ଦ୍ରର ଆଶା-ଆକାଂକ୍ଷାକୁ ଆବିଷ୍କାର କରିପାରିଲେ ନାରୀର ଯଥାର୍ଥ ଚିତ୍ର ପ୍ରଦାନ କରିହୁଏ । ଏହା ନହେଲେ ନାରୀର ପ୍ରକୃତ ଭାବ ଆବିଷ୍କୃତ ହୋଇପାରେ ନାହିଁ । ଜଣେ ସାର୍ଥକ ସ୍ରଷ୍ଟା ସାହିତ୍ୟରେ ନାରୀକୁ ଏପରି ଭାବରେ ବର୍ଣ୍ଣନା କରେ, ଯାହା ସମଗ୍ର ସାମାଜିକ ସତ୍ତାକୁ ପ୍ରଭାବିତ କରାଇଦେଇ ଆଉ ଏକ ଉନ୍ନତ ସ୍ତରକୁ ଉତ୍ତୋଳନ କରିନିଏ ।

ବେଦରେ ଯମୀ, ଉର୍ବଶୀ, ଇନ୍ଦ୍ରାଣୀ, ଉଷା ପ୍ରଭୃତି ନାରୀ-ମାନଙ୍କର ବର୍ଣ୍ଣନା ରହିଛି । କେଉଁଠି ନାରୀ ହୋଇଛି ଦେବୀ, କେଉଁଠି ମାନବୀ । ପୁରାଣରେ ନାରୀଙ୍କୁ ନେଇ ସୃଷ୍ଟି ହୋଇଛି ନାନା ଭାବ ଭାବନା । ପୁରାଣର ନାରୀ କେତେବେଳେ ଦେବୀ, କେତେବେଳେ ଦାନବୀ, କେତେବେଳେ ମାନବୀ । ବିଶେଷତଃ ନାରୀର ମାନବୀରୂପ ହୋଇଛି ଅଧିକ ପ୍ରାଣବନ୍ତ । ରାମାୟଣରେ ନାରୀକୁ କେନ୍ଦ୍ର କରି ସଂଘର୍ଷ ସୃଷ୍ଟି ହୋଇଛି । କୌଶଲ୍ୟା, କୈକେୟୀ, ସୁମିତ୍ରା, ସୀତା, ଉର୍ମିଳା, ମାଣ୍ଡବୀ, ଅହଲ୍ୟା, ମନ୍ଥରା, ମନ୍ଦୋଦରୀ, ତାରା, ସୂର୍ପଣଖା ଆଦି କେତେ ନାରୀ ରାମାୟଣ ଭିତରକୁ ଆସିଛନ୍ତି । ପ୍ରତ୍ୟେକେ ଆପଣା ଆପଣା କ୍ଷେତ୍ରରେ ହୋଇଛନ୍ତି ପ୍ରଭାବଶାଳିନୀ । ସୀତାଙ୍କୁ କେନ୍ଦ୍ରକରି ସୃଷ୍ଟି ହୋଇଛି ରାମ ଓ ରାବଣଙ୍କ ଯୁଦ୍ଧ । ନାରୀ-ଧର୍ମର ହୋଇଛି ବିଜୟ । ସେହିପରି ମହାଭାରତରେ ମଧ୍ୟ ବହୁ ନାରୀଙ୍କର ବର୍ଣ୍ଣନା ରହିଛି । ସତ୍ୟବତୀ, ଗଙ୍ଗା, ଗାନ୍ଧାରୀ, କୁନ୍ତୀ, ଦ୍ରୌପଦୀ, ଭାନୁମତୀ, ହିଡ଼ିମ୍ବୀ, ଉଲୁପୀ, ଅହଲ୍ୟା ଆଦି କେତେ ନାରୀ ନାନା ପ୍ରସଙ୍ଗରେ ବର୍ଣ୍ଣିତ ହୋଇଛନ୍ତି । ଦ୍ରୌପଦୀଙ୍କୁ କେନ୍ଦ୍ର କରି ସଂଘର୍ଷ ହୋଇଛି ଭୟଙ୍କର । ଶେଷରେ ରକ୍ତ ନଦୀ ପ୍ରବାହିତ ହୋଇଛି । କାବ୍ୟଯୁଗରେ ନାରୀର କେବଳ ରୂପ-ମାଧୁରୀ ଓ ବିଳାସ-ଚର୍ଯ୍ୟା ବର୍ଣ୍ଣିତ । ଆଧୁନିକ ସାହିତ୍ୟରେ

Digitized by PPRACHIN, SOA

ନାରୀର ବାହ୍ୟରୂପ ବର୍ଣ୍ଣନା ଉପରେ ଗୁରୁତ୍ୱ ପ୍ରଦାନ କରା ନଯାଇ ତାର ଅନ୍ତର୍ନିହିତ ଭାବ-ସତ୍ତା ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ନାରୀ ଜୀବନର ନାନା ସମସ୍ୟା ଆଜିର ସାହିତ୍ୟରେ ଉତ୍କୀର୍ଣ୍ଣ । ହୋମରଙ୍କ ଓଡ଼ିଶୀ ଓ ଇଲିଆଡ଼ଠାରୁ ଆରମ୍ଭ କରି ସେକ୍‌ସପିୟରଙ୍କର ନାଟକାବଳୀ ପର୍ଯ୍ୟନ୍ତ, ମିଲଟନଙ୍କର ପାରାଡ଼ାଇଜ୍ ଲଷ୍ଟଠାରୁ ଆରମ୍ଭ କରି ଆଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରତ୍ୟେକ ଲେଖକଙ୍କ ଲେଖାରେ ନାରୀ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ତେବେ ପ୍ରାଚୀନ ସାହିତ୍ୟରେ ନାରୀର ଯେଉଁ ବର୍ଣ୍ଣନା ଥିଲି, ଆଧୁନିକ ସାହିତ୍ୟରେ ସେପରି ବର୍ଣ୍ଣନା ନାହିଁ । ଆଧୁନିକ ସାହିତ୍ୟରେ ନାରୀର ସମସ୍ୟାକୀର୍ଣ୍ଣ ଜୀବନ ବିଶେଷ ଭାବରେ ରୂପାୟିତ । ବଂଚିବା ପାଇଁ ନାରୀର ଜୀବନ ସଂଗ୍ରାମ, ତାର ଅବଚେତନ ମନର ଭାବ-ଭାବନା, ତାର ପ୍ରେମ ଓ ପ୍ରତାରଣା, ତାର ତ୍ୟାଗ ଓ ସମ୍ଭୋଗ, ତାର ଜୀବନର ନାନାବିଧ ସମସ୍ୟାକୁ ନେଇ ଆଜିର ଲେଖକ ସାହିତ୍ୟ ସୃଷ୍ଟି କରୁଛି । ନାରୀର ରୂପାୟନ ମଧ୍ୟ ଦେଇ ସମଗ୍ର ସାମାଜିକ ଜୀବନ ଯେପରି ହୋଇଉଠୁଛି ଉଦ୍ଭାସିତ । ଆଜିର ସାହିତ୍ୟରେ ନାରୀର ରୂପ ବର୍ଣ୍ଣନା ନାହିଁ; ଅଛି ତାର ଅନ୍ତର୍ନିହିତ ଭାବ ଭାବନାର ରୂପାୟଣ । ନାରୀ ଚରିତ୍ର-ଚିତ୍ରାୟନ ଭିତର ଦେଇ ଯେପରି ଆଜିର ସାହିତ୍ୟରେ ସମଗ୍ର ସାମାଜିକ ସତ୍ତା ହେଉଛି ଉତ୍କୀର୍ଣ୍ଣ । କାବ୍ୟ, କବିତା, ଉପନ୍ୟାସ, ଗଳ୍ପ ଓ ନାଟକ ଇତ୍ୟାଦିରେ ନାରୀର ନାନାବିଧ ସ୍ୱର ଓ ସଂକଳ୍ପ, ଭାବ ଓ ଭାବନା ପ୍ରକାଶ ପାଉଛି ।

କଳା ଓ ସାହିତ୍ୟ ନାରୀକୁ ନେଇ ଆପଣାର ପରିସର ଓ ପରିଧିକୁ ପରିବ୍ୟାପ୍ତ କରିବା ସଙ୍ଗେ ସଙ୍ଗେ ନାରୀ ଜୀବନରେ କିଛି ସତ୍ୟ ଓ ସମ୍ଭାବନାକୁ ସୃଷ୍ଟି କରିବା ପାଇଁ ସକ୍ଷମ ହୋଇଛି । ନାରୀକୁ ଛାଡ଼ିଦେଇ ସୃଷ୍ଟି ଯେପରି ଅସମ୍ଭବ ସେହିପରି ନାରୀକୁ ଛାଡ଼ି କଳା ଓ ସାହିତ୍ୟର ପରିକଳ୍ପନା ମଧ୍ୟ ଅସମ୍ଭବ । କାରଣ କଳା ଓ ସାହିତ୍ୟ ନର ନାରୀଙ୍କ ଜୀବନ-ଚର୍ଯ୍ୟାର ପରିପ୍ରକାଶ । ନାରୀ ଯେହେତୁ ସୃଷ୍ଟିର ଏକ ସର୍ବୋତ୍କୃଷ୍ଟ ଆକର୍ଷଣୀୟ ଶକ୍ତି ଓ ରୂପ ସେହି ହେତୁ ସାହିତ୍ୟରେ ନାରୀର ସ୍ଥାନ ଅପରିହାର୍ଯ୍ୟ । ନାରୀକୁ ନେଇ ଯୁଗେ ଯୁଗେ କଳା ଓ ସାହିତ୍ୟ ଯେ ଧନ୍ୟ ହୋଇଛି; ଏହା ନିର୍ବିବାଦରେ ସତ୍ୟ ।

Digitized by PPRACHIN, SOA

ମନୁଙ୍କ ଦୃଷ୍ଟିରେ ନାରୀ

ଭାରତୀୟ ଧର୍ମ ଶାସ୍ତ୍ରରେ ସମାଜ ଓ ଜୀବନକୁ ଉତ୍ତମ ମାର୍ଗରେ ଚଳାଇବା ପାଇଁ ଯେତେସବୁ ନିୟମ ଓ ନିର୍ଦ୍ଦେଶ ପ୍ରଣୀତ ହୋଇଅଛି 'ମନୁସଂହିତା ବା ମନୁସ୍ମୃତି ସେ ସବୁ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଅଛି । ମନୁଙ୍କଠାରୁ ମାନବ ଜାତିର ଉତ୍ପତ୍ତି । ସେହିଠାରୁ ନାନା ବିକାଶର କ୍ରମ ଦେଇ ମଣିଷ ଜାତି ଗତି କରି ଆସିଅଛି । ନରନାରୀଙ୍କର ସୁସ୍ଥ ଜୀବନ-ଚର୍ଯ୍ୟା ପାଇଁ ମହର୍ଷି ମନୁ ନାନା ଉପଦେଶ ପ୍ରଦାନ କରିଛନ୍ତି ଏବଂ ସେହି ସବୁ ଉପଦେଶ ଯୁଗ ଯୁଗ ଧରି ଆମର ସାମାଜିକ ଜୀବନରେ ଆଇନ ରୂପେ ପ୍ରଚଳିତ ହୋଇଆସିଛି । ଏହି ନିୟମକୁ ଲଂଘନ କରିବା ଅର୍ଥ ଧର୍ମକୁ ଲଂଘନ କରିବା । ଧର୍ମକୁ ଲଂଘନ କରିବା ଅର୍ଥ ଜୀବନକୁ ନରକଗାମୀ କରିବା । ଶୃଙ୍ଖଳିତ ସାମାଜିକ ତଥା ପାରିବାରିକ ଜୀବନ ଯାପନ ପାଇଁ ମନୁଙ୍କ ନିର୍ଦ୍ଦେଶିତ ମାର୍ଗ ଯେ କେତେ ତାତ୍ପର୍ଯ୍ୟପୂର୍ଣ୍ଣ ତାହା ବିଚାରିବା କଥା ।

ମହର୍ଷି ମନୁ ନାରୀ ଜାତିଙ୍କୁ ଉଚ୍ଚତର ସମ୍ମାନ ପ୍ରଦର୍ଶନ କରିଅଛନ୍ତି । ନାରୀ ମାତୃସ୍ୱରୂପା । ପୁରୁଷ ଆପଣାର ପତ୍ନୀ ଭିନ୍ନ ଅନ୍ୟ ନାରୀମାନଙ୍କ ପ୍ରତି ଉଦାର ଓ ମହତ୍ ଭାବ ରଖିବା ଉଚିତ୍ । ଅନ୍ୟର ସ୍ତ୍ରୀକୁ ବା ସମ୍ପର୍କହୀନ ପର ସ୍ତ୍ରୀଙ୍କୁ ମାଆ, ମାଉସୀ ଓ ଭଉଣୀ ବୋଲି ସମ୍ବୋଧନ କଲେ ହୃଦୟରୁ ସମ୍ଭୋଗ ତୃଷ୍ଣା ଲୋପ ପାଇଥାଏ । ପ୍ରତ୍ୟେକ ସ୍ତ୍ରୀ ମାଆ ରୂପରେ ଅଥବା ଭଗିନୀ ରୂପରେ ଆବିର୍ଭୂତା ହୁଅନ୍ତି । ହୃଦୟରେ ପୁତ୍ର ଭାବ ଓ ଭ୍ରାତୃଭାବ ଜାଗ୍ରତ ହେଲେ ପରନାରୀ ପ୍ରତି ଆଉ କାମବାସନା ଜାଗ୍ରତ ହୁଏ ନାହିଁ । ନାରୀକୁ ମନୁ ନାନା ଦୃଷ୍ଟିରୁ ପ୍ରଶଂସା କରିଥିଲେ ମଧ୍ୟ ନାରୀର ଦୋଷ ମଧ୍ୟ ଦେଖାଇ ଅଛନ୍ତି । ଇହଲୋକରେ ନାରୀମାନଙ୍କର

Digitized by PPRACHIN, SOA

ସ୍ୱଭାବ ହେଉଛି ପୁରୁଷଙ୍କୁ ଦୂଷିତ କରିବା । ଯଥାର୍ଥ ଜ୍ଞାନବାନ ବ୍ୟକ୍ତି ଏକଥା ଜାଣି ନାରୀଠାରେ ପ୍ରମତ୍ତ ହୁଅନ୍ତି ନାହିଁ ।

ସ୍ୱଭାବ ଏଷ ନାରୀଣାଂ
ନରାଣାମିହ ଦୂଷଣମ୍
ଅତୋଽର୍ଥାନ୍ନ ପ୍ରମାଦ୍ୟନ୍ତି
ପ୍ରମଦାସୁ ବିପଶ୍ଚିତଃ । ୨୧୩ ।

ମନୁସଂହିତା—୨ୟ ଅଧ୍ୟାୟ

ସଂସାରରେ ମଧ୍ୟ ମନୁଷ୍ୟମାନେ ଦେହ ଧର୍ମରେ ବଶୀଭୂତ ହୋଇଥାନ୍ତି । ଏହି ଦେହ ଧର୍ମ ହିଁ ମନୁଷ୍ୟଙ୍କୁ କାମପ୍ରମତ୍ତ କରିଦିଏ । ଦେହ ଧର୍ମର ଅନ୍ଧ ଅନୁସରଣ ଦ୍ୱାରା ସମସ୍ତେ ନାନା ଦୁଃଖ ଓ ଦୁର୍ଦ୍ଦଶାର ସମ୍ମୁଖୀନ ହୁଅନ୍ତି । ଏହି କାରଣରୁ ମହର୍ଷି ମନୁ ସତର୍କ କରି ଦେଇଛନ୍ତି ଯେ ଅନ୍ୟ ନାରୀ ସହିତ ଏକାନ୍ତରେ ବସିବା ଅନୁଚିତ । ଏପରିକି ମାତା, ଭଗିନୀ ଓ କନ୍ୟା ସହିତ ମଧ୍ୟ ଏକାନ୍ତରେ ବସିବା ଉଚିତ ନୁହେଁ । କାରଣ ଇନ୍ଦ୍ରିୟ ଉତ୍ତେଜିତ ହୋଇ ପୁରୁଷଙ୍କୁ ସଇତାନ ସ୍ତରକୁ ନେଇଯାଏ । ମାତା ପୃଥିବୀ ସ୍ୱରୂପା । ମାତା ଦକ୍ଷିଣାଗ୍ନି ସଦୃଶା । ଯେତେବେଳେ ପୁରୁଷ ନାରୀକୁ ମାଆ ବୋଲି ମାନିନିଏ, ସେତେବେଳେ ତାର କାମପ୍ରବୃତ୍ତି ଲୋପ ପାଇଯାଏ ଓ ତା'ଠାରେ ପୁତ୍ରଭାବ ଜାଗ୍ରତ ହୁଏ । ନାରୀ ରୂପିଣୀ ମାଆ ପାଇଁ ସେ ସବୁକିଛି ତ୍ୟାଗ କରିବାକୁ ଆଗେଇ ଆସେ । ଏପରିକି ଦରକାର ପଡ଼ିଲେ ଆପଣାର ପ୍ରାଣକୁ ମଧ୍ୟ ଉତ୍ସର୍ଗ କରିଦିଏ ।

ନର ଓ ନାରୀ ଗୋଟିଏ ବୀଜର ଦୁଇଟି ପତ୍ର । ଏକକୁ ଛାଡ଼ି ଅନ୍ୟର ସ୍ଥିତି ନାହିଁ । ଉଭୟ ପରସ୍ପରର ପରିପୂରକ । ଉଭୟଙ୍କର ବିବାହ ଜୀବନରେ ପୂର୍ଣ୍ଣତାଆଣେ । ଏହାର ଅର୍ଥ ନୁହେଁ ଯେ, ଯେକୌଣସି ନାରୀକୁ ପତ୍ନୀ ଭାବରେ ଗ୍ରହଣ କରିବା । ଯେଉଁ ନାରୀ ମାଆର ସପିଣ୍ଡ ହୋଇ ନଥିବ ବା ପିତାର ସଗୋତ୍ର ହୋଇ ନଥିବ ସେହିପରି ନାରୀକୁ ବିବାହ କରାଯାଇପାରେ । ପୁଣି ମନୁ ବିବାହ ଯୋଗ୍ୟା କନ୍ୟାର ଦଶ

Digitized by PPRACHIN, SOA

କୁଳକୁ ବାରଣ କରିଛନ୍ତି । ଜାତକର୍ମାଦିରହିତ ସ୍ଥାନ ନିୟା, ପୁତ୍ର ଜାତ ହୋଇ ନଥିବା ନିଷ୍ପୁରୁଷ, ବେଦପାଠରହିତ, ବହୁ ଲୋମଯୁକ୍ତ, ଅର୍ଶ ରୋଗାକ୍ରାନ୍ତ, ରାଜଯକ୍ଷ୍ମା ରୋଗାକ୍ରାନ୍ତ, ଅଗ୍ନିମାନ୍ଦ୍ୟ ରୋଗଯୁକ୍ତ, ଅପସ୍ମାର ରୋଗଯୁକ୍ତ, ଧବଳ କୁଷ୍ଠ ଓ ଗଳିତ କୁଷ୍ଠ ରୋଗଯୁକ୍ତ ନାରୀଙ୍କୁ ବିବାହ କରିବା ଅନୁଚିତ । ଆହୁରି ମଧ୍ୟ ମନୁ କହନ୍ତି, କପିଳ ବର୍ଣ୍ଣ କେଶଯୁକ୍ତା ମୋର୍ଚ୍ଚୀ, ରୋଗିଣୀ, ଲୋମହୀନା, ଅତିଲୋମଯୁକ୍ତା, ବାଚାଳା ଓ ବାଇଁଶି ଆଖିଯୁକ୍ତା କନ୍ୟାକୁ ବିବାହ କରିବା ଉଚିତ ନୁହେଁ । (ମନୁ ସଂହିତା ୩ୟ ଅଧ୍ୟାୟ) । ଯେଉଁ ନାରୀର ନାମ ନକ୍ଷତ୍ର, ବୃକ୍ଷ, ନଦୀ, ମ୍ଳେଚ୍ଛ, ପର୍ବତ, ପକ୍ଷୀ, ସର୍ପ, ଗୃହ ଆଦିଙ୍କ ନାମ ସହିତ ଯୁକ୍ତ ରହିଛି, ସେପରି ନାରୀକୁ ମଧ୍ୟ ବିବାହ କରିବା ପାଇଁ ମନୁ ନିଷେଧ କରିଛନ୍ତି । ମନୁ ବ୍ରାହ୍ମଣ୍ୟ ସଂସ୍କୃତିର ନିୟାମକ ହୋଇଥିବାରୁ ବ୍ରାହ୍ମଣାଦି ଉଚ୍ଚ ବର୍ଣ୍ଣର ଶୂଦ୍ର କନ୍ୟା ସହିତ ବିବାହକୁ ବିରୋଧ କରିଅଛନ୍ତି । ଶୂଦ୍ରାକୁ ବିବାହ କଲେ ପାପ ହୁଏ ବୋଲି ତାଙ୍କର ମତ । ଆଧୁନିକ ଯୁଗରେ ମନୁଙ୍କର ଏତାଦୃଶ ଅଭିମତ ଆଉ ଗୃହୀତ ନୁହେଁ । ଯେତେବେଳେ ସବୁ ମଣିଷ ଜାତି ଏକ ହେବାକୁ ଯାଉଛି, ସେତେବେଳେ ମନୁଙ୍କର ଏପରି ଅଭିମତ ନିଶ୍ଚୟ ବିଭେଦ ସୃଷ୍ଟି କରିବ ।

ବିବାହ ସମ୍ପର୍କରେ ମନୁ ବ୍ରାହ୍ମ, ଦୈବ, ଆର୍ଷ, ପ୍ରାଜାପତ୍ୟ, ଆସୁର, ଗାନ୍ଧର୍ବ, ରାକ୍ଷସ ଓ ପୈଶାଚ ଆଦି ଆଠଟି ବିଧି ବିଶ୍ଳେଷଣ କରିଅଛନ୍ତି । ବ୍ରାହ୍ମଣ ପାଇଁ ବ୍ରାହ୍ମ, ଦେବ, ଆର୍ଷ, ପ୍ରାଜାପତ୍ୟ, ଆସୁର ଓ ଗାନ୍ଧର୍ବ ଏବଂ କ୍ଷତ୍ରିୟ ପାଇଁ ଆର୍ଷ, ପ୍ରାଜାପତ୍ୟ, ଆସୁର ଓ ଗାନ୍ଧର୍ବ ବିବାହକୁ ଶ୍ରେଷ୍ଠ ବିବାହ ବୋଲି କୁହାଯାଇଛି । (୩ୟ ଅଧ୍ୟାୟ, ୨୩) ବୈଶ୍ୟ ଓ ଶୂଦ୍ରଙ୍କ ପକ୍ଷରେ ମଧ୍ୟ ଶେଷୋକ୍ତ ଚାରି ବିବାହ ଶ୍ରେଷ୍ଠ । ରାକ୍ଷସ ଓ ପୈଶାଚ ବିବାହ କାହାରି ପ୍ରତି ଅନୁକୂଳ ନୁହେଁ । ଯେଉଁଠି ବିଦ୍ୟା-ବାନ୍ ଓ ସଦାଚାରସଂପନ୍ନ ବରକୁ ନୂତନ ବସ୍ତ୍ର ଭୂଷଣାଦି ପ୍ରଦାନ କରାଯାଇ ଆଦର ସହକାରେ କନ୍ୟାଦାନ କରାଯାଏ ତାହାକୁ ବ୍ରହ୍ମ ବିବାହ, ଯେଉଁଠି ଋତ୍ୱିକ ବରକୁ ବସ୍ତ୍ର ଓ ଅଳଙ୍କାର ପିନ୍ଧାଇ କନ୍ୟା-ଦାନ କରାଯାଏ ତାହାକୁ ଦେବ ବିବାହ, ଯେଉଁଠି ବରଠାରୁ ଗାଈ

Digitized by PPRACHIN, SOA

ବଳଦ ଯୋଡ଼ିଏ ଅଥବା ଦୁଇ ଯୋଡ଼ା ଯଜ୍ଞାର୍ଥ ସକାଶେ ନେଇ କନ୍ୟା-ଦାନ କରାଯାଏ ତାହାକୁ ଆର୍ଷ ବିବାହ, ଯେଉଁଠି ବର ଓ କନ୍ୟାଙ୍କୁ ମିଳିତ ହୋଇ ଧର୍ମରେ ଜୀବନ କଟାଇବାକୁ କୁହାଯାଇ କନ୍ୟାଦାନ କରାଯାଏ ତାହାକୁ ପ୍ରାଜାପତ୍ୟ ବିବାହ, ଯେଉଁଠି ବରର ପିତା ମାତାଙ୍କ କନ୍ୟାକୁ ଯଥା ଶକ୍ତି ଧନ ଦେଇ କନ୍ୟାକୁ ଦାନ କରନ୍ତି ତାହାକୁ ଆସୁର ବିବାହ, ଯେଉଁଠି ବର ଓ କନ୍ୟାର ପରସ୍ପର ଅନୁରାଗର ଯେଉଁ କାମ ଜନକ ମିଳନ ହୁଏ ତାହାକୁ ପ୍ରାଜାପତ୍ୟ ବିବାହ, ଯେଉଁଠି ଜବରଦସ୍ତ ଗାଳିମନ୍ଦ ଦେଇ ଓ ମାଡ଼ ଦେଇ କନ୍ୟାକୁ ହରଣ କରିନିଆଯାଏ ତାହାକୁ ରାକ୍ଷସ ବିବାହ, ନିଦ୍ରାଭିଭୂତା ବା ମଦ୍ୟପାନ ବିହ୍ୱଳା କନ୍ୟା ନିକଟକୁ ଗୋପନ ଭାବରେ ଯିବାକୁ ପୈଶାଚ ବିବାହ ବା ପାପିଷ୍ଠ ବିବାହ କୁହାଯାଏ । ବିବାହ ପରେ ନାରୀ ଯେଉଁ ଗୃହକୁ ବଧୂ ହୋଇ ଆସେ ସେହି ଗୃହ ତାର ହୋଇଯାଏ ସ୍ୱର୍ଗ ସଦୃଶ । ତାହାକୁ ସେ ଆପଣାର କରିନିଏ । ନିଜର ତ୍ୟାଗ, ସେବା, ପ୍ରେମ ଓ କର୍ତ୍ତବ୍ୟ ନିଷ୍ଠା ଦ୍ୱାରା ସେହି ଗୃହକୁ ସେ ମଧୁମୟ କରେ । ନାରୀ ଯଦି ସେହି ଘରେ ଆଦର, ଯତ୍ନ, ସମ୍ମାନ ନ ପାଏ ସେଠାରେ ଦେବତା ପ୍ରସନ୍ନ ରହନ୍ତି ନାହିଁ । ସ୍ତ୍ରୀମାନଙ୍କର ପୂଜା ନଥିବା ଗୃହର ସମସ୍ତ କର୍ମ ନିଷ୍ଫଳ ହୋଇ-ଯାଏ । ଯେଉଁ ବଂଶରେ ନାରୀମାନେ ନାନାବିଧ କଷ୍ଟ ପାଇ କ୍ରନ୍ଦନ କରନ୍ତି, ସେହି ବଂଶ ଶୀଘ୍ର ନଷ୍ଟ ହୋଇଯାଏ । ଯେଉଁ ପରିବାରରେ ସେମାନଙ୍କର କୌଣସି ଦୁଃଖ ନଥାଏ, ଧନେ ହେଲେ ସେମାନଙ୍କ ନୟନରୁ ଅଶ୍ରୁ ଗଡ଼େନାହିଁ, ସେହି ବଂଶର ଶ୍ରୀବୃଦ୍ଧି ହୁଏ । ଯେଉଁଠି ସ୍ତ୍ରୀଲୋକମାନେ ଅପୂଜିତା ହୋଇ ଅଭିଶାପ ଦିଅନ୍ତି ସେହି ଘର ସକଳ ବିଷୟ ସହିତ ଅଚିରେ ଧ୍ୱଂସ ହୋଇଯାଏ ।

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ
ତତ୍ର ଦେବତାଃ
ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବା-
ସ୍ତତ୍ରାଫଳାଃ କ୍ରିୟାଃ । ୫୬ ।

Digitized by PPRACHIN, SOA

ଶୋଚନ୍ତି ଜାମୟୋ ଯତ୍ର ବନ—
ଶ୍ୟତ୍ୟାଶୁତତ୍କୁଳମ୍
ନ ଶୋଚନ୍ତି ତୁ ଯତ୍ରୈତା ବର୍ଦ୍ଧତେ
ତଦ୍ଧି ସର୍ବଦା । ୫୭ ।
ଜାମୟୋ ଯାନି ଗେହାନି
ଶପନ୍ତ୍ୟ ପ୍ରତିପୂଜିତାଃ
ତାନି କୃତ୍ୟାହତାନୀବ
ବିନଶ୍ୟନ୍ତି ସମନ୍ତତଃ । ୫୮ ।

ମନୁ ସଂହିତା—୩ୟ ଅଧ୍ୟାୟ

ପତି ଓ ପତ୍ନୀ ଉଭୟ ସନ୍ତୁଷ୍ଟ ହେଲେ ସେହି ପରିବାରର କଲ୍ୟାଣ ହୁଏ । ସ୍ତ୍ରୀ ଶୋଭାଯୁକ୍ତା ଓ ମନୋହାରିଣୀ ହେଲେ ଗୃହର ଶ୍ରୀବୃଦ୍ଧି ହୁଏ । ଯେଉଁ ପରିବାରରେ ସ୍ୱାମୀ ଓ ସ୍ତ୍ରୀ ଉଭୟ ପରସ୍ପର ପ୍ରତି ସନ୍ତୁଷ୍ଟ, ସେହି ପରିବାରରେ ସର୍ବଦା କଲ୍ୟାଣ ବିଦ୍ୟମାନ ରହେ । ମନୁ ମଧ୍ୟ ଏ ପ୍ରସଙ୍ଗରେ କହିଛନ୍ତି—

'ସନ୍ତୁଷ୍ଟୋ ଭାର୍ଯ୍ୟାୟା ଭର୍ତ୍ତା
ଭର୍ତ୍ତ୍ରାଂ ଭାର୍ଯ୍ୟା ତଥୈବ ଚ
ଯସ୍ମିନ୍ନେବ କୁଳେନିତ୍ୟଂ
କଲ୍ୟାଣଂ ତତ୍ର ବୈଧ୍ରୁବମ୍' । ୬୦ ।

ସ୍ୱାମୀ ଓ ସ୍ତ୍ରୀ ପରସ୍ପରକୁ ଭଲ ପାଇଲେ, ଜଣେ ଅନ୍ୟଜଣଙ୍କ ପାଇଁ ଆତ୍ମୋତ୍ସର୍ଗ କଲେ, ଜଣକର ଦୁଃଖରେ ଅନ୍ୟ ଜଣେ ଦୁଃଖୀ ହେଲେ, ଜଣକର ସୁଖରେ ଅନ୍ୟ ଜଣେ ସୁଖୀ ହେଲେ ଉଭୟଙ୍କର ଜୀବନ ଆନନ୍ଦମୟ ହୁଏ ଏବଂ ପରିବାର ହୁଏ ମଧୁମୟ । ସ୍ତ୍ରୀର କଲ୍ୟାଣ-ମୟ ଧର୍ମ ପରିବାରକୁ ସୁନ୍ଦର ଓ ସୁଖମୟ କରେ । ଯେଉଁଠି ନାରୀ ଆପଣାର ସ୍ୱାମୀ ଥିଲେ ମଧ୍ୟ ପରପୁରୁଷ ସହିତ ଗୋପନରେ ରତିକ୍ରୀଡ଼ା କରେ, ସେଇଠି ସେ ବ୍ୟଭିଚାରିଣୀ ହୁଏ । ସେହି ବଂଶ ମଧ୍ୟ କଳଙ୍କିତ

Digitized by PPRACHIN, SOA

ହୋଇଯାଏ । ସ୍ତ୍ରୀ ଧର୍ମ ସଂପର୍କରେ ମନୁ ନାନା ବିଷୟ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ସ୍ତ୍ରୀ ସଂଗ୍ରହଣକୁ ନିନ୍ଦା କରିଅଛନ୍ତି । ସ୍ତ୍ରୀ ସଂଗ୍ରହକାରୀ ପୁରୁଷଙ୍କୁ କଠୋର ଦଣ୍ଡ ଦେବାର ବ୍ୟବସ୍ଥା ମଧ୍ୟ ସେ କରିଦେଇଛନ୍ତି । ଯେଉଁଠି ନାରୀ ଫଁଟିବା ପାଇଁ ଅନ୍ୟ ପୁରୁଷ ସହିତ ମିଳିତ ହୁଏ, ସେଠି ସ୍ତ୍ରୀକୁ ଦୋଷ ଦିଆଯାଏ ନାହିଁ । କିନ୍ତୁ କୌଣସି କନ୍ୟା ବା ନାରୀ ପ୍ରତି ବଳାତ୍କାର କରି ତାର କନ୍ୟାତ୍ୱ ବା ନାରୀତ୍ୱକୁ ନଷ୍ଟ କରିଥିବା ପୁରୁଷକୁ କଠୋର ଦଣ୍ଡବିଧାନ ପାଇଁ ନିର୍ଦ୍ଦେଶ ରହିଛି । ଯେଉଁ ସ୍ତ୍ରୀ ନିଜର ପିତା ବା ବନ୍ଧୁ-ବାନ୍ଧବଙ୍କ ଧର୍ମ ମଦ-ମଦ ଓ କ୍ଷମତା-ମଦରେ ପ୍ରମତ୍ତ ହୋଇ ନିଜର ସ୍ୱାମୀଙ୍କୁ ଛାଡ଼ି ଅନ୍ୟ ପୁରୁଷ ସହିତ ସମ୍ଭୋଗ କରେ, ତାହାକୁ ବହୁ ଲୋକଙ୍କ ସମକ୍ଷରେ କୁକୁର ଦ୍ୱାରା ଖୁଆଇବାର ବ୍ୟବସ୍ଥା ଦେଇଛନ୍ତି ଏବଂ ସେହିପରି ବ୍ୟଭିଚାରୀ ପୁରୁଷକୁ ତତଲା ଲୌହଶଯ୍ୟାରେ ଶୁଆଇ ଦାହ କରିବା ପାଇଁ ମନୁ ଉଲ୍ଲେଖ କରିଛନ୍ତି । ପର ସ୍ତ୍ରୀ ସମ୍ଭୋଗକାରୀ ପୁରୁଷଙ୍କର ନାସାକର୍ଣ୍ଣ ଛେଦନର ବିଧାନ ମଧ୍ୟ ଦେଇଛନ୍ତି ମନୁ । ପର ନାରୀ ସଂପର୍କକୁ ସର୍ବୁମତେ ଦୋଷାବହ ବୋଲି କହି ଏପରି ସମ୍ଭୋଗକାରୀ ପୁରୁଷ ଓ ନାରୀ ଉଭୟଙ୍କୁ ଦଣ୍ଡ ଦିଆଯିବା ଉଚିତ ବୋଲି ମହର୍ଷି ମନୁଙ୍କର ମତ ।

ସ୍ତ୍ରୀ ଓ ପୁରୁଷ ଧର୍ମ ମାର୍ଗରେ ଏକତ୍ର ଅବସ୍ଥାନ କଲେ ପରସ୍ପର ପ୍ରତି ପ୍ରେମ ପ୍ରଗାଢ଼ ହୁଏ । ସ୍ତ୍ରୀମାନଙ୍କୁ କୌଣସିମତେ ସ୍ୱାଧୀନ ଭାବରେ ରହିବାକୁ ଦେବା ଉଚିତ ନୁହେଁ । କାରଣ ଏହାଦ୍ୱାରା ସ୍ତ୍ରୀର ସ୍ୱାମୀ ବା ସ୍ୱଜନମାନଙ୍କ ପ୍ରତି ଥିବା ପ୍ରେମ ହ୍ରାସ ପାଏ । ଗୃହର ଅନ୍ୟାନ୍ୟ କାର୍ଯ୍ୟରେ ସେମାନଙ୍କୁ ବ୍ୟାପୃତ ରଖାଯିବା ଉଚିତ । ମନୁଙ୍କର ମତ ସ୍ତ୍ରୀଲୋକ କଦାପି ସ୍ୱାତନ୍ତ୍ର୍ୟର ଯୋଗ୍ୟା ନୁହେଁ—'ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି ।' ଏହାର ଅର୍ଥ ନୁହେଁ ଯେ, ସ୍ତ୍ରୀକୁ ଅବିଶ୍ୱାସ କରି ତାକୁ ଆବଦ୍ଧ କରି ରଖିବା । ଗୃହ ଓ ସ୍ୱଜନମାନଙ୍କ ପ୍ରତି ଯେପରି ତାର ମମତା ବୃଦ୍ଧି ପାଇବ—ତାର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ପାଇଁ ଉଦ୍ୟମ ହେବା ଉଚିତ ବୋଲି ମନୁ କହିଅଛନ୍ତି । ଯେଉଁ ସ୍ୱାମୀ ଯତ୍ନ ପୂର୍ବକ ନିଜର ପତ୍ନୀକୁ ରକ୍ଷା କରେ, ସେ ନିଜର ବଂଶର ମର୍ଯ୍ୟାଦାକୁ ହିଁ ରକ୍ଷା କରେ । ପତି ହିଁ ଭାର୍ଯ୍ୟା ଭିତରେ ପ୍ରବେଶ କରି ଗର୍ଭରୂପ ହୋଇ

Digitized by PPRACHIN, SOA

ସଂସାରରେ ପୁନର୍ବାର ସନ୍ତାନ ରୂପେ ଜନ୍ମ ନିଏ । ଏହା ହିଁ ଜାୟାର ଜାୟାତ୍ୱ—'ପତିର୍ଭାର୍ଯ୍ୟାଂ ସମ୍ପ୍ରବିଶ୍ୟ ଗର୍ଭୋ ଭୂତ୍ୱେହ ଜାୟତେ/ଜାୟାୟାସ୍ତଦ୍ଧି ଜାୟାତ୍ୱଂ ଯଦସ୍ୟାଂ ଜାୟତେ ପୁନଃ ।' (୯।୮) ଅତଏବ ସ୍ତ୍ରୀ ଯେପରି ଭାବରେ ସ୍ୱାମୀକୁ ଭାବେ ବା ସମ୍ମାନ ଦିଏ; ସେହିପରି ଭାବରେ ସେ ପୁତ୍ର ସନ୍ତାନ ଜାତ କରେ । ସତ୍ ପୁତ୍ର ବା ସତ୍ ସନ୍ତାନ ଲାଭ ପାଇଁ ଭାର୍ଯ୍ୟାକୁ ଯତ୍ନପୂର୍ବକ ରକ୍ଷା କରିପିବା ଏକାନ୍ତ କର୍ତ୍ତବ୍ୟ । ସ୍ତ୍ରୀର କାର୍ଯ୍ୟ ସ୍ୱାମୀର ଆୟ ଲବ୍ଧ ଅର୍ଥକୁ ଗ୍ରହଣ କରିବା ଓ ସେହି ଅର୍ଥରେ ଉପଯୁକ୍ତ ଭାବରେ ଗୃହ ଚଳାଇବା । ଶୌଚ, ଧର୍ମ, ଅନ୍ନପାକ ଓ ଘରକରଣା ଦେଖିବା ମଧ୍ୟ ଭାର୍ଯ୍ୟାର କର୍ତ୍ତବ୍ୟ । ମଦ୍ୟପାନ, ଦୁର୍ଜନ ସଂସର୍ଗ, ପତି ବିରହ, ଇତସ୍ତତଃ ଭ୍ରମଣ, ଅକାଳ ନିଦ୍ରା ଓ ପର ଗୃହବାସ—ଏହି ଛଅଟି ଗୁଣ ପତ୍ନୀ ପକ୍ଷରେ ଅତ୍ୟନ୍ତ ଦୋଷାବହ । ନାରୀ ଯଦି ନିଜକୁ ପବିତ୍ର ନରଖେ ତାକୁ ଯେତେ ଆକଟ କଲେ ମଧ୍ୟ ସେ ପବିତ୍ର ରହେ ନାହିଁ । ନାରୀ ପବିତ୍ର ରହିଲେ, କେବଳ ସେହି ପରିବାର ପବିତ୍ର ରହେ ନାହିଁ; ଅପରପକ୍ଷରେ ସମଗ୍ର ସମାଜ ଜୀବନ ପବିତ୍ର ରହେ । ମନୁ ପୁଣି କହନ୍ତି ଯେ, ଶଯ୍ୟା, ଅଶନ, ଅଳଙ୍କାର, କାମ, କ୍ରୋଧ, କୁଟିଳତା, ଦ୍ରୋହଭାବ ଓ କୁତ୍ସିତାଚାର ଇତ୍ୟାଦି ସ୍ତ୍ରୀ ଲୋକ ହେତୁ ଜାତ ହୋଇଅଛି । ସ୍ତ୍ରୀଲୋକଙ୍କର ଜାତକର୍ମାଦି କ୍ରିୟା ତେଣୁ ମନ୍ତ୍ର ଦ୍ୱାରା ହୁଏ ନାହିଁ । ସେମାନେ ଇନ୍ଦ୍ରିୟବିହୀନା ଓ ମନ୍ତ୍ରଶୂନ୍ୟା । ନୀଚ କୁଳରେ ଜାତ ସ୍ତ୍ରୀ ଉଚ୍ଚ କୁଳରେ ଜାତ ପୁରୁଷ ସଂପର୍କରେ ଆସିଲେ ପତିର ଶୁଭଗୁଣ ଦ୍ୱାରା ଉତ୍କର୍ଷ ଲାଭ କରେ । ପତି ଯଦି ଏକପତ୍ନୀ ବ୍ରତ ହୁଏ, ପତ୍ନୀ ମଧ୍ୟ ଏକ ପତିବ୍ରତ ହୁଏ । ପତି ଯେଉଁଠି ବହୁନାରୀ ସମ୍ପର୍କ ସ୍ଥାପନ କରେ, ସେଠି ପତ୍ନୀ ମଧ୍ୟ ବହୁପୁରୁଷ କାମନା କରେ । ନାରୀ ସନ୍ତାନ ଜନ୍ମ ଦିଏ । ତେଣୁ ସେମାନେ ଭାଗ୍ୟବତୀ ଓ ପୂଜାଯୋଗ୍ୟା । ସେମାନେ ଗୃହର ଶୋଭା ସମ୍ପଦ ସ୍ୱରୂପା । ତେଣୁ ସେମାନେ ଏକାଧାରରେ ଶ୍ରୀ ଓ ଲକ୍ଷ୍ମୀ । ମନୁ ଏଥିପାଇଁ କହନ୍ତି—

Digitized by PPRACHIN, SOA

"ପ୍ରଜାନାର୍ଥଂ ମହାଭାଗାଃ
ପୂଜାର୍ହା ଗୃହଦୀପ୍ତୟଃ
ସ୍ତ୍ରୀୟଃ ଶ୍ରିୟଶ୍ଚ ଗେହେଷୁ
ନ ବିଶେଷୋଽସ୍ତି କାଶ୍ଚନ ।" ୯।୨୬

ନାରୀ ଯେତେବେଳେ ପତ୍ନୀ ରୂପରେ ଅବତୀର୍ଣ୍ଣା ହୁଏ ସେତେବେଳେ ସେ କେବଳ ସନ୍ତାନ ଜନ୍ମ ଦିଏ ନାହିଁ । ସେହି ସନ୍ତାନମାନଙ୍କର ଯତ୍ନ ନିଏ, ଅତିଥିମାନଙ୍କର ସତ୍କାର କରେ, ସାଂସାରିକ ଯାବତୀୟ କାର୍ଯ୍ୟ ନିର୍ବାହ କରେ । କାୟମନୋବାକ୍ୟରେ ସେ ସଂଯତ ହୋଇ ପତିକୁ ଭକ୍ତି କରେ । କେବେହେଲେ ସେ ପତିକୁ ଅତିକ୍ରମ କରିଯାଏ ନାହିଁ । ଯେଉଁଠି ପତ୍ନୀ ତାର ସ୍ୱାମୀକୁ ଅତିକ୍ରମ କରି ବ୍ୟଭିଚାର କରେ, ସେଇଠି ସେ ଇହଲୋକରେ ନିନ୍ଦା ପାଏ । ଜନ୍ମାନ୍ତରରେ ମଧ୍ୟ ସେ ଶୃଗାଳ ଯୋନି ଲାଭକରେ । ଏପରିକି ସେ କୁଷ୍ଠାଦି ମାରାତ୍ମକ ବ୍ୟାଧିଗ୍ରସ୍ତା ହୋଇଯାଏ । ସ୍ତ୍ରୀ କ୍ଷେତ୍ର । ପୁରୁଷ ବୀଜ ସ୍ୱରୂପ । କ୍ଷେତ୍ର ଓ ବୀଜର ଏକତ୍ର ସଂଯୋଗରୁ ଦେହଧାରୀଙ୍କର ଉତ୍ପତ୍ତି । କ୍ଷେତ୍ର ଓ ବୀଜର ସମନ୍ୱୟରେ ଉତ୍ତମ ସନ୍ତାନ ଜନ୍ମ ନିଏ । କ୍ଷେତ୍ର ଅସତ୍ ହେଲେ ବୀଜ ବ୍ୟର୍ଥ ହୁଏ । ବୀଜ ଅସତ୍ ହେଲେ କ୍ଷେତ୍ର ମଧ୍ୟ ଅସାର ହୋଇଯାଏ ।

ସନ୍ତାନହୀନା ନାରୀ ନିୟୋଗ ବିଧି ଦ୍ୱାରା ସନ୍ତାନ ଉତ୍ପାଦନ କରିବା ପାଇଁ ଶାସ୍ତ୍ରରେ ବ୍ୟବସ୍ଥା ରହିଛି । ମନୁ ଏ କଥାକୁ ମଧ୍ୟ ଅନୁମୋଦନ କରିଅଛନ୍ତି । କେଉଁ କେଉଁ କ୍ଷେତ୍ରରେ ନିୟୋଗ ବିଧି କରାଯିବା ଉଚିତ ସେ ବିଷୟରେ ମନୁ ଉଲ୍ଲେଖ କରିଛନ୍ତି । ବିଧବା ମଧ୍ୟ ନିୟୋଗ ବିଧି ଦ୍ୱାରା ପୁତ୍ର ଜାତ କରିପାରେ । ମହାଭାରତରେ ଅମ୍ବିକା ଓ ଅମ୍ବାଳିକା ନିୟୋଗ ବିଧିଦ୍ୱାରା ବ୍ୟାସଙ୍କଠାରୁ ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ଜନ୍ମ ଦେଇଥିଲେ । ତେବେ ନିୟୋଗ ବିଧି କାମସୁଖ ପାଇଁ ଅଭିପ୍ରେତ ନୁହେଁ, ବଂଶରକ୍ଷା ପାଇଁ ଉଦ୍ଦିଷ୍ଟ । ପତ୍ନୀ ସ୍ୱାମୀକୁ ସମ୍ମାନ ଦିଏ । ସ୍ୱାମୀର ଅନୁଗତା ହୁଏ । ଯଦି ସ୍ୱାମୀ ପତ୍ନୀକୁ ଭରଣପୋଷଣ କରି

Digitized by PPRACHIN, SOA

ନପାରେ ସେ କ୍ଷେତ୍ରରେ ପତ୍ନୀ ଅନ୍ୟ କୌଣସି କାର୍ଯ୍ୟ କରି ଜୀବିକା ନିର୍ବାହ କଲେ ତାହା ଦୋଷାବହ ହୁଏ ନାହିଁ । ନିଜର ସ୍ୱାମୀକୁ ଛାଡ଼ି ପତ୍ନୀ ଦ୍ୟୂତ କ୍ରୀଡ଼ାଦି ପ୍ରମତ୍ତ ଓ ମଦ୍ୟାସକ୍ତ ପୁରୁଷ ସହିତ ରତିସୁଖ ଲାଭ କଲେ ସେ ନିନ୍ଦନୀୟା ହୁଏ । ସେପରି ସ୍ତ୍ରୀକୁ ପରିତ୍ୟାଗ କରିଦେବାକୁ ମନୁ ଉଲ୍ଲେଖ କରିଅଛନ୍ତି । କାରଣ ନ ମାନି ସ୍ତ୍ରୀ ଯଦି ବିବାହାଦି ଉତ୍ସବ-ମାନଙ୍କରେ ମଦ୍ୟପାନ କରେ ଅଥବା ନୃତ୍ୟାଦି ସ୍ଥାନକୁ ସ୍ୱାଧୀନ ଭାବରେ ଯାଏ, ସେପରି ସ୍ତ୍ରୀକୁ ଦଣ୍ଡ ଦିଆଯିବା ପାଇଁ ମନୁ ସଂହିତାରେ ନିର୍ଦ୍ଦେଶ ରହିଛି । ପୁନଶ୍ଚ ମନୁ କହନ୍ତି ଯେ, ଅଯୋଗ୍ୟ, ଅସମର୍ଥ ଓ ଚରିତ୍ରହୀନ ବ୍ୟକ୍ତିକୁ କନ୍ୟାଦାନ କରିବା ଅପରାଧ । କନ୍ୟାଦାନ କରି କୌଣସି ପ୍ରକାର ଶୁଳ୍କ ଗ୍ରହଣ କରିବା ମଧ୍ୟ ପାପ ।

ନାରୀ ଧର୍ମ, ପତ୍ନୀ ଧର୍ମ, ପତ୍ନୀର ଯୋଗ୍ୟତା, ପରିବାରରେ ପତ୍ନୀର ଭୂମିକା, ସମ୍ପତ୍ତିରେ ନାରୀର ଅଧିକାର, ବିଧବାର ସମସ୍ୟା ଓ ପ୍ରତିଷ୍ଠା ଇତ୍ୟାଦି ନାନା ବିଷୟରେ ମନୁ ତାଙ୍କର ସଂହିତାରେ ଉଲ୍ଲେଖ କରିବା ସଙ୍ଗେ ସଙ୍ଗେ ନାରୀର ସଂଯତ ଜୀବନ-ଚର୍ଯ୍ୟା ଉପରେ ଗୁରୁତ୍ୱ ଦେଇଛନ୍ତି । ମହୀୟସୀ ନାରୀ ଯେ ଯୁଗେ ଯୁଗେ ପୂଜନୀୟା; ଏଥିରେ ସନ୍ଦେହ ନାହିଁ । ଯେଉଁଠି ନାରୀ ସ୍ୱେଚ୍ଛାଚାରିଣୀ ହୋଇଯାଏ, ସେଇଠି ତାର ଜୀବନ କେବଳ ବିପର୍ଯ୍ୟସ୍ତ ହୁଏ ନାହିଁ, ପରିବାର ଓ ସମସ୍ତ ସମାଜ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇଯାଏ । କୌଣସି ଶୃଙ୍ଖଳା ରହେ ନାହିଁ, ନୀତି ଓ ଆଦର୍ଶ ମଧ୍ୟ ରହେ ନାହିଁ । ପୁରୁଷ କାମାସକ୍ତ ଓ ବହୁ-ନାରୀ ସମ୍ଭୋଗକାମୀ ହୋଇ ନାରୀ ଉପରେ କର୍ତ୍ତୃତ୍ୱ ବିସ୍ତାର କରିବା ନିରର୍ଥକ । ପୁରୁଷ ସଂଯତ ଓ ଶୃଙ୍ଖଳିତ ନହେଲେ ନାରୀ ଶୃଙ୍ଖଳିତା ହୁଏ ନାହିଁ । ଅସଚ୍ଚରିତ୍ର ଓ କାମୀ ପୁରୁଷଙ୍କ ପ୍ରତି ମନୁ ମଧ୍ୟ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରିଅଛନ୍ତି । ବାରମ୍ବାର ସେ ଚେତେଇ ଦେଇ-ଛନ୍ତି ଯେ, ନାରୀ ଓ ପୁରୁଷର ସୃଷ୍ଟି କେବଳ କାମ ପିପାସା ଚରିତାର୍ଥ ପାଇଁ ନୁହେଁ, ସୃଷ୍ଟିର ଧାରାକୁ ଅକ୍ଷତ ଭାବରେ ଆଗେଇ ନେବାପାଇଁ ଅଭିପ୍ରେତ । ନାରୀ ପ୍ରତି ପୁରୁଷର ସମ୍ମାନ ଓ ମର୍ଯ୍ୟାଦାବୋଧ ଏବଂ ପୁରୁଷ ପ୍ରତି ନାରୀର ଭକ୍ତି ଓ ସମ୍ମାନ ଦାମ୍ପତ୍ୟ ଜୀବନକୁ ମଧୁମୟ

Digitized by PPRACHIN, SOA

କରେ ଓ ତଦ୍ଦ୍ୱାରା ପରିବାର ମଧ୍ୟ ହୁଏ ଶୁଦ୍ଧ ଓ ସୁନ୍ଦର । ପବିତ୍ର ଦାମ୍ପତ୍ୟ ଜୀବନର ପ୍ରଭାବ ପଡ଼େ ସନ୍ତାନମାନଙ୍କ ଉପରେ । ଫଳରେ ସମାଜ ଶୃଙ୍ଖଳିତ ମାର୍ଗରେ ଗତି କରେ । ନାରୀକୁ ଅବହେଳା ବା ଅବଜ୍ଞା କରି ଦେଇ ପୁରୁଷ ଆପଣାର କର୍ତ୍ତୃତ୍ୱ ବିସ୍ତାର କରିଦେଲେ ସମାଜ ବିପର୍ଯ୍ୟୟର ସମ୍ମୁଖୀନ ହୁଏ । ନାରୀ-ଧର୍ମ ଓ ପତ୍ନୀ-ଧର୍ମ ସମ୍ପର୍କରେ ମନୁ ଯାହା କହିଅଛନ୍ତି, ତାହା ଏବେ ମଧ୍ୟ ଆଦର୍ଶ ହୋଇ ରହିଅଛି । ଭୋଗବାଦୀ ସଭ୍ୟତାର ଅନ୍ଧ ଆକର୍ଷଣରେ ନାରୀଧର୍ମକୁ ଜଳାଞ୍ଜଳି ଦେଇଦେବା ଯେ ବିପତ୍ତିଜନକ; ଏଥିରେ ସନ୍ଦେହ ନାହିଁ । ମନେରଖିବାକୁ ହେବ ଯେ ନଦୀର ଜଳ ଯେତେ ସୁସ୍ୱାଦୁ ହେଲେ ମଧ୍ୟ ସମୁଦ୍ରରେ ପଡ଼ିବା ମାତ୍ରେ ତାହା ଲବଣାକ୍ତ ହୋଇଯାଏ । ଠିକ୍ ଏହିପରି ସ୍ତ୍ରୀ ଲୋକ ଯେତେ ମହତ୍ଗୁଣ ବିଶିଷ୍ଟା ହେଲେ ମଧ୍ୟ କୁପୁରୁଷ ସହିତ ମିଳିତହୋଇ କୁତ୍ସିତ ସ୍ୱଭାବସମ୍ପନ୍ନା ହୋଇଯାଏ । ଜାୟା, ଆତ୍ମା ଓ ଅପତ୍ୟ ଇହଲୋକରେ ହୁଏ ପୁରୁଷ । ମହର୍ଷି ମନୁ ନାରୀ ସମ୍ପର୍କରେ ଯାହାସବୁ କହିଅଛନ୍ତି ତାହା ଯେ କେବଳ ସେହି ଯୁଗ ପାଇଁ ସତ୍ୟ ତାହାନୁହେଁ । ଏଯୁଗରେ ମଧ୍ୟ ସେସବୁ ମତର ମହତ୍ତ୍ୱ ରହିଛି । ନାରୀକୁ ଶୃଙ୍ଖଳିତ ଓ ମର୍ଯ୍ୟାଦାବନ୍ତ କରିବା ପାଇଁ ମନୁ ସଂହିତାର ପ୍ରତ୍ୟେକଟି ବାଣୀ ଉଦ୍ଦିଷ୍ଟ । ଏସବୁକୁ ଯଥାଯଥ ଭାବରେ ଅନୁଧ୍ୟାନ କଲେ ପାରିବାରିକ ଓ ଦାମ୍ପତ୍ୟ ଜୀବନ ମଧୁମୟ ହେବା ସଙ୍ଗେ ସଙ୍ଗେ ରାଷ୍ଟ୍ରଜୀବନ ମଧ୍ୟ ହେବ ମଧୁମୟ ଓ କଲ୍ୟାଣକାରକ ।

Digitized by PPRACHIN, SOA

ନାରୀ ଓ ବିବାହ

ନାରୀ ଓ ପୁରୁଷ ଭଗବାନଙ୍କ ସୃଷ୍ଟିରେ ଦୁଇଟି ରମଣୀୟ ଆଧାର । ଉଭୟଙ୍କର ବିବାହରେ ଜୀବନ ହୁଏ ପରିପୂର୍ଣ୍ଣ, ପରିବାର ଓ ସମାଜହୁଏ ଗତିଶୀଳ । ବିବାହ ସୃଷ୍ଟିର ହେତୁ; ଜୀବନର ମୋହନ ବେଣୁ । ବିବାହ କେବଳ ନିର୍ବାହ ନୁହେଁ ; ଜୀବନର ଉଦ୍‌ବାହ । ଜୀବନକୁ ଆଉ ଏକ ବିସ୍ତୃତ ପରିବେଶକୁ ଏହା ନେଇଯାଏ । ଜୀବନକୁ ଉତ୍ତୋଳନ କରେ । ବ୍ୟକ୍ତି ଜୀବନକୁ ବ୍ୟାପ୍ତିମୟ କରିଦିଏ । ବିବାହ ଆତ୍ମସୁଖ ପାଇଁ ଅଭିପ୍ରେତ ନୁହେଁ ; ଅନ୍ୟର ସୁଖ ଓ ସନ୍ତୋଷ ବିଧାନ ପାଇଁ ଶୃଙ୍ଖଳିତ ଅନୁଷ୍ଠାନ । ଭୋଗ ନୁହେଁ ; ତ୍ୟାଗରେ ଏହାର ମହିମାମୟ ପ୍ରାପ୍ତି । ନାରୀ ଓ ପୁରୁଷର ଏହା ଏକ ଲୌକିକ ବନ୍ଧନ ନୁହେଁ; ଏକ ଦିବ୍ୟ ବନ୍ଧନ । ତେଣୁ ବିବାହ ଏକ ଯଜ୍ଞ । ପ୍ରେରଣା ଏହାର ଜୀବନକୁ ଅନ୍ୟପାଇଁ ଉତ୍ସର୍ଗକରିବା । ଇନ୍ଦ୍ରିୟ ସୁଖ ଏହାର ଲକ୍ଷ୍ୟ ନୁହେଁ; ସଂଯମତା ଭିତରେ ଇନ୍ଦ୍ରିୟ ସୁଖ ଲାଭ କରି ଜୀବନ ଓ ଜଗତକୁ ଏକ ମହତ୍ତର ପଥରେ ଆଗେଇ ନେବା ଏହାର ଉଦ୍ଦେଶ୍ୟ । ସକଳ ବନ୍ଧନକୁ ଏହା ଛିନ୍ନ କରିଦିଏ । ପ୍ରେମ ଓ ଦିବ୍ୟ ବିଭୂତି ବନ୍ଧନରେ ନାରୀ ଓ ପୁରୁଷକୁ ଏହା ବାନ୍ଧିଦିଏ । ଏହା ଗୋଟିଏ ବନ୍ଧନ ହୋଇ ଥିବାରୁ ପ୍ରକୃତ ବିବାହ ହୋଇଯାଏ ନିର୍ବନ୍ଧ । ଯେଉଁଠି ଇନ୍ଦ୍ରିୟସୁଖ ହୁଏ ଏକମାତ୍ର ଲକ୍ଷ୍ୟ ସେଠି ବିବାହର ଆଦର୍ଶ ହୁଏ ବିଡ଼ମ୍ବିତ । ଜୀବନର ସେଠି ଉତ୍ତୋଳନ ନାହିଁ । ଯେଉଁଠି ଇନ୍ଦ୍ରିୟ ଚିର ଅତୃପ୍ତ ସେଠି ବିବାହ ପରିଣତିରେ ହୁଏ ବ୍ୟର୍ଥ । ପତି ଓ ପତ୍ନୀ ମଧ୍ୟରେ ସମ୍ପର୍କ ରହେ ନାହିଁ । ନାନା ଦୁଃଖ ଓ ଅସନ୍ତୋଷ ମଧ୍ୟରେ ଜୀବନ ଗତି କରେ । ପତ୍ନୀ ଅନ୍ୟ ପୁରୁଷ ସମ୍ପର୍କ କାମନା କରେ । ପତି ମଧ୍ୟ ଅନ୍ୟ ନାରୀ ସମ୍ଭୋଗକୁ ଶ୍ରେୟ ମନେକରେ । ଦେହ ଯେଉଁଠି ଗୌଣ ହୋଇ ଯାଏ ସେଠି

Digitized by PPRACHIN, SOA

ଇନ୍ଦ୍ରିୟ ସୁଖ ହୋଇଯାଏ ଗୌଣ । ମୁଖ୍ୟ ହୋଇଯାଏ ଆତ୍ମା ଓ ହୃଦୟ । ଆତ୍ମା ସହିତ ଆତ୍ମାର, ହୃଦୟ ସହିତ ହୃଦୟର ହିବ୍ୟ ମିଳନରେ ପ୍ରେମର ହୁଏ ବିକାଶ । ଏହି କ୍ଷେତ୍ରରେ ବିବାହ ହୋଇଯାଏ ଏକ ପବିତ୍ର ଅନୁଷ୍ଠାନ । ବିବାହ ଏକ ଭାର ନହୋଇ, ହୋଇଯାଏ ପୁଣ୍ୟ ବନ୍ଧନ ।

ପ୍ରାଚୀନ ଭାରତରେ ମନୁ ସଂହିତାରେ ଅ।ଠ ପ୍ରକାର ବିବାହ ସମ୍ପର୍କରେ ଉଲ୍ଲେଖ ଅଛି । ବ୍ରାହ୍ମ, ଦୈବ, ଆର୍ଷ, ପ୍ରାଜାପତ୍ୟ, ଆସୁର, ଗାନ୍ଧର୍ବ, ରାକ୍ଷସ, ପୈଶାଚ ଆଦି ଭେଦରେ ଏହା ଅଷ୍ଟବିଧ । ଏ ପ୍ରକାର ବିବାହ ମଧ୍ୟରୁ ପ୍ରଥମ ଛଅଟି ବିବାହ ବ୍ରାହ୍ମଣଙ୍କ ପାଇଁ ଶ୍ରେଷ୍ଠ । କ୍ଷତ୍ରିୟଙ୍କ ପାଇଁ ଆର୍ଷ, ପ୍ରାଜାପତ୍ୟ, ଆସୁର ଓ ଗାନ୍ଧର୍ବ ବିବାହ ଉତ୍କୃଷ୍ଟ । ବୈଶ୍ୟ ଓ ଶୂଦ୍ରମାନେ ମଧ୍ୟ ଏହି ଚାରୋଟି ବିବାହକୁ ଶ୍ରେଷ୍ଠ ମନେ କରନ୍ତି । ରାକ୍ଷସ ଓ ପୈଶାଚ ବିବାହ କାହାରି ପାଇଁ ଅନୁକୂଳ ନୁହେଁ । ବ୍ରାହ୍ମ, ଦୈବ ଓ ଆର୍ଷ ହେଉଛି ଧର୍ମ ସମ୍ବନ୍ଧୀୟ ବିବାହ । ବ୍ରାହ୍ମ ବିବାହରେ ବିଦ୍ୟାଗୁଣ ସମ୍ପନ୍ନ ସଦାଚାରଯୁକ୍ତ ବରକୁ ନିମନ୍ତ୍ରଣ କରାଯାଇ ଋତ୍ୱିକ ବରକୁ ଅଳଙ୍କାର ଓ ନବବସ୍ତ୍ର ପିନ୍ଧାଇ କନ୍ୟାଦାନ କରାଯାଏ । ତାହାକୁ ଦୈବ ବିବାହ କୁହାଯାଏ । ବରଠାରୁ ଗାଈ ଓ ବଳଦ ଯୋଡ଼ିଏ ଅଥବା ଦୁଇଯୋଡ଼ା ଯଜ୍ଞ ପାଇଁ ନେଇ ବିଧିବିଧାନ ପୂର୍ବକ କନ୍ୟାଦାନ କରାଗଲେ ତାହାକୁ ଆର୍ଷ ବିବାହ କହନ୍ତି । ବର ଓ କନ୍ୟାକୁ ଦୁହେଁ ମିଶି ଧର୍ମାଚରଣ କରିବାକୁ ଉପଦେଶ ଦିଆଯାଇ କନ୍ୟାଦାନ ବିଧିକୁ ପ୍ରାଜାପତ୍ୟ ବିବାହ କୁହାଯାଏ । ଆସୁର ବିବାହରେ ବରର ପିତାମାତାଦି ବନ୍ଧୁବାନ୍ଧବ କନ୍ୟାକୁ ଯଥାଶକ୍ତି ଧନ ଦେଇ ଇଚ୍ଛାପୂର୍ବକ କନ୍ୟାଦାନ କରନ୍ତି । ବର ଓ କନ୍ୟାର ପରସ୍ପର ଅନୁରାଗରୁ ଯେଉଁ କାମଜନକ ମିଳନ ହୁଏ ତାହାକୁ ଗାନ୍ଧର୍ବ ବିବାହ କୁହାଯାଏ । କନ୍ୟା ଘରେ ବଳାତ୍କାରରେ ପ୍ରବେଶ କରି ହାଣିକାଟି ଗାଳି ଦେଇ କ୍ରନ୍ଦନରତା କନ୍ୟାକୁ ଜବରଦସ୍ତ ହରଣ କରିବାକୁ ରାକ୍ଷସ ବିବାହ ଓ ମଦ୍ୟପାନ ବିହ୍ୱଳା, ଉନ୍ମତ୍ତା, ନିଦ୍ରାରେ ଅଭିଭୂତା କନ୍ୟା ନିକଟକୁ ଗୋପନରେ ଯିବାକୁ ପାପିଷ୍ଠା ବା ପୈଶାଚ ବିବାହ କୁହାଯାଏ । ବିବାହରେ

Digitized by PPRACHIN, SOA

ବ୍ରାହ୍ମଣ ଜଳଦ୍ୱାରା କନ୍ୟା ଦାନ କରେ । କ୍ଷତ୍ରିୟ ଇଚ୍ଛାନୁରୂପ ଦ୍ରବ୍ୟ ପ୍ରଦାନ କରେ । ବିବାହ ଯେଉଁଠି ଅନିନ୍ଦିତ ସେଠି ଦାମ୍ପତ୍ୟ ଜୀବନ ହୁଏ ମଧୁମୟ ଓ ସେହି ବିବାହରୁ ଜନ୍ମ ନିଅନ୍ତି ଅନିନ୍ଦିତ ସନ୍ତାନ । ଯେଉଁଠି ବିବାହ ନିନ୍ଦିତ ସେଠି ଜନ୍ମ ନିଅନ୍ତି ନିନ୍ଦିତ ସନ୍ତାନ । ପାଣି ଗ୍ରହଣ ସଂସ୍କାର କେବଳ ନିଜ ବର୍ଣ୍ଣର ସ୍ତ୍ରୀ ସହିତ ହେବା ଉଚିତ ବୋଲି କୁହା ଯାଇଅଛି ।

ପ୍ରାଚୀନ କାଳରେ ବିବାହକୁ ଏକ ପବିତ୍ର ଅନୁଷ୍ଠାନ ଭାବରେ ଗ୍ରହଣ କରାଯାଇଥିଲା । ଏହା ଆଧୁନିକ ଯୁଗରେ ସ୍ୱୀକୃତ ଓ ଏହା ସମାଜ ଅନୁମୋଦିତ ବେଶ୍ୟାବୃତ୍ତି ନୁହେଁ । ବିବାହରେ ବର ଓ କନ୍ୟାଙ୍କର ଯୌନ ମିଳନ ହୁଏ । ଏହା କିନ୍ତୁ ସଂଯମ ସାପେକ୍ଷ । ବିବାହ ଅର୍ଥ ସ୍ୱେଚ୍ଛା ଯୌନ ମିଳନ ନୁହେଁ । ଏଥିପାଇଁ ମନୁସଂହିତାରେ କୁହାଯାଇଛି ଯେ ପତି ସର୍ବଦା ପତ୍ନୀ ନିରତ ହୋଇ ପ୍ରୀତିପୂର୍ବକ ସ୍ତ୍ରୀର ଋତୁ କାଳରେ ସହବାସ କରିବ । ଅମାବାସ୍ୟାଦି ପର୍ବ କାଳରେ ସ୍ତ୍ରୀ ସଙ୍ଗ ନିଷିଦ୍ଧ । ସ୍ତ୍ରୀ ମାନଙ୍କର ସ୍ୱାଭାବିକ ଋତୁ କାଳ ଷୋଳ ରାତ୍ରି । ପ୍ରଥମ ଚାରି ରାତ୍ରି ରକ୍ତ ମିଶ୍ରିତ ଶିଷ୍ଟ ବିନିନ୍ଦିତ । ପ୍ରଥମ ଚାରିରାତ୍ର, ଏକାଦଶ ଓ ତ୍ରୟୋଦଶ ରାତ୍ର ଏହି କାରଣରୁ ସ୍ତ୍ରୀ ସହବାସ ପାଇଁ ନିଷେଧ କରାଯାଇଛି । ପୁନଶ୍ଚ କୁହାଯାଇଛି ଯେ, ଛଅ, ଆଠ, ଦଶ, ଚଉଦ, ଷୋହଳ ରାତ୍ରରେ ସ୍ତ୍ରୀ ସହବାସ କଲେ ପୁତ୍ର ହୁଏ ଏବଂ ପାଞ୍ଚ, ସାତ, ନଅ ଓ ପନ୍ଦର ରାତ୍ରରେ ସହବାସ କଲେ କନ୍ୟା ଜାତ ହୁଏ । ପତି ପତ୍ନୀର ମିଳନ କାମ ସଂଭୋଗ ବା ଇନ୍ଦ୍ରିୟ ସୁଖ ପାଇଁ ନୁହେଁ ; ପୁତ୍ର ସନ୍ତାନ ଜାତ ପାଇଁ । ପୁତ୍ର ଜାତ ପରେ ପତି ଓ ପତ୍ନୀ ଆଉ ଦୈହିକ ସଂଭୋଗକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ । ଅତ୍ୟଧିକ କାମ-ତୃଷ୍ଣା ପୁରୁଷକୁ ହିଂସ୍ର କରିଦିଏ । ତାକୁ କରେ ପ୍ରମତ୍ତ ଓ ସଇତାନ । ତାର ପ୍ରେମ ରହେନାହିଁ; ସେ ସ୍ତ୍ରୀ ଉପରେ ନାନା ଅତ୍ୟାଚାର କରେ । ପତି ଓ ପତ୍ନୀ ଦିବ୍ୟ ଭାବରେ ଉଦ୍‌ବୁଦ୍ଧ ହୋଇ ଜୀବନ-ଯାପନ କଲେ କୁଳର କଲ୍ୟାଣ ହୁଏ । ସ୍ତ୍ରୀ ଯେଉଁଠି ରୁଚିକର, ପରିବାର ସେଇଠି ରୁଚିକର । ଯେଉଁଠି ସ୍ତ୍ରୀ ଅରୁଚିକର ସେଇଠି ଜୀବନ ମଧ୍ୟ ଅରୁଚିକର ।

Digitized by PPRACHIN, SOA

ଶାସ୍ତ୍ରମାନଙ୍କରେ ରଜସ୍ୱଳା ସ୍ତ୍ରୀ ସଂଗମକୁ ନିନ୍ଦା କରାଯାଇଅଛି । ଏପରି ସଙ୍ଗମ ପୁରୁଷର ପ୍ରଜ୍ଞା, ତେଜ, ବଳ, ଚକ୍ଷୁ ଓ ଆୟୁ ନଷ୍ଟ କରିଦିଏ । ଏପରି କି ରଜସ୍ୱଳା ନାରୀ ସହିତ ଏକ ଶଯ୍ୟାରେ ଶୟନକୁ ନିଷିଦ୍ଧ କରାଯାଇଅଛି । ଆୟୁର ମଧ୍ୟ ପର ସ୍ତ୍ରୀ ଗମନର ଅପକାରିତା ସମ୍ପର୍କରେ ଚେତେଇ ଦିଆଯାଇଛି । ଏପରି ସମ୍ପର୍କ ଆୟୁ ନଷ୍ଟ କରି-ଦିଏ । ସ୍ତ୍ରୀକୁ ମଧ୍ୟ ପୁରୁଷ ପରି କେତେକ ଉପଦେଶ ପ୍ରଦାନ କରା-ଯାଇଛି । ସ୍ତ୍ରୀ ପିଲା ହେଉ ଅଥବା ଯୁବତୀ ବା ବୃଦ୍ଧା ହେଉ ସେ ସ୍ୱତନ୍ତ୍ର ଭାବେ ରହିବା ଅନୁଚିତ । ବାଲ୍ୟାବସ୍ଥାରେ ସେ ପିତାର ଅଧୀନା । ଯୌବନରେ ପତି ଓ ସ୍ୱାମୀର ମୃତ୍ୟୁପରେ ପୁତ୍ରର ସେ ଅଧୀନା । ପିତା, ପତି ଓ ପୁତ୍ରଠାରୁ ସ୍ୱତନ୍ତ୍ର ହୋଇ ରହିବା ସ୍ତ୍ରୀ ପକ୍ଷରେ ଦୋଷାବହ । ସର୍ବଦା ସେ ପ୍ରସନ୍ନ ଭାବରେ ରହିଲେ ଘରର କଲ୍ୟାଣହୁଏ । ତାର ଡିନୋଟି ମୁଖ୍ୟ କାର୍ଯ୍ୟ—(୧) ଘରର ଯାବତୀୟ କାର୍ଯ୍ୟ ଦକ୍ଷତା ସହିତ ସମ୍ପାଦନ କରିବା, (୨) ଗୃହ ସାମଗ୍ରୀ ପରିଷ୍କାର କରିବା, (୩) ଖର୍ଚ୍ଚରେ ହାତକୁ ସଙ୍କୋଚ କରିବା । ସ୍ତ୍ରୀ ବା ଭାର୍ଯ୍ୟା ଅର୍ଥ ଗ୍ରହଣ, ବ୍ୟୟ, ଶୌଚ, ଧର୍ମ, ଅନ୍ନପାକ ଓ ଘରକରଣା କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରିବା ବିଧେୟ । ମଦ୍ୟପାନ, ଦୁର୍ଜନ ସଂସର୍ଗ, ପତିବିରହ, ଇତସ୍ତତଃ ଭ୍ରମଣ, ଅକାଳ ନିଦ୍ରା, ପରଗୃହବାସ ହେଉଛି ପତ୍ନୀର ଛଅଦୋଷ । ଏ ସମସ୍ତ ଦୋଷ ତ୍ୟାଗକରି ଯେଉଁ ସ୍ତ୍ରୀ ନିଜର କର୍ତ୍ତବ୍ୟ ସୁଚାରୁରୂପେ ସମ୍ପାଦନ କରେ ସେହି ସ୍ତ୍ରୀ ଓ ଲକ୍ଷ୍ମୀ ମଧ୍ୟରେ ଭେଦ ରହେ ନାହିଁ । ସନ୍ତାନ ଯୋଗୁ ସ୍ତ୍ରୀ ହୁଏ ଭାଗ୍ୟବତୀ, ପୂଜାଯୋଗ୍ୟା ଓ ଗୃହର ଶୋଭାସମ୍ପାଦ-କାରିଣୀ । ପତ୍ନୀ ଯେପରି ଭାବରେ ପତିକୁ ଭଜେ ସେହିପରି ଭାବରେ ସନ୍ତାନ ଲାଭ କରେ । ପତି ଭାର୍ଯ୍ୟାଠାରେ ପ୍ରବେଶ କରି ଗର୍ଭଧାରଣ କରେ ଏବଂ ସଂସାରରେ ପୁନର୍ବାର ସନ୍ତାନ ରୂପେ ଜାତ ହୁଏ । ଜାୟା-ଠାରେ ପୁନର୍ବାର ଜାତ ହେବା ହିଁ ଜାୟାର ଜାୟାତ୍ୱ । ମନୁ ସଂହିତାରେ ଏଥିପାଇଁ କୁହାଯାଇଛି—

Digitized by PPRACHIN, SOA

'ପତି ଭାର୍ଯ୍ୟାଂ ସଂପ୍ରବିଶ୍ୟ ଗର୍ଭୋ
ଭୂତ୍ୱେହ ଜାୟତେ
ଜାୟାୟାସ୍ତ୍ୱ ତଦ୍ଧି ଜାୟାତ୍ୱଂ ଯଦସ୍ୟାଂ
ଜାୟତେ ପୁନଃ ।'

ଜାୟା, ଆତ୍ମା ଓ ଅପତ୍ୟ ମିଳି ଇହସଂସାରରେ ପୁରୁଷ ହୁଏ । ସ୍ତ୍ରୀ ବା ଭାର୍ଯ୍ୟା ତେଣୁ ହେୟ ନୁହେଁ । ସନ୍ତାନୋତ୍ପାଦନ, ଧର୍ମକାର୍ଯ୍ୟ, ଶୁଶ୍ରୂଷା, ଉତ୍ତମ ରତି, ପିତୃଲୋକ ଓ ନିଜର ସୁଖ ଭାର୍ଯ୍ୟାର ଅଧୀନ । ଏହି ଦୃଷ୍ଟିରୁ ଦେଖାଗଲେ ଜଣାଯାଏ ଯେ ସ୍ତ୍ରୀର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ । ତାକୁ ମନେ ରଖିବାକୁ ହେବ ଯେ ପିତା ବା ପିତାର ଅନୁମତି କ୍ରମେ ଭାଇ ଯେଉଁ ସ୍ୱୟଂକୃତ ପତିକୁ ଦିଅନ୍ତି ସେ ତାହାକୁ ଜୀବିତ ଥିବା ପର୍ଯ୍ୟନ୍ତ ସେବା କରିବା ଉଚିତ । ପତିର ବିୟୋଗ ହୋଇଗଲେ ମଧ୍ୟ ସେ ଇନ୍ଦ୍ରିୟସୁଖ ପାଇଁ ବ୍ୟଭିଚାର ଲିପ୍ତ ହେବା ଅନୁଚିତ । ସ୍ତ୍ରୀ ପକ୍ଷରେ ସ୍ୱାମୀ ଦେବତା ସଦୃଶ । ସ୍ୱାମୀ ଯଦି ସ୍ତ୍ରୀକୁ ଦେବୀ ଦୃଷ୍ଟିରେ ନ ଦେଖେ, କେବଳ ଇନ୍ଦ୍ରିୟସୁଖ ପାଇଁ ବ୍ୟବହାର କରେ; ତେବେ ସେଠି ସ୍ୱାମୀତ୍ୱ ନଷ୍ଟ ହୋଇଯାଏ । ବିବାହ ହୋଇଗଲା ପରେ ସ୍ତ୍ରୀର ପୃଥକ ଯଜ୍ଞ, ବ୍ରତ ଓ ଆରାଧନା ନଥାଏ । ସ୍ୱାମୀ ସହିତ ସେ ଏସବୁ କାର୍ଯ୍ୟ କରେ । ପରପୁରୁଷ ସଙ୍ଗମଦ୍ୱାରା ସ୍ତ୍ରୀ ସଂସାରରେ ହୁଏ ନିନ୍ଦିତା । ସ୍ୱାମୀର ମୃତ୍ୟୁ ହୋଇଗଲେ ମଧ୍ୟ ପରପୁରୁଷର ନାମ ସ୍ମରଣ କରିବା ତା ପକ୍ଷରେ ଅଧର୍ମ । ଯେଉଁଠି ସ୍ତ୍ରୀ ନିଜର ଧର୍ମ ପିତା ଓ ବାନ୍ଧବ ଧର୍ମରେ ଅହଂକାରିଣୀ ହୋଇ ସ୍ୱାମୀକୁ ଛାଡ଼ି ଅନ୍ୟ ପୁରୁଷରେ ରତ ହୁଏ, ସେଠି ସେ ହୁଏ ଅତ୍ୟନ୍ତ ନିନ୍ଦନୀୟ । ମନୁ ସଂହିତାରେ ସେପରି ସ୍ତ୍ରୀଙ୍କ ପ୍ରତି କଠୋର ଦଣ୍ଡର ବ୍ୟବସ୍ଥା କରାଯାଇଛି ।

ଶାସ୍ତ୍ରମାନଙ୍କରେ ବିବାହ ସମ୍ପର୍କରେ ନାନା ଉପଦେଶ ଓ ଅଭି-ମତମାନ ପ୍ରଦତ୍ତ ହୋଇଅଛି । ଭାରତୀୟ ସଂସ୍କୃତିରେ ବିବାହକୁ ଧର୍ମାନୁ-ଷ୍ଠାନ ଭାବରେ ଗ୍ରହଣ କରାଯାଇଥିବାରୁ ଏପରି ବ୍ୟବସ୍ଥା କରାଯାଇଅଛି ।

Digitized by PPRACHIN, SOA

ସଂଯମ ଓ ଦିବ୍ୟ ଭାବରେ ଜୀବନଯାପନ ପାଇଁ ପ୍ରେରଣା ରହିଛି । କାଳକ୍ରମେ ଶାସ୍ତ୍ରୀୟ ବିବାହ ପଦ୍ଧତି ଭାଙ୍ଗି ଯାଇଛି । ବିବାହ ହୋଇଯାଇଛି ଏକ ସାଧାରଣ ଲୌକିକ ପ୍ରଥା । ଯୌନ ମିଳନ ହୋଇଯାଇଛି ଏହାର ଏକମାତ୍ର ଲକ୍ଷ୍ୟ । ବିଜ୍ଞାନ ଓ ବସ୍ତୁବାଦ ଯେତିକି ଯେତିକି ପ୍ରସାର ଲାଭ କରିଛି ସେତିକି ସେତିକି ଧର୍ମ ଓ ପ୍ରଚଳିତ ବିଶ୍ୱାସମାନ ଲୋପ ପାଇଯାଇଛି । ଇନ୍ଦ୍ର, ଅଗ୍ନି, ମରୁତ, ସୂର୍ଯ୍ୟ ଆଦି ଦେବତାଙ୍କୁ ଭୌତିକ ବସ୍ତୁ ଭାବରେ ବିଚାର କରାଯାଇଛି ଏବଂ ଅଗ୍ନିକୁ ସାକ୍ଷୀ ରଖି ବିବାହ କରିବାକୁ ଆଜି ପସନ୍ଦ କରାଯାଉ ନାହିଁ । ବିବାହରେ ଧର୍ମର ଯେଉଁ ସରଳ ବିଶ୍ୱାସଟିଏ ଥିଲା ତାହା ଲୋପ ପାଇଯିବାରୁ ବିବାହ ହୋଇଯାଇଛି ଯୌନମିଳନର ଏକ ମାଧ୍ୟମ ମାତ୍ର । ଏହା ଫଳରେ ପତି ଓ ପତ୍ନୀ ମଧ୍ୟରେ ଆଜି ସମ୍ପର୍କ ଭିନ୍ନ ନାହିଁ । ଏହି ସମ୍ପର୍କ କେବଳ ଦୈହିକ ସମ୍ପର୍କ । ବସ୍ତୁବାଦ ମଣିଷ ଭିତରେ ଉପଭୋଗ ତୃଷ୍ଣାକୁ ପ୍ରବଳ କରି ଦେଇଥିବାରୁ ଜଣେ ଜଣେ ଏକ ପତ୍ନୀ ବିବାହକୁ ପସନ୍ଦ ନ କରି ବହୁ ପତ୍ନୀ ବିବାହକୁ ପସନ୍ଦ କରୁଛନ୍ତି । କେହି ପତ୍ନୀ ଜୀବିତ ଥିଲା ବେଳେ ଆଉ ପୁଣି ବିବାହ କରୁଛି ବା ଏକାଧିକ ନାରୀ ଉପଭୋଗ ପାଇଁ ରଖୁଛି । କେହି ପତ୍ନୀର ବିୟୋଗ ପରେ ପୁନର୍ବାର ବିବାହ କରୁଛି । ଏପରିକି ବୃଦ୍ଧ ଅବସ୍ଥାରେ ପୁତ୍ର କନ୍ୟା ଥାଇ ମଧ୍ୟ ପୁନର୍ବାର ବିବାହ କରୁଛି । ଏପରି ବିବାହର ଅର୍ଥ ହେଉଛି କେବଳ ଯୌନ ଲାଳସାର ପରିତୃପ୍ତି, ମାତ୍ର ଏହି ଲାଳସା ତୃପ୍ତ ହୁଏ ନାହିଁ । ବାରମ୍ବାର ପୁରୁଷ ସେହି ଲାଳସା ବହ୍ନିରେ ନିଜକୁ ଆହୁତି ଦିଏ । ନିଜର ଲାଳସାରୁ ବିବାହ କରିଥିବାରୁ ଏପରି ଅବସ୍ଥା ସୃଷ୍ଟି ହୁଏ । ଯେଉଁଠି ଲାଳସା ଲୋପପାଇ ପ୍ରେମ ବିକାଶ ଲାଭ କରେ ସେଠି ଏକାଧିକ ନାରୀ ବିବାହ ପାଇଁ ଆଗ୍ରହ ପ୍ରକାଶ ପାଏ ନାହିଁ । ବିବାହର ଅର୍ଥ ସ୍ୱାର୍ଥ ସାଧନ ନୁହେଁ, ଇନ୍ଦ୍ରିୟ ସୁଖ ନୁହେଁ । ବିବାହର ଅର୍ଥ ବିଶେଷ ଭାବରେ ବହନ କରିବା । ଏହି ବହନ କରିବା ଅର୍ଥ ସଂସାରର ଦାୟିତ୍ୱ ବହନ କରିବା, ଆପଣା ଆପଣା କର୍ତ୍ତବ୍ୟ ସମ୍ପର୍କରେ ଅବହିତ ହେବା । ବିବାହ ବନ୍ଧନ ନୁହେଁ, ନିର୍ବନ୍ଧ । ଅର୍ଥାତ୍ ଏହା ଆତ୍ମାର ମୁକ୍ତିମାର୍ଗ । ସକଳ ବନ୍ଧନ ଛିନ୍ନ ହୋଇ ଈଶ୍ୱର ସହିତ ଯେଉଁ ବନ୍ଧନ ନିବିଡ଼ ହୋଇଯାଏ ତାହା

Digitized by PPRACHIN, SOA

ହିଁ ନିବନ୍ଧ ଓ ବିବାହ । ଏହି ଅବସ୍ଥାରେ ବିବାହ ଆଉ ଭୋଗ ନୁହେଁ, ସ୍ୱାର୍ଥ ଓ ଲାଳସା ବିମୁକ୍ତ ଏବଂ ନିଃସ୍ୱାର୍ଥ ସଂବନ୍ଧନ । ଏହା ବ୍ୟକ୍ତିକୁ ଉଚ୍ଚକୁ ଉତ୍ତୋଳନ କରିଦିଏ । ତେଣୁ ଏହି ବିବାହ ହୋଇଯାଏ ଉଦ୍‌ବାହ । ପ୍ରେମରେ ହୁଏ ପ୍ରକୃତ ବିବାହର ପୂର୍ଣ୍ଣତା । ତ୍ୟାଗରେ ହୁଏ ପୂର୍ଣ୍ଣ ବିକାଶ । ଧର୍ମରେ ହୁଏ ପରିମାନ । ଯେଉଁଠି ପ୍ରେମ ନାହିଁ, ଧର୍ମ ନାହିଁ, ଅଛି କେବଳ ଭୋଗ, ସେଠି ବିବାହ ହୋଇଯାଏ ଅପୂର୍ଣ୍ଣ ଓ ମଳିନ । ବିବାହ ଜଞ୍ଜାଳ ଓ ଜ୍ୱାଳା ନୁହେଁ, ବରଂ ଏହାକୁ ସହିବାପାଇଁ ଏକ ଅବ୍ୟର୍ଥ ମହୌଷଧି । ରୂପ ଓ ଧନ ତୃଷ୍ଣା ଜନିତ ବିବାହ ସାମୟିକ ସୁଖ ଭୋଗ ଓ ମୋହ ହେତୁକ । ରୂପ ଓ ଧନର ବିଲୟରେ ସେଠି ବିବାହର ଉଦ୍ଦେଶ୍ୟ ହୁଏ ବ୍ୟର୍ଥ । ଯଜ୍ଞବେଦୀରେ ଅଗ୍ନିକୁ ସାକ୍ଷୀ ରଖି ଯେଉଁ ବିବାହ କରାଯାଏ ତାହା ଆଇନ ଅଦାଲତ ଅନୁମୋଦିତ ବିବାହ ନୁହେଁ ; ତାହା ଅଲିଖିତ ଧର୍ମୀୟ ଆବେଦନ ଭିତ୍ତିକ । ଏଥିରେ କେବଳ ଧର୍ମ ହେଉଛି ସାକ୍ଷୀ; ଅଗ୍ନି ହେଉଛି ସାକ୍ଷୀ । ପିତାମାତା, ଗୁରୁଜନ, ସମାଜ ଓ ଧର୍ମ ଏହାର ପୃଷ୍ଠଭୂମି, ପ୍ରେରଣା ଓ ପୃଷ୍ଠପୋଷକ । ବର୍ତ୍ତମାନ ଯୁଗରେ ପାଶ୍ଚାତ୍ୟ ସଭ୍ୟତା ପରିପୁଷ୍ଟ ଯୁବକ ଯୁବତୀ ଆଇନ ଅଦାଲତରେ ଯେଉଁ ବିବାହ କରୁଛନ୍ତି ତାହା ସାମୟିକ ମୋହାସକ୍ତ ମନର ପ୍ରଚ୍ଛେଦକ । ଧର୍ମ ଓ ଆଦର୍ଶ ଭିତ୍ତିକ ବିବାହର ଏହା ପରିପନ୍ଥୀ । ପିତାମାତା ଓ ଗୁରୁଜନ ନିର୍ବାଚିତ ବର ଓ କନ୍ୟାର ବିବାହ ସୁନିର୍ବାଚିତ ଓ ସୁସଂପନ୍ନ ହେଲେ ତାହା ହୁଏ ଆଦର୍ଶ ବିବାହ । ଯୁବକ ଓ ଯୁବତୀ ଆପଣାକୁ ନିର୍ବାଚନ କରିନେବା ଦୋଷାବହ ନୁହେଁ । କିନ୍ତୁ ଅନେକ ସମୟରେ ଦେଖାଯାଏ ଯେ ଏତାଦୃଶ ପ୍ରେମ ବିବାହ ବ୍ୟର୍ଥତାରେ ପରିଣତ ହୋଇଯାଉଛି । ଏହାର କାରଣ ଅତ୍ୟଧିକ ମୋହ ଗ୍ରସ୍ତତା ହେତୁ ନିର୍ବାଚନରେ ଅସଫଳତା । ଏଠି ଦେହ ମୁଖ୍ୟ ହୋଇଯାଉଥିବାରୁ ପ୍ରେମ ହୋଇଯାଏ ବିଡମ୍ବିତ । ପ୍ରଣୟ ନ ଥିବାରୁ ପରିଣୟ ମଧ୍ୟ ହୁଏ ବ୍ୟର୍ଥ । ପ୍ରଣୟ ଓ ପରିଣୟର ନିବିଡ଼ତା ଯୁବକ ଓ ଯୁବତୀଙ୍କୁ କରେ ସବଳ ଓ ସାହସୀ । ସାବିତ୍ରୀର ଏକନିଷ୍ଠତା ଓ ଗଭୀର ପ୍ରେମ ମୃତପତିଙ୍କୁ ଯମଙ୍କଠାରୁ ଫେରାଇ ଆଣିପାରିଲା । ସତୀଙ୍କର ଏକନିଷ୍ଠ

Digitized by PPRACHIN, SOA

ପ୍ରେମ ଶିବଙ୍କୁ ପତି ରୂପେ ବରଣ କରାଇ ପାରିଲା । ସୀତାଙ୍କର ପ୍ରେମ ସକଳ ବିପର୍ଯ୍ୟୟ ମଧ୍ୟରେ ତାଙ୍କୁ ଅବିଚଳ କରି ରଖିଲା । ଶକୁନ୍ତଳାଙ୍କର ପ୍ରେମ ଶେଷରେ ତାଙ୍କୁ ବିଜୟିନୀ କଲା । ଦମୟନ୍ତୀଙ୍କର ପ୍ରେମ ଦୁଃଖ ଓ ଯନ୍ତ୍ରଣା ଭିତରେ ଶୁଦ୍ଧସୁବର୍ଣ୍ଣ ପରି ଦୀପ୍ତିମାନ ହୋଇ ଉଠିଲା । ଏସବୁ ପ୍ରେମରେ ଭୋଗ-ଦୃଷ୍ଟି ଗୌଣ ହୋଇଯାଇ ତ୍ୟାଗ-ଦୃଷ୍ଟି ପ୍ରାଧାନ୍ୟ ଲାଭ କରିଅଛି ।

ବିବାହ ଧର୍ମଭିତ୍ତିକ ଏକ ସାମାଜିକ ଅନୁଷ୍ଠାନ । ବିବାହ ସାର୍ଥକ ନ ହେଲେ ଜୀବନ ହୁଏ ଦୁର୍ବିସହ । ବିବାହର ସଫଳତା ହିଁ ଜୀବନର ସଫଳତା । ବିବାହର ବ୍ୟର୍ଥତା ଜୀବନର ବିପର୍ଯ୍ୟୟ । ଅନ୍ୟ ଅର୍ଥରେ ଏହା ସମଗ୍ର ସାମାଜିକ ଜୀବନର ବିପର୍ଯ୍ୟୟ । ବିବାହ ଏକ ସାମାଜିକ ଅନୁଷ୍ଠାନ (Social institution) । ତେଣୁ ଏହା ଏକ ନଗଣ୍ୟ ଯୌନ ବ୍ୟବହାର ନୁହେଁ । 'Marriage is something more than a regulated sexual behaviour', ଓ୍ୱେଷ୍ଟରମାର୍କଙ୍କର ଏହି ମତ ପ୍ରଣିଧାନଯୋଗ୍ୟ । ସେ ମଧ୍ୟ ବିବାହକୁ ଏକ ଅର୍ଥନୀତିକ ଅନୁଷ୍ଠାନ ଭାବରେ ଗ୍ରହଣ କରିଅଛନ୍ତି । ପତ୍ନୀ ହେଉଛି ପୁରୁଷାର୍ଥର ମୂଳ; ଧର୍ମ, ଅର୍ଥ, କାମ ଓ ମୋକ୍ଷର କେବଳ ନୁହେଁ । ତେଣୁ ବିବାହକୁ କେବଳ ଆର୍ଥନୀତିକ ଅନୁଷ୍ଠାନ ଭାବରେ ଗ୍ରହଣ କରିନେବା ଉଚିତ ହେବ ନାହିଁ । ବିବାହରେ ଭୋଗ ଓ ତ୍ୟାଗ ଯମଜ ସନ୍ତାନ ରୂପେ କାର୍ଯ୍ୟ କରନ୍ତି । ଭୋଗ ଯଦି ପ୍ରାଧାନ୍ୟ ଲାଭ କରିଯାଏ ତେବେ ବିବାହର ଉଦ୍ଦେଶ୍ୟ ବ୍ୟର୍ଥ ହୋଇଯାଏ । ତ୍ୟାଗର ଦୀପ୍ତିରେ ଭୋଗହୁଏ ସଂଯତ ଓ ମହିମାମଣ୍ଡିତ ; ଏଇଠାରେ କାମ ପ୍ରେମରେ ହୋଇଯାଏ ରୂପାନ୍ତରିତ । ବିବାହ ହୁଏ ଅଧ୍ୟାତ୍ମ ଆଲୋକ ଉଦ୍ଦୀପିତ ।

ହିନ୍ଦୁ ବିବାହରେ ଗୋତ୍ର, ପ୍ରବର ଓ ସପିଣ୍ଡ—ତିନୋଟି କଥା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ । ସଗୋତ୍ରରେ ବିବାହ ନିଷିଦ୍ଧ । ପୈତୃକ ସଂପର୍କରେ ଗୋତ୍ର ଓ ମାତୃ-ସମ୍ପର୍କରେ ସପିଣ୍ଡକୁ ବିଚାରକୁ ନିଆ ଯାଏ । ଗୋତ୍ର ଅର୍ଥ ଗୋଷ୍ଠୀ । ପରେ ଏହା ପରିବାରକୁ

Digitized by PPRACHIN, SOA

ବୁଝାଇଲା । ପ୍ରାଚୀନ କାଳରେ ଋଷିଙ୍କୁ କେନ୍ଦ୍ର କରି ଗୋତ୍ରର ଉତ୍ପତ୍ତି । ପ୍ରଥମେ ମାତ୍ର ଅଳ୍ପ କେତୋଟି ଗୋତ୍ର ଥିଲା, ମାତ୍ର ପରେ ଲୋକସଂଖ୍ୟା ବୃଦ୍ଧି ହେତୁ ବହୁ ଗୋତ୍ର ହେଲା । ଧର୍ମଶାସ୍ତ୍ର ଅନୁସାରେ ସମାନ ଗୋତ୍ରରେ ବିବାହ କରାଯାଏ ନାହିଁ । ସେହିପରି ସମାନ ପ୍ରବରରେ ମଧ୍ୟ ବିବାହ ନିଷିଦ୍ଧ । ଇଣ୍ଡୋ-ଆର୍ଯ୍ୟଙ୍କ ମଧ୍ୟରେ ଅଗ୍ନି ଉପାସନାରୁ ପ୍ରବର ସୃଷ୍ଟି ହୋଇଥିଲା । ଏହା ମଧ୍ୟ ସେହି ଋଷିଙ୍କ ନାମ ଅନୁସାରେ ଉତ୍ପତ୍ତି ହୋଇଅଛି । ଏସବୁଥିରୁ ଏତିକି ପ୍ରତିପାଦିତ ହୁଏ ଯେ ହିନ୍ଦୁ ସମାଜରେ ମୁକ୍ତ ବିବାହ ବ୍ୟବସ୍ଥା ନଥିଲା । ଭାଇ ଓ ଭଉଣୀ, ପିତା ଓ କନ୍ୟା, ମାଆ ଓ ପୁଅ ମଧ୍ୟରେ ଏହି କାରଣରୁ ଯୌନ-ସମ୍ପର୍କକୁ ଜଘନ୍ୟ ପାପାଚାର ବୋଲି କୁହାଯାଉଥିଲା । ମନୁ ମଧ୍ୟ ବିବାହ ସମ୍ପର୍କରେ କେତେକ କଥା କହି ଅଛନ୍ତି । ତାଙ୍କ ମତରେ ଯିଏ ଧର୍ମକୁ ଅବହେଳା କରେ, ବେଦ ଅଧ୍ୟୟନ କରେ ନାହିଁ, ଯେଉଁ ପରିବାରରେ ପୁରୁଷ ପିଲା ଜନ୍ମ ହୁଏ ନାହିଁ, ଯାହାର ଦେହରେ ଘଞ୍ଚ ଲୋମଥାଏ, ଯିଏ କୁଷ୍ଠ-ରୋଗାକ୍ରାନ୍ତ, ସେପରି ଘରୁ କନ୍ୟା ଗ୍ରହଣ କରିବା ଉଚିତ ନୁହେଁ । ଯେଉଁ କନ୍ୟାର କେଶ ରକ୍ତ ବର୍ଣ୍ଣ, ଯାହାର ଅଧିକା ଶାରୀରିକ ଅଙ୍ଗ ଥାଏ ଓ ଚକ୍ଷୁ ଲାଲ ରଙ୍ଗ ଦେଖାଯାଏ, ଯିଏ ରୁଗ୍ଣା, ଅମାର୍ଜିତା, ସେପରି କନ୍ୟାକୁ ମଧ୍ୟ ବିବାହ କରାଯାଏ ନାହିଁ । ନିମ୍ନ ଜାତିରେ ବା ପରିବାରରେ ଯଦି ସୁଲକ୍ଷଣ ଯୁକ୍ତ କନ୍ୟା ଜାତ ହୋଇଥାଏ ତେବେ ତାକୁ ବିବାହ କରାଯାଇଥାଏ । ମନୁ, ବାତ୍ସାୟନ, ଯାଜ୍ଞବଲ୍କ୍ୟ ଓ ନାରଦ ପ୍ରମୁଖ ବିବାହ ସମ୍ପର୍କରେ ନାନା ମତ ପ୍ରଦାନ କରିଅଛନ୍ତି । ବାତ୍ସାୟନ କହନ୍ତି ଯେ ଯେଉଁ ବିବାହରେ ସ୍ୱାମୀ ଓ ସ୍ତ୍ରୀଙ୍କର ପ୍ରେମ ପରସ୍ପରକୁ ଘନିଷ୍ଠମାନ କରେ ଏବଂ ଯେଉଁଟି ବିବାହ ଉଭୟ ପରିବାରର ଆନନ୍ଦର କାରଣ ହୁଏ ସେହିଟି ସେହି ବିବାହ ହୁଏ ଯଥାର୍ଥ ବିବାହ ।

ବିବାହରେ ପୁରୁଷ ଓ ନାରୀର ପାରସ୍ପରିକ ରୁଚି ଓ ନିର୍ବାଚନ ମଧ୍ୟ ପ୍ରଣିଧାନଯୋଗ୍ୟ । ଯେଉଁଠି ନିର୍ବାଚନ ଅନ୍ତର୍ଜ୍ଞାନ ଲବ୍ଧ ସେଇଠି ପ୍ରେମ ହୁଏ ଶୁଦ୍ଧ ଓ ସୁନ୍ଦର । ଏ କ୍ଷେତ୍ରରେ ପ୍ରେମ ହୁଏ ବିବାହର ଫଳ–

Digitized by PPRACHIN, SOA

'Love is often a furit of marriage.' ଏପରି ସ୍ଥଳେ ମନ ହିଁ ଅବସ୍ଥା ସୃଷ୍ଟି କରେ । ଅତଏବ ବିବାହ ଜୀବନର ଏକ ଅବିସ୍ମରଣୀୟ ସ୍ୱର୍ଗୀୟ ବିଭବ । ଉପଯୁକ୍ତ ପୁରୁଷ ସହିତ ଉପଯୁକ୍ତା ନାରୀର ବିବାହ ଦ୍ୱାରା ସେମାନଙ୍କ ଜୀବନ କେବଳ ମଧୁମୟ ହୁଏ ନାହିଁ; ସମଗ୍ର ସାମାଜିକ ଜୀବନ ମଧ୍ୟ ହୋଇଯାଏ ମଧୁମୟ । ଏହି ଦୃଷ୍ଟି ଓ ଦର୍ଶନ ଉପରେ ବିବାହ ପରି ଏକ ପୁଣ୍ୟ ଅନୁଷ୍ଠାନ ଗଢ଼ି ଉଠିଲେ ଭୋଗ ଦୃଷ୍ଟି ଆପେ ଆପେ ଲୋପ ପାଇଯାଇ ଏକ ଉତ୍ସର୍ଗୀକୃତ ଜୀବନଧାରା ବିକାଶ ଲାଭ କରେ ଏବଂ ବିବାହରୁ ଯେ ପ୍ରବାହ ସୃଷ୍ଟି ହୁଏ ତାହା ହୁଏ ଶାନ୍ତ, ସୁନ୍ଦର ଓ କଲ୍ୟାଣମୟ ।

ନାରୀ ଓ ଧର୍ଷଣ

ଏବେ ଯେ କୌଣସି ଖବର କାଗଜ ପୃଷ୍ଠା ଲେଉଟାଇ ଦେଲେ କୌଣସି ନା କୌଣସି ସ୍ଥାନରେ ନାରୀ-ଧର୍ଷଣଜନିତ ଶୃଙ୍ଖଳିକର ସମ୍ବାଦ ଆଖିରେ ପଡ଼ିଯାଏ । ଏହା ଏପରି ହେଲାଣି ଯେ ମନେହୁଏ ଯେମିତି ଏସବୁ ଘଟଣା ଗୋଟାଏ ମାମୁଲି ଘଟଣାରେ ପରିଣତ ହୋଇଗଲାଣି । କାହାରି ଯେମିତି ଏଘଟଣା ପ୍ରତି ଦରଦ ନାହିଁ କି ଏହି ଜଘନ୍ୟ ଘଟଣାର ପୁନରାବୃତ୍ତି ନହେବାପାଇଁ ଉଦ୍ୟମ ନାହିଁ । କାହିଁକି ଏସବୁ ଘଟଣା ଘଟୁଛି ଓ ଏହାର ନିରାକରଣ ପାଇଁ କଣ ଦରକାର, ସେଥିନେଇ କେହି ମୁଣ୍ଡ ଖେଳାଉଥିବା ଜଣାଯାଉ ନାହିଁ । ଏହା ଯେ ଏକ ସାମାଜିକ ଅପରାଧ, ଏ ଦିଗ ପ୍ରତି ମଧ୍ୟ ସଚେତନା ପ୍ରକାଶ ପାଉ ନାହିଁ ।

ନାରୀ ଯୁଗେ ଯୁଗେ ଆକର୍ଷଣ ସୃଷ୍ଟି କରେ । କାରଣ ମଣିଷର ସମ୍ଭୋଗତୃଷ୍ଣା ନାରୀକୁ ନେଇ ହିଁ ବଳବତ୍ତର ହୋଇଥାଏ । ଏହି ତୃଷ୍ଣା ମଣିଷକୁ ପଶୁସ୍ତରକୁ ନେଇଯାଏ । ପଶୁ ଏବଂ ମଣିଷର ଯୌନ ବ୍ୟାପାରରେ କୌଣସି ତଫାତ ରହେନାହିଁ । ଯେଉଁଠି ପ୍ରେମ ପ୍ରକଟିତ ହୁଏ, ସେଇଠି ମଣିଷ ପଶୁଠାରୁ ଉନ୍ନତ ହୋଇଯାଏ । ପ୍ରେମରେ ଧର୍ଷଣ ସମ୍ଭବ ନୁହେଁ । କାରଣ ଏଠି ଦେହ ସମ୍ଭୋଗ ମୁଖ୍ୟ ନୁହେଁ । ହୃଦୟ ସହିତ ହୃଦୟର, ଆତ୍ମା ସହିତ ଆତ୍ମାର ଏଠି ହୁଏ ମହାମିଳନ । ଏକ ଶୁଦ୍ଧପୂତ ଭାବ ଜାଗ୍ରତ ହୁଏ । ମିଳନ ହୋଇଯାଏ ପବିତ୍ରତାର ଯଜ୍ଞବେଦୀ । ଏଥିରେ ପ୍ରକାଶପାଏ ଦିବ୍ୟ ସୌନ୍ଦର୍ଯ୍ୟବୋଧ । ଯେଉଁଠି ପ୍ରେମ, ତ୍ୟାଗ ଓ ସୌନ୍ଦର୍ଯ୍ୟବୋଧ ନ ଥାଏ, ସେଠି ପଶୁସୁଲଭ ପ୍ରବୃତ୍ତି ପ୍ରକାଶ ପାଏ । ମଣିଷ ହୋଇଯାଏ ହିଂସ୍ର ଓ ପ୍ରମତ୍ତ । ପୁରାଣ ଯୁଗରେ ମଧ୍ୟ ନାରୀ ପ୍ରତି ଦୁର୍ବଳତା ଯେ ନ ଥିଲା, ତା' ନୁହେଁ । ସେତେବେଳେ ମଧ୍ୟ ଧର୍ଷଣ ଥିଲା । ବେଦମନ୍ତ୍ର କନ୍ୟାକୁ ଉପଦେଶ କରିବା ପାଇଁ

Digitized by PPRACHIN, SOA

ରାବଣର ଅନୁଧାବନ ଓ ବେଦମତୀ କନ୍ୟାର ମୃତ୍ୟୁ ସେ ଯୁଗ କଥା ସୂଚେଇ ଦିଏ । କେବଳ ଏତିକି ନୁହେଁ ; ଦେବ ଲୋକର ସକଳ ଅପ୍ସରୀମାନଙ୍କୁ ଆଣି ରାବଣ ଆପଣାର ସମ୍ଭୋଗ-ତୃଷ୍ଣାକୁ ଚରିତାର୍ଥ କରିଥିଲା । ଏପରିକି ସୀତାଙ୍କୁ ମଧ୍ୟ ବଳାତ୍କାରରେ ହରଣ କରିନେଇଥିଲା । ରାବଣ ଯେତେ ପାପ କରିଥିଲା ସେଥିମଧ୍ୟରୁ ନାରୀ-ଧର୍ଷଣ ଓ ନାରୀ ଅପହରଣ ପାପ ହେଲା ଉତ୍କଟ । ଏହି କାରଣରୁ ତାର ବିନାଶ ହେଲା ଅନିବାର୍ଯ୍ୟ । ଦୁର୍ଯ୍ୟୋଧନ ମଧ୍ୟ ଦ୍ରୌପଦୀଙ୍କୁ ରାଜସଭାରେ ଫେଡର ଉଲଗ୍ନ କରିବାକୁ ଦୁଃଶାସନକୁ ଆଦେଶ ଦେଲେ, ସର୍ବସମକ୍ଷରେ ତାଙ୍କୁ ଯେପରି ଉଲଗ୍ନ କରାଗଲା ତାହା ନାରୀ ଜାତି ପ୍ରତି ଏକ ଘୋର ଅବମାନନା । ଅଥଚ ସେତେବେଳେ କୌଣସି ବୁଦ୍ଧିଜୀବୀ ବା ବିଜ୍ଞବ୍ୟକ୍ତି ଏ ଘଟଣାର ପ୍ରତିବାଦ କରିପାରିଲେ ନାହିଁ । ଭାଗବତରେ ବେଣୁ ରାଜା ମଧ୍ୟ ନାରୀ-ଧର୍ଷଣକୁ ପ୍ରୋତ୍ସାହନ ଦେଇଥିଲେ । ନିଜେ ମଧ୍ୟ ନାରୀ-ଧର୍ଷଣକୁ ଗୌରବ ମନେ କରୁଥିଲେ । ଅବଶ୍ୟ ଏ ସମସ୍ତ ଘଟଣାକୁ ବୁଦ୍ଧିଜୀବୀମାନେ ସହିପାରି ନ ଥିଲେ । ନାରୀ-ଧର୍ଷଣ ଅପରାଧରୁ ରାବଣ—ଦୁର୍ଯ୍ୟୋଧନ—ବେଣୁ ସମସ୍ତେ ମୃତ୍ୟୁବରଣ କରିଥିଲେ । ତେବେ ପ୍ରଶ୍ନ ହେଉଛି କାହିଁକି ଏସବୁ ଘଟଣା ଘଟୁଛି ? କେଉଁମାନେ ଏସବୁ ଦୁଷ୍କର୍ମ ସହିତ ସଂପୃକ୍ତ ? ଏହାର କାରଣ ହେଉଛି ଯେ ମଣିଷ ଯେତେବେଳେ ବସ୍ତୁବାଦକୁ ଏକମାତ୍ର ସତ୍ୟ ମନେକରୁଛି ଓ ଅସତ୍ ଉପାୟରେ ପ୍ରାଚୁର୍ଯ୍ୟ ଭିତରେ ଜୀବନ କଟାଉଛି, ସେତେବେଳେ ସେ ନାରୀସଂଭୋଗକୁ ନିଜର ଆଭିଜାତ୍ୟ ମନେ କରୁଛି । ଗୋଟିଏ ନାରୀରେ ସେ ତୃପ୍ତ ନୁହେଁ , ବହୁ ନାରୀ-ସଂଭୋଗ ହୋଇଯାଉଛି ତାର ପୁରୁଷାର୍ଥ । ସମାଜର ଯେଉଁମାନେ କ୍ଷମତାଧର, ପ୍ରାଚୁର୍ଯ୍ୟର ଅଧିକାରୀ ସେହିମାନେହିଁ ନାରୀ-ସଂଭୋଗକୁ ପ୍ରାଧାନ୍ୟ ଦିଅନ୍ତି ଏବଂ ପାରଂପରିକ ମୂଲ୍ୟବୋଧ ଓ ନୈତିକତାକୁ ଜଳାଂଜଳି ଦେଇ ସଂଭୋଗକୁ ବ୍ରତ କରିନଅନ୍ତି ।

ପ୍ରାଚୀନ କାଳରୁ ଆରମ୍ଭ କରି ଏ ଯାବତ୍ ନାରୀ-ଧର୍ଷଣ ନାନାରୂପରେ ଚାଲିଆସିଛି । ପ୍ରାଚୀନ କାଳରେ କେବଳ ସମାଜର

Digitized by PPRACHIN, SOA

ଉଚ୍ଚସ୍ତରରେ ଥିବା ଅସତ୍ ବ୍ୟକ୍ତିମାନେ ହିଁ ନାରୀ-ଧର୍ଷଣକୁ ପ୍ରଶ୍ରୟ ଦେଉଥିଲେ । ସେମାନଙ୍କୁ ଅନ୍ୟମାନେ କହିବା ପାଇଁ ସାହସ କରୁ ନ ଥିଲେ । ଭାରତ ବର୍ଷରେ ଯେତେବେଳେ ମୋଗଲ ଶାସନ ପ୍ରତିଷ୍ଠିତ ହେଲା, ସେତେବେଳେ ଉଚ୍ଚବଂଶର ହିନ୍ଦୁ ନାରୀମାନଙ୍କୁ ବଳାତ୍କାରରେ ଶାସକମାନେ ନେଇଯାଉଥିଲେ । ତେବେ ଏହା ଗଣଧର୍ଷଣ ନ ଥିଲା । ପ୍ରାଚୀନ କାଳରୁ ମଧ୍ୟକାଳ ପର୍ଯ୍ୟନ୍ତ ନାରୀ-ଧର୍ଷଣ ଯେ ନ ଥିଲା, ତା ନୁହେଁ । ମାତ୍ର ଏହା ଗଣଧର୍ଷଣ ନ ଥିଲା । ବ୍ରିଟିଶ ଶାସନ ଆରମ୍ଭରୁ ଭାରତବର୍ଷ କ୍ରମେ ବଦଳିବାକୁ ଲାଗିଲା । ଇଂରାଜୀ ଶିକ୍ଷା ଓ ସଭ୍ୟତାର ସଂକ୍ରମଣ ଫଳରେ ନୂଆ ଜୀବନଧାରା ପ୍ରକାଶ ପାଇଲା । ଭୂମିକୈନ୍ଦ୍ରିକ, ଅର୍ଥନୀତି ଓ ସଂସ୍କୃତି ପରିବର୍ତ୍ତେ ସହର କୈନ୍ଦ୍ରିକ ଅର୍ଥନୀତି ଓ ଆଭିଜାତ୍ୟ ପ୍ରତିଷ୍ଠା ଲାଭ କଲା । ପରେ ପରେ ଶିଳ୍ପ କୈନ୍ଦ୍ରିକ ଅର୍ଥନୀତି ଓ ଆଭିଜାତ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କଲା । କୃଷିଭିତ୍ତିକ ସମାଜର ସରଳ ନୈତିକତା ଓ ସରଳ ଜୀବନଧାରା ଏ ସମସ୍ତକୁ ବଦଳିବାରେ ଲାଗିଲା । ସହର ଓ ଶିଳ୍ପକୁ ନେଇ ଯେଉଁ ନୂତନ ଅଭିଜାତ ସମାଜ ସୃଷ୍ଟି ହେଲା ତାହା ପାଶ୍ଚାତ୍ୟ ଜଗତକୁ ଅବଲୋକନ କଲା ଓ ସେହି ଦେଶର ଜୀବନଧାରାକୁ ସ୍ୱାଗତ କଲା । ତା ପାଖରେ ଭାରତବର୍ଷର ପାରଂପରିକ ଧର୍ମଭିତ୍ତିକ ସମାଜ ବ୍ୟବସ୍ଥା ହେଲା ମୂଲ୍ୟହୀନ । ଏକ ପକ୍ଷରେ ପ୍ରଭୁ-ନୈତିକତା ଓ ଅନ୍ୟ ପକ୍ଷରେ ଦାସ-ନୈତିକତା ସମାଜରେ ଦେଖାଦେଲା । ପ୍ରଭୁ-ନୈତିକତା ସମାଜକୁ ନିୟନ୍ତ୍ରଣ କରୁଥିବା ଗୋଷ୍ଠୀ ମଧ୍ୟରେ ଦେଖାଦେଲା ଏବଂ ସେହି ଗୋଷ୍ଠୀ ଯାହାକୁ ନୈତିକତା କହିଲା ତାହା ହିଁ ହେଲା ନୈତିକତା । ଦାସ-ନୈତିକତା ହୋଇଗଲା ଖିଆଲ । ଏପରି ଏକ ପରିସ୍ଥିତିରେ ସୁରା ଓ ସାକୀ ଯେପରି ଆଭିଜାତ୍ୟର ନିଦର୍ଶନ ହୋଇଗଲା । ଏପରି ସମାଜରେ ନାରୀ-ସଂଭୋଗ ଓ ନାରୀ ଧର୍ଷଣ କ୍ରମେ ଯେପରି ହୋଇଗଲା ଏକ ସାଧାରଣ ଘଟଣା । ସମାଜର ଉପଭୋଗୀ ବା ସୁଖଭୋଗୀ ଗୋଷ୍ଠିର ନାରୀ-ଧର୍ଷଣକୁ ରୋକିବା ପାଇଁ କୃଷି ସମାଜର ସରଳ ନୈତିକତା, ଶିଳ୍ପ ସଭ୍ୟତା ଏବଂ ସାମନ୍ତ ସଭ୍ୟତାର ଦାସ-ନୈତିକତା ସମର୍ଥ ହେଲା ନାହିଁ । ପ୍ରଶାସନ, ବିଚାର

Digitized by PPRACHIN, SOA

ଓ ଧର୍ମ ବ୍ୟବସ୍ଥା ସେହି ଉପଭୋଗୀ ଗୋଷ୍ଠୀ ନିୟନ୍ତ୍ରିତ ହୋଇପଡ଼ିବାରୁ ନାରୀ-ଧର୍ଷଣ କରୁଥିବା ସେହି ଗୋଷ୍ଠୀକୁ ଦୋଷ; ସାବ୍ୟସ୍ତ କରିହେଲା ନାହିଁ । କାରଣ ଯେଉଁ ଆଇନ ନୂଆକରି ବ୍ରିଟିଶ୍ ଶାସନ ଅମଳରେ ପ୍ରଚଳିତ ହେଲା , ତାହା ସେହି ଉପଭୋଗୀ ଗୋଷ୍ଠୀ ଦ୍ୱାରା ତିଆରି ହୋଇଥିବାରୁ ସେଥିରେ ଖସିଯିବା ପାଇଁ ଯେଉଁସବୁ ଖାପ୍‌ଚ ଥିଲା ତାହା ସେମାନଙ୍କୁ ଖସାଇଦେଲା ।

ସ୍ୱାଧୀନତା ସଂଗ୍ରାମବେଳେ ଭାରତବର୍ଷର ପାରଂପରିକ ମୂଲ୍ୟବୋଧ ଓ ନୈତିକତା ଉପରେ ଗୁରୁତ୍ୱ ଆରୋପ କରାଗଲା ଏବଂ ନାରୀଜାତିଙ୍କୁ ମାଆ ରୂପେ ସମ୍ମାନ ପ୍ରଦାନ କରାଗଲା । ନାରୀ ମଧ୍ୟ ପ୍ରଥମକରି ଅନ୍ଧକାର କକ୍ଷରୁ ଆଲୋକକୁ ଆସିଲା । ନିଜକୁ ଜାତୀୟ ସ୍ରୋତରେ ମିଶାଇଦେଲା । ନିଜର ଶକ୍ତି ଓ ସାମର୍ଥ୍ୟର ପ୍ରମାଣ ଦେଲା । ଅଥଚ ସ୍ୱାଧୀନତା ପରେ ଭାରତବର୍ଷରେ ପାଶ୍ଚାତ୍ୟୀକରଣ ମନୋଭାବ ହୋଇଗଲା ସୁତୀବ୍ର ଓ ଶାଣିତ । ଏହି ସମୟରେ କୃଷି, ଶିଳ୍ପ-ବ୍ୟବସାୟ ଓ ରାଜନୀତିକୁ ନେଇ ଏକ ନୂତନ ଅର୍ଥବାଦ ଗଢ଼ି ଉଠିଲା । ଏହି ଅର୍ଥବାଦ ଶୁଦ୍ଧ ସୁନ୍ଦର ଅର୍ଥବାଦ ନୁହେଁ । ଯେତେ ଏହାର ବାହାବା ପ୍ରକାଶ କରାଗଲେ ମଧ୍ୟ ଉପରୁ ତଳ ପର୍ଯ୍ୟନ୍ତ ସର୍ବତ୍ର ଏହି ଅର୍ଥବାଦ କଳଙ୍କିତ ଭାବ ସୃଷ୍ଟି କଲା । ଏହାକୁ କେନ୍ଦ୍ରକରି ଶକ୍ତି, ବୁଦ୍ଧି ଓ ଅହଂକାର ପ୍ରକାଶ ପାଇଲା । ଏସବୁ ନିଜକୁ ସ୍ୱତନ୍ତ୍ର କରି ଦେଖାଇବାର କୌଶଳ । ଏପରି ଏକ ପରିସ୍ଥିତିରେ ସାମାଜିକ ବିବେକ ଓ ସାଂସ୍କୃତିକ ନୈତିକତା ଲୋପ ପାଇଗଲା ।

ଅର୍ଥ ଓ କ୍ଷମତାକୁ ନେଇ ଯୁଗେ ଯୁଗେ ଯୌନ ଅବକ୍ଷୟ ଦେଖାଦିଏ । ଏ ସମୟରେ ଅର୍ଥ ଓ କ୍ଷମତା ଉଦ୍‌ଗ୍ର ହୋଇ ପଡିବାରୁ ଯୌନବ୍ୟାଧି ପ୍ରବଳ ହୋଇଯାଇଅଛି । ସମାଜର ସୁଖଭୋଗୀ ମଣିଷର ଏହି ବ୍ୟାଧି ତୀବ୍ରତର । ଏପରି ଏକ ପରିସ୍ଥିତି ଭିତରେ ପାଶ୍ଚାତ୍ୟ ହିପ୍‌ପୀ ଓ ଇପ୍‌ପୀ ପ୍ରଥା ଭାରତ ବର୍ଷରେ ଅବାଧ ଅନୁପ୍ରବେଶ କଲା । ପାଶ୍ଚାତ୍ୟ ବେଶପୋଷାକ, ଚାହାଣି, ଚଲଣି ଓ ଚମକ ଯେପରି ହୋଇଗଲା ଏ ଦେଶର ଆଦର୍ଶ । ପାଶ୍ଚାତ୍ୟ ଢାଞ୍ଚାରେ ଆଧୁନିକ ଅଭିଜାତ ସମାଜ

Digitized by PPRACHIN, SOA

କ୍ଲବ୍-ଜୀବନ ଓ କ୍ଲବ୍-ସଂସ୍କୃତିକୁ ଆପଣାର ମନେ କଲ ଏବଂ ସେହି ସଂସ୍କୃତି ଭିତରେ ବେଳେ ବଳେ ଗୀଭସ୍ସ କାଣ୍ଡମାନ ଘଟୁଥିବାର ସମ୍ବାଦ ମଧ୍ୟ ପ୍ରକାଶ ପାଇଲା । ଏ ଘଟଣା ଅଭିଜାତ ସମାଜର ହୋଇଥିବାରୁ ଏବଂ ଆଇନ ଓ ବିଚାର ସେହି ସମାଜର ହାତ ସଫେଇ ହୋଇଥିବାରୁ ସେମାନଙ୍କୁ କିଛି କୁହାଗଲା ନାହିଁ । ରାଜନୀତି କ୍ଷେତ୍ରରେ ମଧ୍ୟ ବେଳେବେଳେ ଲୋମହର୍ଷଣକାରୀ ଧର୍ଷଣ ଘଟଣା ପ୍ରକାଶ ପାଉଛି ; ମାତ୍ର ସେହି ଘଟଣାର ପ୍ରତିକାର ହୋଇପାରୁ ନାହିଁ । ଉପରସ୍ତରର ଏହି ଘଟଣାଗୁଡ଼ିକ କ୍ରମେ ମଧ୍ୟବିତ୍ତ ସମାଜକୁ ଓ ନିମ୍ନସମାଜକୁ ସଂକ୍ରମିତ ହୋଇ ଆସୁଛି । ଆଇନର ଧାରା ଓ ଉପଧାରା ଏପରି ଯେ ଏସବୁ ଘଟଣାକୁ ପ୍ରମାଣ କରାଯାଇପାରୁ ନାହିଁ । ତେଣୁ ନାରୀ-ଧର୍ଷଣ ପାଇଁ ସମଗ୍ର ସମାଜ-ବ୍ୟବସ୍ଥା, ଆଇନ-ବ୍ୟବସ୍ଥା ଓ ପ୍ରଶାସନ-ବ୍ୟବସ୍ଥା ଦାୟୀ ।

ଆଉ ଗୋଟିଏ କଥା ଏଠାରେ ଉଲ୍ଲେଖ କରିବା ଅସମୀଚୀନ ହେବନାହିଁ । ତାହା ହେଉଛି ସ୍ୱାଧୀନତା ପରେ ଚଳଚ୍ଚିତ୍ର-ଶିଳ୍ପର ବିସ୍ତୃତ ପ୍ରସାର । ନାରୀ ଧର୍ଷଣକୁ ଏସବୁ ଗଣମାଧ୍ୟମରେ ଏପରି ଦେଖାଇଦିଆ-ଯାଉଛି ଯାହାକି କୋମଳମତି ତରୁଣ ସମାଜକୁ ଏଥିପାଇଁ ପ୍ରୋତ୍ସାହିତ କରିଉଅଛି । ସହର ବଜାରର ଯେ କୌଣସି ସ୍ଥାନରେ ନାରୀକୁ ବ୍ୟବସାୟର ମାଧ୍ୟମ କରାଯାଇ ଯେପରି ଚିତ୍ରମାନ ପ୍ରକାଶ କରାଯାଉଛି, ତାହା ମଧ୍ୟ ଇନ୍ଦ୍ରିୟ ଉତ୍ତେଜନା ସୃଷ୍ଟି କରୁଛି । ଏଥି ସହିତ ନାରୀମାନେ ମଧ୍ୟ ନିଜ ନିଜକୁ ଏପରି ପୋଷାକ ପରିଚ୍ଛଦ ଦ୍ୱାରା ସଜ୍ଜିତ କରୁଛନ୍ତି ଯାହା ମଣିଷର ସଇତାନ ଭାବକୁ ଜାଗ୍ରତ କରୁଛି । ନାରୀ-ଧର୍ଷଣର ଏସବୁ କାରଣଗୁଡ଼ିକୁ ବିଚାରକୁ ନେଇ ଆଉ କେତୋଟି କଥା ଏଠାରେ ଉଲ୍ଲେଖ କରାଯାଉଛି । କୌଣସି ଏକ ନାରୀ ଯେତେବେଳେ ଚାକିରି ଅନ୍ୱେଷଣରେ ଆସୁଛି, ସେତେବେଳେ ତାର ଅସହାୟତାର ସୁଯୋଗନେଇ ତା' ଠାରେ ବିଶ୍ୱାସ ଜନ୍ମାଇ ତାକୁ ଏପରି ଅବସ୍ଥାକୁ ନିଆଯାଉଛି ଯେଉଠି ସେ ଗଣଧର୍ଷିତା ହୋଇଯାଉଛି । ସେହିପରି ଅନ୍ୟକୌଣସି କାର୍ଯ୍ୟୋପଲକ୍ଷେ ଯେତେବେଳେ ସେ ଏକାକିନୀ-

Digitized by PPRACHIN, SOA

ହୋଇଯାଉଛି, ସେତେବେଳେ ମଧ୍ୟ ତାକୁ ଯୌନପ୍ରମତ୍ତ ବ୍ୟକ୍ତିମାନେ ନେଇଯାଉଛନ୍ତି ଓ ସେ ଧର୍ଷଣର ଶିକାର ହୋଇଯାଉଛି । ସାଧାରଣତଃ ଦେଖାଯାଉଛି ସମାଜର ଉଚ୍ଚସ୍ତରର ବ୍ୟକ୍ତିମାନଙ୍କ ସନ୍ତାନମାନେ ଏତାଦୃଶ୍ୟ ଧର୍ଷଣରେ ପୈଶାଚିକ ଉଲ୍ଲାସ ଅନୁଭବ କରୁଛନ୍ତି । ଏହାଛଡ଼ା ଯେଉଁମାନେ ଆଇନର ରକ୍ଷକ ସେମାନେ ମଧ୍ୟ ଆଇନର ସୁଯୋଗ ନେଇ ଏପରି ଜଘନ୍ୟ କାର୍ଯ୍ୟ କରିବାକୁ କୁଣ୍ଠାପ୍ରକାଶ କରୁନାହାନ୍ତି । ବେଳେବେଳେ ଦେଖାଯାଉଛି ଯେଉଁମାନେ ଶିକ୍ଷାପରି ପବିତ୍ର କାର୍ଯ୍ୟ ସଂପାଦନ କରୁଛନ୍ତି , ସେମାନେ ମଧ୍ୟ ନାରୀ ପ୍ରତି ଗଣଧର୍ଷଣ କରୁଛନ୍ତି । ଏପରି ଅବସ୍ଥା ହୋଇଛି ଯେ ସମାଜର ପ୍ରତ୍ୟେକ ସ୍ତରରେ ଯେପରି ନାରୀ ଧର୍ଷଣ ଏକ ଫେସନରେ ପରିଣତ ହୋଇଯାଇଛି । ନାରୀ ଆଉ ନିଜକୁ ନିରାପଦ ମନେକରୁ ନାହିଁ । ଏପରି ଯେଉଁ ମନୋଭାବ ଓ ଅବସ୍ଥା ସୃଷ୍ଟି ହୋଇଛି ତାର ଉପସଂହାର କିପରି ହେବ ସେ ଦିଗରେ ସଚେତନତା ପ୍ରକାଶ ପାଉନାହିଁ । କୁତ୍ସିତ ଅର୍ଥବାଦ ଯେତେଦିନ ପର୍ଯ୍ୟନ୍ତ ଅସଲ୍ ସାମ୍ରାଜ୍ୟ ବିସ୍ତାରକରି ରହିଥିବ, ସେତେଦିନ ପର୍ଯ୍ୟନ୍ତ ନାରୀ ଧର୍ଷଣକୁ ରୋକାଯାଇ ପାରିବ ନାହିଁ । କାରଣ ଅର୍ଥ ହିଁ ମଣିଷକୁ ଅନ୍ଧକରେ, ପ୍ରମତ୍ତ କରେ, ସଇତାନ କରେ । ତା' ଭିତରୁ ସକଳ ମାନବିକ ମୂଲ୍ୟବୋଧକୁ ଦୂରେଇ ନିଏ । ତାର ନୈତିକତାକୁ ଗ୍ରାସ କରେ । ନାରୀ ପ୍ରଗତି ଓ ନାରୀ ଜାଗରଣ ପାଇଁ ଯେତେ ଯାହା କୁହାଯାଉଥିଲେ ,ମଧ୍ୟ, ତାହା ନାରୀର ପ୍ରଗତି ନକରି ଦୁର୍ଗତିର କାରଣ ହେଉଛି । ସମଗ୍ର ନାରୀଜାତି ଯଦି ଏ ଦିଗରେ ସଚେତନ ନ ହୁଏ ଓ ନିଜକୁ ରକ୍ଷା କରିବାର ଦାୟିତ୍ୱ ନିଜେ ବହନ ନ କରେ, ତେବେ ସାଂପ୍ରତିକ ଯୌନ ବିଭୀଷିକା ମଧ୍ୟରୁ ତାକୁ କେହି ରକ୍ଷା କରିପାରିବେନାହିଁ । ନିଜକୁ ଦୁର୍ବଳା ମନେକରି ଅସହାୟ ହୋଇପଡ଼ିଲେ ସଇତାନମାନେ ସେମାନଙ୍କୁ ନିଃଶେଷ କରି ଦେବାକୁ ଶକ୍ତି ଓ ସାହସ ସଂଚୟ କରିବେ । ଏକ ମହାନ ସାଂସ୍କୃତିକ ପରଂପରାକୁ ଉପଲବ୍ଧି କରି ନାରୀ ସମାଜ ଆତ୍ମନିରୀକ୍ଷଣ କରିବା ଉଚିତ । ନିଜକୁ ବାହାରେ ପ୍ରକାଶ କରିବାର ପ୍ରବୃତ୍ତି ତ୍ୟାଗକରି ନିଜର ସ୍ଥିତିକୁ ସୁଦୃଢ଼ କରିବା

Digitized by PPRACHIN, SOA

ଓ ଏକ ସଂଗଠିତ ପ୍ରକ୍ରିୟାରେ ନିଜ ପ୍ରତି ହେଉଥିବା ଅବମାନନାର ମୁକାବିଲା କରିବା ହେଉଛି ଆଜିର ଯଥାର୍ଥ ବାଣୀ । ମାତୃଜାତିର ମର୍ଯ୍ୟାଦା ରକ୍ଷା ହେଉ ଓ ମାତୃ ଜାତିର ଜୟ ହେଉ—ଏହାହିଁ ଯେପରି ଆଜିର ବାର୍ତ୍ତା । ମନେରଖିବାକୁ ହେବ ନାରୀଜାତିର ମର୍ଯ୍ୟାଦା ଓ ସମ୍ମାନ ବୃଦ୍ଧିରେ ସମାଜ ଓ ରାଷ୍ଟ୍ରର କଲ୍ୟାଣ ଓ ବିକାଶ । ନାରୀକୁ କେବଳ ଉପଭୋଗର ସାମଗ୍ରୀ କରି ନେଇ ଆପଣାର ପୈଶାଚିକ ଲାଳସାକୁ ଚରିତାର୍ଥ କଲେ ତଦ୍ଦ୍ୱାରା ସମାଜର ବିକାଶ ହୁଏ ନାହିଁ । ସମାଜର ଓ ଦେଶର ବିକାଶ ହୁଏ ନାରୀକୁ ଉପଯୁକ୍ତ ସମ୍ମାନ ପ୍ରଦାନ କରିବାରେ । ନାରୀର ଅସହାୟତାର ସୁଯୋଗ ନେଇ ହିଂସ୍ର ପ୍ରମତ୍ତ ପୁରୁଷ ଯେଉଁଠି ତାକୁ ଉପଭୋଗ କରେ ସେଠି ସେହି ପୁରୁଷ ହୋଇଯାଏ ମହାପାପୀ ଓ ଓ ନରାଧମ । ଭୋଗବାଦୀ ସଭ୍ୟତା ଯେତିକି ଯେତିକି ବୃଦ୍ଧି ଲାଭ କରୁଥିବ ଓ କଳା-ଧନ ଯେତିକି ଯେତିକି ପ୍ରସାର ଲାଭ କରୁଥିବ ସେତିକି ସେତିକି ଯୌନ ଅବକ୍ଷୟ ବୃଦ୍ଧି ହେଉଥିବ ଓ ନାରୀ-ଧର୍ଷଣ ମଧ୍ୟ ସେତିକି ସେତିକି ବୃଦ୍ଧି ହେଉଥିବ । ଯେତେ ନୀତି ଓ ଆଦର୍ଶ, ଧର୍ମ ଓ ତତ୍ତ୍ୱ କଥା କହିଲେ ମଧ୍ୟ ତାହା ଭୋଗବାଦୀ ମଣିଷଙ୍କ ଉପରେ ପ୍ରଭାବ ପକାଏ ନାହିଁ । ପୁଣି ସାଂପ୍ରତିକ ରାଜନୀତି ଏପରି ଏକ ନିମ୍ନସ୍ତରକୁ ଖସି ଯାଇଛି ଯେ ଅସାମାଜିକ ଓ ଅସଚ୍ଚରିତ୍ର ବ୍ୟକ୍ତିମାନେ ପ୍ରଭାବ ବିସ୍ତାର କରି ରହିଛନ୍ତି । ଏମାନେ ଯେ କେବଳ ଅର୍ଥ ଲୁଣ୍ଠନ କରୁଛନ୍ତି ତାହା ନୁହେଁ ; ନାରୀ-ଉପଭୋଗକୁ ଏକ ଫେସନ ଭାବରେ ଗ୍ରହଣ କରି ନେଇଛନ୍ତି । ଏପରି କ୍ଷେତ୍ରରେ ନାରୀ ଧର୍ଷିତା ହେଲେ ବା ଧର୍ଷିତା ନାରୀର ମୃତ୍ୟୁ ହୋଇଗଲେ ପ୍ରଶାସନ ବା ଆଇନ କିଛି କରିବାକୁ ସକ୍ଷମ ହୋଇପାରେ ନାହିଁ । ଏହି ଯେଉଁ ଅବସ୍ଥା ସୃଷ୍ଟି ହୋଇଛି ସେଥିରେ ନାରୀ ହିଁ ନିଜେ ନିଜକୁ ରକ୍ଷା କରିବ । ତାକୁ ରକ୍ଷାକରିବାକୁ ଅନ୍ୟ କେହି ନାହିଁ । ନାରୀ-ନିର୍ଯ୍ୟାତନା ଓ ନାରୀ-ଧର୍ଷଣ ବିଲୋପ ନ ହେଲେ ସମାଜ ଓ ଦେଶ ଯେ କ୍ରମେ ଧ୍ୱଂସମୁଖୀ ହୋଇଯିବ ; ଏ ସତ୍ୟକୁ ଅସ୍ୱୀକାର କରିହେବ ନାହିଁ ।

●

Digitized by PPRACHIN, SOA

ନାରୀ : ଯୌନ ଓ ପ୍ରେମ

ନାରୀ କ୍ଷେତ୍ର । ପୁରୁଷ କ୍ଷେତ୍ରଜ୍ଞ । ଯେତେବେଳେ ପୁରୁଷ କ୍ଷେତ୍ରାଧିପତି ହୋଇଯାଏ ଏବଂ କ୍ଷେତ୍ରାଧିପତିତ୍ୱ ଫଳରେ ତାର ଅହଙ୍କାର ପ୍ରକାକାଶ ପାଏ ସେତେବେଳେ ନାରୀ ପ୍ରତି ତାର ସମ୍ମାନ ରହେ ନାହିଁ । ସେ ଭାବେ ନାରୀ ତାର ଦୟାର ପାତ୍ରୀ । କ୍ଷେତ୍ର ପ୍ରତି ସମ୍ମାନ ରହିଲେ କ୍ଷେତ୍ର ହୁଏ ଉତ୍ତମ ଫଳପ୍ରସୂ । ଅସମ୍ମାନ ରହିଲେ କ୍ଷେତ୍ର ହୁଏତ ଫଳପ୍ରଦ୍ଧୂ ହୁଏ କିନ୍ତୁ ତାହା ଉତ୍ତମ ଫଳ ଦିଏ ନାହିଁ । କ୍ଷେତ୍ର ଓ କ୍ଷେତ୍ରଜ୍ଞର ସମନ୍ୱୟରେ ଉଭୟର ହୁଏ କଲ୍ୟାଣ ।

ଭଗବାନଙ୍କ ସୃଷ୍ଟିରେ ନାରୀ ଅପୂର୍ବ ଶକ୍ତି ଓ ଦ୍ୟୁତିର ଅଧିକାରିଣୀ । ସେଥିପାଇଁ ସେ ଆକର୍ଷଣୀୟା । ତାର ସୌନ୍ଦର୍ଯ୍ୟ ବସ୍ତୁଗତ । ପାଦାର୍ଥିକ ସଂପର୍କରୁ ସୌନ୍ଦର୍ଯ୍ୟର ଉତ୍ପତ୍ତି । ପୁନଶ୍ଚ କୁହାଯାଏ ଯେ, ସୌନ୍ଦର୍ଯ୍ୟ ବସ୍ତୁରେ ନାହିଁ; ଅଛି ଦ୍ରଷ୍ଟାର ମନରେ । ମନର କ୍ରିୟା ଓ ପ୍ରତିକ୍ରିୟା ନେଇ ସୌନ୍ଦର୍ଯ୍ୟ ରୂପ ଗ୍ରହଣ କରେ । ଯାହା ସୁନ୍ଦର ତାହା ସୁନ୍ଦର ରୂପେ ପ୍ରତିଭାତ ହୁଏ । ଯାହା ଅସୁନ୍ଦର ତାହା ମଧ ମନର ଅବସ୍ଥା ନେଇ ସୁନ୍ଦର ଜଣାଯାଏ । କୁତ୍ସିତ ରୂପ ମଧ କାହାରି କାହାରି ପକ୍ଷରେ ଅପୂର୍ବ ସୁଷମାମଣ୍ଡିତ ହୋଇଯାଏ । ତେଣୁ ସୌନ୍ଦର୍ଯ୍ୟ ବସ୍ତୁ ନିହିତ ହେଲେ ହେଁ ମନରେ ଏହାର ଅଧିଷ୍ଠାନ । ସୌନ୍ଦର୍ଯ୍ୟର ରହସ୍ୟ ହିଁ ଜୀବନର ରହସ୍ୟ । ଯୁଗ ଯୁଗ ଧରି ମଣିଷକୁ ସୌନ୍ଦର୍ଯ୍ୟର ରହସ୍ୟ ନାନା ଭାବରେ ବ୍ୟସ୍ତ ବିବ୍ରତ କରିଆସିଛି । ସୌନ୍ଦର୍ଯ୍ୟ ଆନନ୍ଦଦାୟକ । ଦର୍ଶନେନ୍ଦ୍ରିୟ ଓ ଶ୍ରବଣେନ୍ଦ୍ରିୟ ଦ୍ୱାରା ସୌନ୍ଦର୍ଯ୍ୟବୋଧର ହୁଏ ଉତ୍ପତ୍ତି । ସୌନ୍ଦର୍ଯ୍ୟ ମଣିଷର ଆତ୍ମା ସ୍ୱରୂପ । ଯେତେବେଳେ ସୌନ୍ଦର୍ଯ୍ୟ ସୌନ୍ଦର୍ଯ୍ୟ ବୋଧରେ ପରିଣତ ହୁଏ , ସେତେବେଳେ ସ୍ଥୂଳ ସୌନ୍ଦର୍ଯ୍ୟ ଦ୍ରବୀଭୂତ

Digitized by PPRACHIN, SOA

ହୋଇଯାଏ । ସୌନ୍ଦର୍ଯ୍ୟର ଏହି ଦ୍ରବୀଭୂତ ଅବସ୍ଥା ପ୍ରେମରେ ହୁଏ ପରିଣତ । ଏହିଠାରେ ସୌନ୍ଦର୍ଯ୍ୟ ଓ ପ୍ରେମ ହୋଇଯାଆନ୍ତି ଏକ ଏବଂ ଅଭିନ୍ନ । ଏଇଠି ସୌନ୍ଦର୍ଯ୍ୟକୁ ଉପାସନା କରାଯାଏ । ପ୍ରେମ ମଧ୍ୟ ହୁଏ ଉପାସ୍ୟ । ଯେଉଁଠି ପ୍ରେମକୁ ଉପାସନା କରାଯାଇପାରେ ନାହିଁ ସେଇଠି ପ୍ରେମ ଆଉ ପ୍ରେମ ହୁଏ ନାହିଁ, ତାହା ହୁଏ କ୍ଷଣିକ ସମ୍ଭୋଗ ଲାଳସାର ହେତୁ ।

ନାରୀର ସୌନ୍ଦର୍ଯ୍ୟ ପୁରୁଷକୁ ଆକର୍ଷଣ କରେ । ଏହି ଆକର୍ଷଣ ସୌନ୍ଦର୍ଯ୍ୟ ଜନିତ ହେଲେ ହେଁ ଏହାର ଅନ୍ତର୍ନିହିତ ବାସନା ଯୌନ ସମ୍ଭୋଗ । ନାରୀର ଦୃଶ୍ୟରୂପ ପୁରୁଷର ଦର୍ଶନେନ୍ଦ୍ରିୟ ମଧ୍ୟ ଦେଇ ତାର ସୁପ୍ତ ଇନ୍ଦ୍ରିୟ ଚେତନାକୁ ଜାଗ୍ରତ କରିଦିଏ । ସେହି ଇନ୍ଦ୍ରିୟ ଚେତନା ଜାଗ୍ରତ ହୋଇ ଯଦି କେବଳ ଉପଭୋଗ-ତୃଷ୍ଣା ସୃଷ୍ଟି କରେ, ତେବେ ସେଠି ଆଉ ପ୍ରେମ ପ୍ରକାଶ ପାଏ ନାହିଁ । ଯେତେବେଳେ ଦୃଶ୍ୟ-ରୂପ ପୁରୁଷର ଇନ୍ଦ୍ରିୟ ଚେତନାରେ ଦ୍ରବୀଭୂତ ହୋଇଯାଏ, ସେତେବେଳେ ନାରୀର ସମଗ୍ର ସତ୍ତା ତା' ଭିତରେ ଆତ୍ମପ୍ରକାଶ କରେ ଏବଂ ଅପର ପକ୍ଷରେ ନାରୀର ଇନ୍ଦ୍ରିୟ ଚେତନାରେ ପୁରୁଷର ସମଗ୍ର ସତ୍ତା ମଧ୍ୟ ପ୍ରତିଭାତ ହୁଏ । ସେଇଠି ସୌନ୍ଦର୍ଯ୍ୟ ଓ ପ୍ରେମ ଏକ ହୋଇଯାଏ ।

ଏହି ପ୍ରସଙ୍ଗରେ ପ୍ରଶ୍ନ ଆସେ ଯୌନ କଣ ଏକ ଅଭ୍ୟାସ ? ଏହାର ଉତ୍ତର ସହଜ । ଯୌନ ଅଭ୍ୟାସ ନୁହେଁ, କେବଳ ମାତ୍ର ପ୍ରବୃତ୍ତି ନୁହେଁ । ଯୌନ ହିଁ ଜୀବନ । ଯୌନ ମଧ୍ୟ କ୍ଷୁଧା ନୁହେଁ । କାରଣ ଜୀବନ ଏକ କ୍ଷୁଧା ନୁହେଁ । ଯେଉଁଠି ଜୀବନ ସେଇଠି ଯୌନ । ସୌନ୍ଦର୍ଯ୍ୟ ହିଁ ରହସ୍ୟମୟ । ଯୌନକୁ ନେଇ ସୌନ୍ଦର୍ଯ୍ୟର ଆତ୍ମପ୍ରକାଶ ଘଟୁଥିବାରୁ ଯୌନ ଓ ସୌନ୍ଦର୍ଯ୍ୟ ମଧ୍ୟ କ୍ଷୁଧା ନୁହେଁ । ଡ: ଏଚ: ଲରେନ୍‌ସ କହନ୍ତି ଯେ ଯୌନ ଓ ସୌନ୍ଦର୍ଯ୍ୟ ଅଗ୍ନି ଓ ତାର ଶିଖା ପରି ଏକ ଏବଂ ଅଭିନ୍ନ । ଯିଏ ଯୌନକୁ ଘୃଣାକରେ ସେ ସୌନ୍ଦର୍ଯ୍ୟକୁ ଘୃଣାକରେ । ଯିଏ ଜୀବନ୍ତ ସୌନ୍ଦର୍ଯ୍ୟକୁ ଭଲପାଏ ତାର ଯୌନ ପ୍ରତି ସମ୍ମାନ ରହେ । ଜୀବନ୍ତ ସୌନ୍ଦର୍ଯ୍ୟକୁ ଭଲପାଇବାକୁ

Digitized by PPRACHIN, SOA

ହେଲେ ଯୌନ ପ୍ରତି ସମ୍ମାନ ରକ୍ଷିବା ଏକାନ୍ତ ଆବଶ୍ୟକ । ଜୀବନରୁ ଚେତନା ଶକ୍ତିକୁ ଯେପରି ଅଲଗା କରିହୁଏ ନାହିଁ ସେହିପରି ଯୌନରୁ ସୌନ୍ଦର୍ଯ୍ୟକୁ ମଧ୍ୟ ଅଲଗା କରିହୁଏ ନାହିଁ । ଯୌନ ଜୀବନର ମୂଳ । ବୋଧି ତାର ପତ୍ର । ସୌନ୍ଦର୍ଯ୍ୟ ତାର ଫୁଲ । ଅତଏବ ଯୌନ, ବୋଧି ଓ ସୌନ୍ଦର୍ଯ୍ୟ ଯେପରି ମିଳିଯାଆନ୍ତି ଗୋଟିଏ ବିନ୍ଦୁରେ ।

ସୌନ୍ଦର୍ଯ୍ୟ ଏକ ଅଭିବ୍ୟକ୍ତି । ଏହା ଏକ ସ୍ଥିର ପଦ୍ଧତି ନୁହେଁ । ଏହା ମଧ୍ୟ ସର୍ଜ୍ଜୀକରଣ ନୁହେଁ । ଏହା ଅନୁଭବ୍ୟ । ଏହା ଏପରି ଏକ ଧାତ୍ରି ଯାହା ସୁନ୍ଦରତାକୁ ବହନ କରି ଆଣେ । ଯୌନ କିନ୍ତୁ ଏକ ଅଗ୍ନି । ଏହା ଉତ୍ତାପ ବହନ କରେ । ସେହି ଉତ୍ତାପ ଭିତରେ ଥାଏ ଜ୍ୟୋତି । ଏହି ଜ୍ୟୋତି ଯେତେବେଳେ ବିଶୁଦ୍ଧ ହୋଇଯାଏ ସେତେବେଳେ ସୌନ୍ଦର୍ଯ୍ୟ ଆତ୍ମପ୍ରକାଶ କରେ । ଏହାହିଁ ଯୌନର ଯଥାର୍ଥ ଆବେଦନ । ଯେତେବେଳେ ସାମାଜିକ ମଣିଷ ଇନ୍ଦ୍ରିୟ ବଶୀଭୂତ ହୋଇ ଅଯତ୍ନ ସହକାରେ ସେହି ଅଗ୍ନିକୁ ସ୍ପର୍ଶକରେ ସେତେବେଳେ ସେହି ଅଗ୍ନିରେ ସେ ପୋଡ଼ିମରେ । ଏହିକାରଣରୁ ସେପରି ମଣିଷ ଯୌନକୁ ଘୃଣାକରେ । ଯୌନ ଯେତେବେଳେ ସୌନ୍ଦର୍ଯ୍ୟବୋଧ ସହିତ ତଲ୍ଲୀନ ହୋଇଯାଏ ସେତେବେଳେ ଯୌନ ପ୍ରତି ଆଉ ଘୃଣା ସୃଷ୍ଟି ହୁଏ ନାହିଁ । ଯୌନ ପ୍ରତି ସମ୍ମାନବୋଧ ଜାଗ୍ରତ ହୁଏ । ତେଣୁ ଯୌନ ହୋଇଯାଏ ପ୍ରେମ ।

ସମାଜରେ ଦେଖାଯାଇଛି ଯେ ପୁରୁଷ ଅନେକ ସମୟରେ ଯୌନକୁ ସମ୍ମାନ ଦେଇ ଜାଣିନାହିଁ । ତା' ଭିତରେ ଗୋଟିଏ ଉଦଗ୍ର ଯୌନଲାଳସା ସୃଷ୍ଟି ହୋଇଥାଏ । ସେ ନାରୀକୁ ମନେ କରିଛି କ୍ରୀଡ଼ା ପୁତ୍ତଳିକା । ସମ୍ଭୋଗ ଲାଳସାକୁ ଚରିତାର୍ଥ କରିବାକୁ ଯାଇ ସେ ହୋଇଛି ସଇତାନ । ନାରୀର ସୌନ୍ଦର୍ଯ୍ୟ ଓ ଯୌବନକୁ ଉଦ୍‌ଭିନ୍ନ କରି ସେ ପୈଶାଚିକ ଉଲ୍ଲାସ ଅନୁଭବକରିଛି । ଯେତେବେଳେ ପୁରୁଷ ଅତ୍ୟଧିକ ଅସତ୍ ଅର୍ଥର ବା ସମ୍ପତ୍ତିର ଅଧିକାରୀ ହୋଇଛି ସେତେବେଳେ ତାର ଦେଖାଦେଇଛି ଉଦଗ୍ର ନାରୀ ସମ୍ଭୋଗ ତୃଷ୍ଣା । ସେ ମନେକରିଛି ନାରୀ

Digitized by PPRACHIN, SOA

କେବଳ ଭୋଗ୍ୟବସ୍ତୁ । ସେଠି ପ୍ରେମ ହୋଇଯାଇଛି ପଣ୍ୟ । ବସ୍ତୁବାଦ ପ୍ରେମକୁ ସମ୍ମାନ ଦିଏ ନାହିଁ । ବସ୍ତୁବାଦ ଭିତରେ ପୁରୁଷ ଯେପରି ହୋଇଯାଏ ଏକଚ୍ଛତ୍ରପତି ସମ୍ରାଟ । ନାରୀ ମଧ୍ୟ ସେଠି ପୁରୁଷକୁ ଅନୁସରଣ କରେ । ଯୌନ ସମ୍ଭୋଗ ହୁଏ ସେଠି ଏକମାତ୍ର ଆଦର୍ଶ । କୌଣସି ନୀତି ବା ଆଦର୍ଶ ରହେନାହିଁ । ପରସ୍ପର ପ୍ରତି ସମ୍ମାନ ରହେନାହିଁ । ତେଣୁ ପ୍ରେମର ଦିବ୍ୟତ୍ୱ ଏଠି ଚିନ୍ତାକରିବା ବୃଥା । ଯେତିକି ଯେତିକି ଯୌନ ପ୍ରତି ସମ୍ମାନ କମିଯାଏ ସେତିକି ସେତିକି ହିଂସ୍ରତା ବଢ଼ିଉଠେ । ନାରୀ ସେହି ହିଂସ୍ରତାର ହୁଏ ଶିକାର । ବସ୍ତୁ-ତୃଷ୍ଣା ଓ କ୍ଷମତା-ତୃଷ୍ଣା ଏ ସମାଜରେ ପ୍ରବଳ ହୋଇଥିବାରୁ ନାରୀ କେବଳ ଏଠି ହୋଇଯାଏ ଯୌନାକାଙ୍କ୍ଷା ପରିତୃପ୍ତିର ଏକ ଯନ୍ତ୍ର ମାତ୍ର ।

ପୁରୁଷ ଯୁକ୍ତିନିଷ୍ଠ । ନାରୀ ଆବେଗଧର୍ମୀ । ଯୁକ୍ତିବଳରେ ପୁରୁଷ ଯୌନକୁ ସାଧାରଣ ପଣ୍ୟବସ୍ତୁ ମନେକରେ । ଯେଉଁଠି ପୁରୁଷର ନାରୀ ସମ୍ଭୋଗ କୌଣସି କାରଣରୁ ବ୍ୟର୍ଥ ହୁଏ ସେଠି ସେ ହିଂସ୍ର ହୁଏ । ଅଥବା ନାରୀକୁ ସେ ଘୃଣାକରେ । ଭର୍ତ୍ତୃହରି ନାରୀକୁ କେତେ ଭଲ ପାଉନଥିଲେ ! ଅଥଚ ସେ ନାରୀକୁ ଭୟଙ୍କର ଭାବରେ ଘୃଣା କଲେ । ତୁଳସୀ ଦାସ ପତ୍ନୀକୁ ମୁହୂର୍ତ୍ତେ ଛାଡ଼ି ନଥିଲେ । ଅଥଚ ତାଙ୍କ ଦୃଷ୍ଟିରେ ନାରୀ ହୋଇଗଲା ରାତିରେ ନାଗୁଣୀ ଦିନରେ ବାଘୁଣୀ । ପୁରୁଷଠାରୁ ସେ ପ୍ରତି ମୁହୂର୍ତ୍ତରେ ରକ୍ତ ଶୋଷଣ କରେ । କେବଳ ଏତିକି ନୁହେଁ ସେହି ନାରୀ ପୁଣି ହୋଇଗଲା ଛଅଟି ଋତୁସଦୃଶ୍ୟ । ଗ୍ରୀଷ୍ମଋତୁରେ ଯେପରି ଜଳାଶୟ ଶୁଖିଯାଏ ସେହିପରି ନାରୀ ପୁରୁଷର ଜପ, ତପ ଆଦି ଗୁଣକୁ ଶୋଷଣ କରିଦିଏ । ବସନ୍ତ ଋତୁ ପରି ନାରୀ ପୁରୁଷର ମୋହ ରୂପକ ବିପିନକୁ ପଲ୍ଲବିତ କରିଦିଏ । ବର୍ଷାଋତୁରେ ନାନା ଅନାବନା ଘାସ ଓ ବୃକ୍ଷଲତା ଜନ୍ମନେଲା ପରି ନାରୀ ପୁରୁଷର ସକଳ ଦୁର୍ବାସନାକୁ ଜାଗ୍ରତ କରିଦିଏ । ପୁରୁଷ ବର୍ଗରେ ନାରୀ ଏହିପରି ଘୃଣ୍ୟା । ଧର୍ମଶାସ୍ତ୍ରମାନଙ୍କରେ ମଧ୍ୟ କୁହାଯାଇଛି ନାରୀ ପୁରୁଷର ଅଧଃପତନର କାରଣ । ତେବେ ନାରୀ ଜନ୍ମ କଣ ଏକ ପାପ ? ସେ କଣ କେବଳ ପୁରୁଷକୁ ନଷ୍ଟ କରିବାକୁ ଜନ୍ମ ନେଇଛି ? ନାରୀ ଯଦି ପୁରୁଷକୁ ନଷ୍ଟ କରିଦେଉଛି ତେବେ ପୁରୁଷ

Digitized by PPRACHIN, SOA

କାହିଁକି ନାରୀକୁ ନଷ୍ଟ କରୁନାହିଁ ? ପୁରୁଷ କାହିଁକି ନାରୀର ଅଧଃପତନ ପାଇଁ ଦାୟୀ ହେବ ନାହିଁ ? ଯେହେତୁ ପୁରୁଷ ସମାଜ ଓ ଶାସନର ନିୟନ୍ତ୍ରକ ଏବଂ ଅର୍ଥନୀତି ତା' ହାତରେ ପ୍ରତିଷ୍ଠିତ ସେଇହେତୁ ନାରୀକୁ ସେ ମନେ କରିଛି ତାର ଦୟାର ପାତ୍ରୀ । ପୁରୁଷ କୈନ୍ଦ୍ରିକ ସମାଜରେ ନାରୀକୁ ତେଣୁ ବାରମ୍ବାର ସମାଲୋଚନା କରାଯାଇଛି । ନାରୀ ଯେମିତିକି ସକଳ ପାପ ଓ ଦୁଷ୍କର୍ମର ଏକ ଜୀବନ୍ତ ପ୍ରତିନିଧି ! ଏପରି ମନୋଭାବ ନାରୀ ପ୍ରତି ଅବମାନନା । ନାରୀକୁ ଛାଡ଼ିଦେଲେ ପୁରୁଷର ସ୍ଥିତି କାହିଁ ? ସୃଷ୍ଟିର ଧାରା କଣ ସମ୍ଭବ ହେବ ? ନାରୀ ନିର୍ବୋଧ ନୁହେଁ । ବରଂ ପୁରୁଷ ନିର୍ବୋଧ । ଏହି ନିର୍ବୋଧତା ଯୋଗୁଁ ନାରୀକୁ ସେ ମନେ କରିଛି ଏକମାତ୍ର ଭୋଗ୍ୟବସ୍ତୁ ।

ନାରୀକୁ ନେଇ ସୌନ୍ଦର୍ଯ୍ୟର ବିକାଶ ଓ ପ୍ରେମର ପ୍ରତିଷ୍ଠା । ପ୍ରେମ ବିଶ୍ୱକୁ ଦିଏ ସନ୍ତୋଷ ଓ ଆନନ୍ଦ । ପ୍ରେମରେ ଆନନ୍ଦ ଓ ପ୍ରଶଂସାର ସହାବସ୍ଥାନ । ପ୍ରେମ ସୃଷ୍ଟିର ଶକ୍ତି । ତଥାପି ପ୍ରେମ ଏକ ଲକ୍ଷ୍ୟ ନୁହେଁ; ଏକ ପରିକ୍ରମା । ନାରୀ ପ୍ରତି ପ୍ରେମ ରହିଲେ ସେ ହୁଏ କଲ୍ୟାଣମୟୀ । ପ୍ରେମ ନ ରହିଲେ ସେ ହୁଏ ସଂହାରିଣୀ । ନାରୀ ଚାହେଁ ସ୍ୱାଧୀନତା । ଏହି ସ୍ୱାଧୀନତା ସ୍ୱେଚ୍ଛାଚାର ନୁହେଁ । ଏହା ତାର ଆତ୍ମା ଓ ହୃଦୟର ସ୍ୱାଧୀନତା । ତାର ଆତ୍ମବିକାଶର ସ୍ୱାଧୀନତା । ଯେଉଁଠି ଏହି ସ୍ୱାଧୀନତାକୁ କ୍ଷୁଣ୍ଣ କରାଯାଏ, ସେଠି ନାରୀର ଜୀବନ ହୋଇଯାଏ ବିପର୍ଯ୍ୟସ୍ତ । ଅନ୍ୟ ପକ୍ଷରେ ସମଗ୍ର ସମାଜ ଜୀବନ ମଧ୍ୟ ହୋଇଯାଏ କଳୁଷିତ । ନାରୀର ପ୍ରାଣ ଦାତବ୍ୟ । ନିଜକୁ ସେ ସମ୍ପୂର୍ଣ୍ଣ ଭାବରେ ଦାନ କରିଦିଏ । କୌଣସି ଆକାଂକ୍ଷା ସେ ରଖେନାହିଁ । ସେହି ଅନାକାଂକ୍ଷିତ ଜୀବନ ହିଁ ତାର ପୂର୍ଣ୍ଣତା । ଜୀବନର ପ୍ରତି ସ୍ତରେ ସ୍ତରେ ତାର ପୂର୍ଣ୍ଣତାର ଦ୍ୟୁତି ପ୍ରକଟିତ । ସେ କନ୍ୟା ରୂପରେ ପିତାମାତାଙ୍କର ସ୍ନେହର ଆଧାର । ଭଗିନୀ ରୂପରେ ଭାଇମାନଙ୍କ ନିକଟରେ ସ୍ନେହ ସଞ୍ଚାର । ଭାଇ ପାଇଁ ତାର ପ୍ରାଣ ପୂର୍ଣ୍ଣ ହୋଇଉଠେ । ସେ ପୁଣି ହୁଏ ପତ୍ନୀ । ତାର ଏହି ପତ୍ନୀ-ରୂପ ହିଁ ଏକ ବିଶିଷ୍ଟ ରୂପ । ନିଜକୁ ସେ ସମର୍ପଣ କରିଦିଏ ପତି ନିକଟରେ । କାୟା, ମନ, ବାକ୍ୟ ତାର ହୋଇଯାଏ ପତିମୟ । ସ୍ୱାମୀ ସ୍ତ୍ରୀକୁ ସ୍ତ୍ରୀ ଭାବରେ ଗ୍ରହଣ କରିନେଲେ

Digitized by PPRACHIN, SOA

ସ୍ତ୍ରୀର କାମିନୀତ୍ୱ ପ୍ରକାଶ ପାଏ । ଏଇଠି ଯୌନ ସଂପର୍କ ସ୍ୱାମୀ ଓ ସ୍ତ୍ରୀକୁ ଏକ ମହନୀୟ ସ୍ତରକୁ ନେଇଯାଏ । ଯଦି ଯୌନ ସମ୍ପର୍କ କେବଳ ଦୈହିକ ଉଲ୍ଲାସରେ ରହିଯାଏ, ତେବେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ପ୍ରେମର ବିକାଶ ହୁଏ ନାହିଁ । ସ୍ୱାମୀ ଯଦି ନିଜକୁ ଉଚ୍ଚତର ଭାବେ ଓ ସ୍ତ୍ରୀକୁ ନିମ୍ନତର ଭାବେ ତେବେ ପ୍ରେମରେ ବାଧା ସୃଷ୍ଟି ହୁଏ । ଉଭୟଙ୍କ ମଧ୍ୟରେ ସାଧର୍ମ୍ୟ ରହିଲେ ପ୍ରେମର ମହିମା ପ୍ରକଟିତ ହୁଏ । ସ୍ୱାମୀ ପାଖରେ ପତ୍ନୀ ମଧ୍ୟ ହୋଇଯାଏ ବେଳେବେଳେ କନ୍ୟା ସ୍ଥାନୀୟା, ଅଥବା ଭଗିନୀ ସ୍ଥାନୀୟା । ବେଳେବେଳେ ସେ ହୋଇଯାଏ ମାତୃ ସ୍ଥାନୀୟା । ଏ ସମୟରେ ଯୌନ କାମନା ରହେ ନାହିଁ । ଯୌନ ଦ୍ରବ୍ୟ ପ୍ରେମରେ ରୂପାନ୍ତରିତ ହୋଇଯାଇ ତ୍ୟାଗରେ ପ୍ରତିଷ୍ଠିତ ହୁଏ । ନାରୀ ଓ ପୁରୁଷ ମଧ୍ୟରେ ଏହି ସମ୍ପର୍କ ନ ରହି କେବଳ ଯୌନ ସଂପର୍କ ରହୁଥିବାରୁ ପ୍ରେମର ବିକାଶ ହେଉନାହିଁ । ଫଳରେ ଦେଖାଯାଉଛି ନାନା ଦ୍ୱନ୍ଦ୍ୱ ଓ ଅଶାନ୍ତି । ନାରୀ ପୁଣି ହୋଇଯାଏ ଜନନୀ । ସେତେବେଳେ ତା'ର ପ୍ରାଣ ହୁଏ କେବଳ ଦାତବ୍ୟ । କନ୍ୟାତ୍ୱ, ଭଗିନୀତ୍ୱ, ଜାୟାତ୍ୱ, ଜନନୀତ୍ୱ ଓ ଗୃହିଣୀତ୍ୱ ଆଦି ନାନା ବିଭବରେ ନାରୀର ଜୀବନ ହୁଏ ଧନ୍ୟ । ତେଣୁ ନାରୀକୁ ଦୟା ଦେଖାଇବାର ପ୍ରଶ୍ନ ଉଠୁ ନାହିଁ । ତାକୁ ପୁରୁଷ ପରି ସ୍ୱାଧୀନ ମନେ କରିବାକୁ ହେବ । ତାକୁ ସମ୍ମାନ ଦେବାକୁ ହେବ । ତାର ସୌନ୍ଦର୍ଯ୍ୟ ପ୍ରତି ଶ୍ରଦ୍ଧା, ଯୌନ ପ୍ରତି ସମ୍ମାନ, ପ୍ରେମ ପ୍ରତି ଆଦର, ତ୍ୟାଗ ପ୍ରତି ମମତା ପ୍ରକାଶ ପାଇଲେ ନାରୀ ହେବ କଲ୍ୟାଣମୟୀ । ତାର ଯୌନକୁ ଘୃଣା କରିବା ଅର୍ଥ ନାରୀକୁ ଘୃଣା କରିବା । ଅନ୍ୟ ଅର୍ଥରେ ସମଗ୍ର ବିଶ୍ୱର ସୃଷ୍ଟି ପ୍ରକ୍ରିୟାକୁ ଘୃଣା କରିବା । ତାର ଯୌନକୁ ସମ୍ମାନ ଦେବା ଅର୍ଥ ତାକୁ ସମ୍ମାନ ଦେବା, ତାର ପ୍ରେମକୁ ସମ୍ମାନ ଦେବା, ତାର ସୌନ୍ଦର୍ଯ୍ୟକୁ ଆଦର କରିବା । ଏହିଠାରେ ଶ୍ରେୟ ଓ ପ୍ରେୟଙ୍କର ହୁଏ ସମନ୍ୱୟ । ଯୌନ, ପ୍ରେମ ଓ ସୌନ୍ଦର୍ଯ୍ୟର ହୁଏ ମହିମାମୟ ପ୍ରକାଶ । ନାରୀ ଓ ପୁରୁଷର ବିବାହରେ ଯୌନ ମିଳନ ହୁଏ ପ୍ରେମରେ ପରିଣତ । ବିବାହରେ ଉଭୟ ସମାନ ଅଂଶୀଦାର । କିନ୍ତୁ ଯେଉଁଠି ପ୍ରେମ ଘୃଣାରେ ପରିଣତ ହୋଇଯାଏ ସେଠି ପ୍ରେମର ଆଉ ବନ୍ଧନ ରହେ ନାହିଁ । 'When love turns to hate, it knows no bounds'

Digitized by PPRACHIN, SOA

ଯୌନ ମିଳନରେ ପୁରୁଷ ଓ ନାରୀ, କେତୋଟି ମୁହୂର୍ତ୍ତ ପାଇଁ ହେଲେ ମଧ୍ୟ, ଏକ ହୋଇଯାଆନ୍ତି । ନାରୀ ଓ ପୁରୁଷ ପରସ୍ପରଠାରୁ ପୃଥକ । କିନ୍ତୁ କେବଳ ଜଣେ ମନୁଷ୍ୟ ଜାତି ପାଇଁ ଉପଯୋଗୀ ନୁହେଁ । ଉଭୟ ଉପଯୋଗୀ । ବିବାହରେ ଆସେ ନାରୀ ଓ ପୁରୁଷର ପୂର୍ଣ୍ଣତା । ଏହି ପୂର୍ଣ୍ଣତାର ଅଛି ମାନବ ଜାତି ପାଇଁ ଗୁରୁତ୍ୱ । ଆମେ ଯୌନ ଜୀବ । ଏହା ପ୍ରମାଣ ଦିଏ ଯେ ଆମେ ଅସୀମ ଜୀବନର ସସୀମ ଅଭିବ୍ୟକ୍ତି—'We are sexual being; this is a proof that we are finite bearers of infinite life.' ନାରୀର ଶକ୍ତି ଦୁର୍ବଳତା । ପୁରୁଷର ଶକ୍ତି-ସବଳତା । ପୁରୁଷ ଶକ୍ତି-ଠାରୁ ନାରୀର ଶକ୍ତି ବିପରୀତ । ଏହି ଉଭୟ ବିପରୀତ ଶକ୍ତି ହୋଇ ମଧ୍ୟ ଏକ ନିର୍ଦ୍ଦିଷ୍ଟ ବିନ୍ଦୁରେ ମିଳିଯାଇ ଏକ ହୋଇଯାଆନ୍ତି ଏବଂ ସେହି ମିଳିତ ଜୀବନ-ପ୍ରକ୍ରିୟା ହୋଇଯାଏ ପରିବାର-ସମାଜ ଓ ରାଷ୍ଟ୍ରର ସତ୍ୟ, ଶିବ, ସୁନ୍ଦରର ମହିମାମୟ ସଂକେତ ।

Digitized by PPRACHIN, SOA

ନାରୀ ଓ ମାତୃତ୍ୱ

ନାରୀକୁ କିଏ କେତେ ରକମର ଡାକେ । କିଏ ଡାକେ ମାଆ, କିଏ ଡାକେ ଭଉଣୀ, କିଏ ଡାକେ ଖୁଡ଼ୀ, କିଏ କହେ ମାଉସୀ, କିଏ କହେ ଯାଆ, କିଏ ପୁଣି କହେ ନଣନ୍ଦ, କିଏ କହେ ପତ୍ନୀ । ଇମିତି ନାରୀ ଜଣେ ହୋଇ ବି ଅନେକ ନାମରେ ପରିଚିତା ହୋଇଯାଏ । ସବୁ ପରିଚୟ ଭିତରେ ତାର ମୂଳ ପରିଚୟ 'ମାଆ' । ଏଇ 'ମାଆ ନାମଟି ସତେ କେତେ ମଧୁର ! ସତେ କେତେ ଅମୃତମୟ ! ନାରୀ ଯାହା ହେଉନା କାହିଁକି ମାଆ ନହେଲେ ତାର ଜୀବନରେ ପୂର୍ଣ୍ଣତା ଆସେ ନାହିଁ । ଯେମିତି ଗୋଟିଏ ଅପୂର୍ଣ୍ଣ-' ତାର କରୁଣ ରାଗିଣୀ ତା' ଭିତରେ ଗୁମୁରି ଉଠେ । ସେଥିରୁ ସେ ରକ୍ଷା ପାଏ ନାହିଁ । ସେଇ ଯନ୍ତ୍ରଣା ତାକୁ ତିଳ ତିଳ କରି ସନ୍ତୁଳିଦିଏ । ସବୁ ଥାଇ ମଧ୍ୟ ସେ ହୋଇ ଯାଏ ନିଃସ୍ୱ । ସେ ଯେମିତି ଏଇ ବିରାଟ ଦୁନିଆରେ ନିଜକୁ ମନେକରେ ସଂପୂର୍ଣ୍ଣ ଏକୁଟିଆ । ତାର ସକଳ ଐଶ୍ୱର୍ଯ୍ୟ ହେଉଛି ତାର ମାତୃତ୍ୱ । ଏଇ ମାତୃତ୍ୱ ନ ଥିଲେ ତାର ସବୁ ଥାଇ ଯେମିତି କିଛି ନ ଥାଏ । ତେଣୁ ନାରୀତ୍ୱର ସିଦ୍ଧି ଓ ସ୍ୱାକ୍ଷର ତାର ମାତୃତ୍ୱ । ସବୁ ପରିଚୟରୁ 'ମାଆ' ପରିଚୟ ତାର ଆନନ୍ଦ ଓ ଗୌରବର କଥା ।

କାହାର କୁନି କୁନି ପିଲାଟିମାନଙ୍କୁ ଦେଖିଲେ କେଉଁ ନାରୀର ମନ ଓ ହୃଦୟ ଶିହରି ଉଠେ ନାହିଁ ? କେଉଁ ନାରୀ ସେଇ ପିଲାଙ୍କୁ ଟିକେ କୋଳେଇ ନେବାକୁ ହାତ ବଢ଼େଇ ଦିଏ ନାହିଁ ? ଇମିତିକି ସିଙ୍ଗାଣି ବୋହିପଡ଼ୁଥିବା ପିଲାଙ୍କୁ, ଧୂଳି ଧୂସରିଆ ହୋଇଥିବା ପିଲାଙ୍କୁ, କେଉଁ ନାରୀ କାଖେଇ ନେବାକୁ ମନ ନ କରେ ? ହଁ, ହୁଏତ ହୋଇପାରେ କେଉଁଠି କେମିତି । ସେଠି କଣ ମାତୃତ୍ୱର ଅଶରୀରୀ ସ୍ପର୍ଶ ଥାଏ କି ? ମାତୃତ୍ୱର ସ୍ନେହ ପ୍ରସ୍ରବଣ ସେଠି କଣ ଶୁଖିଯାଇ ଥାଏ କି ? ସାମାନ୍ୟତମ

Digitized by PPRACHIN, SOA

ସେଇ ପ୍ରସ୍ରବଣ ଥିଲେ ନାରୀ କଣ ସମ୍ଭାଳହୋଇ ରହିପାରେ ? ମୋଟେ ନୁହେଁ । ନାରୀର ହୃଦୟ ଓ ମନ ଭିତରେ ଥିବା ସେହି ମାତୃତ୍ୱ ଆକାଂକ୍ଷାଟି ଜାଗରିତ ହୋଇଯାଏ । ତାର ସର୍ବାଙ୍ଗକୁ ପୁଲକିତ କରିଦିଏ । ସ୍ନାନ କାଳ ପାନ ଭୁଲିଯାଇ ପିଲାଟିକୁ କାଖେଇନିଏ । ତାର ଦେହରୁ ଧୂଳି ଝାଡ଼ିଦିଏ । ତାକୁ କୋଳ ଉପରେ କୋଳ ଦେଇଯାଏ । ସେଇଥିରେ ସେ ପାଏ ସ୍ୱର୍ଗୀୟ ଆନନ୍ଦ ।

କାହାର ଏ ମାତୃତ୍ୱ କାମନା ନାହିଁ ? ଯେଉଁ ସ୍ତରରେ ଯେଉଁ ନାରୀ ଥାଉ ନା କାହିଁକି ସବୁଠି ନାରୀର ଅଛି ମାତୃତ୍ୱ କାମନା । ହୁଏତ ଯୌବନର ଉଦ୍ଦାମତା ଥିବା ସମୟରେ ନାରୀ ମାତୃତ୍ୱକୁ ଘୃଣା କରିପାରେ, ମାଆ ହେବାକୁ ଚାହିଁ ନ ପାରେ, ସୌନ୍ଦର୍ଯ୍ୟ ହାନି ହୋଇଯିବା ଭୟରେ ସନ୍ତାନ କାମନା କରି ନ ପାରେ ; ଏପରିକି ଅକସ୍ମାତ୍ ସନ୍ତାନ ହୋଇଗଲା ପରେ ଆପଣାର ବକ୍ଷୋଜରୁ ସନ୍ତାନକୁ କ୍ଷୀର ଦେଇ ନ ପାରେ । କିନ୍ତୁ ସେହି ଉଦ୍ଦାମତା ଚାଲିଗଲା ପରେ ତା' ଭିତରେ ମାତୃତ୍ୱର ଏକ ରୁଦ୍ଧ ବିଳାପ ସୃଷ୍ଟି ହୁଏ ନାହିଁକି ? ଯେଉଁଠି ଦେହବେଗ ତୃଷ୍ଣା ପ୍ରବଳ ସେଇଠି ସୌନ୍ଦର୍ଯ୍ୟକୁ ଅକ୍ଷତ ରଖିବା ପାଇଁ ଉତ୍କଣ୍ଠା । ଅଥଚ ସେଇଠି ମାତୃତ୍ୱ ପ୍ରତି ଅବମାନନା । ନାରୀ ଯଦି ମାତୃତ୍ୱକୁ ଅବମାନନା କରିଦିଏ, ତେବେ ତାର ନାରୀ ଧର୍ମ ରହେ କି ? ମାତୃତ୍ୱ ହିଁ ନାରୀକୁ କରେ ତ୍ୟାଗମୟୀ । ଆପଣାର ସ୍ୱାର୍ଥକୁ ସେ ଅଜାଡ଼ିଦିଏ ସନ୍ତାନ ଉପରେ । ଆପଣାକୁ ସେ ବାଣ୍ଟିଦିଏ ଅନ୍ୟର କଲ୍ୟାଣ ପାଇଁ । ମାତୃତ୍ୱ ପୁଣି ନାରୀକୁ କରେ ସ୍ନେହମୟୀ ଓ କରୁଣାମୟୀ ।

ନାରୀ ହୁଏତ ନେତ୍ରୀ ହୋଇପାରେ, ଶାସିକା ହୋଇପାରେ, ସେବିକା ହୋଇପାରେ, ଅଥବା ଅନ୍ୟ କୌଣସି ଚାକିରି କରିପାରେ । ସେ କଣ ତାର ମାତୃତ୍ୱକୁ ଭୁଲିଯାଇ ପାରେ କି ? ସବୁ କାର୍ଯ୍ୟକ୍ରମ ଭିତରେ ମାତୃତ୍ୱ ତା' ଭିତରେ ଆସନ ଜମେଇଥାଏ । ମାଆ ହୋଇଗଲା ପରେ ନାରୀ ଯେଉଁଠି ଥାଉନା କାହିଁକି ତାର ମନ ସନ୍ତାନ ପାଖରେ

Digitized by PPRACHIN, SOA

ନ ଥାଏ କି ? ଯେଉଁ କାମ କରୁଥାଉ ପଛେ ମନ ସବୁବେଳପାଇଁ ଥାଏ ସନ୍ତାନ ପାଖରେ । ସନ୍ତାନ ପ୍ରତି ଏକାଗ୍ରତା ନାରୀକୁ ମହିମାମୟୀ କରେ ନାହିଁ କି ? ନାରୀ ଯଦି ନେତ୍ରୀ ହୋଇ ନେତୃତ୍ୱ କଥାକୁ ଏକମାତ୍ର ସତ୍ୟ ମନେକରି ନଏ, ଶାସିକା ହୋଇ ଶାସକତ୍ୱକୁ ଜୀବନର ଧର୍ମ ମନେ କରିନିଏ ସେ ହୁଏତ ସେଥିରେ କର୍ତ୍ତୃତ୍ୱ ଅର୍ଜନ କରିପାରେ, ତଥାପି ସେ କଣ ତାର ମାତୃତ୍ୱକୁ ଛାଡିଦେଇ ପାରେ କି ? ଯେତେ ଗରିବ ଅଥବା ଅସହାୟା ହେଲେ ମଧ୍ୟ ମାଆ ହେବାକୁ କଣ ତାର ମନ ହୁଏ ନାହିଁ କି ? ହୁଏତ ଦେଖାଯାଏ ପ୍ରେମରେ ମସଗୁଲ ହେଉଥିବା ଯୁବକ ଯୁବତୀ ଜୀବନକୁ ଉପଭୋଗ କରିବାକୁ ପସନ୍ଦ କରନ୍ତି କଚ୍ଛନ୍ଦନ । ତଥାପି ସେହି ଯୁବତୀର ମନ ତଳେ ମାତୃତ୍ୱ କାମନା କଣ ଛପି କରି ନ ଥାଏ କି ? ହୁଏତି କୌଣସି କୌଣସି ପ୍ରେମିକା • ପ୍ରେମିକ ଦ୍ୱାରା ପ୍ରତାରିତା ହୋଇଯାଆନ୍ତି ସତ ; ମାତ୍ର ପ୍ରେମର ପରିଣତି ସ୍ୱରୂପ ତାର ଗର୍ଭସ୍ଥ ଶିଶୁକୁ ସେ କଣ ମାରିଦେବାକୁ ଉଚିତ ମନେ କରେ କି ? ସେହି ଶିଶୁକୁ ଜନ୍ମ ଦେଇ ସେ କଣ ତାର ପରିତ୍ୟକ୍ତ ନାରୀତ୍ୱକୁ ନେଇ ମାତୃତ୍ୱର ସ୍ନେହ ଶୀତଳ ପରିଶରେ ଅବଶିଷ୍ଟ ଜୀବନ କଟାଇ ଦିଏ ନାହିଁକି ? ସକଳ ଅଭାବ ଅନଟନ ଦୁଃଖ ଯନ୍ତ୍ରଣା ଭିତରେ ନାରୀ କଣ ତା'ର ସନ୍ତାନର ମୁହକୁ ଚାହିଁ ବଂଚିରହେ ନାହିଁକି ?

ଅତଏବ ନାରୀର ନାରୀତ୍ୱର ମହିମା ତାର ମାତୃତ୍ୱ । ଏହା ହିଁ ତାର ନାରୀ ଜୀବନର ସିଦ୍ଧି ଓ ଗୌରବ । ଯିଏ ମାଆ ହୋଇନାହିଁ ତା' ଭିତରେ ସୃଷ୍ଟି ଓ ପାଳନର ଯନ୍ତ୍ରଣା ଓ ତଜ୍ଜନିତ ଆନନ୍ଦବୋଧ ଆସିବ କେଉଁଠୁ ? ବନ୍ଧ୍ୟାତ୍ୱ ନାରୀତ୍ୱର ଗୌରବ ନୁହେଁ । ମାତୃତ୍ୱ ତାର ସ୍ୱର୍ଣ୍ଣ ସିଂହାସନ । ଏହି କାରଣରୁ ଭାରତୀୟ ସଂସ୍କୃତିରେ ମାଆର ସ୍ଥାନ ସର୍ବୋଚ୍ଚ । ମାଆ ହୋଇଥିବାରୁ ନାରୀ ହେଉଛି ଦେବୀ । ତେଣୁ ସେ ଉପାସ୍ୟା । ସେ କେବଳ କାମିନୀ ହୋଇ ଉପଭୋଗ୍ୟା ନୁହେଁ ; ମାଆ ହୋଇ ନମସ୍ୟା ଓ ପୂଜ୍ୟା । ଏଇ ମାଆ ହେବାରେ ଯେଉଁ ଗୌରବ ଅଛି ତାକୁ କଣ ପାଶ୍ଚାତ୍ୟ ବସ୍ତୁବାଦୀ ସଂସ୍କୃତିରେ ସ୍ୱୀକାର କରିହୁଏ କି ? ସେହି ସଂସ୍କୃତିରେ ମାଆର ସ୍ଥାନ କେଉଁଠି ?

Digitized by PPRACHIN, SOA

ମାଆ ଏବଂ ସନ୍ତାନ ମଧ୍ୟରେ ଆଉ ସେତୁ ରହୁଛି କି ? ଗୋଟାଏ ଉଦଗ୍ର ଭୋଗବାଦ ନାରୀର ଏହି ମାତୃତ୍ୱକୁ ଧ୍ୱଂସ କରିଦେଉ ନାହିଁ କି ? ପାଶ୍ଚାତ୍ୟ ଜଗତରେ ନାରୀ କେବଳ ନାରୀହୋଇ ରହିଯାଉଛି । ହୁଏତ ସେ ହେଉଛି କେବଳଇ କାମିନୀ । ମାଆ ସ୍ଥାନକୁ ସେ ଯାଇ ପାରୁନାହିଁ । ସନ୍ତାନ ଜନ୍ମ ଦେଇଦେଲେ କଣ କେବଳ ମାଆ ହୋଇଯାଆନ୍ତି ? ସନ୍ତାନ ଜନ୍ମ ନ ଦେଇ କଣ ଜଣେ ମାଆ ହୋଇପାରେ ନାହିଁ ? ହଁ, ହୋଇପାରେ । କେତେବେଳେ ହୁଏ ? ଯେତେବେଳେ ତା' ଭିତରେ ମାତୃତ୍ୱ ସୁଲଭ ଭାବ ଜାଗ୍ରତ ହୁଏ, ଆପଣାର ନାରୀତ୍ୱର କୋମଳ ଲଳିତ ଭାବକୁ ଅନ୍ୟର କଲ୍ୟାଣରେ ଉତ୍ସର୍ଗ କରିଦିଏ, ସେବା ଓ ତ୍ୟାଗର ମହିମାରେ ତାର ଅନ୍ତର ଶୁଦ୍ଧ ହୋଇଯାଏ, ସେତେବେଳେ ସେ ସନ୍ତାନ ଜନ୍ମ ନଦେଇ ମଧ୍ୟ ମାଆ ହୋଇଯାଏ । ସେତେବେଳେ ସେ ଅନ୍ୟର ପିଲାଙ୍କୁ କୋଳେଇ ନିଏ, ଅନ୍ୟର ଦେହରୁ ଧୂଳି ଝାଡ଼ିଦିଏ, ଅନ୍ୟର ଦୁଃଖରେ ଦୁଃଖୀହୁଏ । ସେଇଠି ତାହା ଭିତରେ ମାତୃ ଶକ୍ତି ଜାଗ୍ରତ ହୁଏ । ଏଇ ମାତୃଶକ୍ତିକୁ ସମ୍ମାନ ନ ଦେଲେ ନାରୀଜାତିର ମର୍ଯ୍ୟାଦା ରହେ କି ? ଯିଏ ମାତୃଶକ୍ତିକୁ ଅବମାନନା କରେ ସେ ତିଷ୍ଠିପାରେ କି ? ମହିଷାସୁର ମାଆ ଦୁର୍ଗାଙ୍କୁ ଅବମାନନା କଲା, ଦୁର୍ଗାଙ୍କୁ ଉପଭୋଗ କରିବାର ଲାଳସାରେ ବିଭୋର ହେଲା । ତାର ପରିଣତି କଣ ହେଲା ? ସେହି ମାତୃ ଶକ୍ତି ମହାକାଳୀ ରୂପ ଧାରଣ କରି ମହିଷାସୁରକୁ ବିନାଶ କରି ଦେଲେ ନାହିଁ କି ? ସେହି ମାତୃଶକ୍ତି ସୀତାଙ୍କ ପ୍ରତି ରାବଣର ନିର୍ଯ୍ୟାତନା ତାର ବିନାଶର କାରଣ ହେଲା ନାହିଁ କି ? ଦ୍ରୌପଦୀ ପ୍ରତି ଦୁର୍ଯ୍ୟୋଧନର ବ୍ୟବହାର ତାର ଧ୍ୱଂସର ପଥକୁ ସୁଗମ କରିଦେଲା ନାହିଁ କି ? ନାରୀ ଯେତେବେଳେ ମାତୃସ୍ଥାନରେ ବନ୍ଦ୍ୟମାନା ସେତେବେଳେ ତା' ପ୍ରତି କୌଣସି ପ୍ରକାର ଅବମାନନା ଅସହ୍ୟ । ବିଶ୍ୱଶକ୍ତି ସେଇଠି ନାରୀ ଶକ୍ତି ଭିତରେ ଆତ୍ମପ୍ରକାଶ କରେ । ନାରୀ ସେଠି ଆଉ ଦୁର୍ବଳ ହୁଏ ନାହିଁ । ସେ ହୋଇଯାଏ ମାତୃଶକ୍ତିରେ ମହାବଳା ।

ଏବେ ଭାରତ ବର୍ଷରେ ଗୋଟାଏ ନୂଆ ସୁଅ ବହୁଛି । ସମସ୍ତେ ଉପଭୋଗ ତୃଷ୍ଣାକୁ ନେଇ ବ୍ୟସ୍ତ । ପାଶ୍ଚାତ୍ୟ ବସ୍ତୁବାଦ ସମସ୍ତଙ୍କୁ ଗ୍ରାସ

Digitized by PPRACHIN, SOA

କରିଦେଇଛି । ଏହାର ଭିତରେ ନାରୀ ମଧ୍ୟ ରହିଛି । ନାରୀ ତାର ମାତୃତ୍ୱକୁ ଅବମାନନା କରୁଛି । କାମିନୀତ୍ୱକୁ ପସନ୍ଦ କରୁଛି । ଏପରି ମନୋଭାବ କେବଳ ନାରୀ ପକ୍ଷରେ ବିପର୍ଯ୍ୟୟର କାରଣ ନୁହେଁ, ସମଗ୍ର ଦେଶ ପକ୍ଷରେ ମଧ୍ୟ ବିପର୍ଯ୍ୟୟର କାରଣ । ନାରୀ ଯେତେବେଳେ ତାର ମାତୃତ୍ୱକୁ ମର୍ଯ୍ୟାଦା ଦେବ, ପୁରୁଷ ସେହି ମାତୃତ୍ୱର ବନ୍ଦନା କରିବ, ସେତେବେଳେ ଭୋଗବାଦୀ ମନୋଭାବ ହୁଏତ ଲୋପ ପାଇଯାଇପାରେ । ଏହା ନ ହେଲେ ଦେଶର ମଙ୍ଗଳ ହେବନାହିଁ । ମାଆର ହୃଦୟ ଅନନ୍ତ ଆକାଶଠାରୁ ପ୍ରଶସ୍ତତର, ଅନନ୍ତ ମହାସମୁଦ୍ରଠାରୁ ଗଭୀରତର । ସେହି ହୃଦୟକୁ କଳନା କରିହୁଏନାହିଁ । ସେଠି ସଂକୀର୍ଣ୍ଣତାର ସ୍ଥାନନାହିଁ । ଯିଏ ସନ୍ତାନ ଜନ୍ମ ଦିଏ ସେ ଜାଣେ ଅନ୍ୟର ସନ୍ତାନ ଜନ୍ମର ଯନ୍ତ୍ରଣା । ଏଇଥି ପାଇଁ ତ ଗାନ୍ଧାରୀ ଦୁର୍ଯ୍ୟୋଧନଙ୍କୁ ବିଜୟୀ ହେବାପାଇଁ ଆଶୀର୍ବାଦ ଦେଇପାରିଲେ ନାହିଁ । 'ଅକ୍ଷୟ ହେଉ ପୁଣ୍ୟ ଜଗତେ / ଧର୍ମର ହେଉ ଜୟ' ଥିଲା ତାଙ୍କ ମାତୃ ହୃଦୟର ବାଣୀ । କେତେ ମହାନ ମାଆର ହୃଦୟ ! ସବୁ ଦୁଃଖ ଶୋକ ଭୁଲିଯିବା ପାଇଁ ମାଆର ହୃଦୟଠାରୁ ଆଉ କଣ ନିରାପଦ ସ୍ଥାନ ଅଛି ? ମାଆର ପଣତଠାରୁ ଆଉ କଣ ଅଧିକ ଛାଇ ଦେଇପାରେ ? ଏଇ ସତ୍ୟଟି ପ୍ରତି ଅବହିତ ନ ହେଲେ ମାଆର ମର୍ଯ୍ୟାଦା ରହେ ନାହିଁ କି ଗୌରବ ବଢ଼େ ନାହିଁ ।

ଆଜି ଏପରି ଏକ ସମୟ ପହଞ୍ଚିଛି, ଯେତେବେଳେ ମାତୃ ମମତା ଏକାନ୍ତ ଆବଶ୍ୟକ ହୋଇପଡ଼ୁଛି । ମାତୃ ମମତା ହିଁ ସନ୍ତାନକୁ ଉତ୍ତମ ମାର୍ଗକୁ ଟାଣି ଆଣିବ । ଅଥଚ ଆଜିର ଅନେକ ମାଆ ଉପଭୋଗର ଚକ୍ରାନ୍ତରେ ନିଜକୁ ଅଜାଡ଼ି ଦେଇ ମାତୃତ୍ୱକୁ ଭୁଲିଯାଉଛନ୍ତି । ଆପଣାର ସ୍ୱାମୀକୁ ଛାଡ଼ି ଅନ୍ୟ ପୁରୁଷ ସହିତ ମିଶୁଛନ୍ତି । ଏଣେ ସନ୍ତାନଗଣ ମାଆର ଏ ଅବସ୍ଥା ଦେଖି ମେରିଜୁଆନା ଖାଇ ଅଥବା ଆଉ କିଛି ନିଶାଦ୍ରବ୍ୟ ସେବନ କରି ସାମାଜିକ ସ୍ତରରେ ନାନା ବିଘ୍ନାତ କରୁଛନ୍ତି । ମାତୃ ଜାତିର ତେଣୁ ଆଜି ପରମ ଦାୟିତ୍ୱ ଦେଶ ଓ ଜାତିକୁ ଏହି ସଙ୍କଟସନ୍ଧି ମୁହୂର୍ତ୍ତରୁ ରକ୍ଷା କରିବ । ମାତୃଜାତି ଏଥିପାଇଁ ସଚେତନ ନ ହେଲେ ଆଉ କିଏ ସଚେତନ ହେବ ? ମାତୃ ଜାତି ହିଁ ଜାତି ନୌକାର

Digitized by PPRACHIN, SOA

ମଙ୍ଗୁଆଳ । ମାତୃଜାତିର ଯେଉଁ ଅଧୋଗତି ଦେଖାଦେଉଛି ଏ ସମ୍ପର୍କରେ କଣ ସେମାନେ ସଚେତନ ହେବେ ନାହିଁ ? ବସ୍ତୁବାଦର ଗୋଟାଏ ଭ୍ରାନ୍ତ ପ୍ରଲୋଭନ ପଛରେ ଗୋଡ଼ାଇ ନାରୀ ତାର ମାତୃତ୍ୱ ଶକ୍ତିକୁ ସମ୍ପନ୍ନ କରିଦେବା ଅବାଞ୍ଛନୀୟ । ମନେ ରଖିବାକୁ ହେବ ନାରୀ ପ୍ରଥମେ ମାଆ । ସ୍ୱର୍ଗୀୟ ବିଭୂତିର ସେ ଅଧିକାରିଣୀ । ମାଆର ଦାୟିତ୍ୱ ସମ୍ପନ୍ନ ହେଲେ ନାରୀର ଜୀବନ ହୁଏ ଧନ୍ୟ । ଏହା ସତ୍ୟ ଯେ ଆଜି କାଲିର ବସ୍ତୁବାଦୀ ଯୁଗରେ ମଣିଷର ନାନା ଅଭାବ ସୃଷ୍ଟି ହେଉଛି । ଏଥିପାଇଁ କେବଳ ପୁରୁଷ ରୋଜଗାର କଲେ ପରିବାରକୁ ସୁଖରେ ଚଳାଇବା ସମ୍ଭବ ହେଉ ନାହିଁ । ତେଣୁ ନାରୀ ମଧ୍ୟ ରୋଜଗାର କରୁଛି । ନାନା ବୈଷୟିକ ବୃତ୍ତିକୁ ବରଣ କରି ନେଉଛି । ବିଷୟ-ସମ୍ପଦର ବୃଦ୍ଧି ହୋଇ ଯଦି ପାରିବାରିକ ଶାନ୍ତି ନରହେ ତେବେ ସେହି ବିଷୟ-ସମ୍ପଦର ମୂଲ୍ୟ କଣ ? ଆମେ କଣ ଚାହୁଁ ? ଆମେ କଣ ଧନ ସମ୍ପଦ ଚାହୁଁ ? ପ୍ରଲୋଭନ ଚାହୁଁ ? ବିଳାସ ଚାହୁଁ ? ନା, ଆମେ ଚାହୁଁ ଶାନ୍ତି ? ଆମ ଜୀବନର ପରମ ଲକ୍ଷ୍ୟ ଶାନ୍ତି । ଶାନ୍ତି ଆସିଲେ ଆସେ ଆନନ୍ଦ । ଏହି ଶାନ୍ତି ଓ ଆନନ୍ଦ କେବଳ ଦେଇପାରେ ମାଆ । ଏହା କଣ ଆମର ଆଜିର ବିଚାର ହେବା ଉଚିତ ନୁହେଁ ?

Digitized by PPRACHIN, SOA

ମାଆ ଲୋ

ହଠାତ୍ ବାଟରେ ଯାଉଁ ଯାଉଁ ଝୁଣ୍ଟି ପଡ଼ି ଲହୁଲୁହାଣ ହୋଇ ପଡ଼ିଲେ, କେଉଁ ଉଚ୍ଚ ସ୍ଥାନରୁ ହଠାତ୍ ତଳକୁ ଖସିପଡ଼ିଲେ; କୌଣସି ଏକ ଭୟାବହ ଦୁର୍ଘଟଣାର ସମ୍ମୁଖୀନ ହୋଇଗଲେ, ଅଥବା ଭୟଙ୍କର ଜ୍ୱର ବା କୌଣସି ଦୁରାରୋଗ୍ୟ ବ୍ୟାଧିରେ ଛଟପଟ ହୋଇ ବାଉଳ ଗାଉଳ ହେଲେ, ପାଟି ଭିତରୁ ସ୍ୱଏଁ ସ୍ୱଏଁ ବାହାରି ଆସେ ଏଇ କେଇଟି ଶବ୍ଦ—'ମାଆଲୋ, ବୋଉ ଲୋ ।' ଛୋଟ ପିଲାଟିକୁ କେହି ପିଟି ଦେଲେ ବା ଅବଧାନେ ବେତ ଧରି ପାଏଁ ପାଏଁ ଚାରି ପିଠିରେ ବସେଇଦେଲେ ସେତେବେଳେ ପିଲାଟି କାନ୍ଦି କାନ୍ଦି ବିକଳ ହୋଇ କହେ, 'ମାଆ ଲୋ, ବୋଉ ଲୋ' । ଭୋକରେ ଆଉଟୁ ପାଉଟୁ ହୋଇ ପିଲାଟି ମଧ୍ୟ କହେ 'ମାଆ ଲୋ, ବୋଉ ଲୋ' । ଯେତେବେଳେ ସିଏ ରୋଗରେ ପଡ଼େ ସେତେବେଳେ ସିଏ ଉହାଳ ବିକଳ ହୋଇ ଡାକେ ମାଆକୁ । ବୁଢ଼ା ହେଉ ବା ଟୋକା ହେଉ ବା ଶିଶୁ ହେଉ ସମସ୍ତେ ଡାକନ୍ତି 'ମାଆ ଲୋ, ବୋଉ ଲୋ ।' କାହିଁକି ଯେ ମଣିଷ ଦୁଃଖ ଆଉ ଯନ୍ତ୍ରଣାରେ ମାଆକୁ ଡାକେ କିଏ ଜାଣେ ? କେହି ତ କେବେ କହି ନାହିଁ ମାଆକୁ ଡାକିବା ପାଇଁ । ତେବେ ମଣିଷ କାହିଁକି ମାଆକୁ ଏତେ କାତର ହୋଇ ଡାକେ ? ମାଆ ହୁଏତ ମରିଯାଇ କେଉଁ ସରଗପୁରରେ ଥିବ ଅଥଚ ମଣିଷ ଡାକୁଥିବ ସେଇ ମାଆକୁ । ମାଆ କଣ କେଉଁ ପ୍ରେତ ଲୋକରେ ଥାଇ ପୁଅ ଝିଅଙ୍କ କଥା ଶୁଣେ କି ? ମାଆ ପୁଣି କେଉଁଠି ଯୋଜନ ଯୋଜନ ଦୂରରେ ଥାଏ, ପୁଅ ଥାଏ କାହିଁ କେତେ ଦୂରରେ—ଅଥଚ ସେହି ଦୂର ସ୍ଥାନରେ ଥାଇ ଦୁଃଖ ବେଳେ ପୁଅ ପାଟିରୁ ସ୍ୱତଃ ବାହାରିଆସେ 'ମାଆ ଲୋ' 'ବୋଉ ଲୋ' । ଛୋଟ ପିଲାଟିଏ ହୁଏତ ମାଆଲୋ, ବୋଉଲୋ କହିଲେ କିଛି ମାନେ ଅଛି ; କିନ୍ତୁ ବୁଢ଼ା ବୁଢ଼ା ମଣିଷ ଏକଥା କହିଲେ କଣ ଅର୍ଥ ଅଛି ? ହଁ ଅର୍ଥ ଅଛି । ଅର୍ଥ ନ ଥିଲେ କିଏ କଣ ଇମିତି କହନ୍ତା କି ?

Digitized by PPRACHIN, SOA

ମାଆ ବା ବୋଉ ହେଉଛି ପୁଅ ଝିଅଙ୍କର ରକ୍ଷା କବଚ । 'ବୋଉ' ବା 'ମାଆ' ନାମକ ଯେଉଁ ଅକ୍ଷର ଦୁଇଟି, ତାହା ହେଉଛି ପ୍ରକୃତରେ ଦ୍ରୋଣାଚାର୍ଯ୍ୟଙ୍କ ଅଭେଦ୍ୟ ବ୍ୟୂହ । ତାର ଭିତରେ ପୁଅ ନିରାପଦ । ବୋଉର ପଣତକାନ ଯେମିତି ଗୋଟାଏ ସାଞ୍ଜୁ । ସେଇପଣତକୁ ଭେଦି କୌଣସି ମାରଣାସ୍ତ୍ର ତା' ଭିତରକୁ ଯାଇପାରେ ନାହିଁ । ଏଇ ଯେଉଁ ଦୁଇ ଅକ୍ଷର ବିଶିଷ୍ଟ ଶବ୍ଦ 'ବୋଉ' ବା 'ମାଆ' ତାର ବୟସ କେତେ ? ସେ କଣ କେବେ ବୁଢ଼ୀ ହୋଇଯାଏ ? ସେ କଣ କେବେ ମରିଯାଏ ? ବୋଉର ବୟସ ନାଇଁ । ସେ ଯେମିତି କି ସେମିତି । ସେ ଅକ୍ଷର, ସେ ପୁଣି କ୍ଷର । ଦୟା ଆଉ କାରୁଣ୍ୟରେ ସେ କ୍ଷର ହୋଇ ମଧ୍ୟ ହୋଇଯାଏ ସେଇ ଅକ୍ଷର । ବୋଉର ବ୍ୟାପ୍ତି କେତେ ? ଅନନ୍ତ ଆକାଶଠାରୁ ସେ ଆହୁରି ପ୍ରଶସ୍ତତର । ଅନନ୍ତ ସାଗରଠାରୁ ଆହୁରି ଗମ୍ଭୀରତର । ତାକୁ ମାପି ହୁଏ ନାଇଁ କି କଳି ହୁଏ ନାଇଁ । ସେ କେବଳଇ 'ବୋଉ' । ଯିଏ କଳିବାକୁ ଯାଏ ସେ ଗୋଟାଏ ବୋକା । 'ବୋଉ' କଣ କି ? ବୋଉ ହେଉଛି ଅଖଣ୍ଡ ସ୍ନେହ ଆଉ ମମତାର ଅନନ୍ତ ଆଧାର । ଦିବ୍ୟ ପ୍ରେମ ଆଉ ତ୍ୟାଗର ମୂର୍ତ୍ତିମନ୍ତ ଦେବୀ । ତେଣୁ ତାର ଗୋଟାଏ ବୟସ କଣ ? ତାର ଗୋଟାଏ ଆକାର କଣ ? ଶରୀରୀ ହୋଇ ସେ ଯେମିତି 'ବୋଉ' ଅଶରୀରୀ ହୋଇ ସେଇମିତି ସେ ମଧ୍ୟ 'ବୋଉ' । ସେ କେଉଁଠି ନାଇଁ ଯେ ! ସବୁଠି ସେ ଅଛି । ସବୁଠି ତାର ଅଦୃଶ୍ୟ ନିରାକାର ସ୍ଥିତି । ସବୁଠି ତାର ଅମୃତମୟ ଆଶୀର୍ବାଦ । ସେ କଣ କାହାଠୁଁ ଗୃହେଁ କି ? କାହାଠୁଁ ସେ କଣ ଗୃହିଁବ ? କିଏ ତାକୁ କଣ ଦେବ ? ସେ କେବଳ ଦିଏ । ଯେତେଦେଲେ ବି ତାର ସ୍ନେହମମତାର ଭଣ୍ଡାର ସରେ ନାଇଁ । ସେଇଟା ତ ଲକ୍ଷ୍ମୀ ଭଣ୍ଡାର, ଅକ୍ଷୟ ଭଣ୍ଡାର । ସେ ସରିଯିବ କେମିତି ଯେ ! ସେ ସରିଗଲେ ସୃଷ୍ଟି କଣ ରହିବ ? ସେ ଲମ୍ବିଆସିଛି କେଉଁ ଅନନ୍ତକାଳରୁ, ଲମ୍ବିଯାଇଛି ମଧ୍ୟ କେଉଁ ଅନନ୍ତ କାଳକୁ । ତାର ଆଦି ନାଇଁ କି ଅନ୍ତ ନାଇଁ । ସେ ସେଇ ବୋଉ । ସେ ଶକ୍ତି—ଆଦ୍ୟାଶକ୍ତି । ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ—ସବୁଠି ସେ ବିଦ୍ୟମାନ ।

ବୋଉର ଗୋଟାଏ ଜାତି କଣ ? ସେ କଣ ବ୍ରାହ୍ମଣ, କ୍ଷତ୍ରିୟ,

Digitized by PPRACHIN, SOA

ବୈଶ୍ୟ ଆଉ ଶୂଦ୍ର ? ନା—ସେ ଏସବୁ କିଛି ନୁହେଁ । ସେ କେବଳ ଲ ବୋଉ । ତାର ଜାତି ସେଇ ବୋଉ । ସବୁ ଜାତି ଆଉ ସବୁ ସଂକୀର୍ଣ୍ଣତାରୁ ସେ ଊର୍ଦ୍ଧ୍ୱରେ । ସେ ଦଶମାସ କାଳ ଗର୍ଭରେ ଧରି ପୁଅ ଝିଅଙ୍କୁ ଜନ୍ମ ଦିଏ । ନିଜ ଦେହର ରକ୍ତ ମାଂସରେ ସେ ପିଲାଙ୍କୁ ଗଢ଼େ । ସେ ଜାଣେ ଜନ୍ମ-ଦୁଃଖ । ତେଣୁ ସେ ଭଲପାଏ ତାର ପିଲାଙ୍କୁ । ନିଜେ ଜଳି ସେ ପିଲାଙ୍କୁ ଆନନ୍ଦ ଦିଏ । ନିଜେ ନ ଖାଇ ପିଲାଙ୍କ ମୁହଁରେ ଆଧାର ଦିଏ । ପିଲାର ଧୂଳିଧୂସରିଆ ଦେହକୁ ପଣତ କାନିରେ ପୋଛିଦିଏ । ତାର ଗୁହମୂତକୁ ପୋଛି ସଫା ସୁତୁରା କରିଦିଏ । ତାର ଦେହ ଟିକେ ଖରାପ ହେଲେ ଦିନ ରାତି ତା ପାଖରେ ଜଗିବସେ । ପୁଅ କେଉଁଠିକୁ ଯାଇଥିଲେ ସେ ତାର ଫେରିବା ପଥକୁ ଚାହିଁ ବସିଥାଏ । ଶ୍ରେଷ୍ଠ ପୁଅକୁ କାଳେ କିଏ ଖଣ୍ଡି ଦେବ, ସେଥିପାଇଁ ତା ବେକରେ ଗୁଆଁଣୀ ଟିକେ ଛିଣ୍ଡେଇ ବାନ୍ଧିଦିଏ, ମୁଣ୍ଡ ପାଖରେ ଗୋବର ଟିକେ ମାରିଦିଏ । ପୁଅ ଯେତେ ବଡ଼ ହେଉ ବୋଉ ପାଖରେ ସେ ନିହାତି କୁନି ପିଲା । ବୁଢ଼ା ପୁଅର ରୋଗଶଯ୍ୟା ପାଖରେ ସେ ସେଇମିତି ଦିନ ରାତି ଜଗିବସିଥାଏ । ତାକୁ ଭୋକ, ଶୋଷ କି ନିଦ ହୁଏ ନାହିଁ । ମନେ ମନେ କେତେ ଦିଅଁ ଦେବତାଙ୍କୁ ଡାକେ, କେତେ ମନାସି କରେ । ତାର ଆଖି ଦିଇଟା ଖାଲି ଲୁହରେ ଥମଥମ ହେଉଥାଏ । ପୁଅ ଯେତେବେଳେ ରୋଗରେ ଛଟପଟ ହେଉଥାଏ, ପାଖରେ ସ୍ତ୍ରୀ ବସିଥାଏ, ବନ୍ଧୁ ବାନ୍ଧବ ବସି ଥାଆନ୍ତି, ସେତେବେଳେ ପୁଅ କାହାକୁ ମନେ ମନେ ଖୋଜେ ? କାହା ନାଁକୁ ସେ ବାରମ୍ବାର କ୍ଷୀଣ କଣ୍ଠରେ ଉଚ୍ଚାରଣ କରେ ? ସେ ହେଉଛି ସେଇ ବୋଉ । ସେତେବେଳେ ପୁଅର ପାଟିରୁ ଆପେ ଆପେ ବାହାରିଆସେ 'ବୋଉ ଲୋ' 'ମାଆ ଲୋ' ।

ପୁଅ ଯେତେ ବଡ଼ଲୋକ ହେଉ, ଗୁଣୀ କି ଜ୍ଞାନୀ ହେଉ, ଯେତେ ବଡ଼ ଉଚ୍ଚ ପଦବୀରେ ଥାଉ, ବୋଉ ପାଖରେ ସେ ସେଇ ଅଳିଅଳି ପୁଅ । ବୋଉ ଚାହେଁ ପୁଅର ସୁଖ । ତାର ଇଚ୍ଛା ପୁଅ ଯେଉଁଠି ଥାଉ ସୁଖରେ ଥାଉ, ତା' ଗୋଡ଼ରେ କଣ୍ଟା ନ ପଶୁ । ସେ କ'ଣ କେବେ ପୁଅର ଧନଦ୍ରବ୍ୟ ଚାହେଁ କି ? ନା—ସେ କିଛି ଚାହେଁ ନା । ସେ କେବଳ

Digitized by PPRACHIN, SOA

ଗୃହେଁ ପୁଅକୁ । ପୁଅ ତାର ଅନ୍ଧର ଲଉଡ଼ି, ହୃଦରତ୍ନ ହାର । ବେଳେ-ବେଳେ ପୁଅ ଧୋକାଦିଏ ବୋଉକୁ । ସ୍ତ୍ରୀ ବୁଦ୍ଧିରେ ପଡ଼ି, ଶାଶୁ ଶ୍ୱଶୁରଙ୍କ ବୁଦ୍ଧିରେ ପଡ଼ି ବୋଉକୁ ଅବହେଳା କରେ । ତଥାପି ବୋଉ କଣ ପୁଅର ଅମଙ୍ଗଳ ଗୃହେଁ ? ଗର୍ଭ ଫାଡ଼ି ଯିଏ ଜନମ ଦେଇଛି ସେ କେମିତି ବା ଅମଙ୍ଗଳ ପାଞ୍ଚିବ ? ପୁଅ ଯଦି ସଇତାନ ହୋଇଯାଏ, ଖରାପ କାର୍ଯ୍ୟ କରେ, କୁସଂଗରେ ପଡ଼େ, ବୋଉ ଖାଲି ଦିନରାତି ଦହି ହୁଏ । ଭଗବାନଙ୍କୁ ଡାକେ, ମା' ମଙ୍ଗଳାଙ୍କ ପାଖରେ ମୁଣ୍ଡ ବାଡ଼ାଏ, ବୃନ୍ଦାବତୀଙ୍କ ପାଖରେ ଲୁହ ଢ଼ାଳେ, କେତେ ଠାକୁର ଦେବତାଙ୍କୁ ପ୍ରାର୍ଥନା କରେ । ତଥାପି ପୁଅମାନେ ବୋଉର ଦୁଃଖ ବୁଝନ୍ତି ନାହିଁ । ସେମାନେ ଭାବନ୍ତି, ବୋଉମାନେ ଯେତିକି ଅଦରକାରୀ, ଗୋଟିଏ ଲେଖାଁ ଗାଈଛନ୍ଦ । ବୋଉ କିନ୍ତୁ ଛନ୍ଦ ନୁହେଁ । ସେ ହେଉଛି ପୁଅର ଗୋଟାଏ ସତର୍କ ପ୍ରହରୀ । ପୁଅ ଯେତେବେଳେ ବିଦେଶ ଯାଏ, ସେତେବେଳେ ବୋଉ କହେ, 'ପେଟକୁ ମୁଠାଏ ଖାଇବାକୁ ପାଉଥିଲେ ଜାଣିବୁ ବୋଉ ଭଲରେ ଅଛି ।' ବୋଉ ଆଉ କଣ ଗୃହେଁ ? ସେ ଅଣ୍ଟାଳି ପକାଏ ପେଟ ଆଉ ପିଠିକୁ । ପୁଅ ମୁହଁ ଶୁଖିଯାଇଥିଲେ ବୋଉର ଆଖିରେ ଲୁହ ଜକେଇ ଆସେ । ଏଇ ତ ବୋଉ, ଆଉ ଅଧିକା କଣ ସେ ! ବାପା ଯେତେବେଳେ ପୁଅକୁ ଆକଟ କରେ, ଗାଳିମନ୍ଦ ଦିଏ, ପୁଅ କଣ ଗୋଟାଏ ଅଘଟଣ କରିଦେଲେ ଯେତେବେଳେ ଖଡ଼୍ଗହସ୍ତ ହୋଇଯାଏ, ସେତେବେଳେ ବୋଉ ଛିଡ଼ା ହୋଇଯାଏ ପୁଅ ପଟ ହୋଇ । ନାରୀ ମାଆ ହୋଇଗଲେ ପୁଅ ତା' ପାଖରେ ସବୁକିଛି ହୋଇଯାଏ । ପୁଅ ଯଦି ଅଜାଣତରେ ବାହା ହୋଇଯାଏ, ବାପା ସିନା ବିରୋଧ କରେ, ମାଆ କଣ ସ୍ଥିର ହୋଇ ରହିପାରେ ? କେଉଁ ଛଟକରେ ପୁଅ ପାଖରେ ହାଜର ହୋଇଯାଏ । ଅନ୍ତଫାଡ଼ି ଯିଏ ଜନମ ଦେଇଛି, ସେ ପୁଅକୁ ସମର୍ଥନ ନ କରି ଆଉ କାହାକୁ ସମର୍ଥନ କରିବ ?

ଏଇ ବୋଉ ମାନେ ଭାରି ସୁଆଦିଆ । ଯେତେ ଖର୍ଚ୍ଚ କରି ପୁରି ଖାଅ ପଛେ, ବୋଉ ହାତର ଅଲଗବଲଗ ରନ୍ଧାଟା ସତେ କେତେ ସୁଆଦିଆ

Digitized by PPRACHIN, SOA

ନୁହେଁ ? ଏଇଟା ସମ୍ଭବ ହୁଏ କାହିଁକି ନା ବୋଉ ଭିତରେ କିଛି 'ମୁଁ' ପଶିଆ ନଥାଏ । ତାର ଭିତର ବାହାର ସବୁ ସମାନ । ସେ କେମିତି ରାନ୍ଧୁଛି ସେଇଟା ତାର ବଡ଼ କଥା ନୁହେଁ, ବଡ଼ କଥା ହେଉଛି ସେ ରାନ୍ଧି ଖାଇବାକୁ ଦେଉଛି ତା'ପୁଅକୁ, ସେଇଟା ତାର ଆନନ୍ଦ । ପୁଅ ଭିତରେ ଯେତେବେଳେ ବୋଉର ଖୁସିଟା କାମ କରେ, ସେତେବେଳେ ସେଇ ରନ୍ଧା ଯେତେ ଖରାପ ହୋଇଥାଉ ପଛେ ଖୁବ୍ ଭଲ ଲାଗେ ।

ଏଇ ଦେଖନ୍ତୁ ନା, ଯଶୋଦା ଗୋଟାଏ ବୋଉ । ନନ୍ଦରାଜାର ରାଣୀ ସେ । ହେଲେ ପୁଅ କୃଷ୍ଣ ଟିକେ କୁଆଡ଼କୁ ଗଲେ ସେ କଣ ନ ହୋଇଯାଏ ? ପୁଅ ମାଟି ଖାଇଥିଲା ବୋଲି ବୋଉ ତା' ପାଟିକୁ ଜବରଦସ୍ତ ଖୋଲି ମାଟି ବାହାରକଲା ବେଳକୁ ଦେଖିଲା ସପତ ବ୍ରହ୍ମାଣ୍ଡ । ବୋଉ କଣ ଭାବିଲା ଯେ ତାର ପୁଅ ସ୍ୱୟଂ ପରମବ୍ରହ୍ମ ? ସେ ଭାବିଲା ପୁଅକୁ ଡାଆଣୀ କି ଭୂତ ଲାଗିଛି । ଗୁଣିଆ ଆଣି ସେ ଝଡ଼ାଇଲା । ସେଇ ବୋଉ ପୁଣି ପ୍ରଭାସ ଯଜ୍ଞବେଳେ କଣ ନ ହେଲା ? ସେ କଣ ପୁଅର ନିମନ୍ତ୍ରଣକୁ ଅପେକ୍ଷା କଲା କି ? ମାନ ସମ୍ମାନ କଥା ଭାବିଲା କି ? ଦଉଡ଼ିଗଲା ପୁଅ ପାଖକୁ । କାହାର ମନା ସେ ମାନିଲା ନାହିଁ । ପୁଅ ବି ସେମିତି ଧାଇଁ ଆସିଛି ମାଆ ପାଖକୁ । ବୋଉ କୋଳରେ ସେ ଯେମିତି ବସିଯାଇଛି, ସେମିତି ବୋଉ ଥନରୁ ଝରିପଡ଼ୁଛି କ୍ଷୀର । ଏଇତ ହେଉଛି ମାଆ ଆଉ ପୁଅର ସମ୍ପର୍କ ! ଆଉ ଗୋଟିଏ ବୋଉ ହେଉଛି ଗାନ୍ଧାରୀ । ଶହେ ପୁଅକୁ ସେ ଜନମ ଦେଇଛି । ସେ ଜାଣିଥିଲେ ତାର ପୁଅମାନେ ଅଧର୍ମ କରୁଛନ୍ତି, ଅନ୍ୟାୟ କରୁଛନ୍ତି । ତଥାପି ସେ ବଡ଼ପୁଅ ଦୁର୍ଯ୍ୟୋଧନକୁ ଖବର ଦେଇଥିଲେ ତାଙ୍କ ପାଖକୁ ଲଙ୍ଗଳା ହୋଇ ଆସିବା ପାଇଁ । ପୁଅ ଭାବିଲା ଇଏ ଗୋଟିଏ କେମିତିକା କଥା ? ସେ ମହାମାନ୍ୟ ରାଜା ଦୁର୍ଯ୍ୟୋଧନ । ତା' ମୁଣ୍ଡରେ ଅନର୍ଘ ମଣିମୁକୁଟ । ସେ ଗୋଟାଏ ଲଙ୍ଗଳା ହୋଇ ଯିବ କେମିତି ? ନିହାତି ଲଜ୍ଜା କଥା । ଲୋକେ ତାକୁ କଣ କହିବେ ? କୃଷ୍ଣଙ୍କ ପରାମର୍ଶରେ ଦୁର୍ଯ୍ୟୋଧନ ଲେଙ୍ଗୁଟି ଖଣ୍ଡେ ପିନ୍ଧି ମାଆ ପାଖକୁ ଗଲା । ମାଆ ତାର ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ଆଉଁସି ଦେଇଗଲା । ହଠାତ୍ କଟି ପାଖରେ ହାତ ବାଜିଗଲା ଲେଙ୍ଗୁଟିରେ ।

Digitized by PPRACHIN, SOA

ଇଏ କଣ ? ଇଏ ତ ଗୋଟାଏ ଲେଙ୍ଗୁଟି । ପୁଅ ତାହାହେଲେ ମାଆ ପାଖରେ ସଂକୋଚ କରୁଛି । ମାଆ କାନ୍ଦ ପକାଇଲା । ଅନ୍ଧପୁତ୍ରକୁ ଭେଦ୍ଧ ଲୁହ ଗଳିପଡ଼ିଲା । ମାଆ କହିଲା—ଏଣିକି ତୋ ଭାଗ୍ୟ । ମୁଁ ଆଜି ତୋତେ ବଜ୍ର ଅଙ୍ଗ କରିଦେଇଥାନ୍ତି । ମୁଁ ସତୀ ନାରୀ, ଶତପୁତ୍ରର ଜନନୀ । କୃଷ୍ଣ କନ୍ତୁ ଗୃହେଁ ନାହିଁ ତୁ ବଂଚିବୁ ବୋଲି । ତୋତେ ସେ ପରାମର୍ଶ ଦେଲା ଲେଙ୍ଗୁଟି ମାରି ଆସିବାକୁ । ତୋର ଜାନୁ ପାଖରେ ରହିଲା ଜୀବନ ନାଡ଼ିକା । ଯୁଦ୍ଧରେ ଦୁର୍ଯ୍ୟୋଧନ ଓ ଅନ୍ୟାନ୍ୟ ପୁତ୍ରମାନେ ମରିଗଲେ । କୁରୁକ୍ଷେତ୍ରର ମହାଶ୍ମଶାନରେ ବୁଲି ବୁଲି ମଲା ପୁଅମାନଙ୍କୁ ଅଣ୍ଡାଳି ଅଣ୍ଡାଳି ଆଉଁସି ଦେଲେ ଗାନ୍ଧାରୀ । ପୁଅମାନେ ଅନ୍ୟାୟ ଆଉ ଅଧର୍ମ କରି ମଲେ । ଗାନ୍ଧାରୀ ଏକଥା ଜାଣି ମଧ୍ୟ ପୁଅଙ୍କ ଶବକୁ ଅଣ୍ଡାଳି କାନ୍ଦିଲେ କାହିଁକି ? କାରଣ ସେ ମାଆ । ପୁଅଙ୍କ ମୃତ୍ୟୁରେ ମାଆର ହୃଦୟ କ'ଣ ସ୍ଥିର ହୋଇ ରହିପାରେ ? ମାଆର କର୍ତ୍ତବ୍ୟ ସେ କରିଛି । ମଲାପରେ ପୁଅମାନଙ୍କୁ ଅମୃତ ହସ୍ତରେ ଟିକେ ଆଉଁସି ଦେଇଛି ତ ! କୁନ୍ତୀ ତ ପୁଣି ସେହିପରି ଜଣେ ମାଆ ! ସ୍ୱାମୀ ମରିଗଲାପରେ ସେ କଣ ସ୍ୱାମୀଙ୍କ ଚିତାରେ ଝାସ ଦେଲା କି ? ଝାସ ଦେଇଥିଲେ ପୁଅମାନଙ୍କୁ ବଂଚେଇଥାନ୍ତା କିଏ ? କୁନ୍ତୀ ପୁଅମାନଙ୍କୁ ବଂଚେଇଲେ । ପୁଅମାନଙ୍କ ପାଖେ ପାଖେ ରହିଲେ । ଜଉ ଘର ଭିତରେ ପୁଅମାନଙ୍କ ସହିତ ରହି ସେମାନଙ୍କୁ ବଂଚେଇ ଦେଲେ । ବଣ ଭିତରେ ମଧ୍ୟ ପୁଅମାନଙ୍କ ସହିତ ସେ ରହିଲେ । ଗୁଇପରି ସେ ପୁଅମାନଙ୍କ ପାଖେ ପାଖେ । ଏଇପରି କେତେ ମାଆ ଅଛନ୍ତି, ଯେଉଁମାନେ ପୁଅମାନଙ୍କୁ ବଂଚେଇବା ପାଇଁ କେତେ କେତେ ସାଧନ କରି ଯାଇଛନ୍ତି ।

ଏଇ ମାଆଙ୍କୁ ଅବହେଳା କରି ଦେଲେ ପୁଅର କଲ୍ୟାଣ ନାହିଁ । ମାଆର ଲୁହ ହୋଇଯାଏ ନିଆଁ । ମାଆକୁ ଯିଏ ଆଦର କରିନାହିଁ, ମାଆକୁ ଯିଏ ସମ୍ମାନ ଦେଇନାହିଁ, ସେ କାହାରିକୁ ଆଦର କରିପାରେ ନାହିଁ କି ସମ୍ମାନ ଦେଇପାରେ ନାହିଁ । ସେ ଯେଉଁ ଆଦର ଆଉ ସମ୍ମାନ କରେ, ତାହା ଲୋକ ଦେଖାଣିଆ । ଭିତରେ ଥାଏ ଗୋଟାଏ ଭ୍ରାନ୍ତ

Digitized by PPRACHIN, SOA

ଅଦ୍ୱମିକାବୋଧ । ମାଆର ତ୍ୟାଗ, ମାଆର ମମତା, ମାଆର ଧର୍ମ ସନ୍ତାନକୁ ଆଗେଇ ନିଏ । ସନ୍ତାନ ଭିତରେ ଭରି ଦିଏ ଶକ୍ତି ଓ ସାମର୍ଥ୍ୟ । ମାଆ ସନ୍ତାନର ପାଖେ ପାଖେ ଅଦୃଶ୍ୟ ହୋଇ ରହିଯାଏ । କିନ୍ତୁ କଣ ବିପଦ ଆପଦ ଆସିଲେ ସବୁ ସେ ଦୂରେଇ ଦିଏ । ଏଇଥି ପାଇଁ ତ କୁହାଯାଏ ମାତୃ ଆଶୀର୍ବାଦ ହିଁ ଜଗତରେ ଶ୍ରେଷ୍ଠ ଆଶୀର୍ବାଦ । ଏଇ ଆଶୀର୍ବାଦ ଯିଏ ପାଇଛି ତାର ଆଉ ଲୋଡ଼ା କଣ ?

ଏଇ ମାଆ ହେଉଛି ଦିବ୍ୟ ଜନନୀ । ସନ୍ତାନମାନଙ୍କର ସଙ୍କଟ ମୁହୂର୍ତ୍ତରେ ସେ ହୁଏ ଆବିର୍ଭୂତା ମହାମାୟା ଦୁର୍ଗାରୂପରେ । ସଂହାର କରେ ତାମସୀ ଶକ୍ତି ସମ୍ପନ୍ନ ମହିଷାସୁରମାନଙ୍କୁ । ଜଗତକୁ ସେ ରକ୍ଷା କରେ । ସନ୍ତାନମାନଙ୍କୁ ରକ୍ଷା କରେ । ସକଳ ଭୂତରେ ସେ ମାତୃ ରୂପରେ ଅଧିଷ୍ଠିତା । ସେ ମାଆ, ସେ ବିଦ୍ୟା, ସେ ବୁଦ୍ଧି, ସେ ଧୃତି, ସେ ଦୟା, ସେ କ୍ଷମା, ସେ ଶାନ୍ତି, ସେ ଶକ୍ତି । ସେ ପୁଣି ବିଷ୍ଣୁମାୟା ଓ ଚେତନା, ନିଦ୍ରା ଓ କ୍ଷୁଧା, ଛାୟା ଓ ତୃଷ୍ଣା, ଜାତି ଓ ଲଜ୍ଜା, ଶ୍ରଦ୍ଧା ଓ କାନ୍ତି, ବୃତ୍ତି ଓ ସ୍ମୃତି, ଲକ୍ଷ୍ମୀ ଓ ତୁଷ୍ଟି । ସର୍ବୋପରି ସେ ମଧ୍ୟ ଭ୍ରାନ୍ତି । ସେ ଭ୍ରାନ୍ତି ସୃଷ୍ଟି କରିଦିଏ ସେଇଠି, ଯେଉଁଠି ମାତୃଭାବ ନ ଥାଏ ; ସେଇଠି ସେ ବିନାଶ କରିଦିଏ ତାମସିକ ଶକ୍ତିକୁ ।

ସେଇ ହେଉଛି ମାଆ ଯିଏ ସ୍ନେହ ଦିଏ, ମମତା ଦିଏ, କରୁଣା ଦିଏ, ଅରକ୍ଷକୁ ରକ୍ଷା କରେ, ଦୁର୍ବଳକୁ ସହାୟ ହୁଏ । ସେଇଥି ପାଇଁ ବିପଦ ଆପଦରେ ମାଆ ନାଁଟା ମନେ ପଡ଼ିଯାଏ । ଦୁଃଖକଷ୍ଟ ବେଳେ ପାଟିରୁ ବାହାରିପଡ଼େ 'ମାଆ ଲୋ' । ଗୋଟାଏ ଅଦୃଶ୍ୟ ହାତ ଲମ୍ବିଆସେ ଶୂନ୍ୟେ ଶୂନ୍ୟେ । ଦେହସାରା ସାଉଁଳି ଦିଏ । ତା' ପରେ ଶାନ୍ତି—ପରମ ତୃପ୍ତି । 'ମାଆ ଲୋ', 'ବୋଉ ଲୋ' ପରି ଡାକଟିଏ ସତେ କେତେ ଆପଣାର, କେତେ ଆନନ୍ଦର, କେତେ ମମତାର । 'ମାଆ' ଆଉ 'ବୋଉ' ସହିତ ଏଇ 'ଲୋ' ଟି ମିଶେଇ ଦେଲେ ତାହା କେତେ ଅମୃତମୟ ହୋଇ ନ ଯାଏ ସତେ ! 'ଲୋ' ଏଇ ସମ୍ବୋଧନଟି 'ବୋଉ'

Digitized by PPRACHIN, SOA

ସବୁତ ଯୋଡ଼ ହୋଇଯାଇ କେତେ ମଧୁମୟ ହୋଇ ନ ଯାଏ ! ! କେତେ ଆର୍ମ୍ଦ୍ରତା ସୃଷ୍ଟି ନ କରେ ! ! ! ଏଇ ମାଆର ବିଜୟ କାଳେ । କାଳେ ତାର କେବେ ବିଲୟ ହୋଇପାରେନା । ସେ ତର ମଧୁକ୍ଷରା; ସେ ତର ଅମୃତମୟୀ । ବୋଉ ସତେ କେତେ ମିଠା ଲୁହେଁ, ଲୁହନ୍ତୁ ତ !

ଝିଅ ଜନମ ପର ଘରକୁ

ଝିଅଟିଏ ଜନ୍ମ ନିଏ ଗୋଟିଏ ଘରେ । ସେହି ଘରେ ତାର ନାହି କଟା ହୁଏ। ସେଇଠି ବଡ଼ ହୁଏ। ସେହି ଘର, ସେଇ ଗାଁ, ସେଇ ପରିବେଶ ତାର ହୁଏ ଅତି ଆପଣାର । ବାପା ମାଆ, ଭାଇଭଉଣୀ, ଦାଦା ଖୁଡ଼ୀ, ଆହୁରି କେତେ କେତେ ସମ୍ବନ୍ଧ ଭିତରେ ସେ ଖେଳି ବୁଲେ। ଯେତେବେଳେ ସେ ଯୌବନରେ ପହଞ୍ଚେ, ସେତେବେଳେ ସେ ବାହାହୋଇଯାଏ ଆଉ ଗୋଟିଏ ଗାଁକୁ ।•ସେଇ ଘର ବା ଗାଁ ନିକଟ ହୋଇପାରେ ଅଥବା ହୋଇପାରେ ବହୁ ଦୂର । ଯୌବନରେ ପହଞ୍ଚିଲା ପରେ ସେ ଆଉ ବାପଘରେ ରହିପାରେନାହିଁ ସବୁଦିନ ପାଇଁ । ତାକୁ ଯିବାକୁ ହେବ ଅନ୍ୟ ଏକ ପରିବାରକୁ। ବାପା ମାଆର ଚିନ୍ତା ବଢ଼େ। ଯେମିତି ହେଲେ ଝିଅକୁ ବାହାଦେବାକୁ ହେବ । ଝିଅ ବାହା ହୋଇଯାଏ । ଯେଉଁ ଗୋତ୍ରରେ ଜନ୍ମ ହୋଇଥିଲା ପନ୍ଦର ଷୋଳ ବର୍ଷ ପରେ ସେଇ ଗୋତ୍ରକୁ ଛାଡ଼ିଦେଇ ଆଉ ଗୋଟିଏ ଗୋତ୍ରରେ ମିଶିଯାଏ। ସେଇ ଗୋତ୍ର ହୋଇଯାଏ ତାର ଗୋତ୍ର । ସେଇ ଘର ହୋଇଯାଏ ତାର ଘର । ସେଇ ପରିବାର ମଧ୍ୟ ହୋଇଯାଏ ତାର ପରିବାର। ସେ ହୋଇଯାଏ ଘରଣୀ। ସେ ସ୍ତ୍ରୀ ହୁଏ। ସେ ହୁଏ ବୋହୂ। ସେ ପୁଣି କାହାପାଖରେ ନୂଆ ବୋଉ, ଖୁଡ଼ୀ, ଅପା, ନାନୀ, ଇମିତି କେତେ କଣ । ସେ ପୁଣି ହୁଏ ମାଆ । ବାପାଘରେ ଥିଲା ସେ ମୁକ୍ତ। ଶାଶୁଘରେ ସେ ମୁକ୍ତ ନୁହେଁ। କିନ୍ତୁ ଶୃଙ୍ଖଳାଭିତରେ ସେ ରହେ। ଏହି ଶୃଙ୍ଖଳାକୁ ସେ ଛିଣ୍ଡାଏ ନାହିଁ । ବରଂ ତାକୁ ଆହୁରି ଟାଣ୍ ଟାଣ୍ ଆଉ ମଜଭୁତ କରିଦିଏ। ପରକୁ ଆପଣାର କରେ। ନିଜକୁ ପରର ସେବାରେ ଉତ୍ସର୍ଗ କରିଦିଏ । ସେବା ଓ ତ୍ୟାଗ ହୋଇଯାଏ ତାର ଆଦର୍ଶ। ପର ଗାଁ ନିଜ ଗାଁ। ହୁଏ। ସେଇ ଗାଁର ଧୂଳିମାଟି ବଣବଣ, ରାସ୍ତାଘାଟ ସବୁ ହୋଇଯାଏ ତାର।

Digitized by PPRACHIN, SOA

ସେ କେବଳ ସ୍ତ୍ରୀ ହୁଏ ନାହିଁ, ଘରଣୀ ହୁଏ ନାହିଁ, ସେ ହୋଇଯାଏ ଗୃହ-ସାମ୍ରାଜ୍ୟର ମହାରାଣୀ । ଶାଶୁ, ଶ୍ୱଶୁର, ନଣନ୍ଦ ଓ ଦେବରଙ୍କ ଦୃଷ୍ଟିରେ ସେ ସାମ୍ରାଜ୍ଞୀ । ସେ ଆଉ ଗୃହର ଅତିଥି ନୁହେଁ । ଗୃହ ମଧ୍ୟ ସାଧାରଣ ଗୃହ ନୁହେଁ । ତାହା ଏକ ମଧୁମୟ ମହନୀୟ ସାମ୍ରାଜ୍ୟ । ସେହି ସାମ୍ରାଜ୍ୟରେ ସେ ପରିରକ୍ଷିକା, ପରିବେଷିକା, ବ୍ୟବସ୍ଥାପିକା ଓ ପାଳନକର୍ତ୍ତ୍ରୀ । ବିନିମୟରେ ସେ ପାଏ ସମସ୍ତଙ୍କଠାରୁ ସ୍ନେହ, ମମତା ଓ ପ୍ରେମ । ଗୃହସ୍ଥ ତାର ଧୈର୍ଯ୍ୟ, ସେବା ଓ ସହିଷ୍ଣୁତା । ଅଥର୍ବ ବେଦରେ ତେଣୁ କୁହାଯାଇଛି—

ସାମ୍ରାଜ୍ଞେଧିଶ୍ୱଶୁରେଷୁ ସମ୍ରାଜ୍ଞ୍ୟୁତ ଦେବୃଷୁ
ନନାନ୍ଦୁଃ ସମ୍ରାଜ୍ଞ୍ୟେଧି ସମ୍ରାଜ୍ଞ୍ୟୁତ ଶ୍ୱଶ୍ରାଃ ।

ଗୃହର ମର୍ଯ୍ୟାଦା ବୃଦ୍ଧି ଲାଭକରେ ନାରୀର ମର୍ଯ୍ୟାଦାବୋଧ ଥିଲେ । ଇଟାପଥରରେ ତିଆରି ଅଟ୍ଟାଳିକା କେବଳ ଗୃହ ହୁଏ ନାହିଁ । ଗୃହ ହୁଏ ମନୁଷ୍ୟଙ୍କୁ ନେଇ । ଯେତେ ଆଡମ୍ବରପୂର୍ଣ୍ଣ ଗୃହ ହେଲେ ହେଁ ଯଦି ସେଥିରେ ମଣିଷ ନଥାନ୍ତି, ତାକୁ ପ୍ରକୃତ ଗୃହ କୁହାଯାଏ ନାହିଁ । ସ୍ୱାମୀ ଓ ସ୍ତ୍ରୀ ଗୃହକୁ ସଙ୍କୀର୍ଣ୍ଣ କରିଦେଲେ, ଅଶାନ୍ତି ଓ ଅସନ୍ତୋଷ ବୃଦ୍ଧି ଲାଭ କରେ । ଗୃହ ନରକରେ ପରିଣତ ହୋଇଯାଏ । ଗୃହ ହେଉଛି ପତି ଓ ପତ୍ନୀଙ୍କର କଲ୍ୟାଣମୟ ଯଜ୍ଞକ୍ଷେତ୍ର । ନାରୀ ସେଠି ସ୍ୱେଚ୍ଛାଚାରିଣୀ ହୋଇଗଲେ ଯଜ୍ଞର ପବିତ୍ରତା ନଷ୍ଟ ହୋଇଯାଏ ।

ବିବାହ କରି ନାରୀ ଯାଏ ନବବଧୂ ହୋଇ ଅନ୍ୟ ଏକ ଘରକୁ । ସେଠି ପ୍ରବେଶ କରିବା ମାତ୍ରେ ସେ ଆଉ କେବଳ ବଧୂ ହୋଇ ରହେ ନାହିଁ । ନିଜକୁ ସମସ୍ତଙ୍କ ଭିତରେ ଖେଳାଇ ଦିଏ । ବୃଦ୍ଧବୃଦ୍ଧା, ଯୁବକ-ଯୁବତୀ, ବାଳକ-ବାଳିକା ଏବଂ ଗୃହପାଳିତ ପଶୁପକ୍ଷୀ ସମସ୍ତଙ୍କୁ ସେ ଆପଣାର କରେ । ସମସ୍ତେ ତାର ପ୍ରଜା ସଦୃଶ । ସମସ୍ତଙ୍କର ସେ ଯତ୍ନ ନିଏ । ଜ୍ୟେଷ୍ଠମାନଙ୍କର ସେବା କରେ । କନିଷ୍ଠମାନଙ୍କୁ ସ୍ନେହ ଦେଇ ପ୍ରତିପାଳନ କରେ । ଗୃହର ପ୍ରତ୍ୟେକ କାର୍ଯ୍ୟ ଯଥାସମୟରେ ସୁଚାରୁ-

Digitized by PPRACHIN, SOA

ରୂପେ ସମ୍ପାଦନ କରେ । କିଏ କେତେବେଳେ କ'ଣ ଖାଇବ, କିଏ କେଉଁଠିକି ଯିବ—ସବୁ ସେ ବୁଝେ । ସେ ନିଜେ କରେ । ଯାହାଙ୍କୁ ଯାହା କରିବାକୁ ହେବ ତାହାଙ୍କୁ ତାହା ଆଦେଶ ଦିଏ । ଯେତେବେଳେ ସେ ନିଜେ କାର୍ଯ୍ୟ କରେ ସେତେବେଳେ ସେ କର୍ମଯୋଗିନୀ । ଯେତେବେଳେ ଆଦେଶ ଦିଏ ସେତେବେଳେ ସେ ମହାରାଣୀ । ଯେତେବେଳେ ସେ କୌଣସି ଗୁରୁତର କାର୍ଯ୍ୟରେ ମନ୍ତ୍ରଣାଦିଏ ସେତେବେଳେ ସେ ମନ୍ତ୍ରୀ । ସେ ଏକାଧାରରେ ଗୃହ ରାଜ୍ୟର ଆଇନମନ୍ତ୍ରୀ, ଅର୍ଥମନ୍ତ୍ରୀ । ସେ ମଧ୍ୟ ଗୃହର ଅଭ୍ୟନ୍ତର କଥା ବୁଝେ; ବୁଝେ ମଧ୍ୟ ବାହାରର କଥା । ପାରିବାରିକ ଦିନଚର୍ଯ୍ୟା ସେ କରେ । ଅତିଥି ସେବା କରେ । ନାନାବିଧ ଧର୍ମାନୁଷ୍ଠାନ କରେ । ଦାନ ପୁଣ୍ୟାଦି ଦ୍ୱାରା ଗୃହର ସେ ଶୋଭା ବର୍ଦ୍ଧନ କରେ । ତେଣୁ ସେହି ଅଥର୍ବ ବେଦରେ ପୁଣି କୁହାଯାଇଛି—

'ଇହ ପ୍ରିୟଂ ପ୍ରଜାୟୈତେ
ସମୃଧ୍ୟତାମସ୍ମିନ୍ ଗୃହେ
ଗାର୍ହପତ୍ୟାୟ ଜାଗୃହି
ଏନା ପତ୍ୟା ତନ୍ୱଂ ସଂ
ସୃଜସ୍ୱାଥଜିର୍ବିର୍ବିଦଥମା ବଦାସି ।'

ଗୃହର ପ୍ରଜାମାନଙ୍କ ପ୍ରତି ପ୍ରିୟବାଦିନୀ ହୋଇ ଗୃହର ସମୃଦ୍ଧିର କାରଣ ହୁଏ ନାରୀ । ନିଜର ପତି ଭିନ୍ନ ଅନ୍ୟ କୌଣସି ପୁରୁଷର ଦେହକୁ ସେ ସ୍ପର୍ଶ କରେ ନାହିଁ । ପତିଙ୍କ ଜୀବନ ସହିତ ସେ ଅଭିନ୍ନ ଭାବରେ ଯୁକ୍ତ ହୋଇଯାଏ । ସେମାନଙ୍କ ପବିତ୍ର ଦାମ୍ପତ୍ୟ ଜୀବନର ସୌରଭରେ ସଂସାର ସୁରଭିତ ହୁଏ । ସମସ୍ତଙ୍କର ହିତକାମନା କରେ ନାରୀ । ସମସ୍ତଙ୍କୁ ଆଦର କରେ । ତାର ପ୍ରେମ ପତିର ହୃଦୟରେ ଅଭିଷିକ୍ତ ହୁଏ । ସମଗ୍ର ପରିବାରକୁ ପ୍ରେମମୟ କରିଦିଏ । ସେହି ପ୍ରେମରେ ଗୃହର ପ୍ରଜାମାନେ ନିଜ ନିଜ କର୍ତ୍ତବ୍ୟରେ ଅଗ୍ରସର ହୁଅନ୍ତି । ପିତୃଗୃହକୁ ଛାଡ଼ି ପତିଗୃହକୁ ସେ ଆସିଥାଏ ମର୍ଯ୍ୟାଦା ଓ ଅନୁଶାସନ ସ୍ଥାପନ ନିମିତ୍ତ । ତା'ର ଧର୍ମ ଗୃହସ୍ଥ ଧର୍ମ । ଏହି ଧର୍ମର ସେ ଜାଗ୍ରତ

Digitized by PPRACHIN, SOA

ପ୍ରଶସ୍ତି । ତାର ଯୋଗ୍ୟତା ଓ ନିଷ୍ଠା, ପ୍ରେମ ଓ ତ୍ୟାଗ ବଳରେ ପରିବାରର ସକଳ ପ୍ରଜାଗଣ ଧନ୍ୟ ହୁଅନ୍ତି । ସମସ୍ତେ ପ୍ରେମ ଓ ନ୍ୟାୟ ଲାଭ କରନ୍ତି ।

ସେ ଭଲକରି ଜାଣେ କୁଟୁମ୍ବ ଅର୍ଥ ନୁହେଁ ଧନସମ୍ପତ୍ତି ଅଥବା ପ୍ରାସାଦ, କ୍ଷମତା ବା ପ୍ରତିପତ୍ତି । ଏକତ୍ର ବାସ ହିଁ କୁଟୁମ୍ବ । ସେ ଏପରି ଏକ ସୂତ୍ର ଯାହା ସମସ୍ତ କୁଟୁମ୍ବମାନଙ୍କୁ ଗୋଟିଏ ମାଳାରେ ଗୁନ୍ଥିଦିଏ । ନାରୀ କେବେହେଲେ ଅବଳା ନୁହେଁ । ବେଦ ଏହାକୁ ବିରୋଧ କରେ । ନାରୀ ମାତା । ମାତା ସନ୍ତାନକୁ ସେ ଜନ୍ମ ଦିଏ । ଅଥଚ ଅନେକ ସାଧୁସନ୍ଥ ଓ ମହାପୁରୁଷମାନେ କହନ୍ତି ନାରୀ ସମସ୍ତ ପ୍ରକାର ପାପର ଦୁଆର ମାଜ । ନାରୀକୁ ମଧ୍ୟ ଲତା ସହିତ ତୁଳନା କରି ପୁରୁଷର ଆଶ୍ରୟରେ ତାର ବିକାଶ ହୁଏ ନାହିଁ ବୋଲି କୁହାଯାଇଛି । ନାରୀକୁ ମଧ୍ୟ ବେଦାଦି ଶାସ୍ତ୍ର ଅଧ୍ୟୟନ ଓ ଯୋଗ କରିବା ପାଇଁ ନିଷେଧ କରାଯାଇଛି । କେତେକ ଯୋଗୀ ଓ ମୁନିମାନେ ମଧ୍ୟ ନାରୀକୁ ଶିକ୍ଷ୍ୟା କରିବାକୁ ସ୍ପଷ୍ଟ ମନାକରି ଦେଇଛନ୍ତି । ଏପରି ମତବାଦ ସମ୍ପୂର୍ଣ୍ଣ ଭ୍ରମାତ୍ମକ । ନାରୀ ପାପ ନୁହେଁ; ଧର୍ମ । ପୁରୁଷର ପାପ ଦୃଷ୍ଟି ନାରୀକୁ ପାପ ମନେକରେ । ସେହି ଦୃଷ୍ଟି ହିଁ ତାକୁ ନାରୀଠାରୁ ଦୂରରେ ରଖେ । ଏତାଦୃଶ ମନୋଭାବ ନାରୀକୁ ମର୍ଯ୍ୟାଦା ଦିଏ ନାହିଁ ବରଂ ନାରୀକୁ ନିମ୍ନଗାମୀ କରାଇଦିଏ ।

ବେଦର ନାରୀ ଦୁର୍ବଳା ନୁହେଁ । ମାରବରେ ସେ କୌଣସି ଅତ୍ୟାଚାର ଓ ଲାଞ୍ଛନା ସହେ ନାହିଁ । ଦୋଷୀକୁ ସେ କ୍ଷମା ଦିଏ ନାହିଁ । ତା' ପ୍ରତି ସେ ହୁଏ ଅତ୍ୟନ୍ତ କଠୋର । ପାପୀକୁ ସେ ଘୃଣା କରେ; ଅଥଚ ସେ ନିଷ୍ଠୁର ନୁହେଁ । ଅନ୍ୟର ଦୋଷ ସଂଶୋଧନ ପାଇଁ ଉଚିତ ଶିକ୍ଷା ପ୍ରଦାନ କରେ । ଋଗ ବେଦରେ ଜଣେ ଘାତକ ଓ ଅତ୍ୟାଚାରୀ ବ୍ୟକ୍ତିକୁ ନାରୀ ଶୁଣାଇଛି ଧିକ୍କାର ବାଣୀ—

ଅବୀରାମିବମାମୟଂ ଶରାରୁରଭି ମନ୍ୟତେ
ଉତାହମସ୍ମି ବୀରଣୀନ୍ଦ୍ର ପତ୍ନୀ ମରୁତ୍‌ସଖା
ବିଶ୍ୱ ସାଦିନ୍ଦ୍ର ଉତ୍ତରଃ ।

Digitized by PPRACHIN, SOA

'ରେ ଭୀରୁ ! ମୋତେ ତୁ ଭୁଲରେ ଅବଳା ବୋଲି ମନେ କରୁଛୁ । ମୁଁ ବୀର । ମୋର ପତି ମଧ୍ୟ ବୀର । ସେ ବୀର ମରୁତ । ଅର୍ଥାତ୍ ସେ ମରୁତ ଭଳି ଅନ୍ୟାୟକାରୀର ବିରୋଧରେ ସଂଗ୍ରାମ କରନ୍ତି । ରେ କାପୁରୁଷ ! ମୋର ତୀବ୍ର ବାଣୀ ଓ ତୀକ୍ଷ୍ଣ ଦୃଷ୍ଟିରେ ତୁ କମ୍ପମାନ ହେଉ ଥିବାର ମୁଁ ଦେଖୁଅଛି ।' ଯେଉଁ ନାରୀ ଏପରି କହିପାରେ, ସେ କେବେ ଦୁର୍ବଳା ନୁହେଁ । ନାରୀ ଧର୍ମ ପ୍ରତି ସେ ଅବହିତ ଥିଲେ ଦୁର୍ବଳତା ତାକୁ ସ୍ପର୍ଶ କରେ ନାହିଁ । କୌଣସି ସଇତାନକୁ ସେ ଭୟ କରେ ନାହିଁ । ନାରୀତ୍ୱର ଦୀପ୍ତିମାନ ଅଗ୍ନିଶିଖାରେ ସଇତାନକୁ ଜାଳିଦିଏ । ଅନ୍ୟାୟକୁ ସେ ବରଦାସ୍ତ କରେ ନାହିଁ । ଅଧର୍ମକୁ ପ୍ରଶ୍ରୟ ଦିଏ ନାହିଁ । ଧ୍ୱଂସ ତାର ଲକ୍ଷ୍ୟ ନୁହେଁ; ଲକ୍ଷ୍ୟ ମଧୁମୟ ସୃଷ୍ଟି । ନୂତନ ନୂତନ ସୃଷ୍ଟିକୁ ସେ ଆଲୋକକୁ ଆଣେ । ଆଲୋକର ବାର୍ତ୍ତା ପ୍ରଚାର କରେ । ନିଜେ ଜଳି ଅନ୍ୟକୁ ଆଲୋକ ଦିଏ । ଯିଏ ତାକୁ ଜାଳିବାକୁ ଉଦ୍ୟମ କରେ ସେ ଜଳିଯାଏ ।

ନାରୀ ପରିବାରର ମସ୍ତକଭୂଷା । ମସ୍ତକ ନ ଥିଲେ ଶରୀରର ମୂଲ୍ୟ କଣ ଅଛି ? ନାରୀ ନ ଥିଲେ ପରିବାରର ମର୍ଯ୍ୟାଦା କଣ ଅଛି ? ନାରୀକୁ ଘୁଡି ପରିବାର ଏକ ନିସ୍ତରଂଗ ନିଷିଦ୍ଧ ହ୍ରଦ । ନାରୀକୁ ନେଇ ପରିବାର ଏକ କଳନାଦିନୀ ନିର୍ଝରିଣୀ । ଏହି ନିର୍ଝରିଣୀ ଅଟକି ଯାଏ ନାହିଁ । ସବୁ ବାଧା ଅତିକ୍ରମି ଧାଇଁଯାଏ । ପରିବାର ଶସ୍ୟ-ଶ୍ୟାମଳ ହୁଏ । ରାଷ୍ଟ୍ର ମଧ୍ୟ ହୁଏ ମଧୁମୟ । ତେଣୁ ନାରୀ ରାଷ୍ଟ୍ରର ପତାକା ସଦୃଶ । ସେ ନେତ୍ରୀ ଓ ନିର୍ମାତ୍ରୀ । ସେ ତେଣୁ କହେ—

ଅହଂ କେତୁରହଂ ମୂର୍ଦ୍ଧାଽହମୁଗ୍ରା ବିବାଚନୀ
ମମେଦନୁ କ୍ରତୁଂ ପତିଃ ସେହାନାୟା ଉପାଚରେତ୍ ।

ଲଜ୍ଜା, ଶାଳୀନତା ଓ ବିନମ୍ରତା—ଏହି ତିନି ଗୁଣରେ ନାରୀ ପୂର୍ଣ୍ଣତା ଲାଭକରେ । ଏହାଦ୍ୱାରା ସେ ସକଳ ଦୁର୍ବଳତାକୁ ଅତିକ୍ରମ କରିଯାଏ । ସେ ଏପରି ଏକ ଶକ୍ତି ଧାରଣ କରେ ଯାହା ସକଳ ପ୍ରତିପକ୍ଷ-

Digitized by PPRACHIN, SOA

ଶକ୍ତିକୁ ଦମନ କରିଦିଏ । ନାରୀ କେବଳ ପତ୍ନୀ ନୁହେଁ ; ସେ ଜନନୀ । ମାଆ ହୋଇଥିବାରୁ ସେ ବ୍ରହ୍ମା । ମନୁଷ୍ୟ ସମାଜର ସେ ନିର୍ମାତ୍ରୀ । ସେ ତେଣୁ ଅବହେଳିତା ନୁହେଁ, ଘୃଣ୍ୟା ନୁହେଁ, ପାପର ବୀଜ ନୁହେଁ । ସୃଷ୍ଟିର ସେ ମୋହନ ବେଣୁ । ଜୀବନର ସେ ସାମ ସଙ୍ଗୀତ । ଅନ୍ୟାୟ, ଅତ୍ୟାଚାର ଓ ପାପର ସେ କାଳାନଳ ।

ପିତୃଗୃହରୁ ପତିଗୃହକୁ ଆସିଲା ପରେ ତାର କନ୍ୟା-ରୂପର ଅବସାନ ଘଟେ । ତାର ପ୍ରକାଶ ପାଏ ପତ୍ନୀ-ରୂପ, ବଧୂ ରୂପ,ମାତୃ-ରୂପ ଓ ଗୃହଣୀ-ରୂପ । ପତ୍ନୀ ଭାବରେ ସେ ପତିର ସେବା କରେ । ପତିର ସୁଖ ଦୁଃଖ ସହିତ ସେ ଏକାତ୍ମ ହୋଇଯାଏ । ପତି ପ୍ରେମ ହିଁ ତାକୁ ବାନ୍ଧିରଖେ । ସେ ଭୁଲିଯାଏ ତାର କନ୍ୟା-ରୂପକୁ, ପିତାଳୟର ସୁଖ ସମ୍ଭୋଗକୁ । ବଧୂ-ରୂପରେ ସେ ନିଜର ବ୍ୟକ୍ତିତ୍ୱକୁ ପରିବାର ଭିତରେ ଖେଳେଇଦିଏ । ମାତୃ ରୂପରେ ସନ୍ତାନମାନଙ୍କର ଯତ୍ନ ନିଏ । ଗୃହିଣୀ ରୂପରେ ସେ ହୁଏ ସାମ୍ରାଜ୍ଞୀ । ନାରୀର ଜୀବନ ହୁଏ ଧନ୍ୟା । ନାରୀର ଚତୁର୍ବିଧ ରୂପ ଭିତରେ ଅଖଣ୍ଡ ପ୍ରେମର ସ୍ରୋତ ପ୍ରବାହିତ ହେଉଥାଏ । ଏହି ପ୍ରେମ ହିଁ ତାକୁ ଉଦାର ଓ ମହିମାମୟୀ କରିଦିଏ । ସେହି ପ୍ରେମ ପାଇଁ ସେ ପରକୁ ଆପଣାର କରିନିଏ । ତାର ପ୍ରେମ ବୃତ୍ତରେ ପର ଆଉ ପର ହୋଇ ରହେ ନାହିଁ । ପର ସେଠି ମିଳେଇ ଯାଇ ହୋଇଯାଏ ନିଜର । ନାରୀର ଏହି ଗୁଣ ନ ରହିଲେ ପରକୁ ସେ ଆପଣାର କରିପାରେ ନାହିଁ । ଗୋଟାଏ କେମିତି ସ୍ୱେଚ୍ଛାଚାରିଣୀ ଭାବ ସୃଷ୍ଟି ହୋଇଯାଏ । ଅଯଥା ଅହଂକାର ଆସେ । ନିଜ ବାପଘରର ଆଭିଜାତ୍ୟକୁ ନେଇ ଗର୍ବ ପ୍ରକାଶ କରେ । ସେଠି ଯେମିତି ପର ଘରଟା କେବଳ ପରଘର ହୋଇ ରହିଯାଏ । କନ୍ୟା ଉପରେ ବାପାଘର ପ୍ରଭୃତି ପୂର୍ବପରି ପ୍ରଭାବ ପକାଇ ରହନ୍ତି । ଅଯଥା ହସ୍ତକ୍ଷେପ କରନ୍ତି । ତେଣୁ ଅଶାନ୍ତି ପ୍ରକାଶ ପାଏ । ଏହାର ଅର୍ଥ ନୁହେଁ ଯେ, ନାରୀ ତାର ପିତୃଗୃହକୁ ଭୁଲିଯିବ । ପିତୃଗୃହକୁ ଭୁଲିବ ନାହିଁ ; ଅଥଚ ସ୍ୱାମୀ ଗୃହକୁ ଆପଣାର ମନେ କରିବ ! ପିତୃଗୃହର ଅଭିମାନକୁ ଧରିବ ନାହିଁ ; ସ୍ୱାମୀ ଗୃହର ଅଭିମାନକୁ ନିଜର ମନେ କରିବ ; ସ୍ୱାମୀ ଗୃହ ହିଁ ତାର ହୋଇଯିବ

Digitized by PPRACHIN, SOA

ସାଧନାମନ୍ଦିର । ସେଇଠି ତାର ସ୍ୱଧର୍ମ ବିକାଶ ଲାଭ କରିବ । ତାକୁ ମନେ ରଖିବାକୁ ହେବ ସେ ପ୍ରଥମେ ପତ୍ନୀ ଓ ବଧୂ, ଜନନୀ ଓ ଗୃହିଣୀ । ପରେ ସେ ହୁଏତ ଦେଶର ନେତ୍ରୀ ହୋଇପାରେ ଅଥବା ଆଉ କୌଣସି କାର୍ଯ୍ୟ କରିପାରେ । ଘରକୁ ନଜର କରି ପାରିଲେ, ପରିବାରକୁ ଆପଣାର ମନେ କରିପାରିଲେ, ଦେଶକୁ ନଜର କରିହୁଏ ; ଆପଣାର କରିହୁଏ । ଝିଅ ଜୀବନ ତେଣୁ ପର ଘରକୁ ହେଲେ ହେଁ ସେହି ପରଘର ଆଉ ପରଘର ହୋଇ ରହେ ନାହିଁ । ସବୁ ଯେପରି ଏକାକାର ହୋଇଯାଇ ପ୍ରେମ ଓ ତ୍ୟାଗର ଏକ ମହିମାମୟ ରୂପ ଧାରଣ କରେ । ନିଜ ଆଉ ପରର ଭେଦ ହୋଇଯାଏ ଅଭେଦ । ସାମ୍ୟ, ଶାନ୍ତି ଓ ସଦ୍ଭାବସ୍ଥାନର ଦୃଶ୍ୟ ସେଇଠି ପ୍ରକଟିତ ହୁଏ । ଏହି କାରଣରୁ ନାରୀ ଜୀବନ ଧନ୍ୟ ଓ ସାର୍ଥକ ।

●

Digitized by PPRACHIN, SOA

ନାରୀ ଓ ବିଜ୍ଞାପନ

ନାରୀ ଭଗବାନଙ୍କ ସୃଷ୍ଟିରେ ଏକ ଅପୂର୍ବ ପ୍ରକାଶ । ନାରୀର ପ୍ରୀତି ଓ ଦ୍ୟୁତି ଚିର ଆକର୍ଷଣୀୟ । ନାରୀର ସୌନ୍ଦର୍ଯ୍ୟ ପୁରୁଷକୁ ଭୁଲାଏ । ନାରୀ ପ୍ରତି ପୁରୁଷର ଏ ଆକର୍ଷଣ କାହିଁକି ? କଣ ତା'ର କାରଣ ? ସେ କଣ ନାରୀର ସୌନ୍ଦର୍ଯ୍ୟ ପ୍ରତି କେବଳ ଆକୃଷ୍ଟ ? ସୌନ୍ଦର୍ଯ୍ୟ ପ୍ରତି ତ ତାର ଅଛି ସ୍ୱାଭାବିକ ଆକର୍ଷଣ । ତଥାପି ତା' ଭିତରେ ଅଛି ଏକ ଦୁର୍ବାର ଇନ୍ଦ୍ରିୟବୋଧ । ସେଇ ଲାଳସା ହିଁ ନାରୀ ପ୍ରତି ତାକୁ ଆକୃଷ୍ଟ କରେ । ଏଇ କାରଣରୁ ନାରୀକୁ ନେଇ ସେ କାବ୍ୟ କବିତାରେ ନାନା ବିଷୟ ବର୍ଣ୍ଣନା କରିଛି । ଶିଳ୍ପ କଳାରେ ଫୁଟାଇଛି ଅପୂର୍ବ ଚିତ୍ରଶୀ । ମନ୍ଦିର ଦେହରେ ନାରୀ-ଦେହର ବିଚିତ୍ର ଭଙ୍ଗିମା ଏହି କାରଣରୁ ସୃଷ୍ଟି ହୋଇଛି । ସେ ସବୁ ମୂର୍ତ୍ତିକୁ ସ୍ପଷ୍ଟ କରି ନ ଦେଖିଲେ ବି ବେଳେବେଳେ କଣେଇ କଣେଇ ମଣିଷ ଚାହେଁ । ମନେ ମନେ ଆନନ୍ଦିତ ହୁଏ । ନାରୀ ପ୍ରତି ଏହି ଆକର୍ଷଣ ହିଁ ପୁରୁଷକୁ ପ୍ରେରଣା ଦେଇଛି ନାରୀକୁ ବିଜ୍ଞାପନର ମୁଖ୍ୟ ଉପାଦାନ କରିବାକୁ । ନାରୀର ତନୁଶ୍ରୀ ଯେମିତି ବିଜ୍ଞାପନର ହୋଇଯାଇଛି ଏକ ବଳିଷ୍ଠ ମାଧ୍ୟମ ।

ଅତୀତ କାଳରେ ନାରୀକୁ ନେଇ ବିଜ୍ଞାପନ ନଥିଲା । ଯଦିଓ ମନ୍ଦିର ଓ ଅନ୍ୟାନ୍ୟ କଳାକ୍ଷେତ୍ରରେ ନାରୀର ନାନାବିଧ ରୂପ ଗଠନ କରାଯାଇଥିଲା, ତାହା କିନ୍ତୁ ବିଜ୍ଞାପନ ନଥିଲା । ତେବେ ଗୋଟିଏ ଦୃଷ୍ଟିରୁ ଏହାକୁ ବିଜ୍ଞାପନ କୁହାଯାଇପାରେ । ଯେଉଁମାନେ ଧର୍ମମୋଦୀ ଜନତା ସେମାନେ ହୁଏତ ସେ ଆଡ଼କୁ ଦୃଷ୍ଟି ଦିଅନ୍ତି ନାହିଁ । କିନ୍ତୁ ଯେଉଁମାନେ କେବଳ କଳାଗତ ଆନନ୍ଦ ପାଇଁ ଆସନ୍ତି , ସେମାନେ ମନ୍ଦିର ଭିତରର ଦିଅଁ ଦେଖନ୍ତି ନାହିଁ, ବାହାରର ମୂର୍ତ୍ତିମାନଙ୍କୁ ଦେଖନ୍ତି, ଶିଳ୍ପୀ ଚିତ୍ରକାରର ପ୍ରଶଂସା କରନ୍ତି । ସେମାନେ ଦେଖନ୍ତି ନୃତ୍ୟରତା ତରୁଣୀର ମୂର୍ତ୍ତି,

Digitized by PPRACHIN, SOA

ସଙ୍ଗୀତରତା ନାରୀର ମୂର୍ତ୍ତି । ସେମାନେ ମଧ୍ୟ ଉଲଗ୍ନା ନାରୀର କାମ ଶୃଙ୍ଗାରମତ୍ତ ରୂପ ଦେଖନ୍ତି । ଯଦି କୁହାଯାଏ ମନ୍ଦିରକୁ ଯାତ୍ରୀ ଆସିବାର ଏସବୁ ଗୋଟିଏ ଗୋଟିଏ ବିଜ୍ଞାପନ; ଏକଥା କଣ ଭୁଲ ହୋଇଯିବ କି ? ବୋଧହୁଏ ଭୁଲ ହେବ ନାହିଁ । କେବଳ ଯେ ଭାରତ ବର୍ଷରେ ବା ଓଡ଼ିଶାରେ ଯେ ଏତାଦୃଶ ମୂର୍ତ୍ତି ଅଛି ତାହା ନୁହେଁ, ଅନ୍ୟାନ୍ୟ ଦେଶ-ମାନଙ୍କରେ ମଧ୍ୟ ଏତାଦୃଶ ମୂର୍ତ୍ତି ଦେଖିବାକୁ ମିଳେ । ନାରୀକୁ ନେଇ ଯେଉଁସବୁ ରମଣୀୟ ମୂର୍ତ୍ତି ଗଠନ କରାଯାଇଛି ସେଗୁଡ଼ିକର ହୁଏତ ମାନବିକ ମୂଲ୍ୟ ଅଛି, କିନ୍ତୁ ଶୃଙ୍ଗାର ମୁଦ୍ରାର ଦୃଶ୍ୟମାନ ବିଭିନ୍ନ ମୂର୍ତ୍ତି-ଗୁଡ଼ିକର କେଉଁ ଭାବ ଅଛି ? ହୁଏତ ଆଧ୍ୟାତ୍ମିକତା ଦୃଷ୍ଟିରୁ କେତେକ କହିବେ ଏସବୁ ମୂର୍ତ୍ତି-କଳାର ଲକ୍ଷ୍ୟ ହେଉଛି ମନ୍ଦିର ଭିତରକୁ ଯାଇ ଦେବତାର ଦର୍ଶନ କରିବାକୁ ହେଲେ ପ୍ରଥମେ ମନ୍ଦିର ବାହାରେ ଆପଣା ଆପଣାର କାମବିକାରକୁ ଦୂର କରିଦେଇ ଆସିବାକୁ ହେବ । ଯିଏ ସେହି ବିକାର ଦୂର କରି ଶୁଦ୍ଧ ସୁନ୍ଦର ହୋଇଯାଏ ସେହି ହିଁ ଇଶ୍ୱର ଦର୍ଶନ କରେ । ଯିଏ ବିକାର ଭିତରେ ବୁଡ଼ିଯାଏ ସେ ଆଉ ଦେବତାଙ୍କ ଆଶୀର୍ବାଦ ପାଏ ନାହିଁ । ଯେତେ ତତ୍ତ୍ୱ ଓ ଦର୍ଶନର କଥା କହିଲେ ମଧ୍ୟ ନାରୀ ପ୍ରକୃତରେ ଏ କ୍ଷେତ୍ରରେ ବିଜ୍ଞାପନର ସାମଗ୍ରୀ ହୋଇଯାଇଛି ।

ପ୍ରାଚୀନ କାଳରେ ନାରୀକୁ ବିଜ୍ଞାପନ ରୂପେ ବ୍ୟବହାର କରା-ଯାଉଥିଲେହେଁ ଆଧୁନିକ ଯୁଗ ପରି ତାହା ନୁହେଁ । ଆଧୁନିକ ଯୁଗ ବିଜ୍ଞାପନର ଯୁଗ । ଯେ କୌଣସି କ୍ଷେତ୍ରରେ ବିଜ୍ଞାପନ ଏକାନ୍ତ ଅପରିହାର୍ଯ୍ୟ ହୋଇଯାଇଛି । ସବୁ ବିଷୟରେ ପ୍ରତିଯୋଗିତା । ତେଣୁ ବିଜ୍ଞାପନର ଗୁରୁତ୍ୱ ବଢ଼ିଯାଇଛି । ବିଶେଷତଃ କୃଷି ସଭ୍ୟତାରେ ବିଜ୍ଞାପନର ଆବଶ୍ୟକତା ନଥିଲା । ଏବେ ଯେଉଁ ଶିଳ୍ପ ସଭ୍ୟତା ଓ ବସ୍ତୁ ସଭ୍ୟତା ଆସିଛି ସେଥିରେ ବିଜ୍ଞାପନର ଅଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ପଦାର୍ଥ ଯାହା ହେଉନା କାହିଁକି ବିଜ୍ଞାପନ ଯଦି ଖୁବ୍ ପ୍ରସାର ହୋଇଯାଏ ତେବେ ପଦାର୍ଥର ଗୁରୁତ୍ୱ ବଢ଼ିଯାଏ । ଏହି କାରଣରୁ ବିଜ୍ଞାପନକୁ ଖୁବ୍ ଚକ୍ ଚକ୍ କରିବାକୁ ହୁଏ । ବହୁ ଅର୍ଥ ମଧ୍ୟ ଖର୍ଚ୍ଚ କରିବାକୁ ହୁଏ । ଯଦି ବିଜ୍ଞାପନ କିଏ କରି ନ ପାରିଲା ସେ ରସାତଳକୁ ଗଲା ।

Digitized by PPRACHIN, SOA

ବିଜ୍ଞାପନ ଭଲକୁ ଭେଲ କରିଦିଏ, ଭେଲକୁ ଭଲ କରିଦିଏ । ଏଇଠି ବିଜ୍ଞାପନ କ୍ଷେତ୍ରକୁ ଆସିଯାଏ ନାରୀ । ଏ ଏକ ବିଚିତ୍ର ଅବସ୍ଥା ! ନାରୀ ହୋଇଯାଇଛି ବିଜ୍ଞାପନର ଏକାନ୍ତ ଉପଯୋଗୀ ସାମଗ୍ରୀ । ତାର ଦେହ, ତାର ହସ, ତାର ଗୃହିଣୀ ସବୁ ଯେମିତି ବିଜ୍ଞାପନର ମର୍ଯ୍ୟାଦା ବଢ଼ାଇ ଦେଉଛି ।

ଖବର କାଗଜମାନଙ୍କରେ ଦେଖିବେ ନାରୀ ବିଜ୍ଞାପନ । ରେଡ଼ିଓରେ ନାରୀ ବିଜ୍ଞାପନ,ସିନେମା ଓ ଟେଲିଭିଜନରେ ମଧ୍ୟ ସେଇଆ । ବାଟରେ ଘାଟରେ ନାରୀ ହୋଇଛି ବିଜ୍ଞାପନର ଉପାଦାନ । ସହରର ଛକ ଜାଗାମାନଙ୍କରେ ନାରୀ ଛବିର ବିଚିତ୍ର ପ୍ରଦର୍ଶନୀ । କେତେ କିସମର ସେସବୁ ଛବି ! କେତେ ଭଙ୍ଗୀ, କେତେ ଭଙ୍ଗୀ !! ନ ଦେଖିଲା ଲୋକ ବି ଚାହିଁବେ ସେଇ ଆଡ଼କୁ । ଆପଣ ଦେଖିବେ ଖବର କାଗଜରେ ଟେଲରିଂ ଦୋକାନର ବିଜ୍ଞାପନ, ଲୁଗା ଦୋକାନର ବିଜ୍ଞାପନ, ସାର ବ୍ୟବସାୟର ବିଜ୍ଞାପନ, ଏପରିକ ବିଡ଼ି, ସିଗାରେଟ୍ ମଦ ବ୍ୟବସାୟର ବିଜ୍ଞାପନ । ସବୁଥିରେ ନାରୀର ନାନାବିଧ ଛବିକୁ ବିଜ୍ଞାପନ ଭାବରେ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳେ । ନାରୀର ବିଚିତ୍ର ଭଙ୍ଗିମା ସେସବୁ ଛବିରେ ପ୍ରଦର୍ଶିତ । ପୁଣି ଆପଣ ଦେଖିବେ ବଡ଼ ବଡ଼ ଦୋକାନମାନଙ୍କରେ ନାରୀ ମୂର୍ତ୍ତି ଗଢ଼ାଯାଇ ସୁନ୍ଦର ସୁନ୍ଦର ଶାଢ଼ୀ ପିନ୍ଧାଇ କାଚଘର ଭିତରେ ଛିଡ଼ା କରାଯାଇଥାଏ । ସେହି ସବୁ ମୂର୍ତ୍ତିଗୁଡ଼ିକ ବେଶ୍ ଆକର୍ଷଣୀୟ ହୋଇଥାନ୍ତି । ଯେଉଁ କ୍ୟାଲେଣ୍ଡର ସବୁ ବାହାରୁଛି ସେଥିରେ ସବୁ ଦେଖିବାକୁ ମିଳେ କେବଳ ସେହି ନାରୀ ଛବି । ମୋଟାମୋଟି ଭାବରେ ଦେଖିବାକୁ ଗଲେ ସର୍ବତ୍ର ଯେପରି ନାରୀ ମୂର୍ତ୍ତି ଓ ନାରୀ ଛବିର ଶୋଭାଯାତ୍ରା । ନାରୀ ନ ଥିଲେ ବ୍ୟବସାୟ ଓ ବାଣିଜ୍ୟ ସବୁ ଯେମିତି ବାଧା ପାଇଯିବ । ଏ ତ ଗଲା ଛବି ଓ ମୂର୍ତ୍ତି କଥା । ଆପଣ ମଧ୍ୟ ରକ୍ତ-ମାଂସ ଦେହଧାରୀ ଜୀବନ୍ତ ନାରୀମାନଙ୍କୁ ବିଜ୍ଞାପନ ବଜାରରେ ଦେଖିଥିବେ । ସୁନ୍ଦରୀ ଯୁବତୀମାନେ ବସ୍ତ୍ର ହୋଇ ଆସନ୍ତି । ବଞ୍ଚିବାପାଇଁ ସେମାନେ ହୋଇଯାଆନ୍ତି ବିଜ୍ଞାପନର ମାଧ୍ୟମ । ଆପଣ ଦେଖିଥିବେ ଧାଡ଼ିହୋଇ ଯୁବତୀମାନେ ବେଶ୍ ଟାଇଟ୍ ପୋଷାକ ପିନ୍ଧି ମୁଣ୍ଡରେ

Digitized by PPRACHIN, SOA

ଗୋଟିଏ ଗୋଟିଏ ନାଳ ରଙ୍ଗର ବା ନାଲି ରଙ୍ଗର କ୍ୟାପ୍ ଅଥବା ରୁମାଲ ବାନ୍ଧି, ଦେହର ପୋଷାକରେ ବ୍ୟବସାୟୀ ସଂସ୍ଥାର ମୋହର ଓ ନାମାମାଳ ମାରି ମୋପେଡ଼ ଅଥବା କୌଣସି କୌଣସି କମ୍ପାନୀ ନିର୍ମିତ ମୋଟର ସାଇକେଲ ଚଳାଇ ଯାଉଥିବାର ଦୃଶ୍ୟ । ଯେତେବେଳେ ସେମାନେ ଯାଉଥିବେ, ଆପଣ ଦେଖିବେ ଯେମିତି ଏକାବେଳେ ଅନେକ ଆଖି ସେଇ ଆଡ଼କୁ ଟାଣି ହୋଇଯାଉଛି । ପୁଣି ଆପଣ ଦେଖିବେ କେତେକ ବଡ଼ ବଡ଼ ବ୍ୟବସାୟୀ-ପ୍ରତିଷ୍ଠାନମାନଙ୍କରେ ସୁନ୍ଦର ସୁନ୍ଦର ଯୁବତୀମାନଙ୍କୁ ବାଛି ନିଯୁକ୍ତି ଦିଆଯାଇଥାଏ । ହୁଏତ ସେମାନେ ଜୀବିକା ପାଇଁ ସ୍ୱୀକାର କରନ୍ତି, ଅମର ପକ୍ଷରେ ସେମାନେ ଯେମିତି ହୋଇ-ଯାଆନ୍ତି ବିଜ୍ଞାପନ । କେତେକ ବିଶେଷ ବିଶେଷ ସରକାରୀ ସଂସ୍ଥା ଅଛି ଯେଉଁଠି କି ଅବିବାହିତା ଯୁବତୀମାନଙ୍କୁ ନିଯୁକ୍ତି ଦିଆଯାଇଥାଏ । ସେମାନେ ପୁଣି ହୋଇଥିବେ ମାର୍କା ମାରି ସୁନ୍ଦରୀ । କୁହନ୍ତୁ ଆଜ୍ଞା, ଏଇଟା କଣ ବିଜ୍ଞାପନ ନୁହେଁ ?

ଏମିତି ଅନେକ ଘଟଣା ଆପଣ ନିତିପ୍ରତି ଦେଖୁଥିବେ । ଏ ସବୁର ଉଦ୍ଦେଶ୍ୟ କ'ଣ ? କ'ଣ ନାରୀମାନଙ୍କୁ ପ୍ରଗତି ପଥରେ ଆଗେଇ ନେବା ନା ନାରୀଙ୍କୁ ଜୀବିକା ନିର୍ବାହ ପାଇଁ ସାହାଯ୍ୟ କରିବା ? ଖୁବ୍ ତଳେଇ କରି ବିଗ୍ଭର କଲେ ସ୍ପଷ୍ଟ ଦେଖିବେ ଯେ ଏ ସବୁର ଉଦ୍ଦେଶ୍ୟ ବ୍ୟାବସାୟିକ ସମୃଦ୍ଧି ଲାଭ । ମଣିଷର ଅଛି ନାରୀ ପ୍ରତି ଗୋଟାଏ ସ୍ୱାଭାବିକ ଦୁର୍ବଳତା । ଏହି ଦୁର୍ବଳତା ହେଉଛି ତାର ଉପଭୋଗ ତୃଷ୍ଣା । ତେଣୁ ନାରୀକୁ ବିଜ୍ଞାପନର ମାଧ୍ୟମ କରିଦେଲେ ସ୍ୱତଃ ଲୋକେ ଆକୃଷ୍ଟ ହୋଇ ଆସନ୍ତି । ତେଣିକି ସ୍ଥଳେ ବ୍ୟବସାୟ ବାଣିଜ୍ୟର ଏକଚାଟିଆ କାରବାର ।

ଗୋଟିଏ କଥା ଏଇଠି ସ୍ପଷ୍ଟ କରି ଦିଆଯାଉଛି, ନାରୀ ହେଉଛି ସମାଜ ଓ ସଂସ୍କୃତିର ଆତ୍ମା ସ୍ୱରୂପ । ତାକୁ ଯଦି ପଣ୍ୟ କରିଦିଆଯାଏ ତେବେ ସଂସ୍କୃତି ଅକ୍ଷତ ରହିବ ତ ? ସାମାଜିକ ଜୀବନ ସୁସ୍ଥ ଏବଂ ସୁନ୍ଦର ରହିବ ତ ? ଏହା କ'ଣ ସମାଜକୁ ଏକ ଉଦଗ୍ର ଉପଭୋଗତୃଷ୍ଣା

Digitized by PPRACHIN, SOA

ମଧ୍ୟକୁ ନେଇଯାଉ ନାହିଁ କି ? ମଣିଷ ଭିତରେ ଜାନ୍ତବ ଯୌନ କ୍ଷୁଧାକୁ ଜାଗ୍ରତ କରୁନାହିଁ କି ? ଯେତିକି ଯେତିକି ବସ୍ତୁବାଦ ପ୍ରଭାବ ବିସ୍ତାର କରୁଛି, ସେତିକି ସେତିକି ମଣିଷ ଫେସନବାଦ ହେଉଛି । ସେତିକି ସେତିକି ସେ ଏକ ପୋଷାକୀ ସଭ୍ୟତା ପ୍ରତି ଆକୃଷ୍ଟ ହୋଇ ଉଠୁଛି । ତାର ଅନ୍ତର୍ନିହିତ ମାନବିକ ମୂଲ୍ୟବୋଧ ହ୍ରାସ ପାଇଯାଉଛି । ନୈତିକତା ଓ ଆଦର୍ଶ ହୋଇଯାଉଛି ମୂଲ୍ୟହୀନ । ବାହାରର ବସ୍ତୁ-ଜଗତ ମଣିଷକୁ ବାହାରେ ବାହାରେ ବୁଲାଉଛି । ତା' ଭିତରେ ଗୋଟାଏ ଦୁର୍ବାର ଉପଭୋଗଲାଲସା ସୃଷ୍ଟି କରୁଛି । ସେ ଅନ୍ତଃଯାତ୍ରୀ ହୋଇ ପାରୁନାହିଁ । ଯିଏ ବାହାରର ଚାକଚକ୍ୟ ଓ ପୋଷାକୀ ସଭ୍ୟତାକୁ ଏଡ଼ିଦେଇ ଅନ୍ତଃଯାତ୍ରୀ ହୋଇପାରେ, ସେ ହିଁ ଜୀବନର ମୂଲ୍ୟକୁ ବୁଝେ, ସୃଷ୍ଟିର ରହସ୍ୟକୁ ହୃଦୟଙ୍ଗମ କରେ । ବହିଃଯାତ୍ରୀ କେବଳ ବାହାରକୁ ଦେଖେ, ବାହାରର ବସ୍ତୁରେ ଭୁଲେ । ଏହି କାରଣରୁ ନାରୀମାନଙ୍କୁ ବିଜ୍ଞାପନର ସାମଗ୍ରୀ କରି ଦିଆଯାଉଛି କୌଶଳକ୍ରମେ । ଶିଳ୍ପ ସଭ୍ୟତାର ବିକାଶ ସଙ୍ଗେ ସଙ୍ଗେ ନାରୀ ହୋଇଯାଉଛି ବିଜ୍ଞାପନର କେନ୍ଦ୍ର । ଶିଳ୍ପ ଓ ନାରୀ ଯେମିତି ହୋଇଯାଇଛନ୍ତି ଅଭିନ୍ନ । ଗୋଟିଏ ବସ୍ତୁ ତିଆରି କରେ, ନୂଆ ନୂଆ ବସ୍ତୁ ଉଦ୍ଭାବନ କରେ । ଆଉ ଗୋଟିଏ ସେହି ବସ୍ତୁଗୁଡ଼ିକୁ ବାହାରେ ପ୍ରଚାର ଓ ପ୍ରସାର କରିବାର ମାଧ୍ୟମ ହୋଇଯାଏ । ଯିଏ ହୁଏ ମାଧ୍ୟମ ତାର କ'ଣ ହୁଏ ? ହୁଏତ ସେ ଜୀବିକା ନିର୍ବାହ କରିପାରେ, ମାତ୍ର ତାର ନାରୀ ଧର୍ମ ରହେ କି ? ଆପଣ ଦେଖିଥିବେ ଅଥବା ଶୁଣିଥିବେ ବ୍ଲୁ ଫିଲ୍ମ କଥା । କି ବୀଭତ୍ସ ନୁହେଁ ସତେ ! ତଥାପି ଲୋକେ ତ ପୁଣି ଲୁଚିଛପି ରାତି ଅଧରେ ସେସବୁ ଫିଲ୍ମ ଦେଖନ୍ତି, ଆନନ୍ଦ ପାଆନ୍ତି । ସେମାନେ କିଏ ? ସେମାନେ ଏଇ ସମାଜର ଉପଭୋଗୀ ମଣିଷ, ଯେଉଁମାନେ ସଂସ୍କୃତିର ମୁଣ୍ଡମୋଡ଼ି ଖାଇଦେବାକୁ କୁଣ୍ଠିତ ନୁହନ୍ତି । ଯେଉଁମାନେ ଏପରି ଫିଲ୍ମ କରନ୍ତି ସେମାନେ ବି ସେଇଆ । ଯେଉଁ ନାରୀମାନେ ସେଥିରେ ଅଂଶ ଗ୍ରହଣ କରନ୍ତି, ଉଲଗ୍ନ ଅଭିନୟ କରନ୍ତି, ସେମାନେ ତହୁଁ ବଳି ଅଧିକ । ସେମାନଙ୍କ ଭିତରେ ଯେ ନିମ୍ନସ୍ତରର ନାରୀ ଅଛନ୍ତି ତାହା ନୁହେଁ, ଅନେକ ସମୟରେ ଉଚ୍ଚଶିକ୍ଷିତା ଅଭିଜାତ

Digitized by PPRACHIN, SOA

ନାରୀମାନେ ବ ଅଛନ୍ତି । ଏସବୁ ଆମ ସଂସ୍କୃତି ପାଇଁ ଶୁଭଲକ୍ଷଣ ନୁହେଁ । ସମସ୍ତେ କହୁଛନ୍ତି, ମୁଣ୍ଡ ବଥାଉଛି କାହାର ? ଭାଗବତରେ ଗୋଟାଏ କଥା ଅଛି—'ଶ୍ରୋତା ବକତା କେହି ନାହିଁ / ରୋଦନ କରୁ କାହା ପାଇଁ ।' ଆଜିର ଅବସ୍ଥା ଏଇଆ ହୋଇଛି । କିଏ ବୁଝୁଛି ? ଏ ତ ଗୃହକଳହତା ଯୁଗ । ସମସ୍ତେ ବିଜ୍ଞାପନର ସୁନା ମିରିଗ ପଛରେ ଧାଉଁଛନ୍ତି । ନାରୀ ଧର୍ମ ଲୋପ ପାଇଯାଉଛି ଆସ୍ତେ ଆସ୍ତେ । ସାଧୁ ସାବଧାନ ! ନାରୀକୁ ଆଉ ଇମିତି ଯେଉଁଠି ନାଇଁ ସେଠି ବିଜ୍ଞାପନର ମାଧ୍ୟମ କରନା । ମୂଳଦୁଆ ଦୋହଲ ପଡ଼ିବ ସମାଜର । ସେତେବେଳକୁ ଘର ବୁଡ଼ି ପାଣି ଆଣୁଏ ହୋଇଯିବ । ଆଉ କିଛି ଉପାୟ ନ ଥିବ । ନାରୀ ଆମ ସଂସ୍କୃତିର ଲକ୍ଷ୍ମୀ ସ୍ୱରୂପା । ସେ ଯାହାହେଉନା କାହିଁକି, ପ୍ରଥମେ ସେ ମାଆ । 'ସେଇ ମାଆକୁ ଲାଭ-ଲୋଭ ଆଶାରେ ବିଜ୍ଞାପନ କରିଦେବା କ'ଣ ବିଜ୍ଞତାର କାର୍ଯ୍ୟ ହେବ କି ? ପୁରୁଷ ନିୟନ୍ତ୍ରିତ ସମାଜରେ ନାରୀକୁ ଯୁଗେ ଯୁଗେ ସର୍ବୀକରଣ୍ଣେଇ କରାଯାଇଅଛି । ପୁରୁଷ ହାତରେ ନାରୀ ନାଚୁଛି । ପୁରୁଷର ରୁଚି ପାଇଁ ନାରୀକୁ ସଜେଇ ଦିଆଯାଇଛି । ନାରୀ ସବୁ ହୋଇ ମଧ୍ୟ ଯେମିତି କିଛି ହୋଇ ନାହିଁ । ସେ ହୋଇଯାଇଛି କେବଳଇ ବିଜ୍ଞାପନ—ଏକ ଲୋଭନୀୟ ଆକର୍ଷଣୀୟ ବିଜ୍ଞାପନ । ଅନଳ ଦେଖିଣ ପତଙ୍ଗ / ଯେସନ୍ତେ ଧାଇଁନ୍ତି ଉଦବେଗ' ପରି ନାରୀ ଛବିର, ନାରୀ ମୂର୍ତ୍ତିର ବିଚିତ୍ର ବିଜ୍ଞାପନ ଦେଖି ସମସ୍ତେ ଧାଉଁଛନ୍ତି । ଅନଳ ବେଶୀ ଦୂର ନୁହେଁ । ସେଥି ନିଆଁରୁ କାହାର ରକ୍ଷା ନାହିଁ । ବେଳହୁଁ ହୁସିଆର ହେବା କ'ଣ ଆମ୍ଭମାନଙ୍କର କର୍ତ୍ତବ୍ୟ ନୁହେଁ ?

Digitized by PPRACHIN, SOA

ନାରୀ, ସଂସାର ଓ ରାଜନୀତି

ପୁରୁଷ ନିୟନ୍ତ୍ରିତ ସମାଜରେ ପୁରୁଷର ପ୍ରାଧାନ୍ୟ ସ୍ୱୀକୃତ । ତା' ହାତରେ ଥାଏ ଶାସନ ଡୋରି । ସମାଜର ଆଇନ ଶୃଙ୍ଖଳା ତା' ଦ୍ୱାରା ସୃଷ୍ଟ ଓ ପରିଚାଳିତ । ତା'ର ରୁଚି ଓ ବିଚାରଧାରା ଦୃଷ୍ଟିରୁ ସେ ନାରୀ ଉପରେ କର୍ତ୍ତୃତ୍ୱ ବିସ୍ତାର କରେ । ନିଜେ ବହୁ ନାରୀ ବିବାହ ଓ ସମ୍ଭୋଗକୁ ଆପଣାର ଆଭିଜାତ୍ୟ ମନେ କରି ନାରୀର ଏକାଧିକ ପତି ଗ୍ରହଣକୁ ନିନ୍ଦା କରେ । ନାରୀ ବିବାହ ପରେ ବିଧବା ହେଲେ ତା'ପାଇଁ କଟକଣା ଜାରି କରେ । ନିଜର ରୁଚି ଅନୁଯାୟୀ ନାରୀକୁ ବାନ୍ଧି ବିବାହ କରାଇଦିଏ । ଅଥଚ ପତି କ'ଣ ଜାଣି ନ ଥିବା ନାରୀଟି ଜୀବନକାଳ ପାଇଁ ପତି ସୁଖରୁ ବଞ୍ଚିତା ହୁଏ । ପୁଣି ପତି ମରିଗଲେ ତା'ର ଚିତାଗ୍ନିରେ ନାରୀକୁ ସତୀ ହେବାକୁ କୁହାଯାଏ । ନାରୀ ଯେପରି ଏକ ଅଭିଶପ୍ତ ଜୀବ । ଅଥଚ ନାରୀକୁ ନେଇ ପୁରୁଷର ଯାବତୀୟ କାର୍ଯ୍ୟ-କଳାପ । ସେଇ ପୁରୁଷ କେତେବେଳେ ନାରୀକୁ ପଣ୍ୟ ପରି ଉପଭୋଗ କରେ, କେତେବେଳେ ତାକୁ ନର୍ଦ୍ଦମାକୁ ଫିଙ୍ଗିଦିଏ ଅଳିଆ ଆବର୍ଜନା ପରି । କେତେବେଳେ ତାକୁ କରିଦିଏ ସମାଜ ପରିତ୍ୟକ୍ତା, କେତେବେଳେ ମଧ୍ୟ ତାକୁ କରେ ଗଣଭୋଗ୍ୟା । ଏପରି ପୁରୁଷ-କେନ୍ଦ୍ରିକ ସମାଜରେ ନାରୀ ଯେପରି ଦୟାର ପାତ୍ରୀ । ସେହି ସମାଜରେ ତାକୁ ସୀତାଙ୍କ ପରି ଅଗ୍ନି ପରୀକ୍ଷା ଦେବାକୁ ହୁଏ । ଦ୍ରୌପଦୀଙ୍କ ପରି ରାଜସଭାରେ ପ୍ରମତ୍ତ ପୁରୁଷଙ୍କ ଦ୍ୱାରା ଲାଞ୍ଛିତା କରାଯାଏ । ସେଇ ନାରୀ ପୁଣି ସମ୍ପତ୍ତିର ଅଧିକାରରୁ ବଞ୍ଚିତା ହୁଏ । ପୁରୁଷ ହାତରେ ସେ ହୁଏ ଏକ କ୍ରୀଡ଼ନକ । ସମୟର ପରିବର୍ତ୍ତନ ସଙ୍ଗେ ସଙ୍ଗେ ସମାଜର ପରିବର୍ତ୍ତନ ଘଟିଛି । ନାରୀର ହୋଇଛି ନୂତନ ଜାଗରଣ । ନିଜ ଶକ୍ତି ଓ ସାମର୍ଥ୍ୟର ସେ ପରିଚୟ ପାଇଛି । ପୁରୁଷ ନିୟନ୍ତ୍ରିତ ସମାଜରୁ ସେ ମୁକ୍ତି ଚାହୁଁଛି । ତାର ଏହି

Digitized by PPRACHIN, SOA

ମୁକ୍ତ ସ୍ୱେଚ୍ଛାଗ୍ରହର ନୁହେଁ; ବଞ୍ଚିବା ପାଇଁ ଏକ ସଂଗ୍ରାମ, ଅଧିକାର ସାବ୍ୟସ୍ତ ପାଇଁ ଏକ ଆହ୍ୱାନ ।

କୃଷି ଭିତ୍ତିକ ସମାଜରେ ନାରୀ ଲକ୍ଷ୍ମୀ ସ୍ୱରୂପା । ଏ ସମାଜରେ ନାରୀ ଏକାକୀ ରହେ ନାହିଁ । ପିତା, ସ୍ୱାମୀ ଓ ପୁତ୍ରଙ୍କ ସହିତ ସେ ରହେ । ତା'ର କାର୍ଯ୍ୟ ଗୃହ ମଧ୍ୟରେ । ଗୃହ ବାହାରେ କାର୍ଯ୍ୟ ପୁରୁଷର । ଗୃହ ଭିତରକୁ ନାରୀ ଶୃଙ୍ଖଳିତ କରେ, ମାର୍ଜିତ କରେ । ଯେତେବେଳେ କୃଷିଭିତ୍ତିକ ସମାଜରେ ସାମନ୍ତବାଦୀ ମନୋଭାବ ବିକାଶ ଲାଭ କଲା, ସେତେବେଳେ ନାରୀ ହୋଇଗଲା ସେହି ମନୋଭାବର ଶିକାର । ନଚେତ୍ କୃଷି ସମାଜରେ ନାରୀ ଥିଲା ମୁକ୍ତ । ସାମନ୍ତବାଦ ନିୟନ୍ତ୍ରିତ କୃଷି ସମାଜରେ ନାରୀ ଆଉ ମୁକ୍ତ ହେଲାନାହିଁ ; ତା' ଉପରେ ହୋଇଛି ନାନା ନିୟନ୍ତ୍ରଣ ଜାରି । ରାଜତନ୍ତ୍ରରେ ନାରୀ ହୋଇଛି ଭୋଗ ବିଳାସର ସାମଗ୍ରୀ । ଯେତେବେଳେ ବ୍ରିଟିଶ ଶାସନ ଭାରତବର୍ଷରେ ପ୍ରତିଷ୍ଠିତ ହେଲା, ସେତେବେଳେ ନାରୀକୁ ଆହୁରି ଏକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଲା । ସମ୍ପତ୍ତି ଅଧିକାରରୁ ସେ ହେଲା ବଞ୍ଚିତା । ବିଧବା ହୋଇଗଲା ପରେ ପୋଷ୍ୟପୁତ୍ର କରିବାର ଅଧିକାରକୁ ମଧ୍ୟ ସେ ହରାଇ ବସିଲା । ଅନ୍ୟପକ୍ଷରେ ନୂତନ ପାଶ୍ଚାତ୍ୟ ଶିକ୍ଷା ପ୍ରତି ସେ ହେଲା ଆକୃଷ୍ଟା । ଊନବିଂଶ ଶତାବ୍ଦୀର ସଂସ୍କାର-ଆନ୍ଦୋଳନ ଓ ଧର୍ମାନ୍ଦୋଳନ ଫଳରେ ନାରୀ ଶିକ୍ଷାର ହେଲା ପ୍ରସାର । କ୍ରମେ କ୍ରମେ ନାରୀ ତାର ଯାବତୀୟ ଅଧିକାରମାନ ଗୋଟିକ ପରେ ଗୋଟିଏ ହାସଲ କରିନେଲା । ସେ ସ୍କୁଲ କଲେଜରେ ନୂତନ ଶିକ୍ଷା ଲାଭ କଲା । ଶିକ୍ଷା କ୍ଷେତ୍ରରେ ପୁରୁଷ ସହିତ ସେ ପ୍ରତିଯୋଗିତା କଲା । ନାନା ଅନ୍ଧବିଶ୍ୱାସରୁ ସେ ନିଜକୁ ମୁକ୍ତ କରିଛି । ଶିକ୍ଷା ଲାଭ କଲା ପରେ ସେ ଆଉ ଗୃହ ମଧ୍ୟରେ ଆବଦ୍ଧ ହୋଇ ରହିବାକୁ ଚାହିଁନି । ସେ ହୋଇଛି ମୁକ୍ତ । ମନ ତାର ମୁକ୍ତ । ରୁଚି ମଧ୍ୟ ମୁକ୍ତ । ସେ ମଧ୍ୟ ବଞ୍ଚିବା ପାଇଁ ମୁକ୍ତ ଜୀବନଧାରାକୁ ଅନୁମୋଦନ କରିଛି । କ୍ରମେ କ୍ରମେ ସେ ସମ୍ପତ୍ତି ଉପରେ ଅଧିକାର ହାସଲ କରିନେଇଛି । କେବଳ ସମ୍ପତ୍ତି ନୁହେଁ ଅନ୍ୟାନ୍ୟ ସକଳ ବିଷୟ-ରେ ପୁରୁଷ ପରି ସେ ସମାନ ଅଧିକାର ଲାଭ କରିଛି ।

Digitized by PPRACHIN, SOA

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଯେଉଁ ପରିବର୍ତ୍ତିତ ସମାଜ ସୃଷ୍ଟି ହେଲା, ସେହି ସମାଜରେ ଗୃହର କୈନ୍ଦ୍ରିକ ଗୋଷ୍ଠୀର ହେଲା ନବ ଅଭ୍ୟୁଦୟ । ପୁନଶ୍ଚ ଯନ୍ତ୍ର ଶିଳ୍ପର ବିକାଶ ଓ ପ୍ରସାର ଫଳରେ ଶିଳ୍ପ ଓ ବ୍ୟବସାୟକୁ ନେଇ ମଧ୍ୟ ଆଉ ଏକ ଗୋଷ୍ଠୀର ହେଲା ଆବିର୍ଭାବ । ଗୃହର, ଶିଳ୍ପ ଓ ବ୍ୟବସାୟକୁ ନେଇ ଯେଉଁ ନୂତନ ଅଭିଜାତ ସମାଜ ଜନ୍ମ ନେଲା ସେହି ସମାଜରେ ବସ୍ତୁବାଦ ଅଧିକ ପ୍ରାଧାନ୍ୟ ଲାଭ କଲା । ଏହା ଫଳରେ ଏକ ଉପଭୋଗୀ ଗୋଷ୍ଠୀ ବା ସୁଖଭୋଗୀ ସମାଜର ହେଲା ପ୍ରସାର । ଉପଭୋଗ ଲାଳସା ପୁରୁଷ ଭିତରେ ଯେପରି ପ୍ରକାଶ ପାଇଲା ସେହିପରି ମଧ୍ୟ ପ୍ରକାଶ ପାଇଲା ନାରୀ ଭିତରେ । ଯେଉଁ ନାରୀ ଆଧୁନିକ ଶିକ୍ଷାରୁ ବଞ୍ଚିତ ହେଲା ସେ ସେହି ପୁରାତନ ବୁନିୟାଦର ମାଟିକୁ ଜାବୁଡ଼ି ଧରି ରହିଲା । ତା' ଭିତରେ ଭରି ରହିଲା ଅତୀତର ଅନ୍ଧବିଶ୍ୱାସଗୁଡ଼ିକ । ସେଥିରୁ ସେ ମୁକ୍ତ ହେଲା ନାହିଁ । କିନ୍ତୁ ଯେଉଁ ନାରୀ ଆଧୁନିକ ଶିକ୍ଷା ଲାଭ କଲା ତା' ଭିତରେ ପ୍ରକାଶ ପାଇଲା ଏକ ସ୍ୱାଭିମାନବୋଧ । ସେ ଆଉ ନିଜକୁ ଦୁର୍ବଳା ମନେ କଲା ନାହିଁ । ଜୀବନ ଧାରଣ ପାଇଁ ପୁରୁଷ ଉପରେ ନିର୍ଭର କଲାନାହିଁ । ତା ଭିତରେ ଥିବା ସ୍ୱାଧୀନତାବୋଧ ତାକୁ ପୁରୁଷ ସମାଜର ରକ୍ଷଣଶୀଳତା ବିରୋଧରେ ପ୍ରତିଦ୍ୱନ୍ଦ୍ୱିତାଶୀଳ କରାଇଲା । ଏହାର ଅର୍ଥ ନୁହେଁ ଯେ ସେ ପୁରୁଷକୁ ଅସ୍ୱୀକାର କଲା । ପୁରୁଷକୁ ସ୍ୱୀକାର କଲା ମାତ୍ର ତାର ସମ୍ପୂର୍ଣ୍ଣ ଅଧୀନତାକୁ ସ୍ୱୀକାର କଲା ନାହିଁ । ଏପରି ଏକ ପରିସ୍ଥିତିରେ ନାରୀ କ୍ରମେ ଗୃହର କ୍ଷେତ୍ରକୁ ପ୍ରବେଶ କଲା । ବିଶେଷତଃ ସ୍ୱାଧୀନତା ପରେ ଭାରତବର୍ଷରେ ନାରୀ ବିଭିନ୍ନ ଗୃହରରେ ଯୋଗଦେଲା । ଉଚ୍ଚପଦସ୍ଥ ଗୃହରଠାରୁ ଆରମ୍ଭ କରି ସାଧାରଣ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପଦବୀରେ ସେ ନିଯୁକ୍ତ ହୋଇ ଆପଣାର ଦକ୍ଷତାକୁ ଦେଖାଇ ପାରିଲା । ଗୃହର କ୍ଷେତ୍ରରେ ନାରୀ ଓ ପୁରୁଷ ହେଲେ ସମଧର୍ମୀ । ଯୁଦ୍ଧକ୍ଷେତ୍ରଠାରୁ ଆରମ୍ଭ କରି ଯାବତୀୟ ଗୃହର କ୍ଷେତ୍ରରେ ନାରୀର ହେଲା ଜୟଯାତ୍ରା । ନାରୀର ଆର୍ଥନୀତିକ ଦିଗଟି ସୁରକ୍ଷିତ ହୋଇଯିବାରୁ ପୁରୁଷର ଧମକ ଆଉ ସ୍ୱେଚ୍ଛାଚାର ତା' ପକ୍ଷରେ ମୂଲ୍ୟହୀନ ହୋଇ ପଡ଼ିଲା । ଅତୀତରେ ଅର୍ଥନୀତି

Digitized by PPRACHIN, SOA

ପୁରୁଷ ହାତରେ ରହୁଥିବା ହେତୁ ନାରୀ ହୋଇଥିଲା ପୁରୁଷର ଦୟାର ପାତ୍ରୀ । ଆଧୁନିକ ଯୁଗରେ ନାରୀ ଏ ଦିଗରେ ସ୍ୱାବଲମ୍ବନଶୀଳା ହୋଇ-ପାରିବାରୁ ପୁରୁଷ ଉପରେ ସେ ଆଉ ନିର୍ଭର କଲା ନାହିଁ । ଅଧିକନ୍ତୁ ଗୃହକର ସହିତ ନାରୀ ମଧ୍ୟ ବିଭିନ୍ନ ବ୍ୟବସାୟ କରିବାକୁ ପଶ୍ଚାତ୍ପଦ ହେଲା ନାହିଁ । ଆଧୁନିକ ଶିକ୍ଷା ହିଁ ନାରୀକୁ ଏହି ସମସ୍ତ ସୁବିଧା ଓ ସୁଯୋଗ ପ୍ରଦାନ କଲା ।

ନାରୀ ଯେ କେବଳ ଗୃହକର ଓ ଶିଳ୍ପ ବ୍ୟବସାୟ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କଲା ତାହା ନୁହେଁ, ରାଜନୀତି କ୍ଷେତ୍ରରେ ମଧ୍ୟ ଆପଣାର ଦକ୍ଷତା ଦେଖାଇଲା । ଭାରତର ମୁକ୍ତି ସଂଗ୍ରାମ ବେଳେ ନାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ଦେଶ ପାଇଁ ପ୍ରାଣବଳି ଦେବାକୁ ସେମାନେ କୁଣ୍ଠା ପ୍ରକାଶ କଲେ ନାହିଁ । ଅତୀତରେ ନାରୀମାନେ ଯେ ରାଜନୀତି କ୍ଷେତ୍ରକୁ ଆସି ନଥିଲେ ଏପରି ନୁହେଁ, ମାତ୍ର ସେମାନଙ୍କ ସଂଖ୍ୟା ଥିଲା ନଗଣ୍ୟ । ଇଂଲଣ୍ଡରେ ରାଣୀ ଏଲିଜାବେଥ, ମହାରାଣୀ ଭିକ୍ଟୋରିଆ, ଫ୍ରାନ୍ସର ମେରୀ ପ୍ରମୁଖ ନାରୀମାନେ ରାଜନୀତି କ୍ଷେତ୍ରରେ କମ୍ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନେଇ ନ ଥିଲେ । ଭାରତବର୍ଷରେ ମଧ୍ୟ ନାରୀ-ମାନେ ରାଜନୀତି ଓ ରାଜଶାସନ କ୍ଷେତ୍ରରେ ନିଜ ନିଜ ପ୍ରତିଭାର ପରିଚୟ ଦେଇଥିଲେ । ଝାନ୍ସୀର ରାଣୀ ଲକ୍ଷ୍ମୀବାଈଙ୍କର ରାଜନୀତିକ ଦୃଷ୍ଟି ଓ ଦର୍ଶନ କମ୍ ଗୌରବମୟ ନୁହେଁ । ଓଡ଼ିଶାରେ ଭୌମକର ରାଜବଂଶର ତ୍ରିଭୁବନ ମହାଦେବୀ, ଦଣ୍ଡୀ ମହାଦେବୀ, ପୃଥ୍ୱୀ ମହାଦେବୀ ପ୍ରଭୃତିଙ୍କର ଗୌରବମୟ ଶାସନ ନୀତି ଏବେ ମଧ୍ୟ ଦୃଷ୍ଟି ଆକର୍ଷଣ କରେ । ବାଙ୍କୀର ରାଣୀ ଶୁକଦେଈଙ୍କର ରାଜନୀତିକ ଓ ସାମରିକ ପ୍ରତିଭା ନିଶ୍ଚିତ ଭାବରେ ସ୍ୱୀକାର୍ଯ୍ୟ । ତେବେ ଏସବୁ ଥିଲା ଅତ୍ୟନ୍ତ ସୀମିତ । ସ୍ୱାଧୀନତା ଆନ୍ଦୋଳନ ସମୟରୁ ଭାରତବର୍ଷରେ ନାରୀମାନେ ରାଜନୀତିରେ ଭାଗ ନେଲେ । ସେମାନେ ମଧ୍ୟ କାରାବରଣ କଲେ । ସ୍ୱାଧୀନତା ପରେ ପରେ ନାରୀମାନେ ରାଜନୀତିରେ ଯୋଗଦେଲେ । ବିଧାନସଭା ଓ ଲୋକସଭା ସଦସ୍ୟା ହେଲେ । ରାଜ୍ୟପାଳ ଓ ମନ୍ତ୍ରୀ ମଧ୍ୟ ହେଲେ । ପୁରୁଷମାନଙ୍କଠାରୁ ନାରୀମାନଙ୍କର ରାଜନୀତିକ ଶକ୍ତି ଓ ସାମର୍ଥ୍ୟ, ଦୃଷ୍ଟି ଓ ଦର୍ଶନ କୌଣସି

Digitized by PPRACHIN, SOA

ଗୁଣରେ ହୀନପ୍ରଭ ହେଲା ନାହିଁ । ବରଂ ଅନେକ କ୍ଷେତ୍ରରେ ପୁରୁଷ ସମାଜର ରାଜନୀତିକ ଦର୍ଶନକୁ ଅତିକ୍ରମ କରିଗଲା ।

ମୋଟ ଉପରେ ସଂପ୍ରତି ନାରୀ ସମାଜ ଚାକିରି, ଶିଳ୍ପ ଓ ବ୍ୟବସାୟ ତଥା ରାଜନୀତି କ୍ଷେତ୍ରରେ ନିଜର ମହିମା ପ୍ରଦର୍ଶନ କରି ପାରିଛି । ତେବେ ପ୍ରଶ୍ନ ହେଉଛି ଏହାଦ୍ୱାରା ସମାଜର ଉନ୍ନତି ବା କଲ୍ୟାଣ କେତେ ଦୂର ସମ୍ଭବ ହୋଇଛି ? ଚାକିରି ଓ ରାଜନୀତି ଭିତରେ ଥାଇ ନାରୀ ସମାଜ ତଥାପି କଣ ନିରାପଦ କି ? ଚାକିରି ଓ ରାଜନୀତି ଦ୍ୱାରା ପାରିବାରିକ ଓ ଦାମ୍ପତ୍ୟ ଜୀବନ କେତେ ପରିମାଣରେ ଅକ୍ଷତ ରହିଛି ? ନାରୀର ମାତୃ ଧର୍ମକୁ ଏହା ରକ୍ଷା କରିଛି କି ? ଗୃହର ସଂହତି ଓ ପବିତ୍ରତା ଅକ୍ଷୁଣ୍ଣ ରହିଛି କି ? ଚାକିରି ଓ ରାଜନୀତି ଦ୍ୱାରା ନାରୀର ଆର୍ଥନୀତିକ ସୁରକ୍ଷା ହୁଏତ ହୋଇପାରିଛି, ମାତ୍ର ଏହାଦ୍ୱାରା ଶାନ୍ତି ମିଳିଛି କି ? ନାରୀ ଗୃହରୁ ଦୂରେଇ ଯିବାଦ୍ୱାରା ସନ୍ତାନମାନଙ୍କ ଉପରେ କେଉଁ ପ୍ରଭାବ ପଡ଼ୁଛି ? ପଦ ପଦବୀରେ ଥାଇ ଅଥବା ରାଜନୀତିର ଭୁଙ୍ଗ ସ୍ଥାନରେ ଥାଇ ନାରୀ କଣ ଏବେ ସୁଦ୍ଧା ଏକାକିନୀ ଯାଇ ପାରୁଛି କି ? ଏହିପରି ନାନା ପ୍ରଶ୍ନଗୁଡ଼ିକୁ ସ୍ଥିର ଭାବରେ ଆଲୋଚନା କଲେ ଜଣାଯିବ ଯେ ଚାକିରି, ଶିଳ୍ପ, ବ୍ୟବସାୟ ଓ ରାଜନୀତିରେ ଯୋଗଦାନ ଦ୍ୱାରା ନାରୀ ହୁଏତ ପ୍ରାଚୁର୍ଯ୍ୟ ପାଇଛି, ପ୍ରତିଷ୍ଠା ପାଇଛି; ମାତ୍ର ନାରୀ ଧର୍ମରୁ ସେ ଦୂରେଇ ଯାଇଛି । ଏହା ଅପ୍ରିୟ ହେଲେ ମଧ୍ୟ ସତ୍ୟ । ଗୃହ ଭାଙ୍ଗି ପଡ଼ୁଛି । ପରିବାର ହୋଇଛି କକ୍ଷଚ୍ୟୁତ । ଗୃହକୁ ନ ସମ୍ଭାଳି ଦେଶକୁ ସମ୍ଭାଳିବା କ'ଣ ସମ୍ଭବ ? ପ୍ରଥମେ ଗୃହ ଓ ପରିବାର, ଦ୍ୱିତୀୟରେ ଦେଶ । ଆଜି ମେକ୍‌ସିକୋ ପରି ରାଷ୍ଟ୍ରରେ ନାରୀମାନଙ୍କୁ ଗୃହକୁ ଫେରିଯିବା ପାଇଁ ଆହ୍ୱାନ ଦିଆଗଲାଣି । ନାରୀ ଯେତେବେଳେ ଚାକିରି, ଶିଳ୍ପ, ବ୍ୟବସାୟ ଓ ରାଜନୀତି ବିଷୟରେ ବାହାରେ ବ୍ୟସ୍ତ ରହୁଛି, ସେତେବେଳେ ପରିବାରରେ ଶୃଙ୍ଖଳା ଭାଙ୍ଗି ପଡ଼ୁଛି । କୋମଳମତି ପିଲାମାନେ ହେଉଛନ୍ତି ଉଦ୍‌ଭ୍ରାନ୍ତ । କକ୍ଷଚ୍ୟୁତ ଉଲ୍‌କାପରି ସେମାନେ ଇତସ୍ତତଃ ଘୂରି ବୁଲୁଛନ୍ତି । ଏ କଥା ମୁଁ କହୁନାହିଁ ଯେ ନାରୀ ଆଦୌ ଚାକିରି,

Digitized by PPRACHIN, SOA

ଶିଳ୍ପ, ବ୍ୟବସାୟ ଓ ରାଜନୀତି କରିବା ଉଚିତ ନୁହେଁ । ଯେତିକ ସମ୍ଭବ ସେତିକ ଭିତରେ ରହି ଗୃହଧର୍ମ ଉପରେ ପ୍ରାଧାନ୍ୟ ଦେବା ଉଚିତ । ଆଧୁନିକ ଜୀବନରେ ଉପରୋକ୍ତ ବିଧାରା ହୁଏତ ଆମକୁ ବିଳାସ ପାଇଁ ପ୍ରାଚୁର୍ଯ୍ୟ ଦେଉଛି; ମାତ୍ର ଆମକୁ କ୍ରମେ ଉଚ୍ଛିନ୍ନ କରିଦେଉ ନାହିଁ କି ? ବସ୍ତୁ-ତୃଷ୍ଣା ଭିତରେ ଥାଇ ଆମେ ଆମର ମାନବିକ ଦିବ୍ୟ ଗୁଣାବଳୀରୁ ଦୂରେଇଯାଉ ନାହୁଁ କି ? ଏହା ଫଳରେ ପାରସ୍ପରିକ ସନ୍ଦେହ ଓ ସଂଘର୍ଷ ପ୍ରକାଶ ପାଉନାହିଁ କି ? ହୁଏତ ଗୃହଘର ଭଙ୍ଗା ହୋଇ କୋଠାଘର ତିଆରି ହେଉଛି । ନାନା ପ୍ରକାର ଗୃହକର୍ମରେ ଘର ପୂରି ଉଠୁଛି । କିନ୍ତୁ ଶାନ୍ତି ରହୁଛି କି ? ଏସବୁ ଦୃଷ୍ଟିକୋଣରୁ ଆମକୁ ବିଚାର କରିବାକୁ ହେବ ପ୍ରକୃତରେ ଆମର କର୍ତ୍ତବ୍ୟ କ'ଣ ? ଗୃହ-ଧର୍ମ ପ୍ରତିଷ୍ଠା କରିବାକୁ ହେଲେ ନାରୀର ଭୂମିକା କେତେ ଗୁରୁତ୍ୱ-ପୂର୍ଣ୍ଣ ତାକୁ ବିଚାର କରିବାକୁ ହେବ । ମୋର ଯାହା ମନେହୁଏ ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ପ୍ରଭାବ ଫଳରେ ଭାରତବର୍ଷରୁ ପାରମ୍ପରିକ ନାରୀ-ଧର୍ମ କ୍ରମେ ହ୍ରାସ ପାଇଯାଇଛି । ଏକ ମାୟା ସ୍ୱର୍ଣ୍ଣମୃଗ ପଛରେ ଆମେ ଧାଇଁଛୁ । ଶେଷକୁ ହୁଏତ ଆମେ ସୀତାଙ୍କ ପରି ଅସହାୟା ହେବୁ ଅଥବା ନିର୍ଯ୍ୟାତିତା ହେବୁ । ରାମଚନ୍ଦ୍ରଙ୍କ ପରି ହେବୁ ଶୋକସନ୍ତପ୍ତ । ପରମ୍ପରାର ଲକ୍ଷ୍ମଣଗାର ଡେଇଁଗଲେ ପଦେ ପଦେ ବିପଦ । ଏ ଦିଗରେ କ'ଣ ଆମେ ଚିନ୍ତା କରିବା ନାହିଁ ?

ନାରୀ ଓ ସତୀପ୍ରଥା

ସତୀପ୍ରଥା ନେଇ ଏବେ ସାରା ଭାରତବର୍ଷରେ ନାନା ଶୁମ୍ଭି ତୋଫାନ ଚାଲିଛି । ରୂପ କନ୍‌ୱାରର ସତୀ ହେବା ଘଟଣାରେ ଯେମିତି ଭାରତବର୍ଷର କୁମ୍ଭକର୍ଣ୍ଣ ନିଦ ଭାଙ୍ଗିଯାଇଛି । ନାରୀ ଆଉ ପୁରୁଷ ସମସ୍ତେ ଚେଇଁ ଉଠିଛନ୍ତି । ସମସ୍ତଙ୍କ କଣ୍ଠରୁ ଗୋଟିଏ କଥା ବାହାରୁଛି—ଏ ସତୀ ପ୍ରଥାଟା ନିହାତି ଜଘନ୍ୟ । ରାଜନୀତି ଫୁଲକା ଉପରେ ଏବେ ଏଇ କଥାଟା ମଧ୍ୟ ଖୁବ୍ ଜୋର୍‌ଦାର୍‌ଆ ହୋଇ ଦେଖା ଦେଇଛି । ରୂପ କନଓ୍ୱାର ଯେମିତି ସତୀ ହୋଇଯାଇ ନାଇ ଯେ, ଇତିହାସ ହୋଇ-ଯାଇଛି । ଏଇ ଇତିହାସକୁ ଗଢ଼ି ଦେଇଛନ୍ତି ସେଇମାନେ, ଯେଉଁମାନେ ରୂପ କନଓ୍ୱାରଙ୍କୁ ସତୀ କରାଇଲେ ଓ ଯେଉଁମାନେ ଏହି ପ୍ରଥାକୁ ସମର୍ଥନ କରି ଶାସ୍ତ୍ରୀୟ ଯୁକ୍ତି ଉପସ୍ଥାପନ କଲେ । ଜଣେ କେହି ଧର୍ମଗୁରୁ କ'ଣ ପଦେ କହିଦେଲେ ଶାସ୍ତ୍ରରୁ ଉଦ୍ଧାର କରି ଯେ ଧର୍ମଗୁରୁ ହୋଇଗଲେ ସମାଲୋଚନାର ଶରବ୍ୟ । ସଭିଙ୍କ ଦୃଷ୍ଟିକୋଣ ଟାଣି ହୋଇ ଆସିଲା ସେଇ ଆଡ଼କୁ । କେହି ବିଚ୍ ବଜାରରେ ଧର୍ମଗୁରୁଙ୍କ ଚଉଦ ପୁରୁଷ ଉଖାଳିଲେଣି ତ ଅନ୍ୟ କେହି ବିଚାର ଅଦାଲତ ଭିତରକୁ ତାଙ୍କୁ ଟାଣିଲେଣି । ଆଉ କେହି ଧର୍ମର କାରପଟଦାର ସାଜ ଆଗେଇ ଆସିଲେଣି ଯୁଦ୍ଧଂ ଦେହି ଆହ୍ୱାନ ଦେଇ । ଇମିତି ଏକ ହଟ-ଚମଟ ସୃଷ୍ଟି ହେଲା ଯେ ଅସଲ ସତୀ ସମସ୍ୟାଟା କୁଆଡ଼କୁ ଗାଧୋଇ ଗଲାଣି ଯେମିତି ।

ସତୀ କଥାଟା କ'ଣ ? କେବେ କାହିଁକି ଏହା ସୃଷ୍ଟି ହୋଇଥିଲା ? ଏହାର କଣ କିଛି ତାତ୍ପର୍ଯ୍ୟ ଅଛି କି ? ଏସବୁ ପ୍ରଶ୍ନଗୁଡ଼ିକୁ ଆଉଡେଇଲା ବେଳେ ସର୍ବପ୍ରଥମେ ମନକୁ ଆସେ ସତୀ କଥାର ସ୍ୱରୂପ ସମ୍ପର୍କରେ । ସତୀ କହିଲେ—କୌଣସି ନାରୀ କାୟୋମନୋବାକ୍ୟରେ ନିଜର ସ୍ୱାମୀଙ୍କୁ

Digitized by PPRACHIN, SOA

ଭଲ ପାଇବା, ସ୍ୱାମୀର ସୁଖକୁ ସୁଖ ମନେ କରିବା, ସ୍ୱାମୀର ଦୁଃଖକୁ ଦୁଃଖ ମନେ କରିବା । ସ୍ୱାମୀର ବନ୍ଧୁର ହିଁ ତାର ବନ୍ଧୁର । ସ୍ୱାମୀ ହିଁ ତାର ତପ, ସ୍ୱାମୀ ହିଁ ତାର ସ୍ୱର୍ଗ । ସ୍ୱାମୀକୁ ଛାଡ଼ିଲେ ତାର ଜୀବନ ଶୂନ୍ୟ, ସଂସାର ଶୂନ୍ୟ । ଯେମିତି ସୀତାଙ୍କ ପକ୍ଷରେ ହୋଇଥିଲା, ସାବିତ୍ରୀଙ୍କ ପକ୍ଷରେ ହୋଇଥିଲା, ଅନସୂୟାଙ୍କ ପକ୍ଷରେ ହୋଇଥିଲା । ଇମିତି ପୁରାଣ-ମାନଙ୍କରୁ ଗୋଟାଏ ଲମ୍ବା ତାଲିକା ତିଆରି କରାଯାଇପାରେ । ବେଦ ବେଦାନ୍ତ ବେଳକୁ ଏଇ ସତୀ କଥାଟା ଏତେ ନ ଥିଲା । ପୁରାଣ ଯୁଗକୁ ଏହା ପ୍ରଭାବ ପକେଇଲା । ପୁଣି ଭାଗବତରେ ମଧ୍ୟ ସ୍ୱାମୀର ମୃତ୍ୟୁପରେ ପତ୍ନୀ ସ୍ୱାମୀ ସହିତ ଚିତାଗ୍ନିରେ ଝାସ ଦେଇଥିବା ଦୃଷ୍ଟାନ୍ତ ରହିଛି । ପୁରୁଷ ନିୟନ୍ତ୍ରିତ ସମାଜରେ ସ୍ତ୍ରୀର ଭୂମିକା ଗୌଣ । ସ୍ତ୍ରୀ ହୋଇଯାଇଛି ପୁରୁଷ ହସ୍ତର କ୍ରୀଡ଼ନକ । ପୁରୁଷର ସୁବିଧା ପାଇଁ ସ୍ତ୍ରୀକୁ ସ୍ୱାମୀର ମୃତ୍ୟୁରେ ସତୀ ହେବାକୁ ଶାସ୍ତ୍ରରେ ଲେଖି ଦିଆଯାଇଛି । ବିଚରା ସ୍ତ୍ରୀ ଆପଣାର ଅନିଚ୍ଛା ସତ୍ତ୍ୱେ ଚିତାଗ୍ନିରେ ଝାସ ଦେଇଛି । ପୁଣି ଦେଖିବାର କଥା ପୁରାଣରେ ଯେତେବେଳେ ସ୍ତ୍ରୀ ସ୍ୱାମୀର ଚିତାଗ୍ନିରେ ଝାସ ଦେଇ-ଥିବା କଥା ରହିଛି, ସେତେବେଳେ, ସବୁ ସ୍ତ୍ରୀ ସ୍ୱାମୀର ମୃତ୍ୟୁରେ କ'ଣ ଚିତାଗ୍ନିରେ ଝାସ ଦେଇଛନ୍ତି କି ? ପଣ୍ଡୁ ମରିଗଲା ପରେ କୁନ୍ତୀ କଣ ତାଙ୍କ ଚିତାଗ୍ନିରେ ଝାସ ଦେଇଛନ୍ତି କି ? ଅଭିମନ୍ୟୁ ମରିଗଲା ପରେ ଉତ୍ତରା କ'ଣ ସତୀ ହୋଇଛି କି ? ଅର୍ଜୁନ ମରିଗଲା ପରେ ଉଲୁପୀ ବା ସୁଭଦ୍ରା କଣ ସତୀ ହୋଇଛନ୍ତି କି ? ଇମିତି ଅନେକ ଦୃଷ୍ଟାନ୍ତ ପ୍ରଦାନ କରାଯାଇପାରେ ଯେ ସ୍ୱାମୀମାନେ ମରିଗଲେ ସ୍ତ୍ରୀମାନେ ସବୁ କ୍ଷେତ୍ରରେ ସତୀ ହୋଇ ନାହାନ୍ତି ।

ଆଉ ଗୋଟିଏ କଥା ଲକ୍ଷ୍ୟ କରି ଦେଖନ୍ତୁ—କୃଷ୍ଣଚନ୍ଦ୍ରଙ୍କର ଦେହାନ୍ତ ହୋଇଗଲା ପରେ ତାଙ୍କର ପତ୍ନୀମାନେ କେହି ସତୀ ହୋଇ ନାହାନ୍ତି । ତେଣୁ ସତୀ ପ୍ରଥାଟା ଆଦୌ ଶାସ୍ତ୍ରସମ୍ମତ ନୁହେଁ । ଏହା ସମାଜର ସାମନ୍ତବାଦୀ ପୁରୁଷମାନଙ୍କର ଏକ କୌଶଳ । ସାମନ୍ତବାଦ ପ୍ରବୃତ୍ତି ଫଳରେ ସ୍ତ୍ରୀମାନଙ୍କର ସତୀତ୍ୱର ପ୍ରଶ୍ନକୁ ଦୃଢ଼ ଭାବରେ ବିଚାର କରାଯାଇଛି । କାରଣ ସାମନ୍ତବାଦୀ ମଣିଷ ଚାହେଁ ଯେ ତାର ଉପଭୋଗର

Digitized by PPRACHIN, SOA

ସାମଗ୍ରୀକୁ ଅନ୍ୟ କେହି ଉପଭୋଗ ନ କରୁ । ଏହି ଉପଭୋଗ ତୃଷ୍ଣାରୁ ସତୀତ୍ୱ ପରି ଏକ ଭାବର ଉଦ୍ଭବ ହୋଇଅଛି କହିଲେ ସତ୍ୟର ଅପଳାପ ହେବ ନାହିଁ । ସାମନ୍ତବାଦୀ ସଭ୍ୟତା ଯେତିକି ଯେତିକି ବିସ୍ତାର ଲାଭ କରିଛି, ସେତିକି ସେତିକି ସତୀ ପ୍ରଥାଟା ବଳବତ୍ତର ହୋଇ ଉଠିଛି । ସେତିକି ସେତିକି ନାରୀ ମଧ୍ୟ ହୋଇଛି ଅସୂର୍ଯ୍ୟଂପଶ୍ୟା । ଆହୁରି ମଧ୍ୟ ନାରୀ ଚରିତ୍ର ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇ ଉଠିଛି । ଏହି କାରଣରୁ ହୁଏତ ନାରୀ ପ୍ରାପ୍ତବୟସ୍କା ହେବା ପୂର୍ବରୁ ତାକୁ ବିବାହ କରି ଦିଆଯାଉଥିଲା । ଏପରିକି ବାଲ୍ୟବିବାହ କରାଯାଉଥିଲା ମଧ୍ୟ । ଆମ ଓଡ଼ିଶା-ରେ ଗୋଟାଏ ପ୍ରବାଦ ପ୍ରଚଳିତ ଅଛି—'ବର ତିରିଶ କନ୍ୟା ଦଶ ।' ଅର୍ଥାତ୍ ତିରିଶି ବର୍ଷ ବୟସର ବର ସହିତ ଦଶ ବର୍ଷର କନ୍ୟାକୁ ବିବାହ ଦେବା ଉଚିତ । ଏସବୁ ପ୍ରଥା ସେହି ପୁରୁଷ ନିୟନ୍ତ୍ରିତ ସମାଜର ଖିଆଲର ଅଭିବ୍ୟକ୍ତି । ନାରୀ ପ୍ରତି ପୁରୁଷମନରେ ଯେଉଁ ଅନ୍ଧବିଶ୍ୱାସ ତାହା ହିଁ ନାରୀକୁ ସ୍ୱାମୀ ମରିଗଲା ପରେ ସତୀ ହେବାକୁ ବାଧ୍ୟ କରିଛି । ପ୍ରାପ୍ତବୟସ୍କା ନ ହେଉଣୁ ବିବାହ କରାଇ ଦେଇଛି, ବିଧବା ହୋଇଗଲେ ତାକୁ ସକଳ ବିଳାସ ବ୍ୟସନରୁ ବଂଚିତ କରାଇ ଦେଇଛି । ନାରୀ ଜୀବନ କଣ ତାହାହେଲେ ଏକ ଅଭିଶାପ ? ନାରୀ ଜୀବନ କ'ଣ ଏକାନ୍ତ ମୂଲ୍ୟ-ହୀନ ? କେବଳ ମାତ୍ର ପୁରୁଷର ଜୀବନ ମୂଲ୍ୟବାନ ? ନାରୀକୁ ପୁଣି ଶିକ୍ଷା ଦୀକ୍ଷାରୁ ବଂଚିତ କରାଇ ଦେଇଛି ଏହି ପୁରୁଷ ସମାଜ । ତେଣୁ ସେ ନାନା ଅନ୍ଧବିଶ୍ୱାସ ଭିତରେ ବୁଡ଼ିରହି ପ୍ରକୃତ ସତ୍ୟ ଓ ଆଲୋକର ସନ୍ଧାନ ପାଇପାରି ନାହିଁ । ଅବଶ୍ୟ ଆଧୁନିକ ଯୁଗରେ ଏହି ଅବସ୍ଥା ବଦଳି ଯାଇଛି । ଅଗ୍ନିଯୁଗ ଯୁଗପରି ନାରୀ ଆଉ ଅସହାୟା ନୁହେଁ । ପୁରୁଷର ଖିଆଲର ଅନୁଗତା ପାର୍ଶ୍ୱୀ ନୁହେଁ ।

ପୁରାଣ ଯୁଗରୁ ଇତିହାସ ମଧ୍ୟକୁ ଗତି କଲାବେଳେ କ୍ରମେ ନାରୀ କିପରି ଭିନ୍ନ ଭିନ୍ନ ପରିବେଶରେ ନିର୍ଯ୍ୟାତିତା ହୋଇଛି ତାର ବହୁ ସକରୁଣ ଦୃଷ୍ଟାନ୍ତ ଦେଖିବାକୁ ମିଳିଥାଏ । ଇତିହାସ ଯୁଗରେ ଯେତେ-ବେଳେ ଯବନ ପ୍ରଭାବ ବୃଦ୍ଧି ପାଇଛି, ସେତିକବେଳେ ସତୀଦାହ ପ୍ରଥାଟାକୁ ଖୁବ୍ ଟାଣ କରିଦିଆଯାଇଛି । ଯବନ-ଦୃଷ୍ଟି ଏଡ଼ାଇବାକୁ

ହୁଏତ ଏପରି ପ୍ରଥା ଉପରେ ପରୋକ୍ଷ ଗୁରୁତ୍ୱ ପ୍ରଦାନ କରାଯାଇଥାଇ-ପାରେ । ଏପରି ଏକ ଅନୁମାନକୁ ଏଡ଼ି ଦିଆଯାଇ ନପାରେ । ବିଶେଷତଃ ରାଜପୁତ ଜାତିମାନଙ୍କ ଭିତରେ ଏହି ପ୍ରଥାଟି ଥିଲା ଅଧିକ ବଳବତ୍ତର । କାରଣ ଯବନମାନଙ୍କ ସହିତ ଏମାନଙ୍କର ଥିଲା ନିତ୍ୟ ଶତ୍ରୁତା । ଅନ୍ୟ ପକ୍ଷରେ ଭାରତବର୍ଷରେ ଯେତେବେଳେ ସଂହତି ଲୋପ ପାଇ ଆସିଛି ଓ ବୀର ବଳୟ ଘଟିଛି, ସେତିକବେଳେ ସତୀଦାହ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିବା ଲକ୍ଷ୍ୟ କରାଯାଏ । ଏପରି ଏକ ପ୍ରଥା ଅସହାୟତା ଓ ଦୁର୍ବଳତାର ନିଦର୍ଶନ । ସତୀତ୍ୱ ରକ୍ଷା କରିବା ପାଇଁ ସତୀଦାହଟା ଯେପରି ହୋଇଯାଇଛି ଏକ ମାଧ୍ୟମ । ଏହା ପରେ ପରେ ସତୀ ହେବା ହୋଇଯାଇଛି ଏକ ପରମ୍ପରା । ଏଥିରେ ଧର୍ମୀୟ ପ୍ରଲେପ ବୋଳି ଦିଆଯାଇଛି । ସ୍ୱାମୀର ଚିତାଗ୍ନିରେ ପତ୍ନୀ ପ୍ରବେଶ କରିବା ପୂର୍ବରୁ ତାକୁ ଚିତାଗ୍ନିକୁ ପ୍ରଦକ୍ଷିଣ କରିବାକୁ ହୁଏ । ବ୍ରାହ୍ମଣର ମନ୍ତ୍ର ଉଚ୍ଚାରଣ ଭିତରେ ତାକୁ ଅଗ୍ନି ମଧ୍ୟକୁ ପକାଇ ଦିଆଯାଏ । (କେଉଁଠି ଯେ, ସ୍ୱତଃ କିଏ ଅଗ୍ନି ମଧ୍ୟକୁ ଯାଉନଥିବ ଏକଥା ମନା କରାଯାଉ ନାହିଁ) । ଏଇ ପ୍ରଥାଟା କେବେ ଧର୍ମାନୁମୋଦିତ ନୁହେଁ । ସାମନ୍ତବାଦୀ ମଣିଷ ଏହାକୁ ପ୍ରସ୍ତୁତ କରିଦେଇଛି ସୁବିଧାବାଦୀ ଶାସ୍ତ୍ରକାରଙ୍କ ଦ୍ୱାରା । ଯେତେବେଳେ ବ୍ରିଟିଶ ଶାସନ ଭାରତବର୍ଷରେ ପ୍ରତିଷ୍ଠିତ ହେଲା, ସେତେବେଳେ ମଧ୍ୟ ଏପରି ନାରକୀୟ ପ୍ରଥା ପ୍ରଚଳିତ ଥିଲା । ଲର୍ଡ ଉଇଲିୟମ୍ ବେଣ୍ଟିକଙ୍କ ସମୟରେ ଏହି ପ୍ରଥାର ଉଚ୍ଛେଦ ପାଇଁ ଆଇନ ପ୍ରଣୀତ ହେଲା । ରାଜା-ରାମମୋହନ ରାୟଙ୍କ ପରି ସମାଜ ସଂସ୍କାରକ ଏହି ଜଘନ୍ୟ ପ୍ରଥାର ବିରୋଧ କଲେ । ଇଂରେଜ ସାହେବମାନେ ଭାରତବର୍ଷରେ ଏପରି ଲୋମହର୍ଷଣକାରୀ ପ୍ରଥାକୁ ଦେଖି ଶିହରିତ ହୋଇଯାଇଥିଲେ । ରକ୍ଷଣ-ଶୀଳ ହିନ୍ଦୁ ସାମନ୍ତମାନଙ୍କର ବିରୋଧ ସତ୍ତ୍ୱେ ଏହି ପ୍ରଥାକୁ ଉଠାଇ ଦିଆଯାଇଥିଲା । ତତ୍ ସହିତ ବିଧବାମାନଙ୍କୁ ପୁନର୍ବିବାହର ଆଇନାନୁ-ମୋଦିତ ମାର୍ଗ ଦେଖାଇ ଦିଆଗଲା । କ୍ରମେ ବିଧବା ଆଉ ନିଜକୁ ଅସହାୟା ମନେ କଲାନାହିଁ । ଆଉ ଗୋଟିଏ କଥା ଲକ୍ଷ୍ୟ କରିବାର ଅଛି ଯେ ନାରୀର ସମ୍ପତ୍ତି ଉପରେ ଅଧିକାର ନଥିଲା । ବିଧବା ହୋଇ-

Digitized by PPRACHIN, SOA

ଗଲେ ସେ ସମ୍ପତ୍ତିଗତ ଅଧିକାରରୁ ସମ୍ପୂର୍ଣ୍ଣ ବଞ୍ଚିତା ହେଉଥିଲା । ଏପରି ଅବସ୍ଥାରେ ସେ ସ୍ୱାମୀର ଚିତାଗ୍ନିରେ ମୃତ୍ୟୁ ଲଭିବାକୁ ବରଂ ଉଚିତ ମନେ କରୁଥିଲା । ଯେତେବେଳେ ବିଧବାର ସମ୍ପତ୍ତିରେ ଆଇନଗତ ଅଧିକାର ସାବ୍ୟସ୍ତ ହୋଇଗଲା, ସେତେବେଳେ ସେ କାହିଁକି ଚିତାଗ୍ନିରେ ଆଉ ଝାସ ଦେବ ? ସାମନ୍ତବାଦୀ ସମାଜକୁ ଛାଡ଼ିଦେଲେ ଆଉ ଯେଉଁସବୁ ନିମ୍ନ ଜାତି ଓ ନିମ୍ନ ବର୍ଗର ସମାଜ ରହିଛି, ସେସବୁ ସମାଜରେ ସତୀ ପ୍ରଥାକୁ ଗ୍ରହଣ କରାଯାଏ ନାହିଁ । କାରଣ ସେଠି ନାରୀର ସତୀତ୍ୱକୁ ନେଇ ବିଶ୍ୱାସ ଅବିଶ୍ୱାସର ପ୍ରଶ୍ନ ଆସେ ନାହିଁ । କାରଣ ବଞ୍ଚିବା ପାଇଁ ସେଠି ଥାଏ କଷ୍ଟକର ଜୀବନ ସଂଗ୍ରାମ । ସେହି ସମାଜରେ ନାରୀ ଓ ପୁରୁଷର ସମ୍ପର୍କ ବିଳାସ ପାଇଁ ଅଭିପ୍ରେତ ନୁହେଁ; ତାହା ବଂଶରକ୍ଷାର ଏକ ଆବଶ୍ୟକତା । ସେଠି ଉଭୟ ନାରୀ ଓ ପୁରୁଷ କର୍ମରତ । ପୁରୁଷ କର୍ମହୀନ ହୋଇପଡ଼ିଲେ ନାରୀ ହୁଏତ ତା' ପାଖରେ ରହିପାରେ ଅଥବା ଅନ୍ୟ କାର୍ଯ୍ୟକ୍ଷମ ପୁରୁଷ ସହିତ ନୂତନ ଜୀବନ ଆରମ୍ଭ କରିପାରେ । ଏହି ସମାଜରେ ପରିଶ୍ରମ ମୁଖ୍ୟ; ବିଳାସ ଗୌଣ । ସାମନ୍ତବାଦୀ ସମାଜରେ ପରିଶ୍ରମ ଗୌଣ; ବିଳାସ ମୁଖ୍ୟ, ଉପଭୋଗ ତୃଷ୍ଣା ପ୍ରବଳ । ଯେଉଁଠି ଉପଭୋଗ ତୃଷ୍ଣା ଯେତେ ପ୍ରବଳ, ସେଇଠି ଅବିଶ୍ୱାସ ଓ ସନ୍ଦେହ ସେତେ ଅଧିକ । ଆଉ ମଧ୍ୟ ଗୋଟିଏ କଥା ବିଚାରିବାରେ ଅଛି । ପାରମ୍ପରିକ ସାମନ୍ତବାଦୀ ସମାଜରେ ଯେଉଁ ବିଳାସବୋଧ ଓ ଉପଭୋଗ ଲାଳସା ଅଛି ତାହା ନୂତନ ସୃଷ୍ଟ ଅଭିଜାତ ସମାଜରେ ନାହିଁ । ନୂତନ ସୃଷ୍ଟ ଅଭିଜାତ ସମାଜ ସମ୍ପୂର୍ଣ୍ଣ ବସ୍ତୁବାଦ ଉପରେ ଆଧାରିତ । ଏଠି ଉପଭୋଗ ତୃଷ୍ଣା ଅତ୍ୟନ୍ତ ଉତ୍କଟ । ପାରମ୍ପରିକ ସମାଜରେ ନୀତି ଓ ଆଦର୍ଶ, ଧର୍ମ ଓ କର୍ମ ଫଳ ଏ ସମାଜରେ ନାହିଁ । ଏଠି ବ୍ୟକ୍ତି ଏକକ ଓ ନିଃସଙ୍ଗ । ବ୍ୟକ୍ତି ସ୍ୱାତନ୍ତ୍ର୍ୟ ମଧ୍ୟ ଏଠି ଶାଣିତ । ଏପରି ସମାଜରେ ସତୀତ୍ୱର ବିଚାର ଅପ୍ରାସଙ୍ଗିକ । ପାରମ୍ପରିକ ସମାଜ ଯାହାକୁ ଅନୈତିକ କହେ, ଏହି ସମାଜ ତାକୁ କହେ ନୂଆ ନୈତିକତା (New morality) । ଅତଏବ ଏହି ସମାଜ ମଧ୍ୟ ସତୀ ପ୍ରଥାକୁ ଅନୁମୋଦନ କରେ ନାହିଁ । ଆଲୋଚନାର ନିଷ୍କର୍ଷରେ ଏତିକି କୁହାଯାଇପାରେ ଯେ,

Digitized by PPRACHIN, SOA

ସତୀ ପ୍ରଥାର କୌଣସି ସାମାଜିକ, ନୈତିକ ବା ଧର୍ମୀୟ ତାତ୍ପର୍ଯ୍ୟ ନାହିଁ। ଏହା ସମସ୍ତ ବିଶେଷରେ ପୁରୁଷ ନିୟନ୍ତ୍ରିତ ସମାଜର ନାରୀ ଚରିତ୍ର ପ୍ରତି ସନ୍ଦେହ ସଙ୍କୁଳ ମନର ଏକ ସ୍ୱାର୍ଥ ନିହିତ ଆବିଷ୍କାର ମାତ୍ର।

ଯଦି କୁହାଯାଏ ଯେ ନାରୀ ସତୀ ହୋଇଗଲେ ପରଜନ୍ମରେ ପୁନର୍ବାର ସେ ତାର ସ୍ୱାମୀକୁ ଲାଭ କରିପାରିବ; ଏହା କ'ଣ ସମ୍ଭବ ନା ଏକ କଳ୍ପନା ? ପରଜନ୍ମରେ କିଏ କ'ଣ ହେବ ବା ନାହିଁ ଏହାର କ'ଣ ପ୍ରମାଣ ଅଛି ? ଯଦି ସ୍ତ୍ରୀ ସତୀ ହୋଇ ପୁରୁଷର ସାନ୍ନିଧ୍ୟ ଲାଭ କରି ପାରିବ ତେବେ ସ୍ତ୍ରୀ ମରିଗଲା ପରେ ପୁରୁଷ କାହିଁକି ତାର ଚିତାଗ୍ନିରେ ଝାସ ନ ଦେଉଛି ? ପୁରୁଷ ଝାସଦେଲେ ସେ ହୁଏତ ପରଜନ୍ମରେ ତାର ସ୍ତ୍ରୀ ରତ୍ନକୁ ପାଇପାରନ୍ତା ! ପୁନଶ୍ଚ ପୁରୁଷ ବହୁ ସ୍ତ୍ରୀ ବିବାହ କରିପାରୁଛି, ବହୁ ସ୍ତ୍ରୀ ସମ୍ଭୋଗ କରି ପାରୁଛି । ତା' ପକ୍ଷରେ ଏହା କାହିଁକି ଅନ-ନୈତିକ ଓ ଅଧର୍ମ ହେଉ ନାହିଁ ? ଏପରି ପୁରୁଷ ମରିଗଲେ ତାର ପତ୍ନୀ ସତୀ ହୋଇ କିପରି ସେହି ପୁରୁଷକୁ ପରଜନ୍ମରେ (ଯଦି ପରଜନ୍ମ ଥାଏ) ପାଇପାରିବ ? ପୁରାଣମାନଙ୍କରେ ତ ଅଛି ଜଣେ ଜଣେ ରାଜାଙ୍କର ଲକ୍ଷେ ରାଣୀ ଥିଲେ । କାହାର ସାତ ଶହ, କାହାର ହଜାରେ ଇମିତି କେତେ କ'ଣ । ଇତିହାସରେ ମଧ୍ୟ ସେଇ କଥା ଦେଖାଯାଇଛି । ଏଇତ ମାତ୍ର କେତେ ବର୍ଷ ତଳେ ହାଇଦରାବାଦ ନିଜାମଙ୍କର ୩୬୫ ଜଣ ରାଣୀ ଥିଲେ । ରାଜା ଜମିଦାରମାନେ ତ ପୁଣି ପତ୍ନୀମାନଙ୍କୁ ଛାଡ଼ି କେତେନାଇ କେତେ ଦାସୀ ରଖିଥିଲେ । କ'ଣ ଏଥିରୁ ପ୍ରମାଣିତ ହେଉଛି ଯେ, ପୁରୁଷମାନେ ଏକ ପତ୍ନୀବ୍ରତ ? ଦେବତା, ଋଷି, ରାଜା ସମସ୍ତେ ବହୁ-ପତ୍ନୀକ । ତାହାହେଲେ ନାରୀମାନଙ୍କ ପ୍ରତି ଏତେ କଟକଣା କାହିଁକି ? ନାରୀମାନେ କଣ କେବଳ ଉପଭୋଗର ସାମଗ୍ରୀ ? ପୁରୁଷ ହାତରେ କ'ଣ ଏମାନେ ପୁତୁଳିକା ମାତ୍ର ?

ଆଧୁନିକ ଯୁଗ—ଯୁକ୍ତି ଓ ବିଜ୍ଞାନର ଯୁଗ । ଏହା ଧର୍ମର ଯୁଗ ନୁହେଁ । ଏ ଯୁଗରେ ସତୀପ୍ରଥା ପରି ଏକ ଜଘନ୍ୟ ପ୍ରଥା ଆଉ ସମାଜ ଅନୁମୋଦିତ ନୁହେଁ । ଭାରତବର୍ଷରେ ଏହି ପ୍ରଥାର ଉତ୍ପତ୍ତି ଓ ବିକାଶ ।

Digitized by PPRACHIN, SOA

ଏଇ ମାଟିରେ ଏହାର ପୂର୍ଣ୍ଣାହୁତି । ନାରୀ ସ୍ୱାମୀର ଚିତାଗ୍ନିରେ ସତୀ ନ ହୋଇ ଯଦି ସେ ବଞ୍ଚି ରହି ସ୍ୱାମୀର ଅପୂର୍ଣ୍ଣ କର୍ମକୁ ସମାପ୍ତ କରେ, ସ୍ୱାମୀର ଆଦର୍ଶକୁ ପ୍ରତିଷ୍ଠା ଦିଏ, ସମାଜ ପାଇଁ କିଛି କର୍ମ ସମ୍ପାଦନ କରେ ତେବେ ତାର ସତୀତ୍ୱର ମହିମା ପ୍ରକଟିତ ହେବ । ଦଶରଥଙ୍କ ପତ୍ନୀ ସପ୍ତ୍ନୀ ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର କୁଣ୍ଡଳ, କଠଉ ଆଦି ରଖି ରାମଚନ୍ଦ୍ର ରାଜା ହେଲା ପରେ ଓ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ ପରେ ସତୀ ହୋଇଥିଲେ ବୋଲି କୌଣସି କୌଣସି ପ୍ରକ୍ଷିପ୍ତ ରାମାୟଣରେ ବର୍ଣ୍ଣନା ଅଛି । ତେବେ ସେମାନେ କ'ଣ ଆଉ ଦଶରଥଙ୍କ ଚିତାଗ୍ନିରେ ଝାସ ଦେଲେ କି ? ଏସବୁ ସେଇ ସାମନ୍ତବାଦୀ କୌଶଳୀମାନଙ୍କର ଗୋଟାଏ ନୂଆ କଳ୍ପନା । ସତୀପ୍ରଥା ଆଉ କୌଣସିମତେ ଅନୁମୋଦିତ ନୁହେଁ । ଅଥବା ସତୀ ପ୍ରଥାକୁ ନେଇ ସଂଘର୍ଷ ସର୍ବାଦୌ ଅବାଞ୍ଛିତ । ଏହା ମଧ୍ୟ ରାଜମାନ୍ତର କଥା ନୁହେଁ କିମ୍ବା ଧର୍ମର କଥା ନୁହେଁ । ସତୀ-ପ୍ରଥା ସତୀବାଦ ନୁହେଁ; ସତୀତ୍ୱର ଉଜ୍ଜ୍ୱଳ ନିଦର୍ଶନ, ମନସ୍ଥିତିର ନିର୍ମଳ ଆଦର୍ଶ, ସାମାଜିକ ଜୀବନର ଦିବ୍ୟ ଦୀପ୍ତି । ସ୍ୱାମୀର ଚିତାଗ୍ନିରେ ଝାସଦେଇ ସତୀତ୍ୱର ପରାକାଷ୍ଠା ଦେଖାଇବା ଶାସ୍ତ୍ରୀୟବାଣୀ ଆଉ ଗ୍ରାହ୍ୟ ନୁହେଁ; ବଂଚି ରହି ନାରୀତ୍ୱର ପରାକାଷ୍ଠା ଦେଖାଇବା ଓ ବ୍ୟକ୍ତିତ୍ୱର ଜାହିର କରିବା ହେଉଛି ଯଥାର୍ଥ ସତୀପ୍ରଥାର ଆଦର୍ଶ । ପ୍ରକୃତ ସତୀ ସେହି ଯିଏ ଆପଣାର ନିଷ୍ଠା ଓ ପ୍ରେମରେ ଅସତ୍ ପଥରେ ଯାଉଥିବା ସ୍ୱାମୀକୁ ସତ୍ ପଥକୁ ଆଣିପାରେ, ସକଳ ନିର୍ଯ୍ୟାତନା ସତ୍ତ୍ୱେ ଆପଣାର କର୍ତ୍ତବ୍ୟ ପଥରେ ଅବିଚଳିତ ରହିପାରେ, ସ୍ୱାମୀର କର୍ମଧାରା ସହିତ ନିଜକୁ ସାମିଲ କରି ଦେଇପାରେ । ସ୍ୱାମୀ ମରିଗଲା ପରେ ନିଜେ ବଞ୍ଚି ରହି ସ୍ୱାମୀର ଆଦର୍ଶକୁ ଧରି ରଖେ ଓ ସ୍ୱାମୀର ଅପୂର୍ଣ୍ଣ କାର୍ଯ୍ୟକୁ ପୂର୍ଣ୍ଣ କରିବା ପାଇଁ ଦୃଢ଼ ସଙ୍କଳ୍ପ ହୋଇଯାଏ । ସନ୍ତାନସନ୍ତତି ଓ ପରିବାରକୁ ସତ୍‌ମାର୍ଗରେ ଚଳାଇ ନେବାକୁ ପ୍ରେରଣା ଦିଏ । ସେହି ହେଉଛି ସତୀ ଯାହାର ଦିବ୍ୟଜ୍ଞାନ ପ୍ରକାଶ ପାଏ, ଯାହାର ଅନ୍ତର ଭିତରେ ଶ୍ରଦ୍ଧା ଓ ଅନୁରାଗ ଫଲ୍‌ଗୁପରି ପ୍ରବାହିତ ହୁଏ, ଯିଏ ସକଳ ପାପକୁ ମନ ଓ ହୃଦୟରୁ ନିର୍ବାସନ କରି ଶୁଦ୍ଧ ଓ ସୁନ୍ଦର ହୋଇଯାଏ, ଯିଏ ଅନ୍ତର ଭିତରୁ କ୍ରୋଧକୁ ଦୂର କରି ଦେଇ ନିର୍ମୋହ ଓ ନିରହଙ୍କାର ହୋଇଯାଏ,

Digitized by PPRACHIN, SOA

ଯାବତୀୟ କଳଙ୍କକୁ ଦୂରେଇ ଦିଏ । ଏପରି ସତୀ ନାରୀ ପାଖରେ ଯେ କୌଣସି ଭୟଙ୍କର ଅତ୍ୟାଚାରୀ କାମୁକ ପୁରୁଷ ହୋଇଯାଏ ହୀନପ୍ରଭ । ସତୀ ସୀତାଙ୍କ ପାଖରେ ରାବଣ ଯେପରି ହୋଇଯାଇଥିଲା, ସେହିପରି ସତୀ ନାରୀର ଅଗ୍ନିପ୍ରଭ ଜ୍ୟୋତି ନିକଟରେ ଲମ୍ପଟ ଓ ଉପଭୋଗୀ ପୁରୁଷ ହୋଇଯାଏ ଦୁର୍ବଳ । ସତୀ ନାରୀର ଅଛି ଗୋଟାଏ ଦିବ୍ୟ ଦୀପ୍ତି । ସେହି ଦୀପ୍ତି ଯେତିକି ଶୀତଳ ଆଉ ଅମୃତମୟ ସେତିକି ମଧ୍ୟ ଉତ୍ତପ୍ତ ଓ ଜ୍ୱାଳାମୟ । ତେଣୁ ସତୀ ପ୍ରଥା ଅର୍ଥ ସତୀ ଦାହ ନୁହେଁ; ହୋଇ ମଧ୍ୟ ପାରେନା । ସତୀକୁ କଣ ଅଗ୍ନି ଦହନ କରିପାରେ ? ସୀତାଙ୍କୁ କଣ ଅଗ୍ନି ଦହନ କରିପାରିଲା କି ? ଅତଏବ ସତୀକୁ ଦାହ କରାଯିବ କପରି ? ସତୀ ଭିତରେ ଯଦି କୌଣସି ପ୍ରକାର କଳଙ୍କ କାଳିମା ଆସିଯାଏ ସେହି କଳଙ୍କ କାଳିମାକୁ କଠୋର ସଂଯମ ଓ ଯୋଗାଗ୍ନିରେ ଦହନ କରିଦେଇ ଅନ୍ତରକୁ ଅମୃତମୟ କରିଦେବାହିଁ ଯଥାର୍ଥ ସତୀ ଦାହ । ଏହାହିଁ ଭାରତୀୟ ସତୀପ୍ରଥାର ମହିମା ଓ ମହତ୍ତ୍ୱ ।

Digitized by PPRACHIN, SOA

ନାରୀ ସ୍ୱାଧୀନତା

ଆଧୁନିକ ଯୁଗରେ ନାରୀ ଓ ନାରୀ ସ୍ୱାଧୀନତା କଥାଟା ଖୁବ୍ ଜୋର୍‌ରେ ପ୍ରକାଶ ପାଉଛି । ନାରୀ ଯେମିତି ସ୍ୱାଧୀନା ହୋଇଗଲେ ତାର ସବୁ ସମସ୍ୟା ସମାଧାନ ହୋଇଯିବ । ସେ ଆପେ ଆପେ ନୈତିକ ପ୍ରତିଷ୍ଠା ଲଭ କରିଯିବ । ଆଉ କେହି ତାକୁ କିଛି କହିପାରିବେ ନାହିଁ । ତାର ମଧ୍ୟ କେହି କିଛି କରିପାରିବେ ନାହିଁ । ନାରୀ ସ୍ୱାଧୀନତା କଥାଟା ଚିନ୍ତା କଲାବେଳେ ମନ ଭିତରେ ପ୍ରଶ୍ନ ଆସେ—ଏଇ ନାରୀ ସ୍ୱାଧୀନତାଟା କଣ ? ନାରୀ କଣ ସ୍ୱାଧୀନା ନୁହେଁ ? ସେ କଣ ପରାଧୀନା ? ଯଦି ସେ ପରାଧୀନା,କାହାର ଅଧୀନା ? ଏଇସବୁ କେତୋଟି ପ୍ରଶ୍ନକୁ ନେଇ ବିଚାର କଲାବେଳେ ଦେଖାଯାଏ ଯେ, ନାରୀ ଯେତେବେଳେ କନ୍ୟା, ସେତେବେଳେ ସେ ପିତାମାତାଙ୍କର ଅଧୀନା । ପିତାମାତା ତା' ଉପରେ ଅଧିକାର ସାବ୍ୟସ୍ତ କରନ୍ତି । ଧରିନିଆଯାଉ, ଯଦି ନାରୀକୁ ଏଇ ଅବସ୍ଥାରେ ସମ୍ପୂର୍ଣ୍ଣ ସ୍ୱାଧୀନା କରି ଦିଆଯାଏ, ତେବେ ତାର ଆତ୍ମବିକାଶ ହେବ କପରି ? ଯେଉଁ ସମୟରେ ତାର ବୁଝିବାର ଶକ୍ତି ଆସିନାହିଁ, ଜୀବନ ଧାରଣ କରିବାରେ ତାର ସାମର୍ଥ୍ୟ ସୃଷ୍ଟି ହୋଇନାହିଁ ସେହି ସମୟରେ ତାକୁ ସ୍ୱାଧୀନା କରିଦେଲେ ତାର ପରିଣତି କଣ ହେବ ? ତାର ଶିକ୍ଷା ଦୀକ୍ଷା ଲଭ ହୋଇପାରିବ କି ? ଚିନ୍ତା ଓ ବିଚାରର ଅପରିପକ୍ୱ ଅବସ୍ଥାରେ ସେ ଯଦି କିଛି ଅଘଟଣ କରିବସେ, ସେଥିପାଇଁ ଦାୟୀ କିଏ ହେବ ? ତେଣୁ କନ୍ୟା ଅବସ୍ଥାରେ ନାରୀକୁ ସ୍ୱାଧୀନା କରିଦେବା ଯୁକ୍ତିଯୁକ୍ତ ନୁହେଁ ।

ନାରୀ ଯେତେବେଳେ ଯୁବତୀ ହୋଇଯାଏ; ସେତେବେଳେ କଣ ତାକୁ ସ୍ୱାଧୀନ ଭାବରେ ଗତି କରିବାକୁ ଛାଡ଼ିଦେବା ଉଚିତ କି ? ଆମ ସମାଜ କଣ ଏଥିପାଇଁ ପ୍ରସ୍ତୁତ ? ଏହି ଅବସ୍ଥାରେ ନାରୀ କଣ ନିରାପଦ ?

Digitized by PPRACHIN, SOA

ନାରୀ-ମାଂସଲୋଭୀ ସମ୍ପ୍ରଦାୟର ପ୍ରମତ୍ତ ଅଭିଯାନ ଚାଲୁଥିଲା ବେଳେ ତାର ମଧ୍ୟକୁ ସେହି ନାରୀଟିକୁ ଛାଡ଼ିଦେବା କେତେଦୂର ବାଞ୍ଛନୀୟ ପରିଚାୟକ ହେବ ? ଅତଏବ ଏ ଅବସ୍ଥାରେ ନାରୀ ମଧ୍ୟ ସ୍ୱାଧୀନା ନୁହେଁ । ପୁଣି ନାରୀ ଯେତେବେଳେ ବିବାହ କରିଯାଏ, ସେତେବେଳେ ସେ ସ୍ୱାମୀର ଅଧୀନା ହୁଏ । ସେ ମଧ୍ୟ ଶାଶୁ ଶ୍ୱଶୁରଙ୍କ ଅଧୀନା ହୁଏ । ଏହି ସମୟରେ ଯଦି ନାରୀ ସ୍ୱାଧୀନା ହୋଇଯାଏ ତେବେ ତାର ଅର୍ଥ କଣ ହେବ ? ସେ କଣ ସ୍ୱାମୀଠାରୁ ଅଲଗା ରହିପାରିବ କି ? ଯଦି ଅଲଗା ରହେ, ତେବେ ତାର ଜୀବନ କଣ ନିରାପଦ ହୋଇପାରିବ କି ? ନାରୀ ଜୀବନ ତାର ବ୍ୟର୍ଥ ହୋଇଯିବ ନାହିଁ କି ? ନାରୀ ଯଦି ବୈବାହିକ ଜୀବନକୁ ତ୍ୟାଗ କରି ବଞ୍ଚିବା ପାଇଁ ଚାକିରୀ କରେ ବା ଦେଶ ଓ ସମାଜର ସେବା କରିବା ପାଇଁ ରାଜନୀତି କରେ ତେବେ କଣ ତାର ଜୀବନ ସାର୍ଥକ ହୋଇଯିବ କି ? ସେ କଣ ପୂର୍ଣ୍ଣତା ଲାଭ କରିପାରିବ କି ?

ଏପରି ଅନେକ ପ୍ରଶ୍ନ ମନ ଭିତରକୁ ଆସେ ଓ ଆସିବା ମଧ୍ୟ ସ୍ୱାଭାବିକ । ଏସବୁ ପ୍ରଶ୍ନକୁ ଆଲୋଚନା କଲାବେଳେ ନାରୀର ସ୍ୱାଧୀନତା ବିଷୟରେ ସ୍ପଷ୍ଟ ସଂଶୟ ଆସିଯାଏ । ମନେ ହୁଏ ନାରୀ ଜୀବନ ଯେପରି ପରାଧୀନତାର ଏକ ନାଗପାଶ । ତେବେ ଏହି ନାଗପାଶ ଭିତରେ ନାରୀ ସାମୟିକ ମୋହଗ୍ରସ୍ତା ହେଲେ ହେଁ ତାର ଭିତରେ ସେ ତାର ଶକ୍ତି, ସାମର୍ଥ୍ୟ, ଆତ୍ମବିଶ୍ୱାସ ଓ ସ୍ୱାଭିମାନରୂପକ ଗରୁଡ଼ ସାହାଯ୍ୟରେ ମୋହମୁକ୍ତ ହୁଏ । ଯେଉଁଠି ରାବଣୀ ଶକ୍ତି ତାକୁ ଗ୍ରାସ କରିଦେବାକୁ ଉଦ୍ୟତ, ସେଇଠି ସେ ସେହି ଶକ୍ତିକୁ ଧ୍ୱଂସ କରି-ଦେବାକୁ ଅଶ୍ରୁ ଭିତରେ ବି ପ୍ରଳୟାଗ୍ନି ସୃଷ୍ଟି କରିଦେଇପାରେ ।

ନାରୀର ସ୍ୱାଧୀନତା କାମ୍ୟ । ତେବେ ଏହି ସ୍ୱାଧୀନତା କଣ ? ଏହାର ଅର୍ଥ କଣ ସଂପୂର୍ଣ୍ଣ ମୁକ୍ତଭାବରେ ଗତି କରିବା ବା ସ୍ୱେଚ୍ଛାଚାରିଣୀ ହୋଇଯିବା ? ସ୍ୱେଚ୍ଛାଚାର କଣ ସ୍ୱାଧୀନତା ? ଏହା ସତ୍ୟ ଯେ ସ୍ୱେଚ୍ଛାଚାର କେବେ ସ୍ୱାଧୀନତା ନୁହେଁ । ଏହା ବ୍ୟକ୍ତିକୁ ଉଚ୍ଛୃଙ୍ଖଳ କରିଦିଏ । ଏହି କ୍ଷେତ୍ରରେ ନାରୀ ଯୌନ ପରତନ୍ତ୍ରତାକୁ ସ୍ୱାଧୀନତାରୂପେ ମାନିନେଇ

Digitized by PPRACHIN, SOA

ଯେକୌଣସି ଅସତ୍ ପଥକୁ ଚାଲିଯାଏ । ଯାହା ଇଚ୍ଛା ତାହା କରେ । ପାରିବାରିକ ଜୀବନକୁ ସେ ପସନ୍ଦ କରେ ନାହିଁ । ପରିବାର ଯଦି ଭାଙ୍ଗି-ପଡ଼େ ତେବେ ସମାଜରେ ଶୃଙ୍ଖଳା ରହିବ କି ? ଅନ୍ୟ ପକ୍ଷରେ ଦେଶ ପାଇଁ କଣ ସେହି ବିଶୃଙ୍ଖଳା ବିପଦର କାରଣ ହେବ ନାହିଁ କି ? ତେଣୁ ନାରୀର ସ୍ୱାଧୀନତା ଅର୍ଥ ତାର ଯୌନ ସ୍ୱେଚ୍ଛାଚାର ନୁହେଁ । କିନ୍ତୁ ଯୌନ ଜୀବନ ପାଇଁ ଯୌନ ନିର୍ବାଚନରେ ତାର ସ୍ୱାଧୀନତା ରହିବା ଏକାନ୍ତ କାମ୍ୟ । ଏହି ନିର୍ବାଚନ କିନ୍ତୁ ସାମୟିକ ଆନନ୍ଦ ଉପଭୋଗ ପାଇଁ ନୁହେଁ, ଏହା ଜୀବନବ୍ୟାପୀ ଏକ ଶୃଙ୍ଖଳିତ ବନ୍ଧନ ହେବା ଉଚିତ । ଏହି ବନ୍ଧନ ଆଇନଗତ ବନ୍ଧନ ନୁହେଁ ବା ଜବରଦସ୍ତ ଆରୋପିତ ବନ୍ଧନ ମଧ୍ୟ ନୁହେଁ । ଏହା ପ୍ରେମ ଓ ତ୍ୟାଗର ବନ୍ଧନ । ମାତ୍ର ଆଧୁନିକ ଯୁଗରେ ବସ୍ତୁବାଦ ଏପରି ଭାବରେ ବଢ଼ିଯାଇଛି ଓ ସେହି ବସ୍ତୁ-ଭୋଗ-ଲିପ୍ସା ଏତେ ବଳବତ୍ତର ହୋଇଯାଇଛି ଯେ ପ୍ରେମ ହୋଇଯାଉଛି ପଣ୍ୟ । ତେଣୁ ସ୍ୱାଧୀନତା ସ୍ୱେଚ୍ଛାଚାରରେ ପରିଣତ ହୋଇ ଯାଉଛି ।

•

ଏକଥା ସତ୍ୟ ଯେ ନାରୀକୁ ଗୃହରୁ ସମାଜର ସ୍ଥିତି ନାହିଁ । ନାରୀ ପୁରୁଷ ହାତରେ ସଖୀ କଣ୍ଢେଇ ନୁହେଁ । ନାରୀର ସ୍ୱାଭିମାନ ଅଛି, ମର୍ଯ୍ୟାଦା ଅଛି । ପୁରୁଷ ତାର ଉପଭୋଗ ତୃଷ୍ଣାକୁ ଚରିତାର୍ଥ କରିବା ପାଇଁ ନାରୀକୁ ଯେକୌଣସି ଭାବରେ ବ୍ୟବହାର କରିବା ଅବାଞ୍ଛନୀୟ । ବସ୍ତୁତଃ ଦେଖାଯାଉଛି, ପୁରୁଷ ସମାଜର ହୋଇଯାଇଛି ଅଧିକାରୀ । ସେ ନାରୀକୁ ମନେ କରୁଛି ତାର ଦୟାର ପାତ୍ରୀ । ସେ ନାରୀକୁ ବିବାହ କରିପାରେ, ଛାଡ଼ପତ୍ର ଦେଇପାରେ, ଆଉ ଏକ ନାରୀକୁ ବିବାହ କରି-ପାରେ । ତାର ପତ୍ନୀ ମରିଗଲେ ସେ ପୁଣି ଥରେ ବିବାହ କରିପାରେ । ତା ପାଇଁ ବୟସର ସୀମା ନାହିଁ । ଅଥଚ ନାରୀ ପାଇଁ ଏସବୁ ବାଟ ପ୍ରାୟ ବନ୍ଦ । ଏବେ ମଧ୍ୟ କେତେକ ସମ୍ପ୍ରଦାୟ ନାରୀର ସ୍ୱାଧୀନତାର ପରିପନ୍ଥୀ । ସେମାନଙ୍କୁ ଆଇନ ରକ୍ଷା କରିବାକୁ ଅସମର୍ଥ । କାରଣ ପୁରୁଷ ନିୟନ୍ତ୍ରିତ ସମାଜ ଓ ଧର୍ମ ହେଉଛି ସକଳ ଅସ୍ତ୍ରଶସ୍ତ୍ର ଧାରି ଦଣ୍ଡାୟ-ମାନ । ବିଚାରୀ ନାରୀଟିର ସ୍ୱାଧୀନତା କାହିଁ ? ଏବେ ମଧ୍ୟ ଆଫ୍ରିକାରେ

Digitized by PPRACHIN, SOA

ନାରୀଟିର ଅବସ୍ଥା କେତେ ଶୋଚନୀୟ ନୁହେଁ ? ନାରୀକୁ ପୁରୁଷ ଯାବଜ୍ଜୀବନ ନିର୍ଯ୍ୟାତନା ଦେଉଛି । ତା'ର ଆଖି ଫୁଟାଇ ଦେଉଛି । ପ୍ରତିଦିନ ପୁରୁଷ ହାତରୁ ପ୍ରହାର ଖାଉଛି । ନୀରବ ଅଶ୍ରୁ ଭିତରେ ତାର ଜୀବନର ପ୍ରବାହ । କିଏ ସେମାନଙ୍କୁ ରକ୍ଷା କରିବ ? ଆଇନ ଓ ପ୍ରଶାସନ ପୁରୁଷନିୟନ୍ତ୍ରିତ । ବିଚାରୀ ନାରୀଟିର ହୃଦୟ ପଥର ତଳେ । ସେ ମନେ କରୁଛି ତାର ଜନ୍ମ ଏକ ଅଭିଶାପ ।

ଯେଉଁଠି ସଭ୍ୟ ରାଷ୍ଟ୍ରମାନଙ୍କରେ ନାରୀ ସ୍ୱାଧୀନା, ସେଠି କ'ଣ ହେଉଛି ? ସେହି ସ୍ୱାଧୀନତା ସ୍ୱେଚ୍ଛାଚାରିତାର ସୀମା ଲଂଘନ କରିଯାଇ ନାହିଁ କି ? ପାରିବାରିକ ଜୀବନ ସେଠି ଭୁଷୁଡ଼ି ପଡ଼ୁ ନାହିଁ କି ? ଏ କ୍ଷେତ୍ରରେ ଗୋଟିଏ କଥା ହବାଲୋକ ପରି ସ୍ପଷ୍ଟ ହୋଇଉଠୁଛି; ତାହା ହେଉଛି ଯୌନ ଉପଭୋଗ ତୃଷ୍ଣା । ଏଇ ତୃଷ୍ଣା କଣ ଜୀବନର ଏକମାତ୍ର ସତ୍ୟ ? ଅବଶ୍ୟ ଏହା ଏକ ମୌଳିକ ଶକ୍ତିଶାଳୀ ତୃଷ୍ଣା । ଏହାକୁ କେବଳ ଉପଭୋଗ ମାର୍ଗରେ ଗତି କରାଇଲେ ସମାଜର ଅବସ୍ଥା କଣ ହେବ ? ନାରୀର ଏହି ତୃଷ୍ଣାକୁ ପ୍ରଶ୍ରୟ ଦେଇଛନ୍ତି କେଉଁମାନେ ? ସେମାନେ କଣ ପୁରୁଷ ନୁହଁନ୍ତି କି ? ଏପରି ଗୋଟାଏ ବସ୍ତୁତାନ୍ତ୍ରିକ ମନୋଭାବ ପ୍ରକାଶ ପାଇଛି ଯେଉଁଠି ସକଳ ନୈତିକ ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ହ୍ରାସ ପାଇଯାଇଛି । ତେଣୁ ନାରୀ ପୁରୁଷର ସହଯୋଗରେ ସ୍ୱେଚ୍ଛାଚାରିଣୀ ହୋଇଯିବାର ସୁଯୋଗ ଲାଭ କରୁଛି । ବିଚାରୀ ନାରୀ ଯେତେବେଳେ ଉପଭୋଗ-ବୟସରୁ ବିଦାୟ ନେଇ ଯାଉଛି ସେତେବେଳେ ତାର ଜୀବନ ହୋଇଯାଉଛି ଏକାନ୍ତ ଦୁଃଖାର୍ତ୍ତ । ଏକଥା ନାରୀ ବୁଝିଲାବେଳକୁ ନେଡ଼-ଗୁଡ଼ କହୁଣୀକୁ ବୋହି ଗଲାଣି । କେବଳ କପାଳରେ ହାତ ମାରିବା ସାର ହେଉଛି ।

ନାରୀର ସ୍ୱାଧୀନତା ଅର୍ଥ ତାର ନିଜ ରୁଚିର ସ୍ୱାଧୀନତା ନୁହେଁ । କାରଣ ଭିନ୍ନ ଭିନ୍ନ ନାରୀର ଭିନ୍ନ ଭିନ୍ନ ରୁଚି । ପ୍ରତ୍ୟେକେ ଯଦି ନିଜ ନିଜ ରୁଚି ଅନୁସାରେ କାର୍ଯ୍ୟ କରନ୍ତି ଓ ସେହି ରୁଚିକୁ ସ୍ୱାଧୀନତା ଦିଆଯାଏ, ତେବେ ସାମାଜିକ ବିଶୃଙ୍ଖଳା ବୃଦ୍ଧି ପାଇବ । ଧରିନିଆଯାଉ,

Digitized by PPRACHIN, SOA

ନାରୀର ବେଶ ଓ ପ୍ରସାଧନ । ପ୍ରତ୍ୟେକ ଜାତି ଓ ଧର୍ମରେ ଗୋଟିଏ ଲେଖାଁ ସ୍ୱତନ୍ତ୍ର ବେଶ ଓ ପ୍ରସାଧନ ଅଛି । ଯଦି ନାରୀ ତାହାକୁ ଛାଡ଼ି ଆପଣାର ଅଙ୍ଗସୌଷ୍ଠବ ଦେଖାଇବା ପାଇଁ ବେଶ ପୋଷାକ ପିନ୍ଧେ; ତାହା କଣ ପୁରୁଷର ଜାନ୍ତବ ଯୌନ ଲାଳସାକୁ ଜାଗ୍ରତ କରେ ନାହିଁ କି ? ଏ କ୍ଷେତ୍ରରେ ନାରୀର ରୁଚି ଅନୁଯାୟୀ ସ୍ୱାଧୀନତା ରହିବା କେତେ ଦୂର ସମୀଚୀନ ? ଏହା ଚିନ୍ତାଶୀଳ ଲୋକମାନଙ୍କର ବିଚାର୍ଯ୍ୟ ।

ନାରୀ ବିବାହ କଲାପରେ ଦୁର୍ଘଟଣାଚକ୍ରରେ ବିଧବା ହୋଇଗଲେ କୌଣସି କୌଣସି କ୍ଷେତ୍ରରେ ସ୍ୱାମୀର ଚିତାଗ୍ନିରେ ଝାସଦେଇ ସେ ସତୀ ହୋଇଯାଉଛି । ଏହା କଣ ସ୍ୱତଃସ୍ଫୁର୍ତ୍ତି କି ? ଯଦି ଏହା ସ୍ୱତଃ ହୋଇ-ଥାଏ ତେବେ ଏ କ୍ଷେତ୍ରରେ ନାରୀକୁ ସ୍ୱାଧୀନତା ଦିଆଯିବା ଉଚିତ କି ? ସ୍ୱାମୀ ପ୍ରତି ଯଦି ତାର ପ୍ରେମ ଗଭୀର, ତେବେ ସତୀ ହୋଇଗଲେ କଣ ସେହି ପ୍ରେମ ଅକ୍ଷତ ରହିଗଲା କି ? ଯଦି ବଞ୍ଚିରହି ସ୍ୱାମୀର ପ୍ରେମ ସ୍ମୃତିକୁ ପାଥେୟ କରି ସ୍ୱାମୀର କାର୍ଯ୍ୟକୁ ପୂର୍ଣ୍ଣ କରିପାରେ ତେବେ ତାର ପ୍ରେମ କଣ ଅକ୍ଷତ ରହିବ ନାହିଁ ? ଯେଉଁଠି ଜବରଦସ୍ତ ପୁରୁଷ-ନିୟନ୍ତ୍ରିତ ସମାଜ ନାରୀକୁ ଚିତାଗ୍ନି ମଧ୍ୟକୁ ଠେଲି ଦିଅନ୍ତି ସେଠି କଣ ନାରୀର ସ୍ୱାଧୀନତାକୁ କ୍ଷୁଣ୍ଣ କରି ଦିଆଯାଉ ନାହିଁ କି ? ନାରୀର ଏ କ୍ଷେତ୍ରରେ ସ୍ୱାଧୀନତା କାମ୍ୟ । ଏହି ସ୍ୱାଧୀନତା ଆପଣାର ସ୍ୱାର୍ଥପାଇଁ ନୁହେଁ, ସମାଜ କଲ୍ୟାଣ ପାଇଁ ଅଭିପ୍ରେତ ହେବା ଉଚିତ ।

ନାରୀର ବିବାହ କ୍ଷେତ୍ରରେ ତାର ସ୍ୱାଧୀନତା ଅଛି କି ? କେତୋଟି ପ୍ରେମ ବିବାହକୁ ଛାଡ଼ିଦେଲେ ଅନ୍ୟାନ୍ୟ ବିବାହ କ୍ଷେତ୍ରରେ ସ୍ୱାଧୀନତା କେତେ ପରିମାଣରେ ଅଛି ? ପିତାମାତା ଓ ବନ୍ଧୁବାନ୍ଧବ କଣ ନାରୀର ବିବାହ ପାଇଁ ଭୂମିକା ନେଉନାହାନ୍ତି ? ନାରୀର ଯେତେ ଶିକ୍ଷାଗତ ଯୋଗ୍ୟତା ଥିଲେ ହେଁ ଯୌତୁକରୁ ସେ କଣ ଅବ୍ୟାହତି ପାଉଛି ? ଯୌତୁକ ପାଇଁ କଣ ନାରୀ ନିର୍ଯ୍ୟାତନା ବୃଦ୍ଧି ପାଉନାହିଁ ?

ଅତଏବ ନାରୀ ସ୍ୱାଧୀନତା ବିଷୟରେ ଆଲୋଚନା କଲାବେଳେ ଉପରୋକ୍ତ ବିଷୟଗୁଡ଼ିକୁ ଦୃଷ୍ଟି ପଥରେ ରଖି ବିଚାର କରିବାକୁ ହୁଏ ।

Digitized by PPRACHIN, SOA

କେବଳ ନାରୀ ସ୍ୱାଧୀନତା ପାଇଁ ଗୁଡ଼ାଏ ରାଜନୀତିକ ସ୍ଲୋଗାନ ଦେଇଦେଲେ ହେବ ନାହିଁ । ପରିସ୍ଥିତି ଓ ପରିବେଶକୁ ଦୃଷ୍ଟିରେ ରଖି ଆଲୋଚନା କରିବାକୁ ହେବ । ନାରୀ ସ୍ୱାଧୀନା ହୋଇଗଲେ ସେ ଯେ କୃତକୃତ୍ୟ ହୋଇଯିବ, ଏପରି ବିଚାରିବା ଭ୍ରମାତ୍ମକ । ନାରୀର ସ୍ୱାଧୀନତାକୁ କେହି ବିରୋଧ କରୁନାହିଁ । ସ୍ୱାଧୀନତା ନାମରେ ସ୍ୱେଚ୍ଛାଚାରିତାକୁ ବିରୋଧ କରାଯାଉଛି । ନାରୀ ଚାକିରୀ କରୁ ବା ରାଜନୀତି କରୁ ବା ସମାଜ ସେବା କରୁ ସେଥିରେ କିଛି ଯାଏଆସେ ନାହିଁ । ସବୁଥିରେ ତାର ସ୍ୱାଧୀନତା ରହୁ । ଆପଣାର ଶକ୍ତି ଓ ସାମର୍ଥ୍ୟକୁ ପ୍ରକାଶ କରୁ । ଉପଯୁକ୍ତ ଶିକ୍ଷା ଲାଭ କରି ଆପଣାକୁ ପ୍ରସ୍ତୁତ କରୁ । କିନ୍ତୁ ନାରୀଧର୍ମରୁ ବିଚ୍ୟୁତ ହୋଇ ନ ଯାଉ । ତାର ନାରୀତ୍ୱର ମହିମାମୟ ଆଦର୍ଶକୁ ବଜାୟ ରଖୁ । ଫେସନବାଜ ସଭ୍ୟତାର ସେ ଦାସ ନ ହେଉ । ପୁରୁଷ-କୈନ୍ଦ୍ରିକ ସମାଜ ବ୍ୟବସ୍ଥାର ସେ ବିରୋଧ କରୁ । ସର୍ବୋପରି ଆପଣାର ପରିବାର ଧର୍ମ ପ୍ରତି ସେ ରହୁ ଏକାନ୍ତ ବିଶ୍ୱସ୍ତା । ଏହା ନ ହେଲେ ସ୍ୱାଧୀନତା ତା ପକ୍ଷରେ ସ୍ୱେଚ୍ଛାଚାରରେ ପରିଣତ ହୋଇଯିବ ଓ ସମଗ୍ର ସମାଜବ୍ୟବସ୍ଥା ଅଚିରେ ଭୁଷୁଡ଼ି ପଡ଼ିବ । କୁଳ ବା ବଂଶ ଯେଉଁଠି ଅଧର୍ମଗ୍ରସ୍ତ ହୋଇଯାଏ ସେଠି କୁଳସ୍ତ୍ରୀମାନେ ବ୍ୟଭିଚାରିଣୀ ହୋଇଯାଆନ୍ତି । କୁଳନାରୀମାନେ ଦୁଷ୍ଟ ବା ବ୍ୟଭିଚାରିଣୀ ହେଲେ ବର୍ଣ୍ଣସଙ୍କର ଜାତ ହୁଅନ୍ତି । ଏହି ବର୍ଣ୍ଣସଙ୍କର କୁଳନାଶକାରୀ ଓ ସମସ୍ତ କୁଳର ନରକର କାରଣ । ଶ୍ରୀମଦ୍ ଭଗବତ ଗୀତାରେ କୁହାଯାଇଛି—

ଅଧର୍ମାଭିଭବାତ୍ କୃଷ୍ଣ ! ପ୍ରଦୁଷ୍ୟନ୍ତି କୁଳସ୍ତ୍ରିୟଃ
ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ! ଜାୟତେ ବର୍ଣ୍ଣସଙ୍କରଃ ।

ଏଣୁ ନାରୀକୁ ସ୍ୱାଧୀନତା ଦେଇଦେବା ଅର୍ଥ ଯେ ସେ ଅବାଧ ମୁକ୍ତ ଜୀବନ ଯାପନ କରିବ ଓ ତାର ନାରୀତ୍ୱକୁ ଯେପରି ଭାବରେ ଇଚ୍ଛା କରିବ ସେପରି ବ୍ୟବହାର କରିବ—ତାହା ନୁହେଁ । ନାରୀ ତାର ସ୍ୱଧର୍ମ ପାଳନ କରିବ । ସ୍ୱଧର୍ମ ପାଳନ ଦ୍ୱାରା ସେ ତାର ନାରୀତ୍ୱର

Digitized by PPRACHIN, SOA

ମହିମା ବଜାୟ ରଖି ପାରିବ । ମନେରଖିବାକୁ ହେବ ଯେ ଯୌନ ଉପଭୋଗ ଏକ ଜୈବିକ ପ୍ରବୃତ୍ତି ମାତ୍ର । ଏହା ନାରୀର ସ୍ୱଧର୍ମ ନୁହେଁ । ତାର ସ୍ୱଧର୍ମ ମାତୃତ୍ୱ ଓ ବଂଶ ରକ୍ଷାର ମହମୀୟ କର୍ତ୍ତବ୍ୟ । ନାରୀତ୍ୱ ଓ ମାତୃତ୍ୱର ମହମୀୟ ଆଦର୍ଶକୁ ରକ୍ଷା କରିବା ସହିତ ତାର ସ୍ୱାଧୀନତାକୁ ସମ୍ମାନ ଦେବା ଉଚିତ । ଅଯଥା ନାରୀକୁ ଧର୍ମ ଓ ଅଧର୍ମ, ପାପ ଓ ପୁଣ୍ୟ, ସ୍ୱର୍ଗ ଓ ନରକର ଭୟ ଦେଖାଇ ଅଧୀନସ୍ଥ କରିରଖିବା ଅନୁଚିତ । ତା' ଭିତରର ସକଳ ଦୁର୍ବାସନାଗୁଡ଼ିକୁ ନିଃସାରଣ କରି ଦେଇ ତାକୁ ଜୀବନ-ସଂଗ୍ରାମ ପଥରେ ଆଗେଇ ଯିବା'କୁ ହେବ । ଯେଉଁ ସମାଜରେ ନାରୀ ନିଜକୁ ନିରାପଦ ମନେ କରେ, ସେଇଠି ସେ ସ୍ୱାଧୀନତାର ମାଧୁର୍ଯ୍ୟ ଉପଲବ୍‌ଧି କରେ । ତାର ସ୍ୱାଧୀନ ବିଚାର ଓ କାର୍ଯ୍ୟକଳାପ ସେଇଠି ମଧ୍ୟ ସମାଜ ଓ ରାଷ୍ଟ୍ରକୁ ପ୍ରଗତିପଥରେ ଆଗେଇ ନିଏ । ଯେଉଁଠି ସମାଜରେ ସଇତାନମାନଙ୍କର ପ୍ରବଳ ଭିଡ଼, ନାରୀମାଂସ-ଭୁକ୍‌ମାନଙ୍କର ଜିହ୍ୱା ଲହଲହ, ସେଠି ନାରୀ-ସ୍ୱାଧୀନତା ତିଷ୍ଠି ପାରେ ନାହିଁ । ତଥାପି ନାରୀ ଯଦି ଦୃଢ଼ ନୈତିକତା, ସଂଯମ ଓ ନିଷ୍ଠା ଦ୍ୱାରା ସଂଗଠିତ ଭାବରେ ଆଗେଇ ଆସିପାରନ୍ତି ତେବେ ପ୍ରମତ୍ତ ସଇତାନ-ମାନଙ୍କୁ ମୁକାବିଲା କରି ପାରିବେ । ଏଇ କ୍ଷେତ୍ରରେ ସ୍ୱାଧୀନତା ନାରୀକୁ କରେ ସବଳା ଓ ଯାବତୀୟ ଅନ୍ୟାୟ ଅତ୍ୟାଚାରକୁ ସମ୍ମୁଖୀନ ହେବା ପାଇଁ କରେ ସାହସିନୀ । ନାରୀ ସ୍ୱାଧୀନତା ଯେ ଆଧୁନିକ ଯୁଗରେ ଏକାନ୍ତ କାମ୍ୟ ଓ ସେହି ସ୍ୱାଧୀନତା ସ୍ୱେଚ୍ଛାଚାର ନ ହୋଇ ଏକ କଲ୍ୟାଣମୟ ନାରୀତ୍ୱର ଦିବ୍ୟ-ଭାସ୍ୱର ନିଦର୍ଶନ—ଏହାହିଁ ଆଜିର ବିଚାର ଓ ଆହ୍ୱାନ ।

Digitized by PPRACHIN, SOA

ହିଂସା, ପ୍ରତିହିଂସା ଓ ନାରୀ

ହିଂସା କଣ ? ପ୍ରତିହିଂସା କଣ ? ହିଂସା କାହାର ନାଇଁ ? ପ୍ରତିହିଂସା କେଉଁଠି ନାଇଁ ? ହିଂସା କାହିଁକି ସୃଷ୍ଟି ହୁଏ ? ପ୍ରତିହିଂସା କାହିଁକି ପ୍ରକାଶ ପାଏ ? ଇମିତି ଗୁଡ଼େଇ ଭୁଡ଼େଇ ଅନେକ ପ୍ରଶ୍ନ କରାଯାଇପାରେ । ଏସବୁ ପ୍ରଶ୍ନକୁ ନାନା ଦୃଷ୍ଟି କୋଣରୁ ବିଚାର କରାଯାଇଥାଏ । ହିଂସା ଓ ପ୍ରତିହିଂସାର ଉତ୍ପତ୍ତି ସ୍ଥାନ ମନ । ଯେତେବେଳେ ସେ ସବୁ କ୍ରିୟାତ୍ମକ ରୂପ ନିଏ ସେତେବେଳେ ତାହାକୁ ହିଂସା କୁହାଯାଏ, ଅଥବା ପ୍ରତିହିଂସା କୁହାଯାଏ । ତେବେ ପ୍ରଥମେ ସୃଷ୍ଟି ହୁଏ ହିଂସା । ବିଶିଷ୍ଟରେ ଆସେ ପ୍ରତିହିଂସା । ହିଂସାର ବିରୋଧୀ ଶକ୍ତି ପ୍ରତିହିଂସା । ତେଣୁ ବେଳେବେଳେ ପ୍ରତିହିଂସା ହିଂସାଠାରୁ ଆହୁରି ଭୟଙ୍କର ହୋଇଯାଏ । ହିଂସା ସାଧାରଣତଃ ଅନ୍ୟକୁ ସହି ନ ପାରିବା ଗୁଣରୁ ପ୍ରକାଶ ପାଏ । ଏଇ ସହି ନ ପାରିବାଟା ସହଜାତ । କେହି କେହି ସ୍ୱଭାବତଃ ଅନ୍ୟର ସୁଖସମ୍ପଦ, ପ୍ରତିପତ୍ତିକୁ ଦୁଇ ଆଖିରେ ଦେଖିପାରନ୍ତି ନାହିଁ । ସେପରି ଲୋକ ନିଜକୁ, ନିଜର ପିଲାପିଲି, ସ୍ତ୍ରୀ ଓ ପରିବାରକୁ କେବଳ ଭଲ ମନେ କରେ । ତା' ଆଗରେ କେହି ପାହାଚେ ଚଢ଼ିଗଲେ ସେ ଉବେଇ ଖବେଇ ହୁଏ । ଆହୁରି କେତେକ ସ୍ଥଳରେ ଦେଖାଯାଏ ଯେ ଯେଉଁଠି ନିଜର କିଛି ସ୍ୱାର୍ଥହାନି ଘଟିବାର ଦେଖାଯାଏ, ଅଥବା ଅନ୍ୟ କାହାଦ୍ୱାରା ନିଜର କିଛି ପ୍ରତିଷ୍ଠା କମିଯିବାର ଆଶଙ୍କା ପ୍ରକାଶ ପାଏ, ସେଇଠି ହିଂସା ମଧ୍ୟ ପ୍ରକାଶ ପାଏ । ଜଣକ ପାଖରେ ହିଂସା ଦେଖାଦେଇ ଯେତେବେଳେ ତାହା ଅନ୍ୟର କ୍ଷତି କରିବା ପାଇଁ କ୍ରିୟାତ୍ମକ ରୂପ ଧାରଣ କରେ ସେତେବେଳେ ତାର ପ୍ରତିକ୍ରିୟାରେ ଅପର ପକ୍ଷରେ ପ୍ରତିହିଂସା ବହ୍ନି ଜଳିଉଠେ । ଏଇଠି ହିଂସା ଆଉ ପ୍ରତିହିଂସାର ଦେଖାଦିଏ ସଂଘର୍ଷ । ଏଇ ସଂଘର୍ଷରେ ହୁଏତ ହିଂସା ଜିତେ ଅଥବା ପ୍ରତିହିଂସା ଜିତେ । ଯିଏ ଜିତୁ ନା କାହିଁକି

Digitized by PPRACHIN, SOA

ଉଭୟ ପକ୍ଷର କ୍ଷତି ହୋଇଯାଏ ଅନେକ । କାହାର ବା ବେଶି, କାହାର ବା କମ୍ । ବିଷୟ ଚିନ୍ତା କରୁ କରୁ ମନୁଷ୍ୟର ଆସିଯାଏ ଆସକ୍ତି । ଆସକ୍ତିରୁ ଆସେ ବିଷୟ ପ୍ରାପ୍ତିର ଇଚ୍ଛା । ସେହି ଇଚ୍ଛା ବା କାମନାରେ ବାଧା ସୃଷ୍ଟି ହେଲେ ପ୍ରକାଶ ପାଏ କ୍ରୋଧ । କ୍ରୋଧ ପ୍ରକାଶ ପାଇଲେ ବିଚାର ଓ ବିବେକ ନଷ୍ଟ ହୋଇ ମୋହ ପ୍ରକାଶ ପାଏ । ମୋହରୁ ସ୍ମୃତି ବିଲୋପ ହୁଏ । ସ୍ମୃତିଭ୍ରଂଶ ଫଳରେ ବୁଦ୍ଧି ନଷ୍ଟ ହୋଇଯାଏ ଏବଂ ଶେଷରେ ହୁଏ ବିନାଶ ।

ନାରୀ ପାଖରେ ହିଂସା ଦେଖାଦିଏ, ପ୍ରତିହିଂସା ବି ଦେଖାଦିଏ । ଏହା ଯେ ପୁରୁଷର ନାହିଁ; ଏକଥା ନୁହେଁ । ପୁରୁଷର ହିଂସା ଓ ପ୍ରତିହିଂସା ସଙ୍ଗେ ସଙ୍ଗେ ପ୍ରକାଶ ପାଇଯାଏ । ଗୋଟିଏ ପକ୍ଷରେ ହିଂସାର ସାକାର ରୂପଟି ଦେଖିଲାକ୍ଷଣି ଅପରପକ୍ଷରେ ପ୍ରତିହିଂସାର ସାକାର ରୂପ ସାଜ ସାଜ ହବଦେଇ ଚମକ ଉଠେ । ନାରୀ ପକ୍ଷରେ କିନ୍ତୁ ଏପରି ହୁଏନାହିଁ । ଧୀର ମନ୍ଥର ଭାବରେ ଏହା ଗତିକରେ, ସୁଯୋଗ ଖୋଜେ । ଏପରି ଏକ ଅବସ୍ଥାରେ ତାହା ସାକାର ରୂପ ନେଇଯାଏ ଯେ ଆଉ ସେଥିରୁ ରକ୍ଷା ମିଳେନାହିଁ । ଯେମିତିକି ମହାପ୍ରଳୟ ଅବସ୍ଥା ସୃଷ୍ଟି ହୋଇଯାଏ । ନାନା କାରଣରୁ ନାରୀ ଭିତରେ ହିଂସା ଦେଖାଦିଏ । ଏଇ ଯେମିତି ସୌନ୍ଦର୍ଯ୍ୟ ପ୍ରସଙ୍ଗ, ପ୍ରେମ-ପ୍ରସଙ୍ଗ, ଗୁଣ-ପ୍ରସଙ୍ଗ, ସୁଖ ଓ ବିଳାସ ପ୍ରସଙ୍ଗ । ଏସବୁଥିରେ ନାରୀ ଏକାକିନୀ ଉପଭୋଗ କରିବାକୁ ଚାହେଁ । ସେଥିରେ ଯେମିତି କେହି ତାର ପ୍ରତିଦ୍ୱନ୍ଦ୍ୱୀ ନ ରହନ୍ତୁ ଏହା ହିଁ ତାର ଇଚ୍ଛା । ଏହି ଇଚ୍ଛାରୁ ତାର ପ୍ରକାଶ ପାଏ 'ଅହଂ' ଓ ଏଇ ଅହଂରୁ ସୃଷ୍ଟି ହୋଇଯାଏ ଅହଂକାର । ଏହି ଅହଂକାର ହିଁ ତାକୁ କରିଦିଏ ହିଂସାପରାୟଣା । ଅର୍ଥାତ୍ ସେ ଆଉ କାହାକୁ ତାର ପ୍ରତିଯୋଗିନୀ ଭାବରେ ସହିପାରେ ନାହିଁ । ତା'ଠାରୁ ଆଉ କାହାକୁ ବେଶୀ ସୁନ୍ଦରୀ କହିଲେ ସେ ଜଳିଯାଏ ମନେ ମନେ । ତା'ଠାରୁ ଆଉ କେହି ବେଶୀ ଗୁଣବତୀ ହୋଇଥିଲେ ସେ ମଧ୍ୟ ସହିପାରେ ନାହିଁ । ତାର ପ୍ରିୟତମ ସହିତ ଅନ୍ୟ କୌଣସି ନାରୀ ମିଶିଲେ ବା କଥା ହେଲେ ତା' ଭିତରେ ଅସୂୟାଭାବ ପ୍ରକାଶପାଏ ।

Digitized by PPRACHIN, SOA

କାରଣ ନାରୀ ଚାହେଁ ସେ ଯାହାକୁ ଭଲ ପାଉଛି ସେ ତାର ସମ୍ପୂର୍ଣ୍ଣ ନିଜର । ତାର ପ୍ରିୟ ପୁରୁଷକୁ ଆଉ କୌଣସି ନାରୀ ଭଲ ନ ପାଉ । ପୁନଶ୍ଚ ତା ପାଖରେ ଅନ୍ୟ କୌଣସି ନାରୀର ରୂପ, ଗୁଣ ଓ କଳାର ପ୍ରଶଂସା କଲେ ସେ ମଧ୍ୟ ସହିପାରେନା । ହିଂସାରେ ସେ ଜଳିଯାଏ । ତା' ଭିତରେ ହିଂସାରୁ ପ୍ରକାଶ ପାଏ ପ୍ରତିହିଂସା । ଏହି ପ୍ରତିହିଂସା ତାର ପ୍ରିୟତମ ପ୍ରତି ପ୍ରକାଶ ପାଏ ଅଲକ୍ଷ୍ୟରେ । ସେ ହିଂସ୍ର ହୋଇ ଉଠେ । ପ୍ରିୟତମର ଯେ ଗୁରୁତର କ୍ଷତି ହୋଇ ଯାଉଛି, ଏକଥା ସେ ଭାବେ ନାହିଁ ।

କନ୍‌ଫୁସିୟସ କହିଥିଲେ ନାରୀର ଉଚିତ ସ୍ଥାନ ଭିତରେ, ପୁରୁଷର ଠିକଣା ସ୍ଥାନ ବାହାରେ । ପ୍ରକୃତିର ସର୍ବୋତ୍ତମ ନିୟମ ହେଉଛି ନାରୀ ଓ ପୁରୁଷକୁ ଯଥାସ୍ଥାନରେ ରଖିବା 'Women's right place is within, man's right place is without. Nature's greatest princ ple is that man and woman should keep their right place' ଯେଉଁଠି ପୁରୁଷ ତାର ଉଚିତ ସ୍ଥାନରୁ ବାହାରି ଆସି ଅନୁଚିତ ସ୍ଥାନକୁ ଚାଲିଆସେ ସେଠି ନାରୀ ଆଉ ସେହି ପୁରୁଷକୁ ସହିପାରେ ନାହିଁ । ତାର ପ୍ରକାଶ ପାଏ ହିଂସାରୁ ପ୍ରତିହିଂସା । ସେ ତାର ସମସ୍ତ ଶକ୍ତି ନେଇ ସେହି ପୁରୁଷକୁ ବିରୋଧ କରିବାକୁ ଆଗେଇ ଆସେ । ତାର ଅବଚେତନରେ ଥିବା ଅହଂବୋଧ ଭୟଙ୍କର ହୋଇଉଠେ । ସାଏଣ୍ଟ ବର୍ଣ୍ଣାର୍ଡ଼ ତେଣୁ କହନ୍ତି, ନାରୀ ହେଉଛି ସଇତାନର ଅଂଗ । 'Woman is the organ of Devil.' ସେହି ସ୍ୱର ସହିତ ସ୍ୱର ମିଳାଇ ସାଏଣ୍ଟ ଆଣ୍ଟୋନ କହନ୍ତି—ନାରୀ ହେଉଛି ସଇତାନ ବାହୁର ଝରଣା, ତାର ଧ୍ୱନି ହେଉଛି ସର୍ପର ସୁ ସୁ ଗର୍ଜନ । "Woman is the fountain of the arm of Devil. Her voice is the hissing of the serpent." ନାରୀକୁ ଏମିତି ଅନେକ ସଇତାନ ବୋଲି କହିଛନ୍ତି । ଏହା ପୁରୁଷର ନାରୀ ପ୍ରତି ଦୃଷ୍ଟିଭଂଗୀ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ପୁରୁଷର ନାରୀକୁ ସହି ନ ପାରିବାର ପ୍ରବୃତ୍ତିରୁ ଏପରି ମନୋଭାବ ପ୍ରକାଶ ପାଇଛି ।

Digitized by PPRACHIN, SOA

ନାରୀକୁ ଇମିତି ଭାବରେ ବ୍ୟବହାର କରିଦେଲେ ହେବ ନାହିଁ । ଯେଉଁ ପୁରୁଷ ନାରୀକୁ ଏପରି ବ୍ୟବହାର କରେ ସେ ନିଜକୁ ପ୍ରଥମେ ନାରୀ ସ୍ଥାନରେ ରଖି ବ୍ୟବହରିବାକୁ ହେବ । ନିଜ ଭିତରେ ନାରୀ ଭାବଟିକୁ ସ୍ଥାନ ଦେଇ ବ୍ୟବହାର ନକଲେ ନାରୀର ପ୍ରକୃତ ସ୍ୱରୂପ ଜଣାଯାଏ ନାହିଁ । ନାରୀ ଦୁଇଟି ଜିନିଷକୁ ଆଦୌ କ୍ଷମାଦିଏ ନାହିଁ । ସେହି ଦୁଇଟି ଜିନିଷ ହେଉଛି ନିଦ୍ରା ଓ ବ୍ୟବସାୟ (Sleep and business) । ନାରୀକୁ ନେଇ ବ୍ୟବସାୟ କଲେ ତା' ଭିତରେ ଥିବା ନାରୀ ଶକ୍ତି କ୍ରମେ ପ୍ରତିହିଂସାପରାୟଣ ହୋଇଯାଏ । ନାରୀ ପାଖରେ ପୁନଶ୍ଚ ଦୁଇଟି ବସ୍ତୁ ସତ୍ୟ; ପ୍ରେମ ଓ ଘୃଣା (Love and hate) । ଏହାର ମଧ୍ୟବର୍ତ୍ତୀ ଅବସ୍ଥା ସେ ଜାଣେନାହିଁ । ଯେଉଁଠି ପ୍ରେମ ପ୍ରକାଶ ପାଏ ସେଇଠି ସେ ନିଜକୁ ସମ୍ପୂର୍ଣ୍ଣ ଅଜାଡ଼ି ଦିଏ । ଯେଉଁଠି ଘୃଣା ଦେଖାଦିଏ ସେଠି ତାର ପ୍ରତିହିଂସା ପ୍ରକାଶ ପାଏ । କାରଣ ସେ ଜାଣେ ପ୍ରେମ ଦାବିରେ ବା ବାଧ୍ୟବାଧକତାରେ ଆସେ ନାହିଁ । ଆସେ ନିଜକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦେବାରେ । ଲୋଜ୍‌କୋ (Lotzko) ଏଥିପାଇଁ କହନ୍ତି—'Love does not mean demanding; it means giving.' ନାରୀକୁ ଯେଉଁଠି ପୁରୁଷ ନିଜର ସ୍ୱାର୍ଥ ପାଇଁ ଲଗାଏ ସେଠି ସେ ପ୍ରତିହିଂସାପରାୟଣା ହୋଇଯାଏ । ସିଏ ଯିଏ ହେଲେ ବି ତାଙ୍କୁ ଆଉ ସେ କ୍ଷମାଦିଏ ନାହିଁ । ସ୍ତ୍ରୀକୁ ବ୍ୟବସାୟରେ ଲଗାଇଲେ ସେ ଆଉ ସ୍ୱାମୀର ହୋଇ ରହେନାହିଁ । ସ୍ୱାମୀ, ସନ୍ତାନ ଓ ପରିବାର ସବୁ ତା' ପାଖରେ ତୁଚ୍ଛ ହୋଇଯାଏ । ଏ କ୍ଷେତ୍ରରେ ଦୋଷ ନାରୀର ନୁହେଁ; ପୁରୁଷର ।

ନାରୀ କୁତ୍ସିତା ଓ ରାକ୍ଷସୀ ହେଲେ ବି ପୁରୁଷର ପ୍ରେମ ଲାଭକଲେ ତା' ଭିତରେ ଦିବ୍ୟପ୍ରେମ ପ୍ରକଟିତ ହୁଏ । ଯେମିତି ରାକ୍ଷସୀ ହିଡ଼ିମ୍ବିକାର ପ୍ରେମ ଭୀମଙ୍କ ପ୍ରତି ଫୁଟି ଉଠିଲା । ହିଡ଼ିମ୍ବିକାର ରାକ୍ଷସୀତ୍ୱ ଲୋପ ପାଇଗଲା ଏବଂ ତା' ଭିତରେ ପ୍ରକାଶ ପାଇଲା ଏକ ଦିବ୍ୟ ଭାବ । ଅପର ପକ୍ଷରେ ନାରୀର ଦିବ୍ୟତ୍ୱ ଭିତରେ ରାକ୍ଷସୀତ୍ୱ ମଧ୍ୟ ପ୍ରକାଶ ପାଇଯାଏ ଯେଉଁଠି ନାରୀ ପୁରୁଷକୁ ଆପଣାର ମନୋମତ ପୁରୁଷ

Digitized by PPRACHIN, SOA

ରୂପେ ପାଇପାରେ ନାହିଁ । ଶାନ୍ତନୁଙ୍କ ପ୍ରତି ଗଙ୍ଗା ଏହି କାରଣରୁ ହୋଇଗଲେ ପ୍ରତିହିଂସାପରାୟଣା । ଆପଣାର ଗର୍ଭଜାତ ସନ୍ତାନମାନଙ୍କୁ ନିର୍ମମ ଭାବରେ ସେ ହତ୍ୟା କଲେ । ଶେଷରେ ସେ ସ୍ୱାମୀର ଭର୍ତ୍ସନାରେ ଚାଲିଗଲେ ସବୁଦିନ ପାଇଁ । କେବଳ ଉପଭୋଗୀ ଦୃଷ୍ଟି ନେଇ ନାରୀକୁ ଆକର୍ଷଣ କଲେ ନାରୀ ଭିତରୁ ପ୍ରକାଶ ପାଏ କ୍ରୋଧ । ସେହି କ୍ରୋଧ ପୁରୁଷକୁ, ସେ ଯେତେ ଶକ୍ତିଶାଳୀ ହୋଇ ଥାଉ ନା କାହିଁକି, ଧ୍ୱଂସ କରିଦିଏ । ପୁରୁଷର ରୁଧିର ପାନ କରିବାକୁ ନାରୀ ଏଇଠି କୁଣ୍ଠା ପ୍ରକାଶ କରେ ନାହିଁ । ପରମ ବସ୍ତୁ ସୃଷ୍ଟି କାରଣାର୍ଥେ ଯୋଗମାୟାଙ୍କୁ ସୃଷ୍ଟି କଲେ । ତତ୍ପରେ ସେ ସୃଷ୍ଟିକଲେ ପଞ୍ଚଦଶ ବ୍ରହ୍ମାଙ୍କୁ । ସେମାନେ ଦେଖିଲେ ଅପୂର୍ବ ଏକ ସୁନ୍ଦରୀ ଯୁବତୀ । ସମସ୍ତଙ୍କ ଭିତରେ ସୃଷ୍ଟି ହେଲା ଦୁର୍ବାର ଉପଭୋଗ କାମନା । ସେମାନଙ୍କ ଭିତରେ ଆଉ କୌଣସି ହିତାହିତ ଜ୍ଞାନ ରହିଲା ନାହିଁ । ଯୋଗମାୟାଙ୍କୁ ଏକାକିନୀ ଦେଖି ତାଙ୍କୁ ଉପଭୋଗ କରିବାକୁ ସମସ୍ତେ ଧାଇଁଲେ । ଯୋଗମାୟା ସେମାନଙ୍କୁ ବୁଝାଇଲେ ଯେ ସେ ଜନନୀ ସ୍ୱରୂପା । ତାଙ୍କ ପ୍ରତି ଏପରି ବ୍ୟବହାର ଉଚିତ ନୁହେଁ । ମାତ୍ର ସେମାନେ କାମାର୍ତ୍ତ । କୌଣସି କଥା ଶୁଣିବାକୁ ସେମାନେ ପ୍ରସ୍ତୁତ ନୁହଁନ୍ତି । ଏଥର ଯୋଗମାୟା କ୍ରୋଧ ପ୍ରକାଶ କଲେ । ତାଙ୍କ କ୍ରୋଧରୁ ଜନ୍ମନେଲେ କେତୁକା ଚଣ୍ଡୀ । ଯୋଗମାୟାଙ୍କ ନିର୍ଦ୍ଦେଶରେ କେତୁକା ଗୋଡ଼ାଇଲେ ପଞ୍ଚଦଶ ବ୍ରହ୍ମାଙ୍କୁ ଖାଇବା ପାଇଁ । ଚଉଦ ଜଣଙ୍କୁ ସେ ଖାଇଦେଲେ । ଶେଷକୁ ଶୂଦ୍ରକ ବ୍ରହ୍ମା ପ୍ରାଣ ବିକଳରେ ପରମବସ୍ତୁଙ୍କ ଶରଣାପନ୍ନ ହେଲେ । ତଥାପି କେତୁକାଙ୍କ ରାଗ ପ୍ରଶମିତ ହେଲା ନାହିଁ । ଦ୍ୱାପର ଯୁଗରେ ସେ ଦ୍ରୌପଦୀରୂପରେ ରାଗ ସୁଝେଇଲେ ଦୁଃଶାସନ ରୂପୀ ଶୂଦ୍ରକ ବ୍ରହ୍ମାଙ୍କ ଉପରେ । ତା' ରକ୍ତପାନ କଲେ । କେତେ ନିଷ୍ଠୁର ଏହି ପ୍ରତିହିଂସା ନୁହେଁ ! କେବଳ ଏତିକି ନୁହେଁ; ଦ୍ରୌପଦୀଙ୍କ ନାରୀତ୍ୱ ଓ ସ୍ତ୍ରୀତ୍ୱକୁ ଅବମାନନା କଲେ ଦୁର୍ଯ୍ୟୋଧନାଦି କୌରବ ଭାଇମାନେ । ରାଜସଭାରେ ତାଙ୍କୁ ଉଲଗ୍ନ କରାଇଲେ । ପ୍ରତିହିଂସାରେ ଦ୍ରୌପଦୀଙ୍କ ଚକ୍ଷୁରୁ ବାହାରିଲା ନିଆଁ । ସେହି ନିଆଁରେ ଜଳିଗଲା ହସ୍ତିନା ରାଜନଗର । ଭାନୁମତୀଙ୍କ ବସ୍ତ୍ରରେ ମଧ୍ୟ ଲାଗିଗଲା ନିଆଁ । ଯେଉଁ କେଶଗୁଚ୍ଛକୁ ଧରି ଦୁଃଶାସନ

Digitized by PPRACHIN, SOA

ତାଙ୍କୁ ଟାଣିଥିଲା, ସେହି କେଶ ସେ ବାନ୍ଧିଲେ ନାହିଁ । ଦୁଃଶାସନ ରକ୍ତରେ ସେ ବେଣୀବନ୍ଧନ କଲେ । ନାରୀର ପ୍ରତିହିଂସା କେଡ଼େ ଭୟଙ୍କର ଏଥିରୁ ଜଣାଯାଏ ନାହିଁ କି ?

ସୀତା ଏତେ ସରଳା ଆଉ ସୁଧୀରା ! ଅଥଚ ତାଙ୍କର ଲୁହ ସୁନା ଲଙ୍କାକୁ ଚୂନା କରିଦେଲା ନାହିଁ କି ? ସହସ୍ରାସୁର ରାବଣକୁ ସେ ଉଦ୍ଧାଳ ବିକଳ କରାଇ ମାରିଦେଲେ ନାହିଁ କି ? ଦୁର୍ଗାଙ୍କ ମୋହିନୀ ରୂପରେ ବଶୀଭୂତ ହୋଇ ତାଙ୍କର ମାତୃଶକ୍ତିକୁ ଉପଭୋଗୀ ଦୃଷ୍ଟିରେ ମହିଷାସୁର ଚାହିଁବାରୁ ସେ ତାକୁ ହତ୍ୟାକଲେ । ମୋହିନୀ ରୂପରୁ ସେ ହୋଇଗଲେ ମହାକାଳୀ । ବେକରେ ନୃମୁଣ୍ଡମାଳ । ଭୟଙ୍କର ହୋଇ-ଗଲା ତାଙ୍କର ରୂପ । ବ୍ରହ୍ମାଦି ଦେବଦେବୀଙ୍କ ସ୍ତୁତି ତାଙ୍କୁ ଶାନ୍ତ କରି ପାରିଲା ନାହିଁ । ଶେଷକୁ ଶିବ ତାଙ୍କ ପାଦ ତଳେ ଶୋଇଗଲେ । ଇମିତି ପୁରାଣରୁ କେତେ ନାଇଁ କେତେ ଦୃଷ୍ଟାନ୍ତ ପ୍ରଦାନ କରାଯାଇପାରେ । ଇତିହାସରେ ମଧ୍ୟ ଏହାର ଦୃଷ୍ଟାନ୍ତ ବିରଳ ନୁହେଁ । ଯେଉଁଠି ନାରୀ ଅନୁଭବ କରେ ଯେ ପୁରୁଷ କେବଳ ଉପଭୋଗୀ ଦୃଷ୍ଟି ନେଇ ତାକୁ ନିଃଶେଷ କରି ଦେବାକୁ ଧାଇଁ ଆସୁଛି, ସେଠି ସେ ତାର ପ୍ରତିହିଂସାର ବିଶ୍ୱରୂପକୁ ପ୍ରକାଶ କରିଦିଏ । ପ୍ରଳୟ ସୃଷ୍ଟି କରେ । ନୃମୁଣ୍ଡମାଳା କରି ପିନ୍ଧିବାକୁ ସେ ଭଲପାଏ । ସେତିକିବେଳେ ପୁରୁଷ ଶିବ ହୋଇ ତା' ପାଦତଳେ ଶୋଇଯାଏ । ନିଜକୁ ସମର୍ପି ଦିଏ । ନାରୀର ପ୍ରତିହିଂସା ପ୍ରଶମିତ ହୁଏ । ନାରୀ ପ୍ରତିହିଂସା ନିଏ ନାନା ଭାବରେ । କେଉଁଠି ସେ ନିଜେ ମହାକାଳୀ ରୂପ ଧାରଣ କରି ପ୍ରତିହିଂସା ନିଏ । କେଉଁଠି ସେ ସୌମ୍ୟ ଶାନ୍ତ ଅବସ୍ଥା ଭିତରେ ମଧ୍ୟ ପ୍ରତିଶୋଧ ନେଇଯାଏ । ନାରୀର ରୁଚି ଓ ସ୍ୱାତନ୍ତ୍ର୍ୟ ଉପରେ ପୁରୁଷ ହସ୍ତକ୍ଷେପ କଲେ ନାରୀ ସ୍ଥିର ହୋଇ ରହିପାରେ ନାହିଁ । ଲକ୍ଷ୍ମୀ ଚଣ୍ଡାଳୁଣୀ ଘରକୁ ଯାଇଥିଲେ ବୋଲି ବଳଭଦ୍ର ଓ ଜଗନ୍ନାଥ ତାଙ୍କୁ ଶ୍ରୀମନ୍ଦିରକୁ ପୂରାଇ ଦେଲେ ନାହିଁ । ଲକ୍ଷ୍ମୀ ଫେରି ଆସିଲେ ସତ; ମାତ୍ର ଜଗନ୍ନାଥ ଓ ବଳଭଦ୍ରଙ୍କୁ ନାକରେ କନ୍ଦେଇ ଦେଲେ । ଶେଷକୁ ଲକ୍ଷ୍ମୀଙ୍କର ଶରଣାପନ୍ନ ହେଲେ ସେମାନେ । ନାରୀ ହୁଏତ ପରିସ୍ଥିତି 'ଉପରେ ଅସହାୟା ହୋଇଯାଏ,

Digitized by PPRACHIN, SOA

ମାତ୍ର ତାର ଯେଉଁ ରୁଦ୍ର ବିଳାପ ପ୍ରକାଶ ପାଏ ତାହା ପ୍ରଳୟାଗ୍ନି ସୃଷ୍ଟି କରିଦିଏ ।

ନାରୀ ପ୍ରେମ ଓ କରୁଣାର ମୂର୍ତ୍ତିମତୀ ଦେବୀ । ମାତ୍ର ତାର ସେହି ଶକ୍ତିକୁ ଯେଉଁଠି ଅବହେଳା କରାଯାଏ, ଯେଉଁଠି ତାର ମାତୃତ୍ୱକୁ ନିର୍ଯ୍ୟାତନା ଦିଆଯାଏ, ସେଇଠି ତାର ନାରୀତ୍ୱ ହୁଏ କ୍ରୋଧାନ୍ୱିତ । ସେ ସହେ । ଗୋଟାଏ ସୀମା ପର୍ଯ୍ୟନ୍ତ ସହେ । ସୀମା ଟପିଗଲେ ସେ ଆଉ ସହେ ନାହିଁ । ସେ ହୁଏ ଭୟଙ୍କରୀ । ପରିବାର ଭିତରେ ସେ ନିର୍ଯ୍ୟାତିତା ହେଲେ ସେହି ପରିବାର ହୋଇଯାଏ ଅଶାନ୍ତ ଓ ବିକ୍ଷୁବ୍ଧ । ସେଠି ନାରୀ ହିଂସାରୁ ହୋଇଯାଏ ପ୍ରତିହିଂସା ପରାୟଣା । ସାମାଜିକ ସ୍ତରରେ ଯେତେବେଳେ ତାର ନାରୀତ୍ୱ ପ୍ରତି ଅବମାନନା ଦେଖାଦିଏ ସେତେବେଳେ ସେ ମଧ୍ୟ ପ୍ରତିହିଂସା ପ୍ରକାଶ କରେ । ରାଜନୀତି, ଧର୍ମ, ସଂସ୍କୃତି ସବୁ କ୍ଷେତ୍ରରେ ତାକୁ ସଂକୀର୍ଣ୍ଣ କରିଦେଲେ ଅଥବା ତାକୁ ନେଇ ପୁରୁଷର ସ୍ୱାର୍ଥ ପ୍ରକାଶ ପାଇଲେ ସେ ପ୍ରତିହିଂସା ପ୍ରକାଶ କରେ । ନିଜକୁ ସେ ଅସହାୟା ଭାବରେ ଛାଡ଼ିଦେଇ ପୁରୁଷର ଦୟାର ପାତ୍ରୀ ହୁଏ ନାହିଁ । ତାର ସ୍ୱାଭିମାନ ଅଛି, ସ୍ୱାତନ୍ତ୍ର୍ୟ ଅଛି, ଆତ୍ମମର୍ଯ୍ୟାଦାବୋଧ ଅଛି । ସ୍ନେହ, ମମତା, ପ୍ରେମ ଓ ତ୍ୟାଗ ପାଇଁ ସେ ନିଜକୁ ସମର୍ପି ଦିଏ । ଘୃଣା, ଦ୍ୱେଷ, ହିଂସା ପାଇଁ ସେ ହୁଏ ପ୍ରତିହିଂସାପରାୟଣା । ତାର ପ୍ରତିହିଂସା ତାର ସ୍ୱାର୍ଥ ପାଇଁ ନୁହେଁ; ସମାଜ କଲ୍ୟାଣ ପାଇଁ । ସଇତାନମାନଙ୍କୁ ସେ ବିନାଶ କରିବାକୁ ଆଗେଇ ଆସେ । ତାର ଯୌନଜୀବନକୁ ନେଇ ପ୍ରତାରଣା କଲେ, ଖେଳ ଖେଳିଲେ, ସେ ହୁଏତ ସମାଜ ଚକ୍ଷୁରେ ପତିତା ହୁଏ, ଘୃଣ୍ୟା ହୋଇଯାଏ ମାତ୍ର ତା ଭିତରେ କେମିତି ଗୋଟାଏ ସମଗ୍ର ସମାଜ ବ୍ୟବସ୍ଥା ପ୍ରତି ପ୍ରତିହିଂସା ଦେଖାଦିଏ । ସେ ନିଜେ ଜଳେ ଓ ଅନ୍ୟକୁ ଜଳାଏ । ସତୀ ପରି ସେ ଯଜ୍ଞକୁଣ୍ଡରେ ଆହୁତି ଦେଇଦିଏ । ଦକ୍ଷଙ୍କ ମୁଣ୍ଡ କଟିଯାଏ । ଛେଳି ମୁଣ୍ଡ ଲାଗେ । ଦ୍ରୌପଦୀଙ୍କ ପରି ତାର ଖପରରୁ କେହି ରକ୍ଷା ପାଏନାହିଁ । କେତେ ପ୍ରତିହିଂସାପରାୟଣା ଏଇ ନାରୀଟି ନୁହେ କହିଲେ !

Digitized by PPRACHIN, SOA

ପନ୍ଦେହ କ ମଣିଷ ଯୌନଜାତ । ଅସୀମ ଜୀବନର ତେଣୁ ସେ ସୀମାବଦ୍ଧ ବାହକ । ଜେ: ଜ: ଓ୍ୱାଟଜେସ୍ (J. G. Wattjes) କହନ୍ତି, 'We are sexual beings, this is proof that we are finite bearers of infinite life.' ପ୍ରତ୍ୟେକଙ୍କ ଭିତରେ ଅଛି ଅସୀମ ପ୍ରତି ଆକାଂକ୍ଷା । କାହାର ପ୍ରକାଶ୍ୟ, କାହାର ଅପ୍ରକାଶ୍ୟ, କାହାର ବେଶୀ, କାହାର କମ୍, କାହାର ଅବଦମିତ, କାହାର ପ୍ରକାଶୋନ୍ମୁଖୀ । ଅସୀମକୁ ଛାଡ଼ି ସସୀମ ପ୍ରତି ଯିଏ ଆସକ୍ତ ହୁଏ ତାର ଭିତରେ ଉପଭୋଗ ତୃଷ୍ଣା ପ୍ରବଳ ହୋଇଯାଏ । ସିଏ ଧରିକୁ ସବୁ ମନେକରେ । ନାରୀ-ତୃଷ୍ଣା ତାର ହୁଏ ସୁତୀବ୍ର । ତା ପାଖରେ କୌଣସି ନୀତି ବା ଆଦର୍ଶ ରହେ ନାହିଁ । ସବୁ ଅନୀତି ତାର ହୋଇଯାଏ ନୀତି । ନାରୀକୁ ସେ କ୍ରୀଡ଼ନକ ମନେକରେ । ଅମ୍ବାପାଲୀ ପରି ନାରୀକୁ ଗଣଭୋଗ୍ୟା କରି ଦିଆଯାଏ । ତାର ଭିତରୁ ପୁଣି ପ୍ରକାଶ ପାଏ ସ୍ୱାଭିମାନୀ ବ୍ୟକ୍ତିତ୍ୱ । ସେହି ବ୍ୟକ୍ତିତ୍ୱ ଭିତରେ ନିଆଁ ଲାଗେ । ଦପ୍‌ଦପ୍ ହୋଇ ସେ ଜଳିଉଠେ । ତା ପରେ ସେ ନିଏ ପ୍ରତିହିଂସା । ଉପଭୋଗୀ ବିମ୍ବିସାରକୁ ଉପେକ୍ଷା କରି ଭଗବାନ ଅମିତାଭଙ୍କର ଶରଣାପନ୍ନା ହୋଇଯାଏ । ନାରୀ ତେଣୁ ଅସ୍ପୃଶ୍ୟର କନ୍ୟା ନୁହେଁ, ନରକର ଦ୍ୱାର ନୁହେଁ, ଶାନ୍ତିର ଶତ୍ରୁ ନୁହେଁ । ତାର ନାରୀତ୍ୱକୁ ଉତ୍ତକ୍ଷିପ୍ତ କରାଇଦେଲେ ସେ ହୋଇଯାଏ ଭିସୁଭିୟସ୍ ଏବଂ ସେଇଠି ତାର ପ୍ରତିହିଂସା ପ୍ରକାଶ ପାଏ । ନାରୀର ପ୍ରତିହିଂସା ପାଇଁ ନାରୀ ଯେତିକ ଦାୟୀ ନୁହେଁ, ଅଧିକ ଦାୟୀ ପୁରୁଷ ସମାଜ ।

ନାରୀ କଲ୍ୟାଣମୟୀ । ବିଶ୍ୱର ମଙ୍ଗଳ ତାର କାମନା । ନାରୀକୁ କାମପ୍ରବୃତ୍ତିର ଏକମାତ୍ର ଜୀବନ୍ତ ଗନ୍ତାଘର କହିଦେଲେ ଠିକ୍ ହେବ ନାହିଁ । ଆମ ଭିତରେ ସେ ପ୍ରେମକୁ ଦେଖେ । ତା' ପାଖରେ କାମ ହୋଇଯାଏ ପ୍ରେମ । ତାହାହିଁ ଅପ୍ରାକୃତ ପ୍ରେମ । ପ୍ରେମାସ୍ୱାଦ ପ୍ରତି ତାର ଅନ୍ତରରୁ ଝରି ଆସେ ମମତାର ଅବାରିତ ଧାରା । ନାରୀ ମଧ୍ୟ ପୁରୁଷକୁ ରକ୍ଷା କରେ ସମସ୍ତ ଶକ୍ତି ଦେଇ । ମୁର ଦାନବ ଯେତେବେଳେ ଇନ୍ଦ୍ରାଦି ଦେବତାଙ୍କୁ ବିପର୍ଯ୍ୟସ୍ତ କରି ଦେଲା ସେତେବେଳେ ସେମାନେ

Digitized by PPRACHIN, SOA

ସମସ୍ତେ ଭଗବାନଙ୍କୁ ନିବେଦନ କଲେ । ଭଗବାନ ଦେବତାମାନଙ୍କୁ ଆଶ୍ୱାସନା ଦେଲେ ଓ ନିଜେ ଯୁଦ୍ଧକୁ ଆସିଲେ, ମାତ୍ର ଦେବତାମାନେ ଏଥର ମଧ୍ୟ ପରାଜିତ ହେଲେ । ନିଜେ ବିଷ୍ଣୁ ଯୁଦ୍ଧରେ କ୍ଳାନ୍ତ ଅନୁଭବ କରି ବଦ୍ରିନାରାୟଣ ପାଖରେ ବାରଯୋଜନ ବ୍ୟାପୀ ଗୋଟିଏ ଗୁମ୍ଫାରେ ଉପରକୁ ଦୃଷ୍ଟି ରଖି ଯୋଗ ନିଦ୍ରାରେ ଶୋଇଗଲେ । ମୁରାସୁର ବିଷ୍ଣୁଙ୍କୁ ଖୋଜି ଖୋଜି ସେହି ଗୁମ୍ଫାରେ ପ୍ରବେଶ କଲା । ବିଷ୍ଣୁଙ୍କୁ ପ୍ରହାର କରିବାକୁ ଉଦ୍ୟତ ହେବା ମାତ୍ରେ ସେଇଠି ବିଷ୍ଣୁଙ୍କ ଦେହରୁ ନାରୀଟିଏ ଆବିର୍ଭୂତ ହେଲା । ସେ ଅସୁରକୁ ମନାକଲେ ଶୟନରତ ବ୍ୟକ୍ତିଙ୍କୁ ହତ୍ୟା କରିବା ଅନୁଚିତ । ଅସୁର କିନ୍ତୁ କର୍ଣ୍ଣପାତ କଲା ନାହିଁ । ସେହି କନ୍ୟା ଅସୁର ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଗଲା ଏବଂ ଯୁଦ୍ଧରେ ମୁରାସୁରକୁ ନିହତ କଲା । ବିଷ୍ଣୁ ହଠାତ୍ ନିଦ ଭାଙ୍ଗି ଉଠିପଡ଼ି ଅସୁର ନିହତ ହୋଇ ପଡ଼ିଥିବା ଦେଖିଲେ । ସେହି କନ୍ୟା ଅସୁରକୁ ବିନାଶ କରିଥିବାରୁ ତାକୁ ବରଦେଲେ ଯେ ତୀର ନାମ ହେବ ଏକାଦଶୀ । ଏକାଦଶୀ ତିଥିରେ ସେ ପୂଜା ପାଇବ । ତାର ପୂଜା ଦ୍ୱାରା ସ୍ୱୟଂ ବିଷ୍ଣୁ ମଧ୍ୟ ପୂଜାପାଇବେ । ଏଇ କ୍ଷେତ୍ରରେ ଏକାଦଶୀ ଯୁବତୀ ହୋଇ ମଧ୍ୟ ପ୍ରବଳ ପ୍ରତାପୀ ଅସୁରକୁ ବିନାଶ କରିଦେଇ ଦେବ ଓ ମାନବ ଆଦି ସକଳ ଜୀବମାନଙ୍କର କଲ୍ୟାଣ କରି ପାରିଛନ୍ତି । ଅଥଚ ଏକାଦଶୀ ବ୍ରତ ନିଷ୍ଠା ସହକାରେ ପାଳନ କରୁଥିବା ରାଜା ରୁକ୍ମାଙ୍ଗଦ ଏକ ମୋହିନୀ କନ୍ୟା କବଳରେ ପଡ଼ିଗଲେ । ଏଡ଼େବଡ଼ ଧର୍ମପ୍ରାଣ ରାଜା ନାରୀର ମୋହିନୀ ମାୟାରେ ଭୁଲିଲେ । ନାରୀର ରୂପ-ସୌନ୍ଦର୍ଯ୍ୟ କିପରି ପରମ ଧାର୍ମିକକୁ ମଧ୍ୟ ପଥଭ୍ରଷ୍ଟ କରାଇଦିଏ ତାହା ଏଥିରୁ ଜଣାଯାଏ । ମୋହିନୀ ସୁନ୍ଦରୀ । ରାଜାଙ୍କୁ ଏକ ସର୍ତ୍ତ କରାଇ ବିବାହ କଲା । ସେହି ସର୍ତ୍ତ ହେଉଛି ସେ ଯାହା କହିବ ରାଜା ତାକୁ ମାନିନେବେ । ନାରୀର ରୂପ-ସୌନ୍ଦର୍ଯ୍ୟରେ ମୋହଗ୍ରସ୍ତ ବ୍ୟକ୍ତି ନିଜତ୍ୱକୁ ହରାଇ ଦିଏ । ସେ ନାରୀ-ଉପଭୋଗକୁ ଏକମାତ୍ର ସତ୍ୟ ମନେକରେ । ରାଜା ରୁକ୍ମାଙ୍ଗଦ ମୋହିନୀ କଥାକୁ ମାନିନେଲେ । ନିଜର ଧର୍ମପତ୍ନୀ ହେଲେ ମୋହିନୀର ଦାସୀ । ସ୍ୱାମୀର ମଙ୍ଗଳ ପାଇଁ ସେ ନିଜର ସ୍ୱାଭିମାନକୁ ଭୁଲିଗଲେ । ମୋହିନୀ କନ୍ୟା ପୁଣି

Digitized by PPRACHIN, SOA

ବାଧ୍ୟ କରନ୍ତି ରାଜା ଏକାଦଶୀବ୍ରତ ପାଳନ କରିବେ ନାହିଁ । ଧର୍ମ ସଙ୍କଟରେ ପଡ଼ିଲେ ରାଜା । କଣ କରିବେ ? ନାରୀ ନେଉଛି ତାଙ୍କ ଉପରେ ପ୍ରତିହିଂସା । ଏଇ ନାରୀ ପ୍ରେମ ପାଇଁ ଆସିନାହିଁ; ଆସିଛି ପ୍ରତିହିଂସା ନେବା ପାଇଁ । ଅବଶେଷରେ ମୋହିନୀ କହିଛି ଯେ ରାଜା ଯଦି ନିଜ ପୁତ୍ର ଧର୍ମାଙ୍ଗଦର ଶିର ନିଜ ହାତରେ ଛେଦନ କରି ତାଙ୍କୁ ଖାଇବାକୁ ଦେବେ ତେବେ ସେ ଏକାଦଶୀ ବ୍ରତ ପାଳନ କରି ପାରିବେ । ଏପରି ଏକ ଭୟଙ୍କର ପ୍ରସ୍ତାବରେ ରାଜା କିଂକର୍ତ୍ତବ୍ୟବିମୂଢ଼ ହୋଇଗଲେ । ରାଣୀ ଓ ପୁତ୍ର ଧର୍ମାଙ୍ଗଦ ମୋହିନୀର ପ୍ରସ୍ତାବକୁ ସ୍ୱୀକାର କରିନେଲେ । ରାଣୀ କହିଲେ ସ୍ୱାମୀର ମଙ୍ଗଳ ପାଇଁ ସେ ସବୁକିଛି ତ୍ୟାଗ କରିବାକୁ ପ୍ରସ୍ତୁତ । ଧର୍ମାଙ୍ଗଦ ମଧ୍ୟ ପିତାଙ୍କ ମଙ୍ଗଳ ପାଇଁ ନିଜେ ପ୍ରସ୍ତୁତ ହୋଇଗଲେ । ରାଜା ତରବାରୀ ଧରି ପୁତ୍ରକୁ ହାଣିବାକୁ ଉଦ୍ୟତ ହୁଅନ୍ତେ ସ୍ୱୟଂ ବିଷ୍ଣୁ ଉପସ୍ଥିତ ହୋଇ ତାଙ୍କ ହାତ ଧରି ପକାଇଛନ୍ତି । ରାଜା, ରାଣୀ ଓ ପୁତ୍ରଙ୍କୁ ସ୍ୱଦେହରେ ବୈକୁଣ୍ଠକୁ ପଠାଇଛନ୍ତି । ପ୍ରତି-ହିଂସାପରାୟଣା ମୋହିନୀ ହୋଇଛି ସବୁଠି ଭର୍ତ୍ସିତା । କେଉଁଠି ତାକୁ ସ୍ଥାନ ମିଳିନାହିଁ । ଶେଷରେ ତାକୁ ରଖାଗଲା ଦଶମୀ ଯୁକ୍ତ ଏକାଦଶୀରେ । ସେ ହୋଇଗଲା ସବୁଦିନ ପାଇଁ ଅଶୁଭର ସଙ୍କେତ । ଅତଏବ ନାରୀ ଯେଉଁଠି ବିନା କାରଣରେ ପ୍ରତିହିଂସାପରାୟଣା ହୋଇଯାଏ, ସେଠି ତାର ନିଜର ହୋଇ ଯାଏ ଚରମ ବିପର୍ଯ୍ୟୟ । ତାକୁ ଆଉ ତ୍ରିଭୁବନରେ ସ୍ଥାନ ମିଳେ ନାହିଁ ।

ନାରୀର ପ୍ରତିହିଂସା ଦରକାର ଯେଉଁଠି ତାକୁ ଅବମାନନା କରାଯାଏ, ଘୃଣା କରାଯାଏ, ଅସ୍ୱୀକାର କରାଯାଏ ଓ ତାକୁ ପଣ୍ୟ ଏବଂ ଭୋଗର ସାମଗ୍ରୀ କରାଯାଏ । ନାରୀର ପ୍ରତିହିଂସା ଶାନ୍ତ ହୋଇଗଲେ ସେ ପୁଣି ଆସିଯାଏ କଲ୍ୟାଣମୟୀ ଅବସ୍ଥାକୁ । ପୁରୁଷର ନାରୀପ୍ରତି ଅବମାନନା ଓ ଆପଣାର ସ୍ୱାର୍ଥ ଏବଂ ପ୍ରତିଷ୍ଠା ପାଇଁ ନାରୀକୁ ଅସ୍ତ୍ରରୂପେ ବ୍ୟବହାର କରିବା ଦ୍ୱାରା ନାରୀ ଭିତରେ ପ୍ରତିହିଂସା ପ୍ରକାଶପାଏ ଏବଂ ଏହି ପ୍ରତିହିଂସା ପୁରୁଷର ପ୍ରତିହିଂସାଠାରୁ ଯେ ବହୁଗୁଣରେ ଭୟଙ୍କର ଏ କଥାକୁ ଅସ୍ୱୀକାର କରାଯାଇ ନ ପାରେ ।

Digitized by PPRACHIN, SOA

ଘରକୁ ସୁନ୍ଦର ସିଏ ଘରଣୀ ଥିଲେ

ଘର ଘର ଘର । ଘରଇ ସରଗ । ଘର ଯଦି ଠିକ୍ ନରହେ ଜୀବନର ସବୁ ସୁଖଶାନ୍ତି ଉଡ଼ିଯାଇ ଯାଏ । ଘର ହୋଇଯାଏ ବିଷ । ଘରକୁ ପଶିଗଲେ ଭୂତ ଗୋଡ଼େଇଲା ପରି ଲାଗେ । ଘରର ଲକ୍ଷ୍ମୀ ଘରଣୀ । ଘରଣୀ ନଥାଇ କି ଘର ? ଖାଣ୍ଟି ଘରଣୀ ଘରକୁ ବାଗେଇ ନିଏ । ଘରକୁ ସରଗରେ ପରିଣତ କରିଦିଏ । ସେ ଆସିଥାଏ ଆଉ କେଉଁ ଏକ ଘରୁ । କେଉଁ ଘରେ ତାର ଜନମ । ବାପା ମାଆ, ଭାଇ ଭଉଣୀ, ସାଙ୍ଗ ସୁଖ, ସାଇ ପଡ଼ିଶା, ଗାଁ, ବିଲବଣ, ଖୁଦୁରୁକୁଣୀ ଓଷା, ପୁଚିଖେଳ, ରଜଦୋଳି, ସବୁ ଛାଡ଼ି ଦେଇ ସେ ଆଉ ଗୋଟାଏ ଘରକୁ ଘରଣୀ ହୋଇ ଆସେ । ଅଭିଆଡ଼ୀ ବୟସର ବୁଲାଫାଙ୍କିଆ ଢଙ୍ଗରଙ୍ଗ ହଠାତ୍ ବଦଳିଯାଏ । ସେ ହୋଇଯାଏ ପକ୍କା ଘରଣୀ । କାଉ ନ ରାବୁଣୁ ସେ ବିଛଣାରୁ ଉଠି ଗାଧୋଇ ପାଧୋଇ ଆସି ଘରକାମ କରିଯାଏ । ବାସି ପାଇଟି ସାରି ଶାଶୁ ଶଶୁର ଦିଅର ନଣନ୍ଦ ସମସ୍ତଙ୍କ କଥା ବୁଝେ । ସ୍ୱାମୀ କ'ଣ ଟିକେ ଅବାଗିଆ ହେଲେ ବୁଝେଇ ଦିଏ ଠିକ୍ ଜଣେ ପୋଖତ ଗୁରୁ ପରି । ସେ ପୁଣି ସ୍ୱାମୀ ପାଖରେ ହୋଇଯାଏ ସ୍ନେହମୟୀ ମାଆ ପରି । ସେ ଏକାଧାରରେ ମାଆ, ସ୍ତ୍ରୀ ଆଉ ଭଉଣୀ । ମୋଟ ଉପରେ ସେ ହୋଇଯାଏ ଖୋଦ୍ ଘରଣୀ । ତାର କଥାରେ ଝରେ ମଧୁ । ହସରେ ଝରେ ଅମୃତ । ସବୁ ସୁଖ ଦୁଃଖକୁ ସେ ଆପଣେଇ ନିଏ । ପିଲାଝିଲା ହେଲେ ସେମାନଙ୍କର ଯତ୍ନ ନିଏ । ସେମାନଙ୍କୁ ମଣିଷ କରେ । ଦିନେ ଯେଉଁ ଅସନା ଆବର୍ଜନାକୁ ଦେଖିଲେ ସେ ନାକ ଟେକୁଥିଲା, ସେସବୁ ପୁଣି ତାର ଦେହଢଷିଆ ହୋଇଯାଏ । ଘରର ଯାବ-ତୀୟ ହାନିଲାଭ ସେ ବୁଝେ । ଘରେ ସେ ଯେମିତି ହୋଇଯାଏ ସାମ୍ରାଜ୍ଞୀ । ତା କଥାକୁ ସମସ୍ତେ ମାନି ନିଅନ୍ତି । କିଏ କ'ଣ ଖାଇବ, କିଏ କ'ଣ ପିନ୍ଧିବ, କିଏ କ'ଣ ନାଇବ—ସବୁ କଥା ସେ ତନଖି କରିନିଏ ।

Digitized by PPRACHIN, SOA

କାହାକୁ କେମିତି ବ୍ୟବହାର କରିବାକୁ ହେବ, ଅତିଥି ଅଭ୍ୟାଗତ କୁଣିଆ ମଇତ୍ର ଆସିଲେ ସେମାନଙ୍କୁ କିପରି ସତ୍କାର କରିବାକୁ ହେବ, ଚାକର ବାକରଙ୍କୁ କେମିତି ଚଳାଇବାକୁ ହେବ—ସବୁ କଥା ସେ ବୁଝେ। ସେ ଘରର ଅର୍ଥମନ୍ତ୍ରୀ ଆଉ ଘରୋଇ ମନ୍ତ୍ରୀ । ସୁଚାରୁ ରୂପେ ସେ ଘରକୁ ଚଳାଇ ନିଏ । କାହାର କିଛି ତା' ଶାସନରେ ଅଭିଯୋଗ ନଥାଏ । ତେଣୁ ସେ ହୁଏ ସୁଗୃହିଣୀ । ତାକୁ ହିଁ କୁହାଯାଏ ଘରଣୀ ଚେତାଳ । କଥାରେ ନାହିଁ—"ପୋତାଶାଳ, ଉଷତାଳ, ରୁଅ ଚହେନ୍ତାଳ, ଘରଣୀ ଚେତାଳ—ସେ ଘରଯାଏ ଅପାର କାଳ ।"

ଏଇ ଚେତାଳ ଘରଣୀ ଆପଣାର ରୂପର ଭେଳକ ଦେଖାଏ ନାହିଁ । ନିଜକୁ ଆଧୁନିକା ସଜେଇ ଫର୍ଡ଼୍ ଫର୍ଡ଼୍ ହୁଏ ନାହିଁ । ହାଇହିଲ୍ ଜୋତା ପିନ୍ଧି ବ୍ୟୁଟିପାର୍ଲରକୁ ପଶିଯାଏ ନାହିଁ । କ୍ଲବ୍, ପାର୍ଟି, ଡିନର ଆଟେଣ୍ଡ କରେ ନାହିଁ । ଫେସନବାଜିକୁ ସେ ପସନ୍ଦ କରେ ନାହିଁ । ଦେହକୁ ସେ ବିପଣୀ କରି ସଜାଏ ନାହିଁ । ପଶ୍ଚିମ ଦେଶରୁ ବୋହି ଆସୁଥିବା ନାନା ହରରଙ୍ଗୀ ଫେସନକୁ ସେ ସ୍ୱାଗତ କରେ ନାହିଁ । ସିନେମା ନାୟିକାର ଗୃହଚଳଣୀକୁ ସେ ଭଲ ପାଏ ନାହିଁ । ସେ ଆପଣାର ସଂସ୍କୃତିକୁ ସମ୍ମାନ ଦିଏ; ଆପଣା ସମାଜର ଗୃହାଣୀ, ଚଳଣୀ ଓ ଚମକକୁ ମାନ୍ୟତା ଦିଏ । ହାଟରେ ବାଟରେ ବୁଲି ନିଜର ବାହାଦୂରୀ ଦେଖାଏ ନାହିଁ । ନିଜ ଘରକୁ ସମ୍ଭାଳେ । ନିଜ ବୁନିୟାଦିକୁ ବଜାୟ ରଖେ । ସେ ଜାଣେ—"ସବୁ ଯାଉ, ମହତ ଗଲେ ନମିଲେ ଆଉ" । ଘର ଠିକ୍ ନହେଲେ ହାଟର କ'ଣ ମୂଲ୍ୟ ଅଛି ? ଘର ଭାଙ୍ଗିଗଲେ ଦେଶ ରହେ କି ? ଘରକୁ ନେଇ ଗାଁ । ଗାଁକୁ ନେଇ ଦେଶ । ଘର ହିଁ ମୂଳ । ଘରକୁ ସଜାଡ଼ିବା ମୁଖ୍ୟ କଥା । ଚେତାଳ ଘରଣୀ ଏଇ କଥାଇ ବୁଝେ । ଘରକୁ ନ ସଜାଡ଼ି ଦେଶକୁ ସଜାଡ଼ିବାକୁ ଅଣ୍ଟାଭିଡ଼ି ବାହାରି ପଡ଼ିଲେ ଲାଭ କ'ଣ ? ମୂଳଦୁଆ ଟାଣ ଥିଲେ ଘର ମଜଭୁତ ହୋଇ ରହେ । ମୂଳଦୁଆ ଦୁର୍ବଳ ଥିଲେ ଘର କ'ଣ ରହେକି ? ଏବେ ସଭିଏଁ ମୂଳଦୁଆ ଛାଡ଼ି ଆଗକୁ ଧାଉଁଛନ୍ତି । ଯେଉଁ ଡାଳରେ ବସିଛନ୍ତି ସେଇ ଡାଳକୁ ହାଣୁଛନ୍ତି । କିଏ ବୁଝୁଛି କ'ଣ ହେବ ଅବସ୍ଥା ?

Digitized by PPRACHIN, SOA

ଯେଉଁ ଶୁଆ ହରିନାମ ନ ଗାଇଲା, ସେପରି ଶୁଆକୁ ପୋଷି ଲାଭ କ'ଣ ? ଘରଣୀ ଯଦି ସ୍ୱାମୀ ସେବା ନ କଲା ସେପରି ଘରଣୀର ମୂଲ୍ୟ କ'ଣ ? ହରିନାମ ନ ଭଜିଲେ କି ହେବ ଶୁଆ ପୋଷିଲେ ? ସ୍ୱାମୀ ସେବା ନ କଲେ କି ହେବ ଘରଣୀ ହେଲେ । ସ୍ତ୍ରୀ ହେବା ସହଜ । ଭଲ ହେଉ ମନ୍ଦ ହେଉ ବାହା ହୋଇଗଲେ ସ୍ତ୍ରୀର ମର୍ଯ୍ୟାଦା ମିଳିଯାଏ । ବାଉଁଶ ପାଣି ତ ପଡ଼ିଗଲା ! ତେଣିକି ଆଉ ଭୟ କ'ଣ ? ଘରଣୀ ହେବା କିନ୍ତୁ ଏତେ ସହଜ ନୁହେଁ । ଘରଣୀ ହେବାକୁ ହେଲେ ନିଜ ସ୍ୱାର୍ଥକୁ ତ୍ୟାଗ କରିବାକୁ ହୁଏ । ଚାରି ପ୍ରାଣ ହୁଏ ଦାତବ୍ୟ । ତ୍ୟାଗ ଆଉ ସେବା, ପ୍ରେମ ଆଉ ମମତା—ଘରଣୀପଣିଆର ମାପକାଠି । ଏସବୁ ନଥିଲେ ଘରଣୀ ପଣିଆ ମିଳେକି ? ଘରଣୀ ହୋଇ ଯଦି ତୋର ମୋର ଭାବ ଆସିଯାଏ, ତେବେ ଘର ଭାଙ୍ଗିଲା । ଘରଣୀକୁ ତେଣୁ ପଦେପଦେ ଜଗି ଚଳିବାକୁ ହୁଏ । ଘରଣୀ ଅର୍ଥ ନୁହେଁ ଯେ କେବଳ ରୂପର ମାୟା ଜାଲ ବିଛେଇ ସ୍ୱାମୀକୁ ଭୁଲେଇ ରଖିବା । ଘର ଭସି ଯାଉପଛେ ସ୍ୱାମୀ ଯୁଆଡ଼େ ସେ ସିଆଡ଼େ । ସତ କଥା ଯେ, ହେଲେ ଘର କଥା କ'ଣ ହେବ ? ଘର ତ ଖାଲି ସ୍ୱାମୀ ସ୍ତ୍ରୀକୁ ନେଇ ନୁହେଁ ? ସେମାନଙ୍କ ସୁଖ କ'ଣ ଖାଲି ଦେହ ସୁଖ ? ଦେହର ଲାବଣ୍ୟ ଝଡ଼ିଗଲେ ଆଉ ସେ ସୁଖ ରହେ କି ? ସେତେବେଳକୁ ନେଡ଼ ଗୁଡ଼ କହୁଣୀକୁ ବୋହି ଯାଇଥାଏ । ଘର ବୁଡ଼ ପାଣି ଆଣୁଏ । ଖାଲି ହାଇଁ ପାଇଁ ହେବା ସାର । ପଦ୍ମ ତୋଳ; ମନା ନାହିଁ । ପଦ୍ମ ତୋଳିବାକୁ ଯାଇ ବେକକ ପାଣିରେ ପଶି ଶେଷକୁ ସିଙ୍ଗି ବୁଡ଼ା ଦେଲେ ଫଳଟା ବିଷମୟ ହୋଇଯାଏ । ପଦ୍ମ ତ ତୋଳାହୁଏ ନାହିଁ, ବରଂ ନାକରେ କାନରେ ପାଟିରେ ପାଣି ପଶି ସବୁ ଶେଷ ହୋଇଯାଏ ।

ଆହୁରି ଗୋଟିଏ କଥା ଭାଇ ଆହୁରି ଗୋଟିଏ କଥା । ଘରଣୀ ଯଦି ସବୁବେଳେ ଅଶାନ୍ତ ପ୍ରକାଶ କଲା, ଦିନରାତି ଖାଲି ଘର ଭିତରେ କାଉଁରି କାଉଁରି ହେଲା, ତେବେ ସେ ଘରୁ ଲକ୍ଷ୍ମୀ ଗୁଡ଼ିଲା ଜାଣ । ଆଉ ଅଟକେଇ ହୁଏ ନାହିଁ । ଅଲକ୍ଷ୍ମୀ ଆସି ସମ୍ପର୍କୀ ବାଦ ସାଧେ । ସବୁ ସୁଖ ଶିଖ ତୁଟିଯାଏ । ଘରଣୀ ଯଦି ଆଧୁନିକା ଆଉ ପ୍ରଗତି ଧ୍ୱଜା

Digitized by PPRACHIN, SOA

ଧାରଣୀ, ସେ ଆଉ କାହାକୁ ମାନେ ? ଏବେ ଦେଖା ଯାଉଛି ସ୍ୱାମୀ ଗୋଟାଏ ରାସ୍ତାରେ ତ ସ୍ତ୍ରୀ ଆଉ ଗୋଟାଏ ରାସ୍ତାରେ । କାହାର ସହିତ କାହାର ସଂପର୍କ ନାହିଁ । ସ୍ତ୍ରୀ କହେ ତାର ବ୍ୟକ୍ତିଗତ ଘଟଣାରେ ମୁଣ୍ଡ ଖେଳାଇବାକୁ ସ୍ୱାମୀ କିଏ ? ସେ ଯେଉଁଠିକି ଯାଇପାରେ, ଯାହା କରିପାରେ, ସେଥିରେ ସ୍ୱାମୀ କାହିଁକି ପ୍ରତିବାଦ କରିବ ? ସ୍ୱାମୀ ଯେମିତି ରୋଜଗାର କରୁଛି ସେ ବି ଯେମିତି ରୋଜଗାର କରୁଛି । କେହିତ କାହାର ଉପରେ ନିର୍ଭର କରୁ ନାହାନ୍ତି । ତେବେ ଏତେ ଆକଟ କାହିଁକି ? ନାରୀର କ'ଣ ସ୍ୱାଧୀନତା ନାହିଁ ? ସ୍ୱାମୀ ମଧ୍ୟ ଠିକ୍ ଏହିପରି କହେ । ସେ କ'ଣ କଲେ ଗୁଞ୍ଜୁରୀ ଧରି ସ୍ତ୍ରୀ କାହିଁକି ଚଣ୍ଡୀ ମୂର୍ତ୍ତି ଧାରଣ କରିବ ? ଏସବୁ ମାନ୍ଧାତା ଅମଳର କଥା । ଏଟା ପ୍ରଗତି ଯୁଗ । ସବୁ କଣ୍ଟକଣାର ବନ୍ଧ ବାଡ଼ ଭାଙ୍ଗି ଆଗେଇ ଯିବାକୁ ହେବ । ଜୀବନଟାକୁ ପଳ ପଳ କରି ଉପଭୋଗ କରିବାକୁ ହେବ । ଘର ଭାସିଯାଉ—ଯାଏ ଆସେ ନାହିଁ । ପିଲାମାନଙ୍କର ଅବକ୍ଷୟ ହେଇଯାଉ, ଚିନ୍ତା ନାହିଁ । ନୂତନ ପୀଢ଼ିର ଅଭିଜାତ ମଣିଷ ଏଇ ସ୍ୱାମୀ ସ୍ତ୍ରୀ । ଭୋଗ ହୋଇଯାଏ ମୁଖ୍ୟ କଥା । ଆଦର୍ଶ ନାହିଁ, ତ୍ୟାଗ ନାହିଁ । ଅଛି ଗୋଟାଏ ଉଦଗ୍ର ବସ୍ତୁବାଦୀ ମୋହ । ତେଣୁ ଦେଖା ଯାଉଛି ଆଦର୍ଶଗତ ଚିତ୍ତ-ସଂଘର୍ଷ । ଫଳରେ ଘର ଆଉ ଘର ହୋଇ ରହୁନାହିଁ । ଘର ହୋଇ ଯାଉଛି ଅରଣ୍ୟ । ଆଜି କାଲିକା ଯୁଗରେ ପୁରୁଷ ଯେମିତି ସ୍ୱାଧୀନ ନାରୀ ବି ସେମିତି ସ୍ୱାଧୀନା । ସମସ୍ତେ ସ୍ୱାଧୀନତାର ମହୁ ଗୁଖିବାରେ ବ୍ୟସ୍ତ । ସମସ୍ତେ ଧାଉଁଛନ୍ତି ସୁନା ହରିଣ ପଛରେ । ନାରୀ ବି ବ୍ୟାକୁଳ ସୁନା ହରିଣ ପାଇଁ । ପୁରୁଷ ଧାଉଁଛି ସୁନା ହରିଣ ପଛରେ । ସୁନା ହରିଣକୁ ପାଇ ମଧ୍ୟ ପାଉ ନାହିଁ । ସେଇଟା ସୁନା ନୁହେଁ କି ହରିଣ ନୁହେଁ । ଗୋଟାଏ ରାକ୍ଷସ । ଅସହାୟ ହୋଇ ପଡ଼ୁଛି ପୁରୁଷ । ଫେରି ଆସିଲା ବେଳକୁ ପତ୍ନୀ ନାହିଁ । ପତ୍ନୀ ବି ରାକ୍ଷସ କବଳରେ କବଳିତା । ଗୋଟାଏ ନୈରାଶ୍ୟ ଯେମିତି ଢାଙ୍କି ଯାଉଛି । ଘରଣୀ ହୋଇ ସୁନା ପ୍ରତି ଏତେ ମମତା କାହିଁକି ? ବିଳାସ ପ୍ରତି ଏତେ ମୋହ କାହିଁକି ? ବସ୍ତୁ ଓ ବିଳାସ ମଣିଷକୁ ନରକକୁ ନେଇ ଯାଉ ନାହିଁକି ?

Digitized by PPRACHIN, SOA

ସ୍ୱାମୀ ସେବା ଦେବ ସେବା । ସ୍ୱାମୀ ଯଦି ନରକଗାମୀ ହୁଏ, ତାକୁ ସ୍ୱର୍ଗକୁ ଉତ୍ତୋଳନ କରି ଆଣିବା ପତ୍ନୀର ଧର୍ମ । ଅଥଚ ସ୍ୱାମୀ ରୋଗ ଶଯ୍ୟାରେ ଶୋଇ ଶୋଇ ମୃତ୍ୟୁକୁ ଅପେକ୍ଷା କରିଥିଲା ବେଳେ ସ୍ତ୍ରୀ ଅନ୍ୟ ପୁରୁଷ ସହିତ ପ୍ରେମରେ ମସଗୁଲ । ମୃତ୍ୟୁମୁଖୀ ସ୍ୱାମୀକୁ ବାଇ ବାଇ କରି ଦେଇ ସେ ଚାଲି ଯାଉଛି ଆଉ ଏକ ପୁରୁଷର ହାତ ଧରି । ଖାଲି ଏତିକି ନୁହେଁ, ପାଞ୍ଚ ଛଅଟା ପିଲାଙ୍କୁ ଛାଡ଼ି ଦେଇ ସ୍ତ୍ରୀ ମଧ୍ୟ ଅନ୍ୟ ପୁରୁଷ ସହିତ ପଳାଇ ଯାଉଛି । ଏଠି ଆଉ କ'ଣ ସ୍ୱାମୀ ସ୍ତ୍ରୀର ସମ୍ପର୍କ ଅଛି କି ? ଇଏ ତ ଏକ ଦେହ-ସମ୍ପର୍କ । ସ୍ୱାମୀ ଯେଉଁଠି ସ୍ତ୍ରୀକୁ ଆପଣାର ସ୍ୱାର୍ଥ ହାସଲ ପାଇଁ ପଣ୍ୟ କରିଦିଏ ସେଠି ଆଉ ସ୍ତ୍ରୀତ୍ୱ ରହିବ କି ? ତଥାପି ଚାଲିଛି ଏଇ ସମାଜ ଗୋଟାଏ ନୂଆ ଅଭିଜାତ ଧାରାରେ । ଏହାହିଁ ଯେମିତି ଆଜିକାଲିକା ପୁରୁଷ ପଣିଆ ଆଉ ସ୍ତ୍ରୀ ପଣିଆ ! ସ୍ୱାମୀ ସ୍ତ୍ରୀ ଯେତେବେଳେ ଦେହର ସୀମାକୁ ଡେଇଁ ଆଉ ଏକ ପବିତ୍ରମୟ ଜଗତର ଅଧିବାସୀ ହୁଅନ୍ତି ସେତେବେଳେ ଭୋଗ ନୁହେଁ, ତ୍ୟାଗ, ସ୍ୱାର୍ଥ ନୁହେଁ, ପରାର୍ଥ ହୁଏ ଇଶ୍ୱର । ସେଇଠି ଜୀବନ ହୋଇଯାଏ ପ୍ରେମମୟ ଓ ମଧୁମୟ । ସବୁ ନପାଇବା ପାଇବା ହୋଇଯାଏ । ସବୁ ଅଭାବ ଭାବ ହୋଇଯାଏ । ସ୍ୱାମୀ ସ୍ତ୍ରୀ ହୋଇ ଯାଆନ୍ତି—ଏକ ଆତ୍ମା, ଏକ ହୃଦୟ । ଘର ହୁଏ ସୁନ୍ଦର । ସେଇ ଘରର ହୁଏ ବଢ଼ନ୍ତିରୁ ବଢ଼ନ୍ତି । ସେଇଠି ଦେବତାମାନେ ବିଚରଣ କରନ୍ତି । ମହ ମହ ହୋଇ ବାସି ଉଠେ ସେ ଘର । ସବୁ ଯେମିତି ସେଠି ଶୃଙ୍ଖଳିତ, ଆଦର୍ଶବଦ୍ଧ ।

ଘରଣୀ ଯଦି ସ୍ୱେଚ୍ଛାଚାରିଣୀ ହୋଇଯାଏ, ନୂତନ ଆଭିଜାତ୍ୟ ନାମରେ ଅହଙ୍କାର ପ୍ରକାଶ କରେ, ଘରଣୀପଣିଆ ଆଉ ରହେନାହିଁ । ସେ ହୁଏତ କାମିନୀ ହୁଏ, ପତ୍ନୀ ହୋଇ ପାରେ ନାହିଁ ! ପତ୍ନୀ ହେବା ଗୋଟାଏ ତପସ୍ୟା । ଘରଣୀ ହେବାମଧ୍ୟ ସେମିତି ଗୋଟାଏ ଦିବ୍ୟ ସାଧନା । ପତ୍ନୀ ହୁଏତ ସ୍ୱାମୀର ସ୍ଖଳନ ସହିଯାଏ ଅଥବା ମନେ ମନେ ଅସହିଷ୍ଣୁତା ପ୍ରକାଶ କରେ । ତା' ଠାରେ ଯେତେବେଳେ ଘରଣୀ ପଣିଆର କାଳିସି ଲାଗେ ସେତେବେଳେ ସେ ସ୍ୱାମୀକୁ ପାପର ଗର୍ଭରୁ

Digitized by PPRACHIN, SOA

ଟେକ ଆଣିବାକୁ ଅଣ୍ଟାରେ କାନିଭିଡ଼ ଦେଇ ବାହାରି ପଡ଼େ । ସେ ହୁଏତ ରୁଦ୍ରାଣୀ ହୁଏ, ଭିତରେ ଥାଏ କିନ୍ତୁ ବିଶ୍ୱ କଲ୍ୟାଣର ଇଚ୍ଛା । ଅନ୍ୟାୟକୁ ସେ ମାନେନାହିଁ । ଅନୀତିକୁ ପ୍ରଶ୍ରୟ ଦିଏ ନାହିଁ । ବିଶୃଙ୍ଖଳ-ତାକୁ ବରଦାସ୍ତ କରେ ନାହିଁ । ସେ ସତ୍ୟ, ନ୍ୟାୟ, ନିଷ୍ଠା ଓ ଧର୍ମର ଉପାସିକା । ସବୁ ବିପଦ ଆପଦରୁ ସେ ଉଦ୍ଧାରି ନିଏ ସ୍ୱାମୀକୁ ଆଉ ପରିବାରକୁ । ଘିଅର ସଳିତା ପରି ନିଜେ ଜଳି ସେ ଅନ୍ଧାରରେ ଆଲୋକ ଦିଏ । ଧୂପ ପରି ଜଳି ଜଳି ବାସ୍ନା ବିତରଣ କରେ । ଏଇଥି ପାଇଁ ସେ କଲ୍ୟାଣମୟୀ, ଅମୃତମୟୀ ଆଉ ସର୍ବଂସହା ଧରିତ୍ରୀ ।

ପତ୍ନୀତ୍ୱର ନିଷ୍ଠା ପତିକୁ ମୃତ୍ୟୁ ମୁଖରୁ ରକ୍ଷା କରେ । ସାବିତ୍ରୀର ନିଷ୍ଠା ହିଁ ସତ୍ୟବାନଙ୍କୁ ଫେରାଇ ଆଣିଲା ଯମଙ୍କ ପାଖରୁ । ଏ କଳ୍ପନା ହୋଇପାରେ, କାହାଣୀ ମଧ୍ୟ ହୋଇପାରେ । ଏହାର ଅନ୍ତର୍ନିହିତ ଆଦର୍ଶକୁ ବୁଝିବା କଥା । ସ୍ୱାମୀ ପାଇଁ ସ୍ତ୍ରୀର ତ୍ୟାଗ ଓ ଏକାଗ୍ରତା ଏଥିରୁ କ'ଣ ଫୁଟି ଉଠେ ନାହିଁକି ? ଏ ଯୁଗରେ ଏ ସମ୍ଭବ ନୁହେଁ । କାରଣ ଏ ଯୁଗ ବସ୍ତୁବାଦୀ ଯୁଗ । ଭୋଗ ଦୃଷ୍ଟି ସମସ୍ତଙ୍କୁ ଘାରି ଯାଉଛି । ନାରୀ ପୁରୁଷର ଧର୍ମକୁ ଆଦରି ନେଉଛି । ତାର ଇଚ୍ଛା ସେ ହେବ ପୁରୁଷ ପରି । ହବାର କଥା । ଯେଉଁ ନୂଆ ହାୱା ବହୁଛି ତାକୁ ଅଟକେଇବ କିଏ ? ନାରୀ କାହିଁକି ଘର କୋଣରେ ବସିବ ? ସେ ବି ପୁରୁଷ ପରି ଶିକ୍ଷିତା । ସେ ମଧ୍ୟ ଶାସନ କରିପାରେ, ନେତୃତ୍ୱ ନେଇପାରେ, ଅଫିସ କାର୍ଯ୍ୟ କରିପାରେ । ଯୁଦ୍ଧ କରିପାରେ । ସେ କାହିଁକି ହେବ ପୁରୁଷର ଅନୁଗୃହୀତା ? ସତ କଥା । ତେବେ କଥା କଣକି ନାରୀ ଯଦି ଏସବୁ କାର୍ଯ୍ୟ କରୁ କରୁ ତାର ନାରୀତ୍ୱକୁ ଭୁଲିଯାଏ ତେବେ ତାର ମର୍ଯ୍ୟାଦା ରହିବକି ? ଯେତିକି ଆବଶ୍ୟକ ସେତିକି ସେ କରୁ । ଘରକୁ ପ୍ରଥମେ ସମ୍ଭାଳୁ । ସତ କହିଲେ ଆଜି ନାରୀ ବାହାରକୁ ବାହାରି ଆସିଲା ପରେ ଘର ସବୁ ଭୁଷୁଡ଼ି ଯାଉ ନାହିଁକି ? ଗୃହଘର ଭାଙ୍ଗି କୋଠାଘର ହେଉଛି । ସମୁଦ୍ର ଭିତରେ ନୂଆ ନଗରୀ ଦ୍ୱାରକା ଗଢ଼ି ଉଠୁଛି । ଚାକଚକ୍ୟରେ ଘର ପୂରି ଉଠୁଛି । ଘରେ ଆଉ ଶାନ୍ତି ଅଛିକି ? ଗୋଟାଏ ନିଃସଙ୍ଗତାବୋଧ ସମସ୍ତଙ୍କୁ ଘାରି ଦେଉ ନାହିଁକି ?

Digitized by PPRACHIN, SOA

ଘରର ଏ ବିଶୃଙ୍ଖଳାରୁ ନୂତନ ପ୍ରମତ୍ତ ବଂଶଧରଙ୍କର ଆବିର୍ଭାବ ହେଉ ନାହିଁକି ? ଗୁରୁ ଗୁରୁଜନ ଜ୍ଞାନ ସେମାନଙ୍କର ରହୁଛି କି ? ଗୋଟାଏ ଉଚ୍ଛୃଙ୍ଖଳିତ ଆଉ ଅବକ୍ଷୟୀ ଭାବ ସମସ୍ତଙ୍କୁ ପତନୋନ୍ମୁଖୀ କରି ଦେଉ ନାହିଁକି ? ଏମାନଙ୍କ ପାଇଁ ଗୋଟାଏ ପିଙ୍ଗଳବର୍ଣ୍ଣ ଲୁହାର ମୂଷଳ ଜନ୍ମ ନେଉ ନାହିଁକି ? ଅପସଂସ୍କୃତି ସମଗ୍ର ସମାଜକୁ ଆଚ୍ଛନ୍ନ କରି ଦେଉ ନାହିଁକି ? କିଏ ବୁଝୁଛି ଏସବୁ କଥା ? ହେଃ, ଏସବୁ ଗାଲଗଳ୍ପ । ଜୀବନଟାକୁ ଯେତେ ପାର ସେତେ ଉପଭୋଗ କରିନେବାହିଁ ଧର୍ମ । ଏଇଥିପାଇଁ ତ ସ୍ୱାମୀ ଅଫିସରୁ ସନ୍ଧ୍ୟାବେଳକୁ ଘରକୁ ଫେରୁ ଫେରୁ ବାଟରୁ ବାଙ୍କି ଯାଉଛି କେଉଁ କ୍ଲବ୍ ଅଥବା ପାନଶାଳାକୁ । ସେଇଠି ଟିକେ ହୁଏତ ଆରାମ କରିପିବ । ଘରକୁ ଯାଇ ଲାଭ କ'ଣ ଏତେ ଶୀଘ୍ର ? ସ୍ତ୍ରୀ ତ ନଥିବ । ସେ ହୁଏତ ଯାଇଥିବ କେଉଁ କ୍ଲବ୍‌କୁ ଅଥବା ସିନେମାକୁ । ସ୍ତ୍ରୀ ଆଉ ସ୍ୱାମୀ ଯେଝା ଯେଝା ବାଟରେ । କେହି କାହାର ବାଟକୁ ଛୁଉଁ ନାହାନ୍ତି । ଯେଉଁ ନୂଆ ନୈତିକତା ଭୂମି ତୋଫାନ ତୋଳୁଛି ତାକୁଇ ସମସ୍ତେ ଆଦର ନେଇଛନ୍ତି । ସ୍ୱାମୀ-ସ୍ତ୍ରୀର ସମ୍ପର୍କ ଯେମିତି ଗୋଟାଏ ଦେ-ନେ ସମ୍ପର୍କରେ ବନ୍ଧା ହୋଇ ଗଲାଣି । ଯେଉଁଠି ସ୍ୱାମୀ ସ୍ତ୍ରୀ ମଧ୍ୟରେ ଏହି ଦେ-ନେ ସମ୍ପର୍କ ନାହିଁ ସେଇଠି ଦାରିଦ୍ର୍ୟ ଭିତରେ ବି ଆନନ୍ଦ ଅଛି, ମାଧୁର୍ଯ୍ୟ ଅଛି ।

କେଉଁଠି କେଉଁଠି ବିଦେଶରେ ଏବେ ସ୍ତ୍ରୀ ଲୋକମାନଙ୍କୁ ଡାକରା ହୋଆଗଲାଣି—"ଘରକୁ ଫେରି ଆସ, ଘର ସମ୍ଭାଳ—ଘର ଭୁସୁଡ଼ିଲାଣି ।" ଚେତା ଫେରିଲାଣି । ଫେରିବ ଦିନେ ସବୁଠି । ଘର ନ ରହିଲେ କିଛି ରହିବ ନାହିଁ । ଘରକୁ ସମ୍ଭାଳିବ କିଏ ? ଘରଣୀ ହିଁ ଘର ସମ୍ଭାଳିବ । ଘରଣୀ ଯଦି ବଦ୍‌ଖର୍ଚ୍ଚୀ ହୁଏ ଘର ନଷ୍ଟ ହୋଇଯାଏ । ଘରଣୀର ମନ ରଖିବା ପାଇଁ ସ୍ୱାମୀକୁ ନାନା ଦୁର୍ନୀତିର ଆଶ୍ରୟ ନେବାକୁ ହୁଏ । ପୁଣି ଘରଣୀ ଯଦି କଳହୁଡ଼ୀ ହୁଏ ଘର ଭାଙ୍ଗିଯାଏ । ଘରଣୀର ସଦାଚାର ଘରକୁ ସୁଖମୟ କରେ । "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର ନିରନ୍ତର ପ୍ରେମ ଯହିଁ ଥାଏ ନିରନ୍ତର" । ସ୍ତ୍ରୀ ହୁଏ ପୁରୁଷର ଧର୍ମପତ୍ନୀ । ସ୍ୱାମୀ ହୁଏ ଗୃହପତି । ସ୍ୱାମୀ ସାମ, ସ୍ତ୍ରୀ ଋକ । ସ୍ୱାମୀ ଆକାଶ, ସ୍ତ୍ରୀ

Digitized by PPRACHIN, SOA

ପୃଥିବୀ । ପତି ଗୃହରେ ସ୍ତ୍ରୀ ହୁଏ ସୌଭାଗ୍ୟବତୀ । ସେ ହୁଏ ଗୃହିଣୀ । ଗୃହ ଯଜ୍ଞ ପାଇଁ ସେ ସତତ ଜାଗ୍ରତ ରହେ । ସେ କେବଳ ଗୃହିଣୀ ନୁହେଁ; ଶାଶୂ, ଶ୍ୱଶୁର, ଦିଅର, ନଣନ୍ଦଙ୍କ ଦୃଷ୍ଟିରେ ସେ ମହାରାଣୀ । ତେଣୁ ସେ ସମସ୍ତଙ୍କ ପାଇଁ ହୁଏ ସୁଖକାରିଣୀ । ଏଇଥି ପାଇଁ ତ ଋଗ୍‌ବେଦରେ କୁହାଯାଇଛି—ହେ ନାରି ! ତଳକୁ ଦେଖ, ଉପରକୁ ଚାହଁ ନାହିଁ । ବିନମ୍ରୀ ହୁଅ, ଉଦ୍ଧତ ହୁଅ ନାହିଁ ।—'ଅଧଃ ପଶ୍ୟସ୍ୱ ମୋପରି ।' ନାରୀଙ୍କୁ ପୁଣି ଅଥର୍ବ ବେଦରେ କୁହା ଯାଇଛି—ମଙ୍ଗଳମୟୀ, ସୁଖ ଦାୟିନୀ ହୋଇ ପତି ଗୃହରେ ରୁହ—"ଶିବା ସ୍ୟୋନା ପତିଲୋକେ ବିରାଜ ।" ସ୍ୱାମୀ ଆଉ ସ୍ତ୍ରୀର ହୃଦୟ ଜଳପରି ସମତଳ ହେଲେ କେହି କାହାରିକୁ ଆଉ ହେୟ ମନେ କରନ୍ତି ନାହିଁ । ସେମାନେ କେବେ ବିଚ୍ଛିନ୍ନ ହୁଅନ୍ତି ନାହିଁ । ଉଭୟଙ୍କ ତ୍ୟାଗ ଓ ପ୍ରେମରେ ଗୃହ ହୋଇଯାଏ ପବିତ୍ର । ସେଇଠି ନାରୀ ହୁଏ ପୂଜିତା । ତେଣୁ ସେଠି ଦେବତାଙ୍କର ଆବିର୍ଭାବ ଘଟେ । 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।'

ଅଥଚ ଏବେ ନାରୀ ଯେମିତି ଘରଣୀ ପଣିଆରୁ ଦୂରେଇ ଯାଉଛି । ସବୁ କରୁଛି ସେ ହେଉଛି; ଘରଣୀ ହୋଇ ପାରୁ ନାହିଁ । ତା' ଭିତରେ ଯେମିତି ଗୋଟାଏ ବାହ୍ୟ ଅହମିକା ସବାର ହୋଇ ଉଠୁଛି । ଏଇଥିପାଇଁ ସ୍ୱାମୀ ସ୍ତ୍ରୀ ଭିତରେ ଛଡ଼ାଛଡ଼ି । ଘରଟା ଯାକ ବିଷ ବାଷ୍ପ । ଶାନ୍ତିର କପୋତ ଉଡ଼ି ଯାଉଛି । ଏକଥା କ'ଣ ଘରଣୀମାନେ ବୁଝିବେ ନାହିଁ ? ଘରଣୀମାନେ କ'ଣ ଘରକୁ ସଜାଡ଼ିବା ପାଇଁ ଅଣ୍ଟାଭିଡ଼ି ଆଗେଇ ଆସିବେ ନାହିଁ ? ଶିଥିଳି ଯାଉଥିବା ଘରର ସୁଷମାକୁ କଣ ପୁଣି ଥରେ ପ୍ରତିଷ୍ଠା ଦେବେ ନାହିଁ ? ଘର ସଜାଡ଼ି ହୋଇଗଲେ ସବୁ ସମସ୍ୟା ସମାଧାନ ହୋଇଯିବ । ଘର ହୋଇଯିବ ବୈକୁଣ୍ଠ ପରି ସୁନ୍ଦର । ତେଣୁ ତ କୁହାଯାଇଛି "ଘରକୁ ସୁନ୍ଦର ଯିନା ଘରଣୀ ଥିଲେ ।"

ହିନ୍ଦୁ ସମାଜରେ ନାରୀ ପ୍ରତି ଦୃଷ୍ଟି ଭଙ୍ଗୀ

ହିନ୍ଦୁ ସମାଜ ଏକ ପ୍ରାଚୀନତମ ସମାଜ । ଆଚାର, ବିଚାର ଓ ଧର୍ମକୁ ନେଇ ଏହି ସମାଜର ଉଦ୍‌ଭବ ଓ ବିକାଶ । ଏହି ସମାଜର ଆଦ୍ୟରେ ଧର୍ମ, ଶେଷରେ ମୋକ୍ଷ ଏବଂ ମଝିରେ ଅର୍ଥ ଓ କାମ । ସଂଯମ, ନିଷ୍ଠା ଓ ସଦାଚାର ମଧ୍ୟରେ ଏହି ସମାଜର ପ୍ରତିଷ୍ଠା । ଭଗବାନଙ୍କୁ ସତ୍ୟ ରୂପେ ମାନି ନେଇ ଏହି ସମାଜ ସମଗ୍ର ବିଶ୍ୱକୁ ମନେ କରେ ଗୋଟିଏ ପରିବାର । ଏହି ପରିବାର କ୍ରମ ପ୍ରବାହ ପାଇଁ ସଂଯମରେ କାମ ବା ସମ୍ଭୋଗକୁ ସ୍ୱୀକାର କରିଛି ଏବଂ ଜୀବନଧାରଣ ପାଇଁ ଅର୍ଥକୁ ସ୍ୱୀକୃତି ଦେଇଛି । ଅବଶେଷରେ ମୋକ୍ଷ ଉପରେ ଦେଇଛି ଗୁରୁତ୍ୱ । ଆଦ୍ୟ ଓ ଶେଷରେ ଧର୍ମ ଓ ଭଗବତ୍ ଭାବନାର ଆବରଣ ଭିତରେ ଅର୍ଥ ଓ କାମକୁ ରଖିଛି । ଏହିପରି ଏକ ସମାଜରେ ନାରୀକୁ ପ୍ରଦାନ କରାଯାଇଛି ସମ୍ମାନ । କେବଳ ପୁରୁଷ ନୁହେଁ, କେବଳ ନାରୀ ନୁହେଁ; ଉଭୟଙ୍କର ଅଛି ସମାଜ ଗଠନରେ ସମାନ ଭୂମିକା । ଋଗ୍‌ବେଦରେ ତେଣୁ କୁହାଯାଇଛି ଯେ ଯଜ୍ଞ କାର୍ଯ୍ୟରେ ସ୍ତ୍ରୀ ଓ ସ୍ୱାମୀ ଉଭୟ ସମାନ ଅଧିକାର ଲଭ କରନ୍ତି । ଜଣକୁ ଛାଡ଼ି ଅନ୍ୟ ଜଣେ ଯଜ୍ଞାଦି କାର୍ଯ୍ୟ କରିପାରେ ନାହିଁ । ଉଭୟ ସୋମ ବୃକ୍ଷରୁ ରସ ବାହାର କରି ସେଥିରେ କ୍ଷୀର ମିଶାଇ ପରମାତ୍ମାଙ୍କୁ ଯଜ୍ଞରେ ସମର୍ପଣ କରନ୍ତି ।

ଯୁବକ ଓ ଯୁବତୀ ବ୍ରହ୍ମଚର୍ଯ୍ୟାଶ୍ରମ ଶେଷ କରି ଗୃହସ୍ଥାଶ୍ରମକୁ ଗତି କରନ୍ତି । ବ୍ରହ୍ମଚର୍ଯ୍ୟାଶ୍ରମରେ ଯେଉଁ ବିଦ୍ୟା, ତପ ଓ ସଂଯମ ଶିକ୍ଷା କରିଥାନ୍ତି ତାହାକୁ ସେମାନେ ଗୃହସ୍ଥାଶ୍ରମରେ ଉପଯୋଗ କରନ୍ତି । ଏହି ଆଶ୍ରମରେ ବିନୟ, ଶିଷ୍ଟାଚାର, ସହିଷ୍ଣୁତା ପ୍ରକାଶ ପାଇଲେ ଜୀବନ ହୁଏ ମଧୁମୟ । ଗୃହରେ ଶାନ୍ତି ଓ ଆନନ୍ଦ ବିରାଜିତ ହୁଏ । ପତି ଓ ପତ୍ନୀ ଉଭୟ ଅଦର୍ଶବାନ ହେଲେ ଅନ୍ୟମାନେ ସେମାନଙ୍କୁ ସମ୍ମାନ

Digitized by PPRACHIN, SOA

ଦଅନ୍ତି । ମନ, ବଚନ ଓ କର୍ମରେ ସ୍ୱାମୀ ଓ ସ୍ତ୍ରୀ ସେବା ଓ ପବିତ୍ରତା ଦ୍ୱାରା ଗୃହକୁ ସୁଖମୟ କରନ୍ତି । ବ୍ରହ୍ମଚର୍ଯ୍ୟ ହିଁ ଗୃହସ୍ଥର ପବିତ୍ରଧନ ।

ନାରୀକୁ ବୈଦିକ ଯୁଗରେ ରାଷ୍ଟ୍ରର ପତାକା ସଦୃଶ କଳ୍ପନା କରାଯାଇଅଛି (ଋକ ୧୦/୧୫୯/୨) । ନାରୀଜାତି ବା ମାତୃଶକ୍ତିର ନିପୁଣତା ଉପରେ ନିର୍ଭର କରେ ରାଷ୍ଟ୍ରର ଯଶ ଓ ବିଭବ । ନାରୀ ବୀର ଓ ସଂକଳ୍ପବତୀ ହେଲେ ତା' ଗର୍ଭରୁ ଜନ୍ମ ନିଏ ବୀର ସନ୍ତାନ । ନାରୀ ହେଉଛି ପରିବାରର ମସ୍ତକ ସଦୃଶ । ମସ୍ତକକୁ ଦେଖି ବ୍ୟକ୍ତିକୁ ଚିହ୍ନି ହୁଏ । ସେହିପରି ଗୃହିଣୀର ବ୍ୟବହାରରୁ ପରିବାରକୁ ଜାଣିହୁଏ । ଯେଉଁ ଗୃହରେ ପତ୍ନୀ ଗୁଣବତୀ ଓ ବ୍ୟକ୍ତିତ୍ୱଶାଳିନୀ ସେହିଗୃହରେ ଦୁରାଗୃହୀ ପତି ମଧ୍ୟ ସତ୍‌ପଥକୁ ଆସିବାକୁ ବାଧ୍ୟ ହୁଏ । ନାରୀ ନିର୍ମାତ୍ରୀ ଓ ନେତ୍ରୀ । ସେ ପରିବାରକୁ କେବଳ ନିର୍ମାଣ କରେ ନାହିଁ, ନେତୃତ୍ୱ ଦିଏ ନାହିଁ; ରାଷ୍ଟ୍ରକୁ ମଧ୍ୟ ନିର୍ମାଣ କରେ ଓ ନେତୃତ୍ୱ ଦିଏ । ପରିବାର ବା କୁଟୁମ୍ବ ଅର୍ଥ କୋଠାବାଡ଼ି, ଧନସଂପତ୍ତି ନୁହେଁ ଅଥବା କେତେକ ଲୋକଙ୍କର ସମାହାର ମଧ୍ୟ ନୁହେଁ । ଯେଉଁ ପରିବାରରେ ସ୍ୱାମୀ ସ୍ତ୍ରୀଙ୍କର ପ୍ରେମ ନଥାଏ, ସନ୍ତାନମାନଙ୍କ ପ୍ରତି ଯେଉଁଠି ପିତାମାତାଙ୍କର ସ୍ନେହ ନଥାଏ, ସେହି ପରିବାର ବା କୁଟୁମ୍ବକୁ ଯଥାର୍ଥ ପରିବାର ବା କୁଟୁମ୍ବ କୁହାଯାଏ ନାହିଁ ।

ବେଦରେ ନାରୀ ଅବଳା ନୁହେଁ । ଯେଉଁ ନାରୀ ବୀର ପୁରୁଷଙ୍କୁ ଜନ୍ମ ଦିଏ ସେ ଅବଳା ହେବ କିପରି ? ଯାହା'ର ଉଦର ଜ୍ଞାନବାନ ସନ୍ତାନମାନଙ୍କର ଉତ୍ପତ୍ତି ସ୍ଥଳ ସେ ଜ୍ଞାନହୀନା ହେବ କିପରି ? କିନ୍ତୁ ବେଦୋତ୍ତର କାଳରେ ଯେତେବେଳେ ବ୍ରାହ୍ମଣ୍ୟ ଧର୍ମର ପ୍ରଭାବ ଅନୁଭୂତ ହୋଇଛି ଓ ସାମନ୍ତବାଦ ପ୍ରତିଷ୍ଠା ଲାଭ କରିଛି ସେହି ସମୟରେ ବଡ଼ କୌଶଳ ସହକାରେ ସମାଜବେତ୍ତାମାନେ ନାରୀକୁ ଅବଳା କହିଦେଇ ଶାସ୍ତ୍ରକୁ ସେହି ମାର୍ଗରେ ଗଢ଼ି ଦେଇଛନ୍ତି । ନାରୀକୁ ଶାସ୍ତ୍ର ଅଧ୍ୟୟନ ଓ ଅଧ୍ୟାପନା ପାଇଁ ଆଉ ଅଧିକାର ଦିଆଗଲା ନାହିଁ । ସିଆଣିଆମାନେ ଶାସ୍ତ୍ରରେ ଲେଖିଦେଲେ ଯେ ନାରୀ ଜୀବନସାରା ଅନ୍ୟର ଆଶ୍ରୟରେ

Digitized by PPRACHIN, SOA

ଙ୍ଗତବ । ବିନା ଆଶ୍ରୟରେ ବନଲତା ଆଉ ଲତା ବଢ଼ି ପାରିବ ନାହିଁ । ନାରୀ ମଧ୍ୟ ପୁରୁଷର ଦୟା ଉପରେ ନିର୍ଭର କରି ଆପଣାର ଶକ୍ତି ଓ ସାମର୍ଥ୍ୟକୁ କ୍ରମେ ଭୁଲିଗଲା । ସାଧୁସନ୍ଥମାନେ ମଧ୍ୟ ବେଶ୍ ଚମତ୍କାର ଭଙ୍ଗୀରେ କହିଦେଲେ—ନାରୀ ହିଁ ସକଳ ପାପର ବୀଜ । ଭାଗବତ ମଧ୍ୟ ପ୍ରଚାର କରିଦେଲା—'କାମିନୀ ସଙ୍ଗେ କଲେ ଭବ/କେବଳ ଦୁଃଖ, ମାତ୍ର ଲଭ । × × × ସୁତ ତନୟା ଦାର ଦାସ/ଏ ଅଟେ ବିଜୁଳି ପ୍ରକାଶ ।' ବେଦର ନାରୀ କିନ୍ତୁ ମୀରବରେ ଅତ୍ୟାଚାର ଆଉ ଲାଂଛନା ସହେନାହିଁ । ଯିଏ ଦୋଷୀ ଆଉ ପାପୀ ନାରୀ ତା' ପ୍ରତି ହୁଏ ଅତ୍ୟନ୍ତ କଠୋର । ନାରୀ କିନ୍ତୁ ସ୍ୱଭାବତଃ ନିଷ୍ଠୁର ନୁହେଁ । ମାତ୍ର ଅନ୍ୟକୁ ଦୋଷ ଓ ପାପରୁ ମୁକ୍ତ କରି ସତ୍ପଥକୁ ଆଣିବା ପାଇଁ ସେ ନିଷ୍ଠୁର ହୁଏ । କୌଣସି ଏକ ଘାତକ ଓ ଅତ୍ୟାଚାରୀ ବ୍ୟକ୍ତିକୁ ବେଦର ନାରୀ ଶୁଣାଇଛି ଧିକ୍କାର ବାଣୀ—

ଅବୀରମିବ ମାମୟଂ/ଶରାରୁରଭି ମନ୍ୟତେ ।
ଉତାହମସ୍ମି ବୀରଣୀନ୍ଦ୍ର ପତ୍ନୀ ମରୁତ୍ସଖା
ବିଶ୍ୱସ୍ମାଦିନ୍ଦ୍ର ଉତ୍ତରଃ ।
—ଋକ—୧୦/୮୬/୯—

ନାରୀକୁ ଅବଳା ମନେ କରୁଥିବା ଅତ୍ୟାଚାରୀ ବ୍ୟକ୍ତିକୁ ହେଳି ନାରୀ କହିଛି ସେ ବୀର, ତାର ପତି ମରୁତ୍ ପରି ବୀର । ଅତ୍ୟାଚାର ବିରୋଧରେ ସେ ସଂଗ୍ରାମ କରନ୍ତି । ସେହି ନାରୀ ମଧ୍ୟ ଲକ୍ଷ୍ୟ କରେ ଅତ୍ୟାଚାରୀ ପୁରୁଷ କପରି ଭୟରେ ଥରି ଉଠେ । ବେଦର ନାରୀ କେବଳ ବୀର ନୁହେଁ; ସଭା ଓ ସେନା ପରିଚାଳନା କରିବାରେ ସୁଦକ୍ଷା ମଧ୍ୟ । ରାଷ୍ଟ୍ର ଶାସନ ପାଇଁ ମଧ୍ୟ ସେ ଯୋଗ୍ୟା । ସେ ମଧ୍ୟ ଗୃହର ବଧୂ ହୁଏ । ଗୃହକୁ ଆପଣାର କରିନିଏ । ପାରିବାରିକ ଚର୍ଯ୍ୟା ଓ ସେବା, ଅତିଥି ସତ୍କାର, ଦାନ ପୁଣ୍ୟ ଓ ଧର୍ମାନୁଷ୍ଠାନ ଇତ୍ୟାଦି ସୁରୁଚି ରୂପେ ସଂପାଦନ କରି ଗୃହର ସେବା ଓ କୀର୍ତ୍ତି ବୃଦ୍ଧି କରେ । ସେ ହୁଏ ଗୃହର ଯଶ ଓ କୀର୍ତ୍ତିର ଜାଗ୍ରତ ପ୍ରହରୀ । (ଅଥର୍ବ-୧୪/୧/୨୧) । ସେ

Digitized by PPRACHIN, SOA

ଗୃହର ଅତିଥି ନୁହେଁ, ନିଜେ ସାମ୍ରାଜ୍ଞୀ । ସେ ଏହି ସାମ୍ରାଜ୍ୟର ପରିଚାଳିକା, ପରିବେଷିକା, ବ୍ୟବସ୍ଥାପିକା ଓ ପୋଷିକା । ତାର ଶାସନର ମୂଳ ମନ୍ତ୍ର ପ୍ରେମ । ସେହି ପ୍ରେମର ବିବିଧ ରୂପ ପତି ପ୍ରତି ମମତା, ଜ୍ୟେଷ୍ଠଙ୍କ ପ୍ରତି ଭକ୍ତି, କନିଷ୍ଠଙ୍କ ପ୍ରତି ବାତ୍ସଲ୍ୟ, ଅତିଥିଙ୍କ ପ୍ରତି ସେବା, ପଶୁପକ୍ଷୀଙ୍କ ପ୍ରତି କରୁଣା, ମାତୃଭୂମି ପ୍ରତି ରାଷ୍ଟ୍ରବୋଧ, ସମାଜ ପ୍ରତି ଆସ୍ଥା, ସଂସାର ପ୍ରତି ହିତ ଭାବନା ଓ ପରମାତ୍ମାଙ୍କ ପ୍ରତି ସମର୍ପଣ ବୁଦ୍ଧି । (ଅଥର୍ବ-୧୪/୧/୪୪) ନାରୀ ବିଶ୍ୱ ଯଜ୍ଞବେଦୀ । ଗୃହ ଯଜ୍ଞର ସେ ମୁଖ୍ୟ ଯଜମାନ । ବିବାହ ଯଜ୍ଞରୁ ଅଗ୍ନି ବହନ କରି ନୂତନ ଗୃହରେ ସେ ସ୍ଥାପନ କରେ । ପ୍ରତ୍ୟୁଷ ଓ ପ୍ରଦୋଷରେ ଅଗ୍ନିହୋତ୍ର ଅନୁଷ୍ଠାନ କରି ଯଜ୍ଞ ସୌରଭରେ ଗୃହକୁ ସୁରଭିତ କରେ । ନାରୀ ରୂପକ ଯଜ୍ଞବେଦୀରୁ ଉତ୍ପନ୍ନ ହୁଅନ୍ତି ଲୋକ କଲ୍ୟାଣ ପାଇଁ ସଂକଳ୍ପବାନ୍ ପ୍ରଜା । ନାରୀର ପ୍ରେମ ଓ ସହଯୋଗ ବିନା ଗୃହଯଜ୍ଞ ପୂର୍ଣ୍ଣ ହୁଏ ନାହିଁ । (ଅଥର୍ବ—(୬/୧୨୨/୫) ।)

•

ବେଦ ନାରୀ ପ୍ରତି ଏହି ଯେଉଁ ମହନୀୟ ଦୃଷ୍ଟି ପ୍ରଦର୍ଶନ କରିଛି ତାହା ବାସ୍ତବିକ ଅନନ୍ୟ । ନାରୀକୁ ବେଦ ପ୍ରଦାନ କରିଛି ସ୍ୱର୍ଗୀୟ ମର୍ଯ୍ୟାଦା । ଏହି ମର୍ଯ୍ୟାଦାରୁ ବୈଦିକ ଯୁଗରେ ବହୁ ବିଦୁଷୀ ରମଣୀଙ୍କର ଆବିର୍ଭାବ ଘଟିଥିଲା । ସେମାନେ ପୁରୁଷଙ୍କ ପରି ସମାନ ଭାବରେ ଦର୍ଶନ ଶାସ୍ତ୍ରରେ ଦକ୍ଷତା ଲାଭ କରିଥିଲେ । ମହର୍ଷି ଅତ୍ରିଙ୍କ ଗୋତ୍ରରୁ ଜନ୍ମ ନେଇଥିଲେ ବିଶ୍ୱବାରା । ସେ ଥିଲେ ବ୍ରହ୍ମବାଦିନୀ ଦାର୍ଶନିକା ଓ ମନ୍ତ୍ରଦ୍ରଷ୍ଟ୍ରୀ । ଋଗ୍‌ବେଦର ସେ ମଧ୍ୟ ଏକ ମନ୍ତ୍ରର ରଚୟିତ୍ରୀ (୫/୨୮) । ମହର୍ଷି କକ୍ଷିବନଙ୍କ କନ୍ୟା ଘୋଷା ଋଗ୍‌ବେଦର ଦୁଇଟି ମନ୍ତ୍ରର ଲେଖିକା (୧୦/୩୯/୪୦) । ଅଗସ୍ତିଙ୍କ ପତ୍ନୀ ଲୋପାମୁଦ୍ରା ମଧ୍ୟ ଋଗ୍‌ବେଦର ଦୁଇଟି ପଦ୍ୟ ରଚନା କରିଥିଲେ (୧/୧୭୯/୧-୨) । ରାଜା ଅସଙ୍ଗଙ୍କର ପତ୍ନୀ ଶାଶ୍ୱତୀ ମଧ୍ୟ ବୈଦିକ ଯୁଗରେ ଥିଲେ ଜଣେ ଦାର୍ଶନିକା (ଋଗ୍—୮/୧/୩୪) । ସେହି ସମୟରେ ଅନ୍ୟ ଜଣେ ଦାର୍ଶନିକା ଅପାଲା ମଧ୍ୟ ଥିଲେ ବ୍ରହ୍ମବାଦିନୀ (ଋଗ୍ ୮/୮୦/୯୧) । ଇନ୍ଦ୍ରଙ୍କ ପତ୍ନୀ ଇନ୍ଦ୍ରାଣୀ ମନ୍ତ୍ରଦ୍ରଷ୍ଟ୍ରୀ ଭାବରେ ସେହି ସମୟରେ ଖ୍ୟାତି ଅର୍ଜନ କରିଥିଲେ (ଋଗ୍—

Digitized by PPRACHIN, SOA

୧୦/୮୬/୧୪୫) । ସେହି ଋଗ୍ ବେଦର ନବମ ମଣ୍ଡଳ ୮୬ ସୂକ୍ତର ଦଶଟି ମନ୍ତ୍ର ରଚନା କରିଥିଲେ ସିକତା ଓ ନିଭାବରୀ । ଦେବଗୁରୁ ବୃହସ୍ପତି ନିଜର ପତ୍ନୀ ଜୁହୁଙ୍କୁ ଛାଡ଼ି ଏକାକୀ ତପସ୍ୟା କରିବାକୁ ଯିବାରୁ ଦେବତାମାନେ ତାଙ୍କର ଏହି କାର୍ଯ୍ୟକୁ ପସନ୍ଦ କରି ନଥିଲେ । ଋଗ୍‌ବେଦର ୧୦ମ ମଣ୍ଡଳର ୧୦୯ ସୂକ୍ତରେ ଏକଥା ବର୍ଣ୍ଣନା କରାଯାଇଛି । ଏସବୁଥିରୁ ଏତିକି ପ୍ରତିପାଦିତ ହୁଏ ଯେ ବୈଦିକ ଯୁଗରେ ନାରୀମାନେ ପୁରୁଷମାନଙ୍କ ପରି ଆଧ୍ୟାତ୍ମିକ ସାଧନା ଓ ଦର୍ଶନ ଶାସ୍ତ୍ରରେ ଥିଲେ ନିପୁଣା । ସାମାଜିକ ଜୀବନରେ ନାରୀ ଓ ପୁରୁଷ ସମାନ ଅଧିକାର ଲାଭ କରୁଥିଲେ । ପୁରୁଷଙ୍କ ପରି ନାରୀ ମଧ୍ୟ ଶିକ୍ଷା ଲାଭ କରି ପାରୁଥିଲା । ପୁରୁଷଙ୍କ ସହିତ ନାରୀ ମଧ୍ୟ ତର୍କ ସଭାରେ ଅଂଶ ଗ୍ରହଣ କରି ପାରୁଥିଲା ।

ନାରୀ ବ୍ୟତୀତ ପୁରୁଷ ଅପୂର୍ଣ୍ଣ । ବିବାହ ପରେ ନାରୀ ସହିତ ମିଳିତ ହୋଇ ପୁରୁଷ ହୁଏ ପୂର୍ଣ୍ଣ । ଶତପଥ ବ୍ରାହ୍ମଣରେ ତେଣୁ କୁହାଯାଇଛି ଯେ ଗୃହରେ ଦାୟିତ୍ୱବୋଧ ଓ କର୍ତ୍ତବ୍ୟବୋଧରେ ଉଭୟ ପୁରୁଷ ଓ ନାରୀ ସମାନ ଭୂମିକା ଗ୍ରହଣ କରନ୍ତି (ଶତ-୫।୨।୧।୧୦) । ପୁନଶ୍ଚ ସେହି ଗ୍ରନ୍ଥରେ କୁହାଯାଇଛି ଯେ ନାରୀ ପୁରୁଷଠାରୁ ବୁଦ୍ଧିରେ ନିମ୍ନତର । ସେ ଅଧିକ ଆବେଗମୟୀ ଓ କମ୍ ଯୁକ୍ତିବାଦିନୀ । ତାର ବୁଦ୍ଧିର ସମତା ରହେନାହିଁ । ବାହ୍ୟ ରୂପରେ ସେ ହୁଏ ସହଜ ଶରବ୍ୟା । ସ୍ୱର୍ଗରୁ ଅମୃତ ଅପହରଣ ପ୍ରସଙ୍ଗରେ ଏହି କଥା କୁହାଯାଇଅଛି । ଯେତେବେଳେ ଗାୟତ୍ରୀ ସ୍ୱର୍ଗରୁ ସୋମ ନେଇ ଆସୁଥିଲେ ସେତେବେଳେ ଜନୈକ ଗନ୍ଧର୍ବ ତାଙ୍କଠାରୁ ତାହାକୁ ଚୋରିକରି ନେଇଗଲା । ଦେବତାମାନେ ଗନ୍ଧର୍ବଠାରୁ ସୋମକୁ ଫେରି ପାଇବା ପାଇଁ ଏକ କୌଶଳ ଅବଲମ୍ବନ କଲେ । ସେମାନେ ଭଲ କରି ଜାଣନ୍ତି ନୃତ୍ୟ ସଙ୍ଗୀତ ପ୍ରିୟ ଗନ୍ଧର୍ବମାନେ ନାରୀ ପ୍ରତି ଅତ୍ୟଧିକ ମୋହଗ୍ରସ୍ତ । ତେଣୁ ସେମାନେ ବାଗ୍‌ଦେବୀଙ୍କୁ ପଠାଇଲେ କୌଣସି ମତେ କଥାରେ ଛଳନା ଦେଖାଇ ସୋମକୁ ନେଇ ଆସିବା ପାଇଁ । ବାକ୍‌ଦେବୀ ଗନ୍ଧର୍ବମାନଙ୍କ ନିକଟକୁ ଯାଇ ଯେତେବେଳେ ସେମାନଙ୍କ ନୃତ୍ୟ ସଙ୍ଗୀତରେ ବିଭୋର ହୋଇ

Digitized by PPRACHIN, SOA

ଫେରିଲେ ନାହିଁ ସେତେବେଳେ ଦେବତାମାନେ ଗୋଟିଏ ବଂଶୀ ସୃଷ୍ଟି କରି ସଙ୍ଗୀତ ଗାନ କଲେ । ବାକ୍‌ଦେବୀ ଏଥର ପୁନର୍ବାର ଦେବତାଙ୍କ ନିକଟକୁ ଫେରି ଆସିଲେ । ଏହି କାହାଣୀରୁ ସ୍ପଷ୍ଟ ଜଣାଯାଏ ଯେ ନାରୀ ବାହ୍ୟ ରୂପ ପ୍ରତି ଆକୃଷ୍ଟା । ସେମାନଙ୍କର ଦୁର୍ବଳତା ହେଉଛି ଆବେଗ ପ୍ରବଣତା । ତେଣୁ ସେମାନେ ସହଜରେ ବାହାରର ଚାକଚକ୍ୟରେ ଭୁଲିଯାଆନ୍ତି । ମହାଭାରତରେ ମଧ୍ୟ ଏତାଦୃଶ ବର୍ଣ୍ଣନା ଅନେକ ଦେଖିବାକୁ ମିଳେ । ନାରୀ ଚରିତ୍ରର ଏହି ଦୁର୍ବଳତା ଯେ ସେ ଯୁଗରେ କେବଳ ଥିଲା ତାହା ନୁହେଁ । ସବୁ ଯୁଗରେ ଏହି ଦୁର୍ବଳତା ଅଛି । ନାରୀ ଚରିତ୍ରରେ ସ୍ଥିରତାର ଥାଏ ଅଭାବ । ଯଦିଓ ଅନେକ ନାରୀ ଚରିତ୍ରରେ ଦୃଢ଼ତା ଓ ସ୍ଥିରତା ପରିଲକ୍ଷିତ ହୁଏ ତଥାପି ବହୁକ୍ଷେତ୍ରରେ ଯୁକ୍ତି ଅପେକ୍ଷା ଆବେଗପ୍ରବଣତା ପ୍ରାଧାନ୍ୟ ଲାଭ କରି ଥିବାରୁ ଦୃଢ଼ତା ବା ସ୍ଥିରତା ପ୍ରକାଶ ପାଏ ନାହିଁ । ଫ୍ରଏଡ୍ କହନ୍ତି ଯେ ନାରୀର ବସ୍ତୁର ଜ୍ଞାନ କମ୍ ଥାଏ । ମାତ୍ର ଆଧୁନିକ ଯୁଗରେ ବିଭିନ୍ନ ସଂସ୍କୃତିର ନୃତାତ୍ତ୍ୱିକ ଅଧ୍ୟୟନ କରି ମାରଗାରେଟ ମିଡ୍ କହନ୍ତି ଯେ ବ୍ୟକ୍ତିତ୍ୱ ଓ ଚରିତ୍ର ସମାଜର ସାଂସ୍କୃତିକ ପରିବେଶରୁ ସୃଷ୍ଟି ହୋଇଥାଏ । ତେଣୁ ଯେଉଁ ସମାଜର ସାଂସ୍କୃତିକ ପରିବେଶ ଯାହା ହୋଇଥାଏ ତାର ଭିତରୁ ନାରୀଚରିତ୍ର ଆତ୍ମପ୍ରକାଶ କରେ ସେହି ରୂପରେ । ସମାଜ ଯେଉଁ ବ୍ୟବହାର ଗୃହେଁ ନର ଓ ନାରୀ ସେହିପରି ବ୍ୟବହାର ଦେଖାନ୍ତି ।

ଭାରତ ବର୍ଷରେ ବୈଦିକ ସମାଜ ଓ ସଂସ୍କୃତି ମଧ୍ୟରେ ନାରୀର ବ୍ୟକ୍ତିତ୍ୱ ଓ ଚରିତ୍ର ଯେଉଁ ଶୀର୍ଷକୁ ସ୍ପର୍ଶ କରିଥିଲା ପରବର୍ତ୍ତୀ କାଳରେ ତାହା ବଦଳିଗଲା । ଏପରିକି ରାମାୟଣ ରଚନା ବେଳକୁ ନାରୀ ଚରିତ୍ରରେ ତଥାପି ଥିଲା ଗଭୀର ଆଦର୍ଶବୋଧ । ରାମଚନ୍ଦ୍ରଙ୍କର ଅଭିଷେକ ଉତ୍ସବ ପାଇଁ କୌଶଲ୍ୟା ସ୍ୱସ୍ତି-ଯଜ୍ଞ କରୁଥିଲେ । ସୀତା ମଧ୍ୟ ସନ୍ଧ୍ୟା ପ୍ରାର୍ଥନା ଯଥାକ୍ରମେ ପ୍ରତ୍ୟୁଷ, ମଧ୍ୟାହ୍ନ ଓ ସନ୍ଧ୍ୟାରେ କରୁଥିଲେ । ରାମାୟଣ ହିନ୍ଦୁ ନାରୀର ଏକ ଆଦର୍ଶ-ଗ୍ରନ୍ଥ । ପିତୃସତ୍ୟ ପାଳନ ପାଇଁ ରାମଚନ୍ଦ୍ର ଯେତେବେଳେ ଚଉଦ ବର୍ଷ ବନବାସ କରିବାକୁ ବାହାରିଲେ ସେତେ-ବେଳେ ସୀତା ତାଙ୍କ ସହିତ ଯିବାକୁ ବାହାରିଲେ । ତାଙ୍କର ଯୁକ୍ତି

Digitized by PPRACHIN, SOA

ହେଲେ ଯେ ପିତା, ମାତା ଓ ପୁତ୍ର ସେମାନଙ୍କର ଅଂଶ ପାଆନ୍ତି । ଭାଇ ଓ ଭଉଣୀମାନେ ମଧ୍ୟ ନିଜ ନିଜର ସୁବିଧା ଲାଭ କରନ୍ତି । ପତ୍ନୀ କେବଳ ତାର ସ୍ୱାମୀର ଭାଗ୍ୟରେ ଅଂଶୀଦାର । ଯେତେବେଳେ ସ୍ୱାମୀ ବନକୁ ଯାଉଛନ୍ତି ସେତେବେଳେ ସେ କାହା ପାଖରେ ରହିବେ ? ସ୍ୱାମୀହିଁ ତାଙ୍କର ଏକମାତ୍ର ରକ୍ଷା କବଚ । ରାମଚନ୍ଦ୍ର ସୀତାଙ୍କର ଯୁକ୍ତି ନିକଟରେ ନୀରବ ହୋଇଗଲେ ଓ ତାଙ୍କୁ ସାଙ୍ଗରେ ବନକୁ ନେଲେ । ଭାରତବର୍ଷରେ ଯେଉଁ ପାଞ୍ଚଜଣ ନାରୀଙ୍କର ଆଦର୍ଶ ଉପରେ ପ୍ରାଧାନ୍ୟ ଦିଆ ଯାଇଥାଏ ସେମାନେ ହେଲେ ସୀତା, ମନ୍ଦୋଦରୀ, ଅହଲ୍ୟା, ତାରା ଓ ଦ୍ରୌପଦୀ । ଏହି ପଞ୍ଚନାରୀଙ୍କୁ ସ୍ମରଣ କଲେ ସକଳ ପାପ ଦୂର ହୋଇଯାଏ । ଏହି ନାରୀମାନଙ୍କର ଚରିତ୍ରକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ପ୍ରତ୍ୟେକଙ୍କ ଚରିତ୍ରରେ କିଛି ନା କିଛି ଦୋଷ ଅଛି । ଅଥଚ ଏଥିପାଇଁ ସେମାନେ ଦାୟୀ ନୁହନ୍ତି । ନୈତିକ ବଳ ଯୋଗୁ ସେମାନେ ଆଦର୍ଶ ନାରୀ ଚରିତ୍ର ହୋଇଯାଇଛନ୍ତି ।

ଅହଲ୍ୟା ଗୌତମଙ୍କ ପତ୍ନୀ । ସେ ଅପରୂପା ସୁନ୍ଦରୀ । ଇନ୍ଦ୍ର ତାଙ୍କର ରୂପ ପ୍ରତି ଆକୃଷ୍ଟ ହେଲେ । ଗୌତମ ନଥିଲା ବେଳେ ତାଙ୍କର ଛଦ୍ମ ବେଶରେ ଇନ୍ଦ୍ର ଆସି ଅହଲ୍ୟାଙ୍କ ସହିତ ରମଣ କଲେ । ଗୌତମ ଏକଥା ଜାଣି ଅହଲ୍ୟାଙ୍କୁ ଅଭିଶାପ ଦେଲେ । ଅହଲ୍ୟା ପତିଙ୍କ ଅଭି-ଶାପକୁ ବରଣ କରି ନେଲେ ଓ ରାମଚନ୍ଦ୍ରଙ୍କ ପରଶରେ ମୁକ୍ତି ଲାଭ କଲେ । ନାରୀର ସ୍ୱଧର୍ମ ଓ ଅସହାୟତା ପ୍ରତି ପୁରୁଷ ଏଠି ଦୃଷ୍ଟି ଦେଇ ନାହିଁ । ଆପଣାର ସ୍ୱାର୍ଥକୁ ଏକମାତ୍ର ସତ୍ୟ ମାନି ନେଇ ନାରୀକୁ ଅଭିଶାପ ଦେଇଛି । ତେଣୁ ଅହଲ୍ୟା ଘୃଣ୍ୟା ନହୋଇ, ହୋଇ ଯାଇଛନ୍ତି ପୂଜ୍ୟା । ସେହିପରି ଦ୍ରୁପଦଙ୍କ ରାଜ ସଭାରେ ଲକ୍ଷ୍ୟ ବିଦ୍ଧ ମଧ୍ୟମ ପାଣ୍ଡବ ଅର୍ଜୁନ ଦ୍ରୌପଦୀଙ୍କୁ ସ୍ୱୟଂବର ସଭାରେ ପତ୍ନୀରୂପେ ବରଣ କରି ଆଣିଥିଲେ ମଧ୍ୟ ମାଆ କୁନ୍ତୀ ଅଜାଣତରେ ପାଞ୍ଚଭାଇ ସମାନ ଭାବରେ ଭାଗ କରିନେବାକୁ କହନ୍ତେ ବାଧ୍ୟ ହୋଇ ଯୁଧିଷ୍ଠିରାଦି ପାଞ୍ଚଜଣ ଯାକ ଦ୍ରୌପଦୀଙ୍କୁ ପତ୍ନୀ ରୂପେ ଗ୍ରହଣ କରିଅଛନ୍ତି । ଜଣେ ନାରୀର ପାଞ୍ଚ ସ୍ୱାମୀ ହେଲେ ମଧ୍ୟ ସେ ଅସତୀ ହେଲେ ନାହିଁ । ସୀତାଙ୍କୁ ରାବଣ ଅପହରଣ କରି ନେଇ ଅଶୋକ

Digitized by PPRACHIN, SOA

କାନନରେ ରଖିଥିଲେ ମଧ୍ୟ ସେ ଆପଣାର ସ୍ୱାମୀ ପ୍ରତି ଏକାନ୍ତ ବିଶ୍ୱସ୍ତା ହୋଇ ରହିଥିଲେ । ତାଙ୍କୁ ଅନ୍ୟଜଣେ ପୁରୁଷ ବଳାତ୍କାର କରି ନେଇ ଯିବା ତାଙ୍କର ଦୋଷ ନୁହେଁ । ମନ୍ଦୋଦରୀ ରାବଣର ପତ୍ନୀ । ସେ ମରିଗଲା ପରେ ତାଙ୍କୁ ବିଭୀଷଣଙ୍କୁ ସମର୍ପଣ କରିଦେଲେ ରାମଚନ୍ଦ୍ର । ତାରା ବୃହସ୍ପତିଙ୍କ ପତ୍ନୀ । ଚନ୍ଦ୍ର ତାଙ୍କୁ ଜବରଦସ୍ତ ହରଣ କରି ନେଲେ । ତାଙ୍କ ଗର୍ଭରୁ ଗୋଟିଏ ସନ୍ତାନ ଜାତ ହେଲା—ବୁଧ । ବ୍ରହ୍ମାଙ୍କ ଆଦେଶ କ୍ରମେ ଚନ୍ଦ୍ର ବୃହସ୍ପତିଙ୍କୁ ତାରାକୁ ଫେରାଇ ଦେଲେ । ଏହି ପାଞ୍ଚଜଣ ନାରୀଙ୍କ ଚରିତ୍ରରେ ଯେଉଁସବୁ କଳଙ୍କ ଲଗାଯାଇଛି ସେଥିପାଇଁ ସେମାନେ ଦାୟୀ ନୁହନ୍ତି । ତେଣୁ ସେମାନଙ୍କୁ ପାପହାରିଣୀ ରୂପେ ବର୍ଣ୍ଣନ କରାଯାଇଛି ।

ମହାଭାରତରେ ମଧ୍ୟ ନାନା ପ୍ରସଙ୍ଗରେ ଉଲ୍ଲେଖ ଅଛି ଯେ ନାରୀ ପୁରୁଷକୁ ବିଭିନ୍ନ ସମୟରେ ଉପଦେଶ ଓ ପରାମର୍ଶ ପ୍ରଦାନ କରିଅଛି । ମହାଭାରତର ଶାନ୍ତି ପର୍ବରେ ଉଲ୍ଲେଖ ଅଛି ଯେ ଏକଦା ସନ୍ନ୍ୟାସିନୀ ସୁଲଭା ରାଜର୍ଷି ଜନକଙ୍କ ଜ୍ଞାନ ପରୀକ୍ଷା କରିବାକୁ ଆସିଥିଲେ । ଆଲୋଚନାରେ ସୁଲଭା ଅପୂର୍ବ ଜ୍ଞାନ ଓ ଯୁକ୍ତି ପ୍ରଦର୍ଶନ କରିଥିଲେ ଓ ଜନକ ନୀରବ ରହିଥିଲେ । ରାଜାଙ୍କ କୁଳଗୁରୁ ସେନଜିତ୍ ଜୀବନ, ମୃତ୍ୟୁ ଓ ଜ୍ଞାନ ସମ୍ପର୍କରେ ଜନୈକା ବେଶ୍ୟା ପିଙ୍ଗଳା କପରି ସଙ୍ଗୀତ ଗାନ କରିଥିଲା ସେ ବିଷୟରେ କହିଥିଲେ । ବନପର୍ବରେ ଦ୍ରୌପଦୀ ଯୁଧିଷ୍ଠିର ଓ ଭୀମଙ୍କୁ ଚରିତ୍ର ଓ ନୈତିକତା ସମ୍ପର୍କରେ ଦୀର୍ଘ ଅଭିଭାଷଣ ପ୍ରଦାନ କରିଅଛନ୍ତି । ତାଙ୍କୁ ମଧ୍ୟ ଜଣେ ପଣ୍ଡିତା ଭାବରେ ବର୍ଣ୍ଣନା କରାଯାଇଅଛି । ମହାଭାରତର ଶାନ୍ତି ପର୍ବରେ ଦ୍ରୌପଦୀ ମଧ୍ୟ ଯୁଧିଷ୍ଠିରଙ୍କୁ ଜଣେ କ୍ଷତ୍ରିୟର କର୍ତ୍ତବ୍ୟ ବିଷୟରେ ଚେତେଇ ଦେଇ ଅଛନ୍ତି । ଯୁଧିଷ୍ଠିର ଯୁଦ୍ଧ ପ୍ରତି ବୀତସ୍ପୃହତା ପ୍ରକାଶ କରି ବୈରାଗ୍ୟ ଆଚରଣ କରିବାକୁ କହନ୍ତେ ଦ୍ରୌପଦୀ ତାଙ୍କୁ ଭର୍ତ୍ସନା କରିଛନ୍ତି ଯେ ତାଙ୍କର ଭାଇମାନେ ଯଦି ବୁଦ୍ଧିମାନ ହୋଇଥାନ୍ତେ ତେବେ ସେମାନେ ତାଙ୍କୁ କାରାକକ୍ଷରେ ଅବରୁଦ୍ଧ କରି ସମଗ୍ର ପୃଥିବୀର ଶାସନ ଭାର ଗ୍ରହଣ କରନ୍ତେ । ଅନୁଶାସନ ପର୍ବରେ ଯୁଧିଷ୍ଠିର ପିତାମହ ଭୀଷ୍ମଙ୍କୁ ସ୍ତ୍ରୀ ସ୍ୱଭାବ ସମ୍ପର୍କରେ ଜାଣିବା ପାଇଁ ଅନୁ-

Digitized by PPRACHIN, SOA

ବୋଧ କରୁଥିଲେ । ଯୁଧିଷ୍ଠିର ସ୍ତ୍ରୀଙ୍କୁ ସଂକୀର୍ଣ୍ଣମନା ଓ ସକଳ ମନ୍ଦକାର୍ଯ୍ୟର ମୂଳ ବୋଲି କହନ୍ତେ ଭୀଷ୍ମ କହିଛନ୍ତି ଯେ ଗୋଟିଏ ଦୃଷ୍ଟିରୁ ଏହା ସତ୍ୟ; କିନ୍ତୁ ସମ୍ପୂର୍ଣ୍ଣ ସତ୍ୟ ନୁହେଁ । ନାରୀ ପୁରୁଷ ଉପରେ ନିର୍ଭର କରେ । ନାରୀ ଦ୍ୱିବିଧ; ଗୋଟିଏ ସାଧ୍ୱୀ ଏବଂ ଅନ୍ୟଟି ଅସାଧ୍ୱୀ । ସାଧ୍ୱୀ ନାରୀ ସମଗ୍ର ବିଶ୍ୱର ଜନନୀ ଏବଂ ସେ ପୃଥିବୀକୁ ଧାରଣ କରେ । ଅସାଧ୍ୱୀ ନାରୀ ପାପ ଓ ମନ୍ଦକାର୍ଯ୍ୟର ପ୍ରଣେତା । ଭୀଷ୍ମ ପୁଣି କହିଛନ୍ତି ଯେ ନାରୀ ସାଧାରଣତଃ ମାନସିକ ଦୁର୍ବଳତା ଯୋଗୁ ପ୍ରଲୋଭନର ଶିକାର ହୋଇଯାଏ । ଏଥିପାଇଁ ତାଙ୍କୁ ପୂର୍ଣ୍ଣତଃ ଦୋଷୀ ବା ପାପୀ କୁହାଯାଇ ନ ପାରେ । ଚିରକାରିନ୍ ତେଣୁ କହନ୍ତି ଯେ ନାରୀ ପ୍ରକୃତରେ କୌଣସି ଅପରାଧ କରେ ନାହିଁ । ପୁରୁଷହିଁ ସକଳ ଅପରାଧ କରେ । ନାରୀ କୌଣସି ପାପ କରେ ନାହିଁ । ପୁରୁଷ ହିଁ ସବୁ ପାପର ଆଧାର । ମହାଭାରତର ଶାନ୍ତି ପର୍ବରେ କୁହାଯାଇଛି—

> ଏବମ୍ ସ୍ତ୍ରୀ ନାପରାଧ୍ନୋତି ନର ଏବାପରାଧ୍ୟତି
> ବ୍ୟଚରଣଃ ଚ ମହାଦୋଷମ୍ ନର ଏବାପରାଧ୍ୟତି
> ନାପରାଧୋଽସ୍ତି ନାରୀଣାମ୍ ନର ଏବାପରାଧ୍ୟତି
> ସର୍ବକାର୍ଯ୍ୟାପରାଧତ୍ୱାନ୍ ନାପରାଧ୍ୟନ୍ତି ଚାଙ୍ଗନାଃ ।
>
> ମହା-ଶାନ୍ତି-୨୬୬, ୩୮/୪୦

ଭୀଷ୍ମ ମଧ୍ୟ ସେହି ପର୍ବରେ ନାରୀଙ୍କ ପ୍ରତି ଗଭୀର ସମ୍ମାନ ଜଣାଇ ଅଛନ୍ତି । ସେ କହିଛନ୍ତି ନାରୀ ହେଉଛି ପୂଜ୍ୟା ଓ ଲାଳୟିତବ୍ୟା । ନାରୀ ଯେଉଁଠି ପୂଜାପାଏ ସେଠି ଦେବତାମାନେ ମଧ୍ୟ ପୂଜା ପାଆନ୍ତି । ଯେଉଁଠି ନାରୀ ପୂଜା ପାଏ ନାହିଁ ସେଠି ସକଳ କାର୍ଯ୍ୟ ନିଷ୍ଫଳ ହୋଇଯାଏ । ଯେଉଁ ପରିବାରରେ ନାରୀ ଦୁଃଖରେ ସର୍ବଦା ଲୁହଗଡ଼ାଏ ସେହି ପରିବାର ଶୀଘ୍ର ଧ୍ୱଂସ ହୋଇଯାଏ । (ମହା-ଅନୁଶାସନ-୬) । ଯେଉଁ ପରିବାରକୁ ନାରୀ ଅଭିଶାପ ଦିଏ ସେହିପରିବାର ମଧ୍ୟ ନଷ୍ଟ ହୋଇଯାଏ । ଭୀଷ୍ମ ମଧ୍ୟ ଯୁଧିଷ୍ଠିରଙ୍କୁ କହିଲେ ଯେ ମନୁ ଯେତେବେଳେ ଏହି ଜଗତରୁ ବିଦାୟ ନେବାକୁ ବାହାରିଲେ ସେତେବେଳେ ସେ କହିଥିଲେ ପୁରୁଷ ନାରୀମାନଙ୍କୁ ରକ୍ଷା କରିବା ଉଚିତ । କାରଣ ନାରୀ-

Digitized by PPRACHIN, SOA

ମାନେ ସ୍ୱଭାବତଃ ଦୁର୍ବଳା । ସହଜରେ ସେମାନେ ପୁରୁଷମାନଙ୍କ ପ୍ରଲୋଭନର ଶିକାର ହୋଇଯାଆନ୍ତି । ଖୁବ୍ ଶୀଘ୍ର ସେମାନେ ମଧ୍ୟ ପୁରୁଷର ପ୍ରେମ ଓ ମମତା ପ୍ରତି ଆକୃଷ୍ଟ ହୁଅନ୍ତି । ଅବଶ୍ୟ ସେମାନଙ୍କ ମଧ୍ୟରେ କେତେକ ଅଛନ୍ତି ଯେଉଁମାନେ ପ୍ରେମ କ'ଣ ଜାଣନ୍ତି ନାହିଁ, ଅତ୍ୟନ୍ତ ହିଂସାପରାୟଣା, ସମ୍ମାନର ଯୋଗ୍ୟା ମଧ୍ୟ ନୁହନ୍ତି । ସେମାନଙ୍କ ପ୍ରକୃତି ମଧ୍ୟ ଭୟଙ୍କର । ତଥାପି ନାରୀମାନେ ସାଧାରଣତଃ ସମ୍ମାନର ଯୋଗ୍ୟା । ଧର୍ମ କାର୍ଯ୍ୟ ପାଇଁ ନାରୀର ସାହାଯ୍ୟ ଓ ସହଯୋଗ ଏକାନ୍ତ କାମ୍ୟ । ସକଳ ଆନନ୍ଦ ଉତ୍ସାହ ନାରୀ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ତେଣୁ ପୁରୁଷ ନାରୀର ଯତ୍ନନେବା ଉଚିତ ଓ ତାର ଇଚ୍ଛାକୁ ନାରୀ ପାଖରେ ସମର୍ପଣ କରିଦେବା ମଧ୍ୟ ସମୀଚୀନ ।

ସ୍ତ୍ରୀ ପ୍ରତ୍ୟୟୋ ହି ବୈ ଧର୍ମୋ ରତିଭୋଗଃ ଚ କେବଳଃ
ପରିଚର୍ଯ୍ୟା ନମସ୍କାରଃ ତଦାୟତ୍ତା ଭବନ୍ତୁ ବଃ ।

ମହା-ଅନୁ-୪୬/୧୪

ନାରୀ ହେଉଛି ସମୃଦ୍ଧିର ଦେବୀ । ଯେଉଁ ମଣିଷ ସମୃଦ୍ଧି ଓ ଆନନ୍ଦ ଚାହେଁ ସେ ନାରୀକୁ ପୂଜା କରିବା ଉଚିତ । ନାରୀ ଭିତରେ ଥାଆନ୍ତି ସମୃଦ୍ଧିର ଦେବୀ 'ଶ୍ରୀ' । ଯେଉଁ ନାରୀ ପାପପ୍ରବୃତ୍ତି ଓ ଅସ୍ୱଚ୍ଛତାର ଅଧୀନା ହୋଇଯାଏ, ସିଏ କଳହ ଓ ଦ୍ୱନ୍ଦ୍ୱର ପ୍ରିୟ ହୁଏ ଏବଂ ସିଏ ଆଳସ୍ୟପରାୟଣା, ନିଦ୍ରାଳୁ, ନମ୍ରତାହୀନା ଓ ସର୍ବଦା ଅନ୍ୟଗୃହରେ ବିଚରଣ କରିବାକୁ ସୁଖ ମନେ କରେ, ସେପରି ସ୍ତ୍ରୀଠାରୁ 'ଶ୍ରୀ' ଚାଲି ଯାଆନ୍ତି । ନାରୀ ମମତାମୟୀ । ମମତାରେ ସେ ପରିବାରକୁ ବାନ୍ଧି ରଖେ । ସନ୍ତାନ ସନ୍ତତିମାନଙ୍କୁ ଗଭୀର ସ୍ନେହ ଦିଏ । ନାରୀର ବିବାହ ଉପଲକ୍ଷେ ତାର ମତ ନେବା ମଧ୍ୟ ସମୀଚୀନ । ବାଧ୍ୟ କରି ତାର ଅମନୋମତ ପୁରୁଷ ସହିତ ତାକୁ ବିବାହ ଦେବା ଯଥାର୍ଥ ନୁହେଁ । ମନୁ କହନ୍ତି ଯେ ଯେଉଁ ନାରୀ କୌଣସି ପୁରୁଷକୁ ଭଲପାଏ ନାହିଁ ତା' ସହିତ ପତ୍ନୀ ଭାବରେ ରହିବା ନାରୀ ପକ୍ଷରେ ଅସମ୍ମାନ ଜନକ ଓ ପାପ । ମହାଭାରତରେ ଏ ସମ୍ପର୍କରେ ଗୋଟିଏ କାହାଣୀ ଅଛି । ଭୀଷ୍ମ କାଶୀରାଜାଙ୍କ ତିନିଜଣ କନ୍ୟାଙ୍କୁ ଜବରଦସ୍ତ ନେଇ ଆସିଥିଲେ ତାଙ୍କର

Digitized by PPRACHIN, SOA

ଯାଇ ଚିତ୍ରବୀର୍ଯ୍ୟ ଓ ବିଚିତ୍ରବୀର୍ଯ୍ୟଙ୍କୁ ବିବାହ ଦେବା ପାଇଁ । ମାତ୍ର ଜ୍ୟେଷ୍ଠା କନ୍ୟା ଭୀଷ୍ମଙ୍କୁ କହିଲେ ଯେ ସେ ସୌବ ରାଜାଙ୍କୁ ଭଲ ପାଆନ୍ତି ଏବଂ ସୌବରାଜା ମଧ୍ୟ ତାଙ୍କର ପ୍ରେମକୁ ଗ୍ରହଣ କରିଛନ୍ତି । ସ୍ୱୟଂବରରେ ସେ ସୌବରାଜାଙ୍କୁ ପତିଭାବରେ ବରଣ କରିବେ । ଏକଥା ଶୁଣି ଭୀଷ୍ମ ବ୍ରାହ୍ମଣମାନଙ୍କ ସହିତ ପରାମର୍ଶ କରି ସେହି କନ୍ୟାଙ୍କୁ ସମ୍ମାନ ସହକାରେ ପଠାଇ ଦେଲେ ।

ସ୍ମୃତିଗ୍ରନ୍ଥମାନଙ୍କରେ ମଧ୍ୟ ନାରୀମାନଙ୍କୁ ସମ୍ମାନ ଦେବାପାଇଁ କୁହାଯାଇଅଛି । ମାନବ ଧର୍ମ ଶାସ୍ତ୍ରରେ ମନୁ ନାରୀଙ୍କୁ ମର୍ଯ୍ୟାଦା ଦେବା ପାଇଁ ବାରମ୍ବାର ଉଲ୍ଲେଖ କରିଛନ୍ତି । ବଂଶର ଉନ୍ନତି ପାଇଁ ନାରୀକୁ ସମ୍ମାନ ଦେବା ଏକାନ୍ତ ପ୍ରୟୋଜନ । ଯେଉଁ ଘରେ ସ୍ୱାମୀ ସ୍ତ୍ରୀ ଉପରେ ସନ୍ତୁଷ୍ଟ ଓ ସ୍ତ୍ରୀ ସ୍ୱାମୀ ଉପରେ ପ୍ରସନ୍ନ ସେହି ଘରେ କଲ୍ୟାଣ ନିତ୍ୟ ବିରାଜ କରେ । ମନୁଙ୍କ ମତରେ ନାରୀ ଜନନୀ ଏବଂ ପୁରୁଷ ଜନକ ହେବା ଲାଗି ଭଗବାନଙ୍କ ଦ୍ୱାରା ସୃଷ୍ଟି ହୋଇଛନ୍ତି । ତେଣୁ ଧର୍ମ ଓ ଯଜ୍ଞର ସମସ୍ତ କାର୍ଯ୍ୟ ନାରୀ ଓ ପୁରୁଷଙ୍କ ସମବାୟରେ ହେବା ବିଧେୟ । ନାରୀମାନଙ୍କ ସମ୍ପର୍କରେ ଏହି ଯେଉଁ ଦୃଷ୍ଟିକୋଣ ପ୍ରକାଶ ପାଇଛି ତାହାପୁଣି ନାରୀର ବିଭିନ୍ନ ଅବସ୍ଥା ଭେଦରେ ଭିନ୍ନ ଭିନ୍ନ ହୋଇଅଛି । ନାରୀ ବିବାହଯୋଗ୍ୟା ଅବସ୍ଥାରେ ପହଞ୍ଚି ନଥିଲେ ମଧ୍ୟ ଯଦି ଉତ୍କୃଷ୍ଟ ଓ ଉଚ୍ଚବଂଶଜ ବର ମିଳେ ତେବେ ତାକୁ ବିବାହ କରାଇଦେବା ଉଚିତ । କିନ୍ତୁ ଅପ୍ରାପ୍ତ-ବୟସ୍କା ନାରୀକୁ ଯଦି ମଦ୍ୟପ, ନଷ୍ଟଚରିତ୍ର ଓ ଗୁଣହୀନ ପୁରୁଷକୁ ସ୍ୱାମୀ ରୂପେ ବରଣ କରିବା ପାଇଁ ପିତାମାତା ବା ଗୃହର ମୁରବୀ ବାଧ୍ୟ କରନ୍ତି ସେ କ୍ଷେତ୍ରରେ ନାରୀ ବିବାହ ନକରିବା ବାଞ୍ଛନୀୟ । ବରଂ ମୃତ୍ୟୁ ପର୍ଯ୍ୟନ୍ତ ପିତ୍ରାଳୟରେ ଅବିବାହିତା ହୋଇ ରହିଯିବା ଶ୍ରେୟସ୍କର । ନାରୀ ପ୍ରାପ୍ତ-ବୟସ୍କା ହୋଇଗଲା ପରେ ତିନି ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରି, ଯଦି ପିତାମାତା ବା ମୁରବୀ ତାର ବିବାହ ଯୋଗାଡ଼ କରି ନପାରନ୍ତି, ତେବେ ସେ ନିଜ ଇଚ୍ଛା ଅନୁସାରେ ପତିବରଣ କରିବା ବିଧେୟ । ନାରୀ ପକ୍ଷରେ ବିବାହ ପୁରୁଷର ଉପନୟନ ସଦୃଶ, ପତିସେବା ଗୁରୁସେବା ସଦୃଶ । ସ୍ୱାମୀ ଗୃହରେ ରହି ନିପୁଣତା ସହକାରେ ଗୃହାର୍ଥ କାର୍ଯ୍ୟ କରିବା ତାର

Digitized by PPRACHIN, SOA

ଅଗ୍ନି ପରୀକ୍ଷା । ଅତୀତ କାଳରେ ଦୁଇ ପ୍ରକାର ନାରୀ ଥିଲେ; ବ୍ରହ୍ମବାଦିନୀ ଓ ସଦ୍ୟୋବଧୂ । ବ୍ରହ୍ମବାଦିନୀ ଜୀବନସାରା ଆଧ୍ୟାତ୍ମିକ ସାଧନାରେ ରତ ରହନ୍ତି । ସଦ୍ୟୋବଧୂମାନେ ବିବାହ ପର୍ଯ୍ୟନ୍ତ ଅଧ୍ୟୟନ କରନ୍ତି ଏବଂ ବିବାହ ପରେ ଗୃହକାର୍ଯ୍ୟରେ ଧ୍ୟାନ ଦିଅନ୍ତି ।

ନାରୀ ସଦା ପବିତ୍ର । କେତେକ ଶାସ୍ତ୍ରରେ ତଥା ଧର୍ମ ଗ୍ରନ୍ଥରେ କୁହାଯାଇଛି ଯେ ଋତୁ କାଳରେ ନାରୀ ଅସ୍ପର୍ଶ୍ୟା । ଏହି ଅବସ୍ଥାରେ ନାରୀ ସହିତ ସହବାସ କଲେ ପୁରୁଷର ପ୍ରଜ୍ଞା, ତେଜ, ବଳ, ଦୃଷ୍ଟି ଓ ଆୟୁ ହ୍ରାସ ପାଇଯାଏ । ଶୁଦ୍ଧ ସ୍ନାନ ପରେ ନାରୀ ସ୍ପର୍ଶଯୋଗ୍ୟା । ମାତ୍ର ସେହି ଶାସ୍ତ୍ରରେ ପୁଣି କୁହାଯାଇଛି ନାରୀର ମୁଖହିଁ ସର୍ବଦା ପବିତ୍ର । ଯାଜ୍ଞ-ବଲ୍କ୍ୟ କହନ୍ତି ଯେ ନାରୀ ସୋମଙ୍କଠାରୁ ଶୁଦ୍ଧତା, ଗନ୍ଧର୍ବଙ୍କଠାରୁ ମଧୁର ବଚନ, ଅଗ୍ନିଙ୍କଠାରୁ ପୂର୍ଣ୍ଣ ପବିତ୍ରତା ଆଣିଥିବାରୁ ସେ ସର୍ବଦା ମେଧ୍ୟା ବା ଶୁଦ୍ଧା । ମନୁ ନାରୀକୁ ପ୍ରମଦା କହିଛନ୍ତି । ଏହାର ଅର୍ଥ ପୁରୁଷ ପକ୍ଷରେ ନାରୀ ହୋଇଯାଏ ମଦ୍ୟ ସ୍ୱରୂପ । ତେଣୁ ନାରୀ ନିକଟରେ ପୁରୁଷ ଏକାକୀ ରହିବା ଅନୁଚିତ । କାରଣ ନାରୀ କେବଳ ଅଜ୍ଞ ପୁରୁଷକୁ ନଷ୍ଟ କରି ଦିଏ ନାହିଁ, ଜ୍ଞାନୀ ଓ ପଣ୍ଡିତକୁ ମଧ୍ୟ କାମ ଓ କ୍ରୋଧର ଦାସ କରିଦିଏ (କାମକ୍ରୋଧବଶାନୁଗମ୍) । ଏହି କାରଣରୁ କେହି ନିଜର ମାଆ, ଭଉଣୀ ଓ କନ୍ୟା ସହିତ ମଧ୍ୟ ନିର୍ଜନରେ ରହିବା ଅନୁଚିତ । ପରିବାରରେ କନ୍ୟାକୁ ସକଳ ଶ୍ରଦ୍ଧା ପ୍ରଦାନ କରାଯାଏ । ତାର ଦୋଷକୁ ମଧ୍ୟ କ୍ଷମା ଦେବା ଉଚିତ । ଗୃହସ୍ୱାମୀ ନିଜର ବଡ଼ ଭଉଣୀ, ବାପା ବା ମାଆଙ୍କ ଭଗିନୀଙ୍କୁ ନିଜର ମାଆ ପରି ମନେ କରିବା ବିଧେୟ । ମାଆ ହେଉଛି ବିଶ୍ୱର ସବୁଠାରୁ ସମ୍ମାନନୀୟା । ପିତାଙ୍କଠାରୁ ମାଆର ସ୍ଥାନ ମଧ୍ୟ ଉଚ୍ଚରେ । ଧର୍ମ ଶାସ୍ତ୍ର କହେ ଯେ ପିତା ଗୁରୁଙ୍କଠାରୁ ଶହେଗୁଣ ଅଧିକ ସମ୍ମାନନୀୟ । ମାଆ କିନ୍ତୁ ବାପାଙ୍କଠାରୁ ହଜାରେ ଗୁଣ ପୂଜ୍ୟା । ଯିଏ ତାର ମାଆକୁ ତ୍ୟାଗ କରିଦିଏ ତାକୁ କଠୋର ଦଣ୍ଡ ଦିଆଯିବାର ବ୍ୟବସ୍ଥା ଥିଲା । ସେପରି ବ୍ୟକ୍ତିକୁ କୌଣସି ଧର୍ମକାର୍ଯ୍ୟ ବା ଯଜ୍ଞକୁ ନିମନ୍ତ୍ରଣ କରାଯିବାପାଇଁ ମନା ଥିଲା ।

Digitized by PPRACHIN, SOA

ଜ୍ୟୋତିଷଶାସ୍ତ୍ରବିତ୍ ବରାହମିହିର ନାରୀକୁ ଉଚ୍ଚ ସ୍ଥାନ ଦେଇ-ଅଛନ୍ତି । ସେ କହନ୍ତି ଯେ ଅଳଙ୍କାର ନାରୀ ପରିଧାନ କରେ । ଅଳଙ୍କାରର ଯୋଗୁଁ ଦ୍ୱାରା ନାରୀ ଭୂଷିତା ହୁଏ ନାହିଁ ।

'ରତ୍ନାନି ବିଭୂଷୟନ୍ତି ଯୋଷା ଭୂଷ୍ୟନ୍ତେ ବନିତା ନ ରତ୍ନକାନ୍ତ୍ୟା
ଚେତୋ ବନିତା ହରନ୍ତ୍ୟରତ୍ନା ନୋ ରତ୍ନାନି ବିନାଙ୍ଗନାଙ୍ଗସଙ୍ଗାତ୍ ।'
ବୃହତ୍ ସଂହିତା-୭୪/୨

ନାରୀ ପୁରୁଷର ହୃଦୟକୁ ଅଳଙ୍କାର ବିନା ଅଧିକାର କରି-ଯାଏ । ମାତ୍ର ଅଳଙ୍କାର ନାରୀ ଦେହରେ ଅଳଙ୍କୃତ ନ ହେଲା ପର୍ଯ୍ୟନ୍ତ ଏହା କରି ପାରେ ନାହିଁ । ଭଗବାନଙ୍କ ଦ୍ୱାରା ନାରୀ ଏପରି ଏକ ଦ୍ରବ୍ୟ ରତ୍ନରେ ପରିଣତ ହୋଇଛି ଯାହାକୁ ଦେଖି, ସ୍ପର୍ଶ କରି ଓ ଚିନ୍ତାକରି ପୁରୁଷ ଆନନ୍ଦ ଲାଭ କରିଥାଏ । ବରାହମିହିରଙ୍କ ମତରେ ଯିଏ ନାରୀର ଗୁଣକୁ ଅସମ୍ମାନ କରି ତାର କେବଳ ଦୋଷ କଥା କହେ ସେ ହେଉଛି ନିଶ୍ଚିତ ଭାବରେ ଝଗଡ଼ା ଲୋକ । ନାରୀର ଏପରି କେଉଁ ଦୋଷ ଅଛି ଯେ ଯାହା ପୁରୁଷ ସ୍ୱଭାବରେ ଦେଖାଯାଏ ନାହିଁ ? ନାରୀକୁ ସୋମ ବା ଚନ୍ଦ୍ର ଦେଇଛନ୍ତି ପବିତ୍ରତା ବା ଶୁଦ୍ଧତା । ଗନ୍ଧର୍ବ ଦେଇଛନ୍ତି 'ଶିକ୍ଷିତଂ ଗିରମ୍' । ଅଗ୍ନି ତାଙ୍କୁ ଦେଇଛନ୍ତି ସବୁ କିଛି ଖାଇବାର ଶକ୍ତି । ତେଣୁ ସେମାନେ ସୁବର୍ଣ୍ଣ ପରି ଶୁଦ୍ଧ ।

ସୋମସ୍ତାସାମ୍ ଅଦାଚ୍ଛୌଚମ୍ ଗନ୍ଧର୍ବଃ ଶିକ୍ଷିତମ୍ ଗିରମ୍
ଅଗ୍ନି ଚ ସର୍ବ ଭକ୍ଷିତ୍ୱମ ତସ୍ମାନ୍ ନିଷ୍କସମାଃ ସ୍ତ୍ରିୟଃ ।
ବୃହତ୍ସଂହିତ-୭୪/୭

ବ୍ରାହ୍ମଣମାନଙ୍କର ପାଦ, ଗାଈର ପିଠି, ଛେଳି ଓ କୁକୁରଙ୍କର ମୁଖ ଶୁଦ୍ଧ । ମାତ୍ର ନାରୀର ସର୍ବାଙ୍ଗ ଶୁଦ୍ଧ ।

ବ୍ରାହ୍ମଣାଃ ପାଦତୋ ମେଧ୍ୟଃ ଗାବୋମେଧ୍ୟଃ ତୁ ପୃଷ୍ଠତଃ
ଅଜାଶ୍ୱା ମୁଖତୋ ମେଧ୍ୟଃ ସ୍ତ୍ରିୟୋ ମେଧ୍ୟସ୍ ତୁ ସର୍ବତଃ ।
ବୃହତ୍ ସଂହିତା-୭୪/୮

Digitized by PPRACHIN, SOA

ମହାଭାରତ ଓ ମନୁଙ୍କ ପରି ବରାହମିହିର ମଧ୍ୟ କହିଛନ୍ତି ଯେ ଯେଉଁ ଘରେ ନାରୀ ସମ୍ମାନିତା ନୁହେଁ ସେ ଘର ମଧ୍ୟ ଧ୍ୱଂସ ପାଇଯାଏ ।

ଯାମୟୋ ଯାନି ଗେହାନି ସପନ୍ତ୍ୟ ପ୍ରତିପୂଜିତାଃ
ତାନି କୃତ୍ୟା ହତାନୀଭ ବିନାଶଯନ୍ତି ସମନ୍ତତଃ ।

ବୃହତ୍ ସଂହିତା-୭୪/୧୦

ସ୍ୱାମୀ ହେଉ ସ୍ତ୍ରୀ ହେଉ ସମସ୍ତେ ନାରୀ ଗର୍ଭରୁ ଜନ୍ମ । ତେଣୁ କିଏ ନାରୀକୁ ଅସମ୍ମାନ କରିପାରିବ ? ଯେଉଁ ପୁରୁଷ ତାର ପତ୍ନୀ ପ୍ରତି ଅବିଶ୍ୱସ୍ତ ହୁଏ ସେ ଗଧ ଚମଡ଼ା ପରିଧାନ କରି ଛଅ ମାସ ଭିକ୍ଷା ମାଗିଲେ ପାପ ମୁକ୍ତ ହୁଏ । ପୁରୁଷକୁ ଶହେ ବର୍ଷ ବୟସ ହୋଇଗଲେ ମଧ୍ୟ ତାର ଯୌନ କାମନା ଯାଏ ନାହିଁ । ନାରୀ କିନ୍ତୁ ଆପଣାର ଧୈର୍ଯ୍ୟ ଦ୍ୱାରା ଏହି କାମନାକୁ ଦମନ କରିଦିଏ । ନାରୀ ସହିତ ପୁରୁଷ ଯେଉଁ ମଧୁର ଆଳାପ କରେ ତାକୁ ସେ ଖୁବ୍ ଶୀଘ୍ର ଭୁଲିଯାଏ ମାତ୍ର ନାରୀ ମୃତ୍ୟୁ ପର୍ଯ୍ୟନ୍ତ ଭୁଲେ ନାହିଁ । ଏହି କାରଣରୁ ନାରୀକୁ ବରାହ ମିହିର ଦେଇଛନ୍ତି ସର୍ବୋଚ୍ଚ ସ୍ଥାନ । ନାରୀର ଯଦି କେହି ରକ୍ଷାକର୍ତ୍ତା ନ ଥାନ୍ତି, ଯିଏ ବନ୍ଧ୍ୟା, ଯାହାର ପୁତ୍ର ନ ଥାଏ, ଯେଉଁ ବିଧବା ତାର ମୃତ ସ୍ୱାମୀ ପ୍ରତି ଅନୁରକ୍ତା ହୋଇ ଥାଏ, ସେପରି ସ୍ତ୍ରୀ ମାନଙ୍କୁ ରାଜା ସାହାଯ୍ୟ କରିବା ଉଚିତ । ପ୍ରାଚୀନ ଭାରତରେ ନାରୀ ପ୍ରତି ଏତାଦୃଶ ଦୃଷ୍ଟିକୋଣ ପ୍ରକାଶ ପାଇଥିଲା । ନାରୀକୁ ମଧ୍ୟ ଆଶ୍ରମ ବ୍ୟବସ୍ଥା ଗ୍ରହଣ କରିବାକୁ କୁହାଯାଇଅଛି । ନାରୀର ଶିକ୍ଷା ଲାଭ ସମ୍ପର୍କରେ ପ୍ରକାଶ ପାଇଛି ଉଦାର ମତ । ଗୃହସ୍ଥାଶ୍ରମ ହେଉଛି ନାରୀ ଓ ପୁରୁଷର ମିଳିତ ଆଶ୍ରମ । ଭାରତ ବର୍ଷରେ ଯେଉଁ ଦେବ ଉପାସନା ପ୍ରଚଳିତ ସେଥିରେ ଦେବତାଙ୍କଠାରୁ ଦେବୀଙ୍କୁ ପୃଥକ କରାଯାଇନାହିଁ । ଲକ୍ଷ୍ମୀ ନାରାୟଣ, ହର ପାର୍ବତୀ, ଉମା ମହେଶ, ସୀତା ରାମ, ରାଧା କୃଷ୍ଣ, ରୁକ୍ମଣୀ କୃଷ୍ଣ ଆଦି ନାମକରଣରୁ ଜଣାଯାଏ ଯେ ଦେବଙ୍କ ସହିତ ଦେବୀ ମଧ୍ୟ ପୂଜା ପାଆନ୍ତି । ଏତଦ୍ ବ୍ୟତୀତ ଦେବୀମାନେ ମଧ୍ୟ ସ୍ୱତନ୍ତ୍ର

Digitized by PPRACHIN, SOA

ଭାବରେ ପୂଜିତା । ଲକ୍ଷ୍ମୀ, ପାର୍ବତୀ, କାଳୀ, ସରସ୍ୱତୀ ଆଦି ଦେବୀମାନେ ସ୍ୱତନ୍ତ୍ର ଭାବରେ ପୂଜା ପାଇଥାନ୍ତି ।

ଭାରତୀୟ ସଂସ୍କୃତିରେ ନାରୀକୁ ଯେପରି ଖୁବ୍ ଉଚ୍ଚ ଆସନ ପ୍ରଦାନ କରାଯାଇଛି ସେହିପରି ମଧ୍ୟ ନାରୀଙ୍କ କଠୋର ସମାଲୋଚନା କରାଯାଇଅଛି । ସାଂସ୍କୃତିକ ପୃଷ୍ଠଭୂମିରେ ନାରୀକୁ ମଧ୍ୟ ହିଂସ୍ରର କରାଯାଇଛି । ନାରୀ ସତ୍ୟ ପ୍ରତି ଅନୁରକ୍ତା ହେଲେ ମଧ୍ୟ ତାର ଚରିତ୍ରର ଦୁର୍ବଳତା ଅଛି, ମନର ସମତା ନାହିଁ ଓ ହିଂସ୍ରର ଅଭାବ ମଧ୍ୟ ରହିଛି । ମୋଟ ଉପରେ ଭାରତୀୟ ବେଦ ବେଦାନ୍ତ ସ୍ମୃତି ସଂହିତା ଓ ପୁରାଣାଦି ଦୃଷ୍ଟିରେ ନାରୀକୁ ସମ୍ମାନ ଦେବାପାଇଁ କୁହାଯାଇଅଛି । ଅପର ପକ୍ଷରେ କୁହାଯାଇଛି ନାରୀ ଦୁର୍ବଳା ଓ ପ୍ରଲୋଭନର ସହଜ ଶରବ୍ୟ । ଏହି ଦୁଇଟି ପରସ୍ପର ବିରୋଧୀ କଥା କୁହାଯାଇଥିଲେ ମଧ୍ୟ ନାରୀକୁ ରକ୍ଷା କରିବା ପୁରୁଷ ଓ ନାଗରିକଙ୍କର ପରମ କର୍ତ୍ତବ୍ୟ ବୋଲି ଉପଦେଶ ଦିଆଯାଇଅଛି । ନାରୀକୁ ରକ୍ଷା ନ କଲେ ପରିବାର ଓ ରାଷ୍ଟ୍ର ସବୁ କିଛି ଧ୍ୱଂସ ହୋଇଯାଏ । ଏଥିପାଇଁ ସତର୍କ ହେବାକୁ ଶାସ୍ତ୍ରମାନଙ୍କରେ ଅଛି ଚେତାବନୀ ।

ଭାରତବର୍ଷ ଏକ ପ୍ରାଚୀନ ସଂସ୍କୃତିସଂପନ୍ନ ଦେଶ । ବେଦ-ବେଦାନ୍ତ ଏହାର ପ୍ରାଚୀନତମ ଗୌରବର ପ୍ରତୀକ । ଏବେ ମଧ୍ୟ ଭାରତୀୟ ହିନ୍ଦୁ ସମାଜରେ ବେଦର ପ୍ରଭାବ ଅପ୍ରତିହତ । ବେଦଯୁଗରୁ ନାରୀକୁ ଯେଉଁ ମହତ୍ତ୍ୱ ଦୃଷ୍ଟିରେ ଦେଖିବାର ପରଂପରା ସୃଷ୍ଟି ହୋଇ ଆସିଥିଲା ତାହା ଏବେ ମଧ୍ୟ ସଂପୂର୍ଣ୍ଣ ପରିତ୍ୟାଜ୍ୟ ହୋଇ ନାହିଁ । ନାରୀ ପ୍ରତି ବାସ୍ତବିକ ବେଦ ହିଁ ଦେଇଛି ବିଶ୍ୱରେ ସର୍ବ ପ୍ରଥମ ମର୍ଯ୍ୟାଦା ଓ ସମ୍ମାନ । ପରବର୍ତ୍ତୀ ସ୍ମୃତିଗ୍ରନ୍ଥ ଓ ସଂହିତା ଗ୍ରନ୍ଥଗୁଡ଼ିକ ମଧ୍ୟ ନାରୀକୁ ସମ୍ମାନ ଦେଇଅଛି । ନାରୀ ଚରିତ୍ରର ନାନା ଦୋଷ ଦୁର୍ବଳତା ଓ ସ୍ୱଭାବ ସଂପର୍କରେ ଆଲୋଚନା କରାଯାଇଥିଲେ ମଧ୍ୟ ନାରୀକୁ ସମ୍ମାନ ଦେବା ପାଇଁ କୁହାଯାଇଅଛି । ନାରୀକୁ ଏକମାତ୍ର ଉପଭୋଗର ଏକ ଯନ୍ତ୍ର ରୂପେ ଗ୍ରହଣ କରିନେବା ଦ୍ୱାରା ସୃଷ୍ଟି-ଧର୍ମ ପ୍ରତି ଅବମାନନା

Digitized by PPRACHIN, SOA

କରାଯାଏ । ସୃଷ୍ଟି-ଧର୍ମକୁ ସମ୍ମାନ ଦେବାକୁ ହେଲେ ନାରୀକୁ ଉପଯୁକ୍ତ ସମ୍ମାନ ଦେବାକୁ ହେବ । ନାରୀକୁ କେବଳ ସମ୍ମାନ ଦେଇ ଦେଲେ ଯେ ନାରୀ ଜୀବନ ଧନ୍ୟ ହୋଇଯିବ ଏପରି ମଧ୍ୟ ନୁହେଁ । ନାରୀ ଯଦି ନିଜର ଚରିତ୍ର, ବ୍ୟକ୍ତିତ୍ୱ, କର୍ତ୍ତବ୍ୟ ସଂପର୍କରେ ସଚେତନା ନ ହୁଏ ତେବେ ତାକୁ ସମ୍ମାନ ଦେଇଦେଲେ କିଛି ଲାଭ ହୁଏ ନାହିଁ । ଆଧୁନିକ ବସ୍ତୁବାଦୀ ଦୃଷ୍ଟିରୁ ନାରୀକୁ ବିଚାର ନ କରି ସାଂସ୍କୃତିକ ପରଂପରା ଓ ପରିବେଶ ଏବଂ ଆଧାତ୍ମିକ ବିଭୂତି ଦୃଷ୍ଟିରୁ ନାରୀକୁ ବିଚାର କରାଯିବା ଉଚିତ । ନାରୀର ବିକାଶ ହିଁ ଦେଶର ବିକାଶ, ସଂସ୍କୃତିର ବିକାଶ । ନାରୀର ଆତ୍ମବିକାଶ ନ ହେଲେ ଦେଶ ଯେତେ ବସ୍ତୁବାଦରେ ପ୍ରଗତି କଲେହେଁ ତାହାକୁ ଯଥାର୍ଥ ବିକାଶ କୁହାଯାଏ ନାହିଁ । ଅତଏବ ଭାରତୀୟ ହିନ୍ଦୁ ଦୃଷ୍ଟିରୁ ନାରୀକୁ ବିଚାର କରି ତତ୍‌ସହିତ ଆଧୁନିକ ବିଜ୍ଞାନ ସମ୍ମତ ଯୁକ୍ତି ଦ୍ୱାରା ତାକୁ ପରିଶୁଦ୍ଧ କରାଗଲେ ନାରୀ-ଧର୍ମର ଯଥାର୍ଥ ମହତ୍ତ୍ୱ ପ୍ରକଟିତ ହେବ । ଏ ଦିଗରେ ସମସ୍ତେ ସଚେତନ ହେବା ଯେ କେତେ ଆବଶ୍ୟକ; ତାହାକୁ ଆଉ ବୁଝାଇ କହିବା ଦରକାର ନାହିଁ ।

Digitized by PPRACHIN, SOA